78th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

The Prajatantra

ମୀନାବଜାର ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୮ବର୍ଷ ❑ ସଂଖ୍ୟା-୨୯୬ ● କଟକ ● ମଙ୍ଗଳବାର ● ୦୩ ଜୁନ୍-୨୦୨୫ ● ବୃଷ-୨୨ ● ସାଲ୍-୧୪୩୧

CUTTACK ● TUESDAY ● 03 JUNE-2025 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା

## ରୁଷ୍-ୟୁକ୍ରେନ୍ ସଙ୍କଟ

# ଘମାଘୋଟ ଯୁଦ୍ଧ ଭିତରେ ଶାନ୍ତିବାର୍ତ୍ତା

❑ ଘଣ୍ଟାଏ ଚାଲିଲା ଯୁଦ୍ଧବିରତି ଆଲୋଚନା
❑ କଏଦୀ ଅଦଳବଦଳ ପାଇଁ ସହମତି
❑ ଦୁଇଦେଶ ଫେରାଇବେ ସୈନିକଙ୍କ ଶବ

**ଇସ୍ତାନ୍‌ବୁଲ, ମସ୍କୋ,(ଏଜେନ୍ସି):**

ରୁଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଏବେ ବି ଜାରିରହିଛି। ତଥାପି ଯୁଦ୍ଧବିରତି ଲାଗି ଉଭୟ ପକ୍ଷ ମଧ୍ୟରେ ନିରନ୍ତର ବୈଠକ ଚାଲିଛି। ସୋମବାର ଦିନ ଉଭୟ ଦେଶର ପ୍ରତିନିଧିମଣ୍ଡଳୀ ପୁଣିଥରେ ତୁର୍କୀରେ ସାକ୍ଷାତ କରିଥିଲେ। ଗତ ଦୁଇସପ୍ତାହ ମଧ୍ୟରେ ଏହା ଦୁଇ ଦେଶ ମଧ୍ୟରେ ଦ୍ୱିତୀୟ ସିଧାସଳଖ ଶାନ୍ତି ଆଲୋଚନା। ତଥାପି ତିନିବର୍ଷ ଧରି ଚାଲିଥିବା ଏହି ଯୁଦ୍ଧର ଅନ୍ତ ଘଟାଇବା ପାଇଁ ଏହି ଆଲୋଚନାରେ କୌଣସି ଅଗ୍ରଗତି ହେବାର ଆଶା କମ୍। ବୈଠକରେ ୟୁକ୍ରେନୀୟ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ପ୍ରତିରକ୍ଷା ମନ୍ତ୍ରୀ ରୁସ୍ତମ ଉମେରୋଭ ଏବଂ ରୁଷୀୟ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ଭ୍ଲାଦିମିର ପୁଟିନଙ୍କ ଘନିଷ୍ଠ ସହଯୋଗୀ ଭ୍ଲାଦିମିର ମେଡିନସ୍କି ନେଇଥିଲେ। ତୁର୍କୀର ବୈଦେଶିକ ମନ୍ତ୍ରୀ ହାକାନ ଫିଦାନ ସହରର ସିରାଗାନ ପ୍ୟାଲେସ୍‌ରେ ଅନୁଷ୍ଠିତ ଏହି ଶାନ୍ତିବାର୍ତ୍ତାରେ ଅଧ୍ୟକ୍ଷତା କରିଥିଲେ। ଉଭୟ ଦେଶର ବରିଷ୍ଠ ଅଧିକାରୀଙ୍କ ମନ୍ତବ୍ୟ ସୂଚାଇ ଦେଉଛି ଯେ ଯୁଦ୍ଧ ରୋକିବା ପାଇଁ ଉଭୟ ଦେଶ ସର୍ତ୍ତାବଳୀ ମାନିବାକୁ ରାଜିନାହାନ୍ତି। ଦୁଇ ଦେଶ ମଧ୍ୟରେ ଆଲୋଚନା ଚାଲିଥିବା ବେଳେ ଯୁଦ୍ଧର ତୀବ୍ରତା ବଢ଼ିଛି। ପ୍ରାୟ ୧ହଜାର କିଲୋମିଟର ଫ୍ରଣ୍ଟ ଲାଇନ୍‌ରେ ଭୟଙ୍କର ଯୁଦ୍ଧ ଜାରିରହିଛି।




ଉଭୟ ପାର୍ଶ୍ୱରୁ ଲଗାତାର ଆକ୍ରମଣ କରାଯାଉଛି। ସେପଟେ ରୁଷ୍ ଭିତରେ ଭୟଙ୍କର ଆକ୍ରମଣ କରୁଛି ୟୁକ୍ରେନ୍। ଡ୍ରୋନ୍ ଆକ୍ରମଣ କରି ୪୦ରୁ ଅଧିକ ରୁଷୀୟ ବିମାନ ଧ୍ୱଂସ କରିଥିବା ନେଇ ୟୁକ୍ରେନ୍ ଦାବିକରିଛି। ଅନ୍ୟପଟେ, ରୁଷ୍‌ର ପ୍ରତିରକ୍ଷା ପ୍ରଣାଳୀ ୮ଟି ରୁଷୀୟ ଅଧିକୃତ ଅଞ୍ଚଳରେ ୧୬୨ଟି ବିମାନ ଖସାଇ ଦେଇଥିବା କ୍ରେମଲିନ୍ ପକ୍ଷରୁ କୁହାଯାଇଛି। ସେହିଭଳି ରୁଷ୍ ପଠାଇଥିବା ୮୦ମିସାଇଲ୍‌ରୁ ୫୨ଟିକୁ ନଷ୍ଟ କରିଦେଇଥିବା ଦାବିକରିଛି ୟୁକ୍ରେନ୍‌ର ବାୟୁସେନା। ଉତ୍ତର-ପୂର୍ବ ୟୁକ୍ରେନୀୟ ସହର ଖାରକିଭର ମେୟର କହିଛନ୍ତି ଯେ ସୋମବାର ସକାଳେ ଦୁଇଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ସହରର ଏକ ଆବାସିକ ଅଞ୍ଚଳରେ ମାଡ଼କରିଥିଲା ରୁଷ୍। ଏହି କ୍ଷେପଣାସ୍ତ୍ରଗୁଡ଼ିକ ମଧ୍ୟରୁ ଗୋଟିଏ ସ୍କୁଲ ନିକଟରେ ପଡ଼ିଥିଲା। ମେୟର ଇହୋର ତେରେଖୋଭ ଏକ ବିବୃତିରେ କହିଛନ୍ତି ଯେ ଗୋଟିଏ କ୍ଷେପଣାସ୍ତ୍ର ଏକ ଆପାର୍ଟମେଣ୍ଟ ନିକଟରେ ପଡ଼ିଥିଲା। ଅନ୍ୟ ଏକ ସ୍କୁଲ ନିକଟ ଏକ ରାସ୍ତାରେ ପଡ଼ିଥିଲା। ସେ ଏକ ବଡ଼ ଗର୍ତ୍ତର ଫଟୋଗ୍ରାଫ୍ ବି ଦେଖାଇଥିଲେ। ଦୀର୍ଘ ବର୍ଷ ଧରି ଚାଲିଥିବା ଯୁଦ୍ଧ ସମୟରେ ସବୁଠାରୁ ବଡ଼ ଡ୍ରୋନ୍ ଆଟାକୁ ଦେଖିଛି ବିଶ୍ୱ। ୟୁକ୍ରେନ୍‌ର ଡ୍ରୋନ୍ ଆଟାକରେ ବ୍ୟାପକ କ୍ଷତି ସହିଛି ରୁଷ୍। ୟୁକ୍ରେନ୍ ଡ୍ରୋନ୍ ରୁଷ୍ ଭିତରେ ପଶି ତାଣ୍ଡବ ରଚିଛି। ରୁଷ୍‌ର ୫ଟି ଏୟାର ବେସ୍ ଧ୍ୱଂସ ହୋଇଥିବା ଦାବିକରିଛି ୟୁକ୍ରେନ୍।

## ମୌସୁମୀର ଲୁଚକାଳି ଖେଳ

# ଛୁଉଁ ଛୁଉଁ ଧୋକାଦେଲା

# ୫ଦିନ ଯାଏଁ ତାତିବ

**ଭୁବନେଶ୍ୱର,(ପିପିଏସ୍):**

ଓଡ଼ିଶା ଛୁଉଁଛୁଉଁ ମୌସୁମୀ ଗାଏବ୍। ଆକାଶରେ ମେଘ ନାହିଁ, ଖରା ଟାଇଁ ଟାଇଁ। ଆସନ୍ତା ୫ଦିନ ଯାଏଁ ତାତିରୁ ନିସ୍ତାର ନାହିଁ ବୋଲି ଶୁଣାଇଛି ପାଣିପାଗ ବିଭାଗ। ତେବେ କୁଆଡ଼େ ଗଲା ମୌସୁମୀ? ହଠାତ୍ କାହିଁକି ବଢିଲା ତାତି? ମୁଣ୍ଡଫଟା ଖରା ସାଙ୍ଗକୁ ଗରମ ଓ ଗୁଳୁଗୁଳି। ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି ଗ୍ରୀଷ୍ମ ପ୍ରବାହ। ରାଜ୍ୟକୁ ମୌସୁମୀ ଛୁଇଁ ସାରିଥିବା ବେଳେ ତାଉ ଦେଖାଉଛି ତାତି। ରାଜଧାନୀ ଭୁବନେଶ୍ୱରରେ ଗତ ୩୦ ତାରିଖରେ ସର୍ବୋଚ୍ଚ ତାପମାତ୍ରା ୩୫.୮ ଡିଗ୍ରୀ ରେକର୍ଡ ହୋଇଥିଲା। ତିନି ଦିନରେ ପାରଦ ୪ ଡିଗ୍ରୀ ବଢ଼ି ୪୦ ଡିଗ୍ରୀ ପାଖାପାଖି ପହଁଚିଛି।



ସୋମବାର ରାଜଧାନୀର ସର୍ବୋଚ୍ଚ ତାପମାତ୍ରା ୩୯.୬ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ୩୯.୮ ଡିଗ୍ରୀ ସହ ରାଜ୍ୟର ଉତ୍ତପ୍ତ ସହର ପାଲଟିଛି ବାଲେଶ୍ୱର। ପାଣିପାଗ ବିଭାଗର ତଥ୍ୟ ଅନୁସାରେ ଗତ ୨୮ରେ ଓଡ଼ିଶା ଛୁଇଁଥିଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ସପ୍ତାହେ ମଧ୍ୟରେ ପୂରା ରାଜ୍ୟକୁ ଭିଜାଇବା ନେଇ ବି ଆକଳନ କରିଥିଲା। ହେଲେ ଏବେ ଚିତ୍ର ପୂରା ଓଲଟା। ରାଜ୍ୟରେ ଟାଇଁ ଟାଇଁ ଖରା। ପାଣିପାଗ ବିଜ୍ଞାନୀ କହିଛନ୍ତି, ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ଥିବା ବେଳେ ମୌସୁମୀ ଉତ୍ତର ପୂର୍ବ ଦିଗକୁ ଗତି କରି ପଶ୍ଚିମ ବଙ୍ଗ ଏବଂ ବାଂଲାଦେଶ ଯାଏଁ ପହଁଚିଛି। ଏବେ ବି ଉତ୍ତର-ପୂର୍ବ ବଙ୍ଗୋପସାଗରରେ ମେଘ ରହୁଥିବାରୁ ସେଠାରେ ସକ୍ରିୟ ରହିଛି ମୌସୁମୀ। ବର୍ତ୍ତମାନ ଉତ୍ତର ପଶ୍ଚିମ ଭାରତରେ ତାପମାତ୍ରା ଅଧିକ ରହିଛି। ଏଠାରେ ଆକାଶ ନିର୍ମଳ ରହୁଛି। ବ୍ରେକ୍ ମନସୁନ୍ କାରଣରୁ ରାଜ୍ୟରେ ତାପମାତ୍ରା ବଢିଛି।

# ନୂଆ ମଦଦୋକାନକୁ ନା

## ପ୍ରତି ୩ବର୍ଷରେ ବଦଳିବ ମଦନୀତି: ଅବକାରୀ ମନ୍ତ୍ରୀ

❑ ୨୦ତାରିଖ ମଧ୍ୟରେ ଆସିବ ନୂଆନୀତି
❑ ବ୍ୟାପକ ସଂସ୍କାର ପାଇଁ ବିଭାଗୀୟ ପ୍ରୟାସ
❑ ରାଜ୍ୟରେ ଜାରିରହିଛି ନିଶାମୁକ୍ତି ଅଭିଯାନ

**ଭୁବନେଶ୍ୱର,(ପିପିଏସ୍):**

ରାଜ୍ୟରେ କ୍ଷମତାସୀନ ବିଜେପି ସରକାର ଚଳିତ ମାସରେ ନିଜର ପ୍ରଥମ ପୂର୍ଣ୍ଣାଙ୍ଗ ଅବକାରୀ ନୀତି ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଜୁନ୍ ୧୫ରୁ ୨୦ତାରିଖ ମଧ୍ୟରେ ଏହି ନୂଆ ନୀତି ଆସିବ। ଏହି ନୀତି ଓଡ଼ିଶାର ସାମାଜିକ ଓ ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ଜନସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବା ସହ ନିଶାଦ୍ରବ୍ୟ କାରବାରକୁ ଅଧିକ ସୁବ୍ୟବସ୍ଥିତ ଏବଂ ନିୟନ୍ତ୍ରିତ କରିବା ନିମନ୍ତେ ଯୋଜନା ରହିଛି। ଏଣିକି ପ୍ରତି ୩ ବର୍ଷରେ ମଦନୀତିର ପରିବର୍ତ୍ତନ ହେବ ଓ ରାଜସ୍ୱ ସଂଗ୍ରହ ତୁଳନାରେ ସରକାର ରାଜ୍ୟବାସୀଙ୍କ ସାମାଜିକ ସ୍ଥିତି, ଆର୍ଥିକ ଓ ଶାରୀରିକ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବେ ବୋଲି ଜଣାପଡ଼ିଛି।



ବିଭିନ୍ନ ଷ୍ଟେକ୍‌ହୋଲଡରମାନଙ୍କ ସହ ବିଚାରବିମର୍ଶ କରି ନୂଆ ଅବକାରୀ ନୀତିରେ ବ୍ୟାପକ ସଂସ୍କାର ଆଣିବାକୁ ସରକାର ଯୋଜନା ପ୍ରସ୍ତୁତ କରିଥିବା ସୂଚନା ମିଳିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ପୂର୍ବ ସରକାର ପୂର୍ଣ୍ଣାଙ୍ଗ ଅବକାରୀ ନୀତି ଘୋଷଣା କରିଥିଲେ, ଯାହାକୁ ବିଜେପି ସରକାର ୨୦୨୪ ଜୁନରେ କ୍ଷମତାକୁ ଆସିବା ପରେ ୨୦୨୪-୨୫ ଆର୍ଥିକ ବର୍ଷରେ ସେଥିରେ ସାମାନ୍ୟ ସଂଶୋଧନ କରି ଉକ୍ତ ନୀତିକୁ କାର୍ଯ୍ୟକାରୀ କରିବାର ଅବଧି ବଢ଼ାଇ ଚାଲିଛନ୍ତି। ରାଜ୍ୟ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ଚଳିତମାସ ଦ୍ୱିତୀୟ ଅବା ତୃତୀୟ ସପ୍ତାହରେ ଏହି ନୂଆ ଅବକାରୀ ନୀତି ଆସିବ। ନୂଆ ଅବକାରୀ ନୀତିରେ କୌଣସି ନୂଆ ମଦ ଦୋକାନ(ଅଫ୍ ସପ୍) ଖୋଲାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ଏଣିକି ୩ବର୍ଷରେ ଥରେ ଅବକାରୀ ନୀତି ଆସିବ ବୋଲି ସେ କହିଛନ୍ତି। ପୂର୍ବରୁ ରାଜସ୍ୱ ବୃଦ୍ଧି ପାଇଁ ନୂଆ ମଦ ଦୋକାନ ଖୋଲାଯାଉଥିବାର ପ୍ରାବଧାନକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଥିବାବେଳେ ନୂଆ ନୀତିରେ ବେଆଇନ ମଦ ଉତ୍ପାଦନ ଓ ଚୋରାଚାଲାଣକୁ ରୋକିବା ପାଇଁ କଡ଼ା ବ୍ୟବସ୍ଥା କରାଯିବ। ଏହା ମାଧ୍ୟମରେ ଅବୈଧ ମଦବିକ୍ରି ଓ ବଣ୍ଟନ ଉପରେ ନିୟନ୍ତ୍ରଣ ଆସିବ। ମଦ ଦୋକାନଗୁଡ଼ିକ ପାଇଁ ଲାଇସେନ୍ସ ପ୍ରଦାନ ପ୍ରକ୍ରିୟାକୁ ଅଧିକ ପାରଦର୍ଶୀ କରାଯିବ। ଫଳରେ ସାଧାରଣ ଲୋକଙ୍କ ମଧ୍ୟରେ ବିଶ୍ୱାସ ବୃଦ୍ଧି କରିବା ସହ ଦୁର୍ନୀତିକୁ ହ୍ରାସ କରାଯାଇପାରିବ ବୋଲି ଜଣାପଡ଼ିଛି। ଅବକାରୀ ନୀତିକୁ ଚୂଡ଼ାନ୍ତ ରୂପ ଦେବା ପୂର୍ବରୁ ଆନ୍ଧ୍ରପ୍ରଦେଶ, ରାଜସ୍ଥାନ, କେରଳ ଏବଂ ତାମିଲନାଡୁ ଭଳି ରାଜ୍ୟମାନଙ୍କର ଅବକାରୀ ନୀତିକୁ ଅଧ୍ୟୟନ ପାଇଁ ରାଜ୍ୟ ସରକାର ସେସବୁ ରାଜ୍ୟକୁ ତିନୋଟି ଦଳ ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି। ସେମାନେ ଆସନ୍ତା ୭-୮ତାରିଖ ସୁଦ୍ଧା ଓଡ଼ିଶା ଫେରି ନିଜର ରିପୋର୍ଟ ସରକାରଙ୍କୁ ଦେବେ। ଯାହା ଓଡ଼ିଶାର ଅବକାରୀ ନୀତିକୁ ଅଧିକ ଫଳପ୍ରଦ ଓ ସମୟୋପଯୋଗୀ କରିବାରେ ସହାୟକ ହେବ। ରାଜ୍ୟ ସରକାର ମେ'୩୧ରୁ ଜୁନ୍ ୨୬ତାରିଖ ପର୍ଯ୍ୟନ୍ତ ନିଶାମୁକ୍ତି ଅଭିଯାନ ଆରମ୍ଭ କରିଛନ୍ତି, ଯେଉଁଥିରେ ସ୍କୁଲ ଓ କଲେଜଗୁଡ଼ିକରେ ଜନସଚେତନତା କାର୍ଯ୍ୟକ୍ରମ, ପଥପ୍ରାନ୍ତ ନାଟକ, ପ୍ରବନ୍ଧ ପ୍ରତିଯୋଗିତା ଏବଂ ଜନସମ୍ପର୍କ ଅଭିଯାନ ସାମିଲ ଅଛି। ଏହା ଜନସାଧାରଣଙ୍କୁ ମଦ ଓ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସଚେତନ କରାଇବ।

### ଅନ୍ୟ ରାଜ୍ୟର ଅବକାରୀ ନୀତିରେ କ'ଣ ଅଛି?

**ନୂଆଦିଲ୍ଲୀ:** ହରିୟାଣା ସରକାର ନିଜର ଅବକାରୀ ନୀତିରେ ୨୦୨୪ ଫେବୃୟାରୀ ୨୯ଫେବୃଆରୀ ପରଠୁ ମଦ ବୋତଲରେ ପିଇଟି ଉପାଦାନଯୁକ୍ତ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଖୁଚୁରା ପରମିଟ୍ ଶୁଳ୍କରୁ ୪୦୦ କୋଟି ଟଙ୍କା ସଂଗ୍ରହ କରାଯିବ, ଯାହା ପରିବେଶ ଓ ପଶୁ କଲ୍ୟାଣ ପାଇଁ ବ୍ୟବହୃତ କରିବେ। ସେହିପରି ଉତ୍ତର ପ୍ରଦେଶ ସରକାରଙ୍କ ୨୦୨୫-୨୬ ଅବକାରୀ ନୀତି ଅନୁଯାୟୀ, ରାଜ୍ୟରେ ମଦ ଦୋକାନଗୁଡ଼ିକର ଆବଣ୍ଟନ ଇ-ଲଟେରୀ ମାଧ୍ୟମରେ ହେବ। ଜଣେ ଆବେଦନକାରୀଙ୍କୁ ଦୁଇଟିରୁ ଅଧିକ ଦୋକାନର ଲାଇସେନ୍ସ ମିଳିବ ନାହିଁ ଏବଂ ପ୍ରୋସେସିଂ ଫି'କୁ ୫ଟି ବର୍ଗରେ ବିଭକ୍ତ କରାଯାଇଛି। ସେହିପରି ଉତ୍ତରାଖଣ୍ଡ ସରକାର ରାଜ୍ୟର ଧାର୍ମିକ ସ୍ଥାନ ନିକଟରେ ମଦବିକ୍ରି ଉପରେ ସମ୍ପୂର୍ଣ୍ଣ କଟକଣା ଲାଗୁ କରିଛନ୍ତି। ଏମ୍ଆର୍‌ପି ଠାରୁ ଅଧିକ ମୂଲ୍ୟରେ ମଦବିକ୍ରି କରୁଥିବାର ପ୍ରମାଣ ମିଳିଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ଲାଇସେନ୍ସ ବାତିଲ କରାଯିବ। ସ୍ଥାନୀୟ ଉତ୍ପାଦକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି।

## ନିଖିଳ ପବନ କଲ୍ୟାଣ ନୂଆ ଜନଗଣନା ନିର୍ଦ୍ଦେଶକ

**ଭୁବନେଶ୍ୱର,(ପିପିଏସ୍):** ରାଜ୍ୟ ଜନଗଣନା ପରିଚାଳନା ନିର୍ଦ୍ଦେଶକ ଏବଂ ନାଗରିକ ପଞ୍ଜୀକରଣ ନିର୍ଦ୍ଦେଶକ ଭାବେ ନିଖିଳ ପଓ୍ୱନ କଲ୍ୟାଣଙ୍କୁ ନିଯୁକ୍ତି ଦିଆଯାଇଛି। ୨୦୧୨ ବ୍ୟାଚ୍ ଆଇଏଏସ୍ ହେଉଛନ୍ତି ନିଖିଳ ପଓ୍ୱନ କଲ୍ୟାଣ। ସେ ଏବେ ରାଜ୍ୟ ମୃତ୍ତିକା ସଂରକ୍ଷଣ ଓ ଉଦ୍ୟାନ କୃଷି ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି। କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ରାଜ୍ୟ ମୁଖ୍ୟସଚିବଙ୍କୁ ଏ ନେଇ ଚିଠି କରାଯାଇଛି। ଆଇଏଏସ୍ ନିଖିଳ ପଓ୍ୱନ କଲ୍ୟାଣଙ୍କୁ ଓଡ଼ିଶାର ଜନଗଣନା କାର୍ଯ୍ୟକ୍ରମ ଓ ନାଗରିକ ପଞ୍ଜୀକରଣ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଥିବା ଅବଗତ କରାଯାଇଛି। ଶ୍ରୀ କଲ୍ୟାଣ ୨୦୨୫ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ଅଥବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିବେ।

## ସିକ୍କିମ୍ ଟ୍ରାଜେଡି

## ଫେରିଲେ ଇତିଶ୍ରୀଙ୍କ ଭଉଣୀ ଓ ଝିଆରୀ

**ଯାଜପୁର,(ପିପିଏସ୍):** ସୋମବାର ସକାଳୁ ଘରକୁ ଫେରିଛନ୍ତି ସିକ୍କିମ୍ ଦୁର୍ଘଟଣାରୁ ବର୍ତ୍ତିଥିବା ଇତିଶ୍ରୀଙ୍କ ପରିବାର। ଶୁକ୍ରବାର କାଳରାତିର ତିକ୍ତ ଅନୁଭୂତି ବଖାଣିଛନ୍ତି ଇତିଙ୍କ ଭଉଣୀ ମଞ୍ଜୁଲତା ଓ ଝରଣା। ଘାଟିରେ ଦୁର୍ଘଟଣାର ୪ଦିନ ପରେ ସ୍ୱତନ୍ତ୍ର ଟ୍ରେନ୍‌ରେ ଘରକୁ ଫେରିଛନ୍ତି ପରିବାରର ୪ ସଦସ୍ୟ; ଇତିଙ୍କ ଦୁଇଭଉଣୀ ଓ ଦୁଇ ଝିଆରୀ। ପରିବାର ଲୋକଙ୍କୁ ପାଇ ସେମାନେ ଆତ୍ମବିଭୋର ହୋଇଉଠିଥିଲେ। ଘାଟିର ଜିରୋ ପଏଣ୍ଟରୁ ତଳକୁ ଓହ୍ଲାଇବା ବେଳକୁ ସମୟ ହୋଇଯାଇଥିଲା ରାତି ପ୍ରାୟ ସାଢ଼େ ୭ଟା। ଆଗପଛ ହୋଇ ଦୁଇଟି ଗାଡ଼ିରେ ଫେରୁଥିଲେ ୧୧ଜଣ ସଦସ୍ୟ। ମାତ୍ର କିଛି ସମୟ ପରେ ଆଉ ଇତିଙ୍କ ଗାଡ଼ିର ପଛଲାଇଟ୍ ଦେଖାନଯିବାରୁ ସେଠାରୁ ସେମାନେ ଗାଡ଼ି ଫେରାଇଥିଲେ। ଖୋଜୁଖୋଜୁ ରାତି ୧୦ଟା ବାଜି ଯାଇଥିଲା। ଏହାପରେ ସେଠାକାର ପୁଲିସ୍ ସହିତ ଯୋଗାଯୋଗ କରିଥିଲେ। ରାତିତମାମ ଖୋଜାଖୋଜି ଚାଲିଥିଲା। ରାତି ପ୍ରାୟ ତିନିଟା ବେଳେ ଦୁଇ ବାଳକଙ୍କ ସନ୍ଧାନ ମିଳିଥିଲା। ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ୬ ସଦସ୍ୟଙ୍କ ମଧ୍ୟରୁ ଦୁଇବାଳକ ଉଦ୍ଧାର ହୋଇ ଚିକିତ୍ସିତ ହେଉଛନ୍ତି। ଏବେ ସେମାନଙ୍କ ପାଖରେ ବଡ଼ଭାଇ ଶିଶିର ନାୟକ ଉପସ୍ଥିତ ଅଛନ୍ତି। ୪ଜଣଙ୍କ ସମ୍ପର୍କରେ ଖବର ମିଳିନାହିଁ। ଓଡ଼ିଶା ସରକାର ଓ ସିକ୍କିମ୍ ସରକାରଙ୍କ ମିଳିତ ସହଯୋଗରେ ଘରେ ପହଞ୍ଚିଛନ୍ତି ୪ସଦସ୍ୟ। ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟିହୋଇଛି। ଇତିଶ୍ରୀଙ୍କ ସମେତ ବଡ଼ପୁଅ, ସାନଭାଇ, ଭାଉଜ ମିଶି ୪ଜଣ ଏବେ ବି ନିଖୋଜ ଅଛନ୍ତି। ଗାଙ୍ଗଟକ ହସ୍ପିଟାଲ୍‌ରେ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିବା ଦୁଇ ବାଳକ ଚିକିତ୍ସିତ ହେଉଥିବା ସୂଚନା ମିଳିଛି।





### ସମ୍ପାଦକୀୟ

### ଟାରିଫ୍ ବେଆଇନ

# ଭଦ୍ରକରେ ହେବ ସରକାରୀ ବିଶ୍ୱବିଦ୍ୟାଳୟ

## ୨୭୫ କୋଟିର ୧୩ ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

**ଭଦ୍ରକ,(ପିପିଏସ୍):**


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଭଦ୍ରକ ଜିଲ୍ଲାର ବାଲିଆପଡ଼ା ଠାରେ ପ୍ରାୟ ୨୭୫ କୋଟି ଟଙ୍କାର ୧୩ଟି ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହା ସହିତ ଭଦ୍ରକରେ ସରକାରୀ ବିଶ୍ୱବିଦ୍ୟାଳୟ ସ୍ଥାପନ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ବହୁଦିନରୁ ଦାବି ଥିବା ମେଡିକାଲ୍ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ ଖୁବ୍‌ଶୀଘ୍ର ହେବ ଏବଂ ଏହା ସହିତ ଆଇଓସିଏଲ୍ ପକ୍ଷରୁ ଭଦ୍ରକରେ ଟେକ୍ନିକାଲ ଟେକ୍ସଟାଇଲ କମ୍ପ୍ଲେକ୍ସ ଓ ଏମ୍‌ସିପିଆଇ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଏଚଏମ୍ଏଲ୍ଏସ ପଲିଷ୍ଟର ଉତ୍ପାଦନ କମ୍ପାନୀ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହାସହିତ, ଜିଲ୍ଲାରେ ଥିବା ସମସ୍ତ ଶହୀଦପୀଠର ସୌନ୍ଦର୍ଯ୍ୟକରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।



କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଆମର ସରକାର କ୍ଷମତାକୁ ଆସିବା ପରେ ବିପ୍ଳବୀ ମାଟି ଭଦ୍ରକରେ ବିକାଶର ଗତି ତ୍ୱରାନ୍ୱିତ ହୋଇଛି। ଯେଉଁ ପ୍ରତିଶ୍ରୁତି ଦେଇ ଆମେ ଲୋକଙ୍କ ସାହାଯ୍ୟ ଓ ସମର୍ଥନ ଲୋଡିଥିଲୁ, ତାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଆମେ ଗୋଟିଏ ମିନିଟ୍ ବି ନଷ୍ଟ କରିନାହୁଁ। ଏହି ଭାବନାକୁ ମନରେ ରଖି ଗତ ପ୍ରାୟ ଏକବର୍ଷ ହେଲା ଆମ ସରକାର ଜନତାଙ୍କ ସେବାରେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟରତ। ଆମ ସରକାର ଆସିବାର ପ୍ରଥମ ଦିନରୁ ହିଁ ଲୋକଙ୍କ ବିଶ୍ୱାସ ଓ ଭରସାକୁ ବଜାୟ ରଖି ଚାରିଗୋଟି ପ୍ରତିଶ୍ରୁତିକୁ ପାଳନ କରିଥିଲୁ। ମାତ୍ର ୨୪ ମିନିଟ୍‌ରେ ସୁଭଦ୍ରା ଯୋଜନା, ଚାଷୀଭାଇ ଓ ଭଉଣୀଙ୍କୁ ଧାନ କିଣା ବାବଦକୁ କୁଇଣ୍ଟାଲ ପିଛା ଅଧିକ ୮୦୦ ଟଙ୍କା ପ୍ରଦାନ, ଶ୍ରୀ ମନ୍ଦିରର ଚାରିଦ୍ୱାର ଖୋଲା ଏବଂ ପ୍ରଭୁଙ୍କ ସେବା ପୂଜା ପାଇଁ ୫୦୦ କୋଟି ଟଙ୍କର କର୍ପସ ଫଣ୍ଡ ପରି ନିଷ୍ପତ୍ତି ନେଇଥିଲୁ। ଏହି ୧୨ ମାସରେ ସରକାରର ସଫଳତାର ଫର୍ଦ୍ଦ ବହୁତ ଲମ୍ବା। ଏହାର ହିସାବ ଆମେ ଆସନ୍ତା ୧୨ତାରିଖରେ ଜନତା ଜନାର୍ଦ୍ଦନଙ୍କୁ ଦେବୁ। କୃଷି ଓ ଆନୁଷଙ୍ଗିକ କୃଷି ତଥା ଶିଳ୍ପର ବିକାଶ ମଧ୍ୟମରେ ରାଜ୍ୟର ପ୍ରତିଟି ନାଗରିକଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବାକୁ ଆମର ଉଦ୍ୟମ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବିରୋଧୀ ଦଳ ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗୁଣାତ୍ମକ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଯେ କୌଣସି ସରକାରଙ୍କ ପ୍ରଥମ କର୍ତ୍ତବ୍ୟ। ବିଶ୍ୱସ୍ତରୀୟ ସେବା ନାଁରେ ୨୪ ବର୍ଷର ଶାସନ କେବଳ ରଙ୍ଗମାରିବା ଏବଂ ନିଜର ବାଜା ବଜାଇବାରେ ଚାଲିଗଲା। କିନ୍ତୁ, ପ୍ରକୃତ ବିକାଶ ଏବେ ଆରମ୍ଭ ହୋଇଛି। ଆଗାମୀ କିଛି ବର୍ଷରେ ଓଡ଼ିଶାରେ ପ୍ରାଥମିକ ଶିକ୍ଷାର ଦଶା ଓ ଦିଶା ସମ୍ପୂର୍ଣ୍ଣଭାବେ ବଦଳିବାକୁ ଯାଉଛି। ୫-ଟିର ରଙ୍ଗମରା ଶିକ୍ଷା ନୁହେଁ, ବାସ୍ତବ ଅର୍ଥରେ ଓଡ଼ିଶାର ବିକାଶ ହେବ। ଆମ ସରକାର ଉତ୍କର୍ଷ ଓଡ଼ିଶାର ମାତ୍ର ୧୨୦ ଦିନରେ ୮୦ ହଜାର କୋଟିରୁ ବି ଅଧିକ ଟଙ୍କାର ପ୍ରକଳ୍ପ ପାଇଁ ଆରମ୍ଭ କରିଛନ୍ତି। ଏହା ବ୍ୟତୀତ ଗତ ୨୨ ତାରିଖରେ ୧୦ ଗୋଟି ପ୍ରକଳ୍ପ ୧ ଲକ୍ଷ ୬୫ ହଜାର କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ରାଜ୍ୟ ସରକାର ଦ୍ୱାରା ଆରମ୍ଭ କରଯାଇଥିବା ଓଡିଶାର ଶିଳ୍ପ ବିପ୍ଳବ ପ୍ରତି ଜିଲ୍ଲାରେ ଶିଳ୍ପାୟନ କରିବ। ଓଡିଶାରେ ଏବେ ଯେଉଁ ଶିଳ୍ପ ବିପ୍ଳବ ଆରମ୍ଭ ହେବାକୁ ଯାଉଛି, ସେଥିରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଭଦ୍ରକ ଜିଲ୍ଲା ପାଇଁ ମଧ୍ୟ ରହିଛି। ଏହି ଦୁଇଟି ପ୍ରକଳ୍ପ ଭଦ୍ରକ ଟେକ୍ସଟାଇଲ ପାର୍କରେ ପ୍ରତିଷ୍ଠା କରାଯିବ। ଭଦ୍ରକ ଜିଲ୍ଲାକୁ ମଧ୍ୟ ରାଜ୍ୟର ଏକ ଅଗ୍ରଣୀ ଓ ବିକଶିତ ଜିଲ୍ଲା ଭାବରେ ଗଢି ତୋଳିବା ପାଇଁ ଆମର ଉଦ୍ୟମ ଜାରି ରହିଛି। ଆଜି ଜିଲ୍ଲା ପାଇଁ ୨୭୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଜନକଲ୍ୟାଣକାରୀ ୧୩ଟି ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଗଲା। ଜିଲ୍ଲା ସଦର ମହକୁମା ଡାକ୍ତରଖାନା ସହିତ ଏଥିରେ ରାସ୍ତା, କ୍ରୀଡ଼ା ଭିତ୍ତିଭୂମି, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଲାଇବ୍ରେରୀ ଓ ଡକ୍ଟର ହରେକୃଷ୍ଣ ମହତାବଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଏକ ପାର୍କ ନିର୍ମାଣ ପ୍ରକଳ୍ପ ରହିଛି। ଭଦ୍ରକ ଜିଲ୍ଲାବାସୀଙ୍କ ସେବାରେ ଏ ସବୁ ପ୍ରକଳ୍ପ ଗୁଡିକ ଉଦ୍ଦିଷ୍ଟ। ୨୦୩୬ ସୁଦ୍ଧା ଆମେ ଏକ 'ସମୃଦ୍ଧ ଓଡିଶା' ଗଠନ କରିବାର ଲକ୍ଷ୍ୟ ନେଇ କାର୍ଯ୍ୟ ଜାରିରଖିଛୁ। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ଭଦ୍ରକ ମାଟି ବୀରତ୍ୱର ମାଟି। ଲୋକଙ୍କ ବିଶ୍ୱାସ ଓ ଭରସାକୁ ବଜାୟ ରଖି ଆମ ସରକାର ଗୋଟିଏ ବର୍ଷ ଭିତରେ ଯେଉଁ ସବୁ କାର୍ଯ୍ୟ କରିଛନ୍ତି ଏବଂ କରୁଛନ୍ତି, ତାହା ଲୋକଙ୍କ ସରକାରଙ୍କ ପ୍ରତିବଦ୍ଧତା ଦିଗରେ ସୂଚାଉଛି। ଏହି ଉନ୍ନତିମୂଳକ ପ୍ରକଳ୍ପ ସମସ୍ତ ଭଦ୍ରକବାସୀଙ୍କ ଦୃଢ଼ ସମର୍ଥନର ପ୍ରତିଫଳନ। ସାଂସଦ ଅଭିମନ୍ୟୁ ସେଠୀ, ବାସୁଦେବପୁର ବିଧାୟକ ଅଶୋକ ଦାସ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

### ମେଡିକାଲ୍ କଲେଜର ଭିତ୍ତିପ୍ରସ୍ତର ଖୁବ୍‌ଶୀଘ୍ର

### ବାଟେଘାଟେ



ପୁରୁଣା ମୁଖିଆ ପାଣ୍ଡିଆ ପୁଅର
ପାଳିଲେ ଜନମ ଦିନ
ନିବାସଟା ଖାଁ ଖାଁ ଲାଗୁଥିଲା
ନଥିଲେ ବିଶେଷ ଜନ
ଥିଲେ ମାନସରଞ୍ଜନ
ତେଲିଆ ଭାଷଣ ମନରେ କଷଣ
କଲେ ମାନସମନ୍ଥନ
କ୍ଷମତା ଚଉକି ଯିଏ ନେଇଗଲା
ତାଠାରୁ ଛାଡୁନି ମନ
ଅସଲ ରହସ୍ୟ ପଦାରେ ପଡ଼ିବ
ବାହାରିଲେ କାଳାଧନ
-ରାହୀ




# ଆଜିର ରାଶିଫଳ

**ମେଷ**
ପ୍ରେମିକକୁ ବିବାହ ପାଇଁ ପ୍ରସ୍ତାବ ଦେଇ ପାରନ୍ତି । ପରିବାର ସହିତ ଧାର୍ମିକ ସ୍ଥାନକୁ ଯାଇ ପାରନ୍ତି । ବ୍ୟବସାୟିକ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବାକୁ ଚେଷ୍ଟା କରିବେ । କାର୍ଯ୍ୟ ଆରମ୍ଭରେ ପ୍ରତିବନ୍ଧକ ଆସିପାରେ। ପୁରୁଣା ନେତା ବା ଦଳର ମୁଖ୍ୟଙ୍କର ଅତ୍ୟନ୍ତ ପ୍ରିୟପାତ୍ର ହୋଇ ପାରିବେ । ଚାକିରି କ୍ଷେତ୍ରରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଶ୍ରଦ୍ଧାର ପାତ୍ର ହେବ । ମହିଳା ମାନେ ନକାରତ୍ମକ ଚିନ୍ତାଧାରା ମନକୁ ସୃଷ୍ଟି ହେବ। ନିଜର ବାସସ୍ଥାନ କରିବା ପାଇଁ ନୂତନ ଜମିଜମା କ୍ରୟ କରିବା ପାଇଁ ଯୋଜନା କରିପାରନ୍ତି।

**ବୃଷ**
ଦେଶରେ ଥିବା ସମ୍ପର୍କୀୟ ଠାରୁ ଶୁଭ ଖବର ପାଇବେ । ବ୍ୟବସାୟରେ ସମସ୍ୟା ସତ୍ତ୍ୱେ ଲାଭ ଆଦି ଫଳ ଭୋଗ କରିବେ । ଭାଇ-ଭଉଣୀଙ୍କ ଭିତରେ ସଂପର୍କ ଭଲ ରହିବ । ରାଜନୀତିରେ ବିରୋଧିଙ୍କ ପ୍ରତି ସାବଧାନ ରୁହନ୍ତୁ । ସାମ୍ବାଦିକ କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତି ମାନଙ୍କ ପାଇଁ ଭଲ ସମୟ ଆସିପାରେ । ସାମାଜିକ ଗତିବିଧିରେ ସକ୍ରିୟ ଭୂମିକା ନିର୍ବାହ କରିବେ । ଚଳଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ।

**ମିଥୁନ**
ସ୍ୱାସ୍ଥ୍ୟ କ୍ଷେତ୍ରରେ ହାଡ ଜନିତ ସମସ୍ୟା ଦେଖାଦେଇପାରେ । କର୍ମ କ୍ଷେତ୍ରରେ ବିଶେଷ ଅସୁବିଧା ରହିବ ନାହିଁ । ଜୀବନ ସାଥୀଙ୍କ ସହିତ ଦୀର୍ଘ ସମୟ ଧରି କଥାବାର୍ତ୍ତା କରିବେ। ବାଧ୍ୟବାଧକତାରେ ଅନେକ ଟଙ୍କା ଖର୍ଚ୍ଚକରି ଦୁଖିତ ରହିବେ। ଶିକ୍ଷାକ୍ଷେତ୍ରରେ ଅନେକ ସମସ୍ୟା ଦେଖାଦେବ। ଯେଉଁ କାର୍ଯ୍ୟ କରିବେ ତାହା ଅପ୍ରିୟକର ହୋଇପାରେ । ପୈତୃକ ସମ୍ପତିକୁ ନେଇ ଦୁଇ ଜଣଙ୍କ ବିବାଦରେ ତୃତୀୟ ବ୍ୟକ୍ତି ଲାଭବାନ୍ ହେବ ।

**କର୍କଟ**
ପ୍ରେମ କ୍ଷେତ୍ରରେ ସଫଳତା ଲାଭ କରିବେ । ବ୍ୟବସାୟୀ ମାନେ ଆଜି ବ୍ୟବସାୟରେ ଲାଭାଂଶ କମାଇବେ । ଶାରୀରିକ ପିଡା ଅପେକ୍ଷା କୃତ କମ ରହିବ। ନିକଟ ସମ୍ପର୍କୀୟଙ୍କ ଠାରୁ ସାହାର୍ଯ୍ୟ ପାଇ ଖୁସି ହେବେ । ଦୂର ଯାତ୍ରାରେ ଲକ୍ଷଣ ପୂରଣ କରିପାରନ୍ତି । ବିଦ୍ୟାର୍ଥୀ ମାନଙ୍କୁ ପଢାରେ ସମ୍ମାନ ମିଳିବା ସହିତ ବିଦେଶା ଗତ ହେବାର ସୁଯୋଗ ରହିଛି । ବିବାହିତ ସମ୍ବନ୍ଧୀୟ କଥାବାର୍ତା ବେଳେ ସଂଯମ ରଖନ୍ତୁ । ଘରକୁ ଜିନିଷ କିଣି ଅଧିକ ପଇସା ଖର୍ଚ୍ଚ କରିପାରନ୍ତି ।

**ସିଂହ**
ଦାମ୍ପତ୍ୟ ସୁଖରେ ଶାନ୍ତି ଅନୁଭବ କରିବେ । ଯେକୌଣସି ବହୁରାଷ୍ଟ୍ରୀୟ କମ୍ପାନୀ ସହିତ ମିଳିତ ଭାବରେ କାର୍ଯ୍ୟ କରିପାରିବେ । ବ୍ୟବସାୟ ପଥ ସୁଗମ ହେବ , ଆୟ ଅବ୍ୟହତ ହେବ । ପରିବାର ସଦସ୍ୟଙ୍କ ସହିତ ଏକ ତୀର୍ଥ ସ୍ଥାନକୁ ବୁଲିବା ପାଇଁ ଯିବେ । ଗଣମାଧ୍ୟମ କ୍ଷେତ୍ରରେ କାମ କରୁଥିବା ବ୍ୟକ୍ତିଙ୍କର ପ୍ରଗତି ହେବ। ଜୀବନ ସାଥିଙ୍କ ସହିତ ସମ୍ବନ୍ଧ ମଧୁର ରହିବ । ଚାକିରିରେ ଅପଦସ୍ତ ହୋଇପାରନ୍ତି। ପରହାତରେ ଥିବା ଧନ ସହଜରେ ପ୍ରାପ୍ତ ହେବ । ମହିଳା ମାନଙ୍କୁ କୌଣସି ବ୍ୟକ୍ତିଙ୍କ ସହୟତା ମିଳିବ । ନୂତନ ଯାନ ବାହନ କ୍ରୟ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

**କନ୍ୟା**
ବେପାର ବୃତ୍ତିରେ ସଫଳତା ହାସଲ କରିବେ । କଳା ବିଦ୍ୟା ପ୍ରତି ଆଗ୍ରହ ସୃଷ୍ଟି ହୋଇପାରେ । ରାଜନୀତିରେ କୌଣସି ପଦ ବ୍ୟକ୍ତିଙ୍କ ସାନିଦ୍ଧ୍ୟ ପାଇ ପାରନ୍ତି। ବ୍ୟବସାୟରେ ନୂତନ ବ୍ୟବସାୟ କରିବାର ଆଶା ମିଳିବ । ଅପ୍ରତ୍ୟାଶିତ ସମ୍ପତି ମିଳିବାର ସୂଚନା ଅଛି । ପାରିବାରିକ ଅସ୍ୱାସ୍ଥ୍ୟ କର ପରିସ୍ଥିତିକୁ ନେଇ ଚିନ୍ତା ଗ୍ରସ୍ତ ରହିବେ। କଳା ବିଦ୍ୟା ପ୍ରତି ଆଗ୍ରହ ସୃଷ୍ଟି ହୋଇପାରନ୍ତି। ଗୃହିଣୀ ମାନେ ଗୃହପୋକରଣ ସଂଗ୍ରହ କରି ପାରନ୍ତି । ସଭା ସମିତି ପ୍ରଭୁତିରୁ ଆଶ୍ୱସ୍ଥି ଲାଭ କରିବେ।

**ତୁଳା**
ଶାରୀରିକ କ୍ଲାନ୍ତି ଦୂର ହେବ ସ୍ୱାସ୍ଥ୍ୟ ସମସ୍ୟାରେ ବହୁ ପରିମାଣରେ ହ୍ରାସ ପାଇବ। ସନ୍ତାନ ପକ୍ଷକୁ ନେଇ ଚିନ୍ତିତ ରହିବେ । ରାସ୍ତାଘାଟରେ ଯଥେଷ୍ଟ ସତର୍କତା ହୋଇ ଚଳିବା ଉଚିତ୍ । ବ୍ୟବସାୟରେ କମ୍ ପରିଶ୍ରମରେ ଆଶାଜନକ ଫଳ ପ୍ରାପ୍ତି ହେବ। ସମ୍ପର୍କୀୟ ବନ୍ଧୁଙ୍କ ସାହାର୍ଯ୍ୟ ସହଯୋଗରେ ସ୍ଥଗିତ ଥିବା କର୍ମ ସହଜ ସରଳରେ ପୂର୍ଣ୍ଣ ହେବ । ପରିବାରରେ ନୂତନ ସଦର୍ଶଙ୍କର ଆଗମନ ହୋଇପାରେ। ଶତୃକୁ ଶରଣାଗତ କରାଇପାରନ୍ତି । ମହିଳା ମାନେ ଉଦାର ସ୍ୱଭାବ ରହିବେ । ଉତରାଧିକାରୀ ସୂତ୍ରରେ କୌଣସି ସମ୍ପତିର ମାଲିକାନା ପାଇପାରନ୍ତି ।

**ବିଛା**
ବିଶାଖା- ନିଜ ସ୍ୱାସ୍ଥ୍ୟକୁ ନେଇ ଅଧିକ ଚିନ୍ତା କରନ୍ତୁ ନାହିଁ । ଗୃହରେ କୌଣସି ବ୍ୟକ୍ତିଙ୍କ ଠାରୁ ସୁଖ ସମ୍ବାଦ ପାଇବେ । କର୍ମକ୍ଷେତ୍ରରେ ପରିଶ୍ରମର ଭଲ ପରିମାଣ ପାଇବା ସହିତ ଉଚ୍ଚପଦ ପଦବୀ ପାଇବାରେ ସଫଳ ହେବେ ।ଅନୁରାଧା- ପୁରାତନ ରୋଗରୁ ଉପସମ ପାଇବେ । ବ୍ୟବସାୟରେ ପରିଶ୍ରମରୁ ସୁଫଳ ନପାଇ ପାରନ୍ତି । ପଢାରେ ଅଧିକ ସମୟ ବିତାଇବେ। ଜୀବନରେ ଉନ୍ନତି ସୂଚିତ ହେବ । ରାଜନୀତି କ୍ଷେତ୍ରରେ କୌଶଳପୂର୍ଣ୍ଣ କାର୍ଯ୍ୟ କରିବେ । ନିଜର ଧନ ସମ୍ପତ୍ତିକୁ ସୁରକ୍ଷିତ ରଖିବାପାଇଁ ଚେଷ୍ଟା କରନ୍ତୁ । ନୂଆ ଗୃହ ନିର୍ମାଣ କରିବାର ସୁଯୋଗ ଆସିପାରେ ।

**ଧନୁ**
ସୁସ୍ଥ ମାନସିକତା ରକ୍ଷା କରିବେ । ବ୍ୟବସାୟ କ୍ଷେତ୍ରରେ ଆଶାତୀତ ଲାଭ ପାଇବେ । ବିଦେଶୀ ବନ୍ଧୁଙ୍କ ଦ୍ୱାରା ଅଧିକ ଉପକୃତ ହେବେ। କର୍ମକ୍ଷେତ୍ରରେ ନିମ୍ନ ବର୍ଗୀୟ ବ୍ୟକ୍ତି ବିଶେଷଙ୍କଠାରୁ ଲାଭବାନ୍ ହେବେ । ରାଜନୀତିରେ ପଛକଥାକୁ ଚିନ୍ତା କରି ବିରକ୍ତି ପ୍ରକାଶ କଲେ ଅନିଷ୍ଟକର ପରିସ୍ଥିତି ସୃଷ୍ଟି ହେବ। ସଘର୍ଷ କରି ବିଜୟ ଲାଭ ପାଇବେ। ଭଲ ଟଙ୍କା ରୋଜଗାର କରିବା ଆରମ୍ଭ କରିବା ସହିତ ଅନାବଶ୍ୟକ ଟଙ୍କା ଖର୍ଚ୍ଚ କରିବାରୁ ନିବୃତ୍ତ ରହିବେ । ଆପଣଙ୍କ ସକାରତ୍ମକ ବିଚାରରେ ଲୋକ ପ୍ରଭାବିତ ହେବେ।

**ମକର**
ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଯିବ । ବ୍ୟବସାୟରେ ଆଶାତୀତ ଲାଭକରି ଖୁସି ହେବେ । ଆନୁଷ୍ଠାନିକ କାମରେ ଠିକ୍ ପରାମର୍ଶ ଦେଇ ଆଦର,ସମ୍ମାନ ଓ ପ୍ରଶଂସା ପାଇବେ । ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ । ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ । ପ୍ରଶାସନ, ଆଇନ, କଳା, ସାହିତ୍ୟରେ ଉନ୍ନତି କରିବେ। ଆଲୋଚନା ପରିସରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**କୁମ୍ଭ**
ସ୍ୱାସ୍ଥ୍ୟ ପୂର୍ବ ଅପେକ୍ଷା ଭଲ ରହିବ । ଭାଙ୍ଗିଯାଇଥିବା ସମ୍ପର୍କ ପୁନର୍ବାର ଯୋଡି ହୋଇପାରେ । ନିଜର ବ୍ୟବସାୟକୁ ବିସ୍ତାର କରିବା ପାଇଁ ପଦକ୍ଷପ ନେବେ। ନିଜର ମନ ଅନୁସାରେ କର୍ମ କ୍ଷେତ୍ରରେ ସ୍ୱାଧିନତା ପାଇବେ । ପରିବାରରେ କିପରି ତିକ୍ତତା ନ ଆସେ ସେଥି ଉପରେ ନଜର ରଖିବା ଆବଶ୍ୟକ । ସାମାଜିକ ସହଯୋଗ ଲାଭ କରିବେ । ନିଜ ପାଇଁ କିଛି ବାସୋପଯୋଗି ଭୂମି ବା ଘର କ୍ରୟ କରିପାରନ୍ତି । ଛାତ୍ରଛାତ୍ରୀ ମାନଙ୍କର ଧାର୍ମିକ ସାହିତ୍ୟ ପଢିବା ପାଇଁ ରୁଚି ବୃଦ୍ଧି ହେବ । ମହିଳା ମାନଙ୍କର ପାରିବାରିକ ଜୀବନ ଆନନ୍ଦରେ କଟିବ।

**ମୀନ**
ସାମାଜିକ କାର୍ଯ୍ୟରେ ରତ ହେଲେ ସାଧୁ-ସନ୍ଥ ଓ ଗୁରୁଜନଙ୍କ ଶୁଭାର୍ଶୀବାଦ ପ୍ରାପ୍ତ ହେବ । ବ୍ୟବସାୟରେ ଆଶାତୀତ ଲାଭକରି କିଛି ନୂତନ ପଦାର୍ଥ ସଂଗ୍ରହ କରିବେ । ନିର୍ମାଣ ମୂଳକ ଯୋଜନାରେ ଆଗେଇ ଯିବେ ଛାତ୍ରଛାତ୍ରି ଗୁରୁଜନଙ୍କ ଠାରୁ ଭଲ ପରାମର୍ଶ ପାଇବେ। ପୈତୃକ ସମ୍ପତି ପାଇଁ ଲାଗିରହିଥିବା ସମସ୍ୟାରୁ ମୁକ୍ତ ହେବେ । ରାସ୍ତାଘାଟରେ ଯଥେଷ୍ଟ ସତର୍କ ହୋଇ ଚଳିବା ଉଚିତ୍ ।

# ବିଶ୍ୱ ସାଇକେଲ୍ ଦିବସ




ସୁସ୍ଥ ରହିବା ପାଇଁ ସାଇକେଲ ଚଳାଇବା ସବୁଠାରୁ ଏକ ଉପଭୋଗ୍ୟ ଉପାୟ। ଏହା ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ସକ୍ରିୟ ରଖେ। ଡବ୍ଲ୍ୟୁଏଚ୍‌ଓ (ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ) ଅନୁଯାୟୀ, ଯଦି ଜଣେ ପ୍ରତିଦିନ ୩୦ ମିନିଟ୍ ପାଇଁ ସାଇକେଲ ଚଳାନ୍ତି ତେବେ ଏହା ଓଜନ ହ୍ରାସ କରିବାରେ, କୋଲେଷ୍ଟ୍ରୋଲ୍ ହ୍ରାସ କରିବାରେ ଏବଂ ଗୋଡକୁ ମଜବୁତ୍ କରିବାରେ ସାହାଯ୍ୟ କରିବ। ଏହା ବ୍ୟତୀତ ସାଇକେଲ ଚଳାଇବାରେ ଆହୁରି ଅନେକ ଲାଭ ମଧ୍ୟ ଅଛି। ଏହା ଜାଣିବା ପରେ ଆପଣ ନିଶ୍ଚିତ ଭାବରେ ପୁନର୍ବାର ସାଇକେଲ ଚଳାଇବା ଆରମ୍ଭ କରିଦେବେ।

ସାଇକେଲ୍ ଚଳାଇବାର ଏହି ଉପକାରିତାଙ୍କୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଜୁନ୍ ୩ ତାରିଖରେ 'ବିଶ୍ୱ ସାଇକେଲ୍ ଦିବସ' ପାଳନ କରାଯାଏ। ଏହାର ଉଦ୍ଦେଶ୍ୟ ହେଉଛି ସାଇକେଲ୍‌ର ଗୁରୁତ୍ୱକୁ ବର୍ଣ୍ଣନା କରି ସ୍ୱାସ୍ଥ୍ୟ ଏବଂ ପରିବେଶର ଉପକାରିତା ବିଷୟରେ ଲୋକଙ୍କୁ ଅବଗତ କରାଇବା। ମିଳିତ ଜାତିସଂଘର ସାଧାରଣ ସଭା ଜନ ସଚେତନତା ସୃଷ୍ଟି କରିବା ପାଇଁ ୨୦୧୮ରେ 'ବିଶ୍ୱ ସାଇକେଲ ଦିବସ' ପାଳନ କରିବା ଆରମ୍ଭ କରିଥିଲା। ଚଳିତ ବର୍ଷ ସପ୍ତମ 'ବିଶ୍ୱ ସାଇକେଲ ଦିବସ' ପାଳନ କରାଯାଉଛି। ୦୩ ଜୁନ୍ ୨୦୧୮ ରେ ନ୍ୟୁୟର୍କରେ ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା 'ବିଶ୍ୱ ସାଇକେଲ ଦିବସ' ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜାତିସଂଘର ଅଧିକାରୀ, ଆଥଲେଟ୍‌ଙ୍କ ସମେତ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇଥିଲେ।

# ଯେତେ ଚାଲିଲେ ବି କିଛି ଫଳ ମିଳୁନି



**ଚାଲିବା ଏକ ଭଲ ବ୍ୟାୟାମ ଯାହା ସବୁ ବୟସର ଲୋକଙ୍କ ପାଇଁ ଲାଭଦାୟକ ହୋଇପାରେ। ଏହା ଶରୀରକୁ ଫିଟ୍ ଏବଂ ସକ୍ରିୟ ରଖେ। କିନ୍ତୁ ପ୍ରାୟତଃ ଲୋକମାନେ ଚାଲିବା ସମୟରେ କିଛି ସାଧାରଣ ଭୁଲ କରନ୍ତି, ଯାହା ଯୋଗୁଁ ସେମାନେ ସମ୍ପୂର୍ଣ୍ଣ ଲାଭ ପାଇପାରନ୍ତି ନାହିଁ। କିଛି ଲୋକ ଚାଲିଥାନ୍ତି କିନ୍ତୁ ଏହା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ କୌଣସି ପ୍ରଭାବ ପକାଏ ନାହିଁ। ଯଦି ଚାଲିବା ପରେ ମଧ୍ୟ ଆପଣ ଆପଣଙ୍କ ସ୍ୱାସ୍ଥ୍ୟ ଉପରେ କୌଣସି ସକାରାତ୍ମକ ପ୍ରଭାବ ଦେଖୁନାହାଁନ୍ତି, ତେବେ ବୁଝିଯାଆନ୍ତୁ ଯେ ଆପଣ ଚାଲିବା ସମୟରେ କିଛି ଭୁଲ କରୁଛନ୍ତି। ସଠିକ୍ କୌଶଳ ଏବଂ ସତର୍କତାର ସହିତ ଚାଲିବା ଦ୍ୱାରା ଲାଭ ମିଳିପାରିବ। ଯଦି ଆପଣ ମଧ୍ୟ ଚାଲିବାକୁ ଆପଣଙ୍କ ଫିଟ୍‌ନେସ୍‌ର ଏକ ଅଂଶ କରିବାକୁ ଚାହୁଁଛନ୍ତି, ତେବେ ଏହି ଭୁଲଗୁଡ଼ିକୁ ଏଡାଇବା ବହୁତ ଗୁରୁତ୍ୱପୂର୍ଣ୍ଣ।**

**ଭୁଲ ଚାଲି:**
ଚାଲିବା ପାଇଁ ଏକ ସଠିକ୍ କୌଶଳ ଅଛି। ବଙ୍କା ହୋଇ ଚାଲିବା କିମ୍ବା ମୁଣ୍ଡକୁ ତଳକୁ କରି ଚାଲିବା ଦ୍ୱାରା ବେକ ଏବଂ ପିଠି ଯନ୍ତ୍ରଣା ହୋଇଥାଏ। ଚାଲିବା ସମୟରେ, ପିଠି ସିଧା ରଖନ୍ତୁ ଏବଂ କାନ୍ଧକୁ ଆରାମ ଦିଅନ୍ତୁ। ଚାଲିବା ସମୟରେ ଆଖିକୁ ଆଗକୁ ରଖି ଗଭୀର ଶ୍ୱାସ ନେବା ଉଚିତ।

**ୱାର୍ମ ଅପ୍ ନ କରିବା:**
ପ୍ରାୟତଃ ଲୋକମାନେ ସିଧା ଜୋର୍‌ରେ ଚାଲିବା ଆରମ୍ଭ କରନ୍ତି। ଏହା ସେମାନଙ୍କ ଗୋଡ଼ କିମ୍ବା ଶରୀରରେ ଯନ୍ତ୍ରଣା ସୃଷ୍ଟି କରିପାରେ। ଚାଲିବା ଆରମ୍ଭ କରିବା ପୂର୍ବରୁ, କିଛି ହାଲୁକା ଷ୍ଟ୍ରେଚିଂ କରନ୍ତୁ ଏବଂ ଆରମ୍ଭରେ ଧୀରେ ଚାଲନ୍ତୁ। ୱାର୍ମ ଅପ୍ ନ କରି ହଠାତ୍ ଦ୍ରୁତ ଗତିରେ ଚାଲିବା ଆରମ୍ଭ କଲେ ମାଂସପେଶୀରେ ଚାପ ପଡ଼ିପାରେ।

**ଚାଲିବା ବେଗ:**
ଚାଲିବା ସମୟରେ ଲୋକମାନେ ସେମାନଙ୍କ ଚାଲିବା ଗତି ପ୍ରତି ଧ୍ୟାନ ଦିଅନ୍ତି ନାହିଁ। ଧୀରେ ଧୀରେ ଚାଲିବା ଦ୍ୱାରା ଶରୀର ଉପରେ ବିଶେଷ ପ୍ରଭାବ ପଡେ ନାହିଁ। ସେହିପରି ଏଥିରେ ଅଭ୍ୟସ୍ତ ନ ହୋଇ ଅତ୍ୟଧିକ ଦ୍ରୁତ ଗତିରେ ଚାଲିବା ଆପଣଙ୍କୁ ଶୀଘ୍ର କ୍ଳାନ୍ତ କରିପାରେ। ତେଣୁ କ୍ଷମତା ଅନୁସାରେ ମଧ୍ୟମ ଗତିରେ ଚାଲିବା ଉଚିତ ଏବଂ ଧୀରେ ଧୀରେ ଚାଲିବାର ଗତି ବଢ଼ାଇବା ଉଚିତ।

**ଯେତେବେଳେ ନାଇଁ ସେତେବେଳେ ଚାଲିବା:**
କିଛି ଲୋକ ଯେତେବେଳେ ସମୟ ପାଆନ୍ତି ଚାଲିବା ଆରମ୍ଭ କରନ୍ତି। କିନ୍ତୁ ଏହା ଶରୀର ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। ଉଦାହରଣ ସ୍ୱରୂପ, ଗ୍ରୀଷ୍ମ ଋତୁରେ ଅପରାହ୍ନରେ ଚାଲିବା ଦ୍ୱାରା ଜଳୀୟ ଅଂଶ କମିବାର ଆଶଙ୍କା ବଢ଼ିପାରେ। ସକାଳେ କିମ୍ବା ସନ୍ଧ୍ୟାରେ ପାଗ ଥଣ୍ଡା ଏବଂ ସତେଜ ପବନ ଥିବା ସମୟରେ ଚାଲିବା ଉଚିତ।

**ଖାଲି ପେଟରେ ଚାଲିବା:**
ଅନେକ ସମୟରେ ଲୋକମାନେ ସକାଳେ ଉଠି ସମ୍ପୂର୍ଣ୍ଣ ଖାଲି ପେଟରେ ଚାଲିବାକୁ ଯାଆନ୍ତି। ଖାଲି ପେଟରେ ଚାଲିବା ଦ୍ୱାରା ମୁଣ୍ଡ ବୁଲାଇବା କିମ୍ବା ଦୁର୍ବଳତା ଅନୁଭବ ହୋଇପାରେ। ଚାଲିବାକୁ ଯିବାର ୩୦-୪୫ ମିନିଟ୍ ପୂର୍ବରୁ କିଛି ଫଳ କିମ୍ବା ଡ୍ରାଏଡ୍ ଫୁଡ୍ ଭଳି ହାଲୁକା ଖାଦ୍ୟ ଖାଇବା ଲାଭଦାୟକ।

# କୁଣ୍ଡରୁ ପିମ୍ପୁଡ଼ି ଦୂରକରିବାର କେତୋଟି ସହଜ ଉପାୟ



କୁଣ୍ଡରେ ବିଭିନ୍ନ ଫୁଲ, ଫଳ, ପରିବା ଆଦି ଗଛ ଲଗାଇବାକୁ ଅନେକେ ଭଲ ପାଆନ୍ତି। ହେଲେ ଖରାଦିନେ କୁଣ୍ଡ ଭିତରେ ପିମ୍ପୁଡ଼ି ବସା ବାନ୍ଧିବା ଯୋଗୁ ଗଛ ଝାଉଁଳିପଡ଼ିବା କିମ୍ବା କେବେ କେବେ ମରିଯାଉଥିବା ଦେଖିବାକୁ ମିଳେ। ଯଦି ଆପଣ ବି ଏଥିପାଇଁ ଚିନ୍ତିତ ତେବେ ଜାଣିରଖନ୍ତୁ ପିମ୍ପୁଡ଼ି ଦୂରକରିବାର କେତୋଟି ସହଜ ଉପାୟ... ଏକ ବଡ଼ ଟବ୍‌ରେ ୪-୫ ଲିଟର ପାଣି ନେଇ ସେଥିରେ ୧ କପ୍ ଡିସ୍ ୱାଶ ପାଉଡର ମିଶାନ୍ତୁ। ପିମ୍ପୁଡ଼ି ହେଉଥିବା କୁଣ୍ଡକୁ ଏହି ଟବ୍ ଭିତରେ କିଛି ସମୟ ରଖନ୍ତୁ , ଦେଖିବେ ପିମ୍ପୁଡ଼ି ମରିଯିବେ। କଫିର ଷ୍ଟ୍ରଙ୍ଗ୍ ଫ୍ଲେଭର ପିମ୍ପୁଡ଼ିକୁ ଭଲ ଲାଗି ନ ଥାଏ। ତେଣୁ କୁଣ୍ଡ ଭିତରେ କିଛି କଫି ପାଉଡର ପକାନ୍ତୁ। ଏହାଦ୍ୱାରା ନା କେବଳ ପିମ୍ପୁଡ଼ି ଚାଲିଯିବେ ବରଂ ଗଛକୁ କିଛି ପୋଷକତତ୍ତ୍ୱ ମଧ୍ୟ ମିଳିଯିବ। ପାଣିରେ ନିମ୍ବତେଲ ବା ନିମ୍ ଅଏଲ ମିଶାଇ ଗଛମୂଳରେ ଏବଂ ପତ୍ରରେ ସ୍ପ୍ରେ କରନ୍ତୁ। ଏହାଦ୍ୱାରା ପିମ୍ପୁଡ଼ି ଚାଲିଯିବେ। ପିମ୍ପୁଡ଼ି ଦୂରକରିବା ଲାଗି ଲେମ୍ବୁରସ ମଧ୍ୟ ବ୍ୟବହାର କଲେ ଉପକୃତ ହୋଇପାରିବେ। ପାଣିରେ ସମାନ ପରିମାଣର ଲେମ୍ବୁରସ ମିଶାଇ ଏହାକୁ ସ୍ପ୍ରେ ବଟଲରେ ଭର୍ତ୍ତି କରନ୍ତୁ। ଏହାକୁ ପିମ୍ପୁଡ଼ି ଲାଗିଥିବା କୁଣ୍ଡରେ ଭଲ ଭାବେ ସ୍ପ୍ରେ କଲେ ପିମ୍ପୁଡ଼ି ଚାଲିଯିବେ। କୁଣ୍ଡ ଚାରିପଟେ ଲଙ୍କାଗୁଣ୍ଡ, ପିପରମିଣ୍ଟ, ଡାଲଚିନି ଗୁଣ୍ଡ, ବେକିଂ ସୋଡ଼ା ଆଦି ପକାଇଲେ ବି ଉପକୃତ ହୋଇପାରିବେ। ପାଣିରେ ତେଲ ଏବଂ ଡିଟରଜେଣ୍ଟ ମିଶାଇ କୁଣ୍ଡ ଚାରିକଡ଼େ ସ୍ପ୍ରେ କଲେ ବି ପିମ୍ପୁଡ଼ି ଦୂରହେବେ। ଅତି ଆବଶ୍ୟକସ୍ଥଳେ ଡାୟାଟୋମାସିଅସ୍ ଆର୍ଥ ଭଳି ଜୈବିକ କୀଟନାଶକ ବ୍ୟବହାର କରନ୍ତୁ। ମନେରଖନ୍ତୁ ଶୁଖିଲା ମାଟିରେ ଏହାକୁ ବ୍ୟବହାର କରନ୍ତୁ। କାରଣ ମାଟି ଓଦା ଥିବା ବେଳେ ଏହା ଭଲ କାମ କରି ନ ଥାଏ। କୁଣ୍ଡ ବାହାରେ ଗାମାକ୍ସିନ୍ ପାଉଡର ପକାଇଲେ ବି ପିମ୍ପୁଡ଼ି ଆସିବେ ନାହିଁ।

# ପନିର ଚଟପଟି

**ଆବଶ୍ୟକ ସାମଗ୍ରୀ:** ପନିର, କଟା ପିଆଜ, କଟା ରସୁଣ, କଟା ଅଦା, କଟା କଞ୍ଚାଲଙ୍କା, ପିଆଜ-ଅଦା-ରସୁଣ ବଟା, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଲୁଣ, ଟମାଟୋ ସସ୍, ଚିଲି ସସ୍, ଖାଇବା କଲର୍, ଗରମ ମସଲା ଗୁଣ୍ଡ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପନିରକୁ ଛୋଟ ଛୋଟ ପିସ୍ କରି କାଟି ଦିଅନ୍ତୁ। ତେଲ ଗରମ କରି ଏଗୁଡ଼ିକୁ ଲାଲ୍ ହେବା ଯାଏ ଭାଜି ଏକ ପାତ୍ରରେ କାଢ଼ି ରଖନ୍ତୁ।ଏବେ କଡ଼େଇରେ ତେଲ ଗରମ କରି ସେଥିରେ କଟା ପିଆଜ, କଟା ରସୁଣ, କଟା ଅଦା, କଟା କଞ୍ଚାଲଙ୍କା ପକାଇ ହାଲକା ଭାଜନ୍ତୁ। ଏଥିରେ ପିଆଜ-ଅଦା-ରସୁଣ ବଟା, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଲୁଣ, ଅଳ୍ପ ଟମାଟୋ ସସ୍ ଓ ଅଳ୍ପ ଚିଲି ସସ୍ ପକାଇ ଭଲ ଭାବେ କଷି ଦିଅନ୍ତୁ। ପରେ କଲର୍ ପାଉଡର ଅଳ୍ପ ପକାଇ ଦିଅନ୍ତୁ।ମସଲା କଷି ହୋଇଗଲେ ଅଳ୍ପ ପାଣି ଦେଇ ଗରମ ମସଲା ଗୁଣ୍ଡ ପକାଇ ଭଜା ପନିରକୁ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ମସଲା ଟିକେ ଶୁଖିଲା ହୋଇଗଲେ ଗ୍ୟାସ ଆଞ୍ଚକୁ ବନ୍ଦ କରି ଏହାକୁ ଏକ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆପଣଙ୍କର 'ପନିର ଚଟପଟି'। ଏହାକୁ ଆପଣ ରୁଟି ଓ ଭାତ ସହ ଖାଇପାରିବେ।



# ସୋନାକ୍ଷୀ ସିହ୍ନା

ଫିଲ୍ମ ଟକ୍



ସୋନାକ୍ଷୀ ସିହ୍ନା ଆଜି ସମ୍ପୂର୍ଣ୍ଣ ଫିଟ୍ ଏବଂ ଗ୍ଲାମରସ୍ ଦେଖାଯାଉଛନ୍ତି। ଯେତେବେଳେ ଅଭିନେତ୍ରୀ ଫିଲ୍ମରେ ପ୍ରବେଶ କରିଥିଲେ, ତାଙ୍କ ଓଜନ ବହୁତ ଅଧିକ ଥିଲା। ଏପରି ପରିସ୍ଥିତିରେ, ଅଭିନେତ୍ରୀ ତାଙ୍କର ଡେବ୍ୟୁ ପୂର୍ବରୁ ନିଜ ଉପରେ କଠିନ ପରିଶ୍ରମ କରିଥିଲେ। ସେ ୩୦ କିଲୋଗ୍ରାମ ଓଜନ କମେଇଥିଲେ ଏବଂ ଏକ କର୍ଭି ଫିଗର ପାଇଥିଲେ। ଏହା ପରେ ତାଙ୍କୁ ଫିଲ୍ମ 'ଦବଙ୍ଗ' ମିଳିଥିଲା। ଆପଣ ଯଦି ଅଭିନେତ୍ରୀଙ୍କ ପରି ପତଳା ହେବାକୁ ଚାହୁଁଛନ୍ତି, ତେବେ ଆମେ ଆପଣଙ୍କୁ ତାଙ୍କର ୱାର୍କଆଉଟ୍ ରହସ୍ୟ କହିବାକୁ ଯାଉଛୁ। ସୋନାକ୍ଷୀ ସିହ୍ନା ୩୦ କିଲୋଗ୍ରାମ ଓଜନ ହ୍ରାସ କରିବା ପାଇଁ ଦିନ ରାତି କଠିନ ପରିଶ୍ରମ କରିଥିଲେ। ଏଥିପାଇଁ, ଅଭିନେତ୍ରୀ କମ୍ ଖାଦ୍ୟ ଏବଂ ପ୍ରଚୁର ତରଳ ପଦାର୍ଥ ଗ୍ରହଣ କରୁଥିଲେ। ନିଜ ଖାଦ୍ୟ ପ୍ରତି ଧ୍ୟାନ ଦେବା ବ୍ୟତୀତ, ସୋନାକ୍ଷୀ ତାଙ୍କ ବ୍ୟାୟାମରେ ଯୋଗ ଏବଂ ସ୍ପିନିଙ୍ଗ ସାମିଲ କରିଥିଲେ। ଏହି କାରଣରୁ ତାଙ୍କର ଓଜନ ମଧ୍ୟ ଦ୍ରୁତ ଗତିରେ ହ୍ରାସ ପାଇଥିଲା। ନିଜକୁ ଫିଟ୍ ରଖିବା ପାଇଁ, ସୋନାକ୍ଷୀ ସିହ୍ନା ତାଙ୍କ ଦିନର ଆରମ୍ଭ ହାଇ ପ୍ରୋଟିନ ଏବଂ କମ କାର୍ବସ୍ ଡାଏଟ୍ ସହିତ କରୁଥିଲେ। ସୋନାକ୍ଷୀ ତାଙ୍କ ମଧ୍ୟାହ୍ନ ଭୋଜନକୁ ହେଭି ରଖୁଥିଲେ। ଏହା ସହିତ, ସେ ପ୍ରତି ଦୁଇ ଘଣ୍ଟାରେ ଅଳ୍ପ ଅଳ୍ପ ଖାଦ୍ୟ ଖାଉଥିଲେ। ଏହା ତାଙ୍କୁ ଶକ୍ତି ଦେଉଥିଲା। ଏହାକୁ ଓଜନ ହ୍ରାସ କରିବାର ସର୍ବୋତ୍ତମ ଉପାୟ ବୋଲି ବିବେଚନା କରାଯାଏ। ସୋନାକ୍ଷୀ ତାଙ୍କ ଓଜନ ହ୍ରାସ ଯାତ୍ରା ନିଶ୍ଚିତ ଭାବରେ କାର୍ଡିଓ ଏବଂ ଦ୍ରୁତ ଚାଲି କରୁଥିଲେ। ଏହା ବ୍ୟତୀତ ସେ ୱାର୍କଆଉଟ୍ ସମୟରେ ବହୁତ ନାଚୁଥିଲେ। ଏହା ତାଙ୍କୁ ଖୁସି ଦେଉଥିଲା ଏବଂ ଓଜନ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରୁଥିଲା। ସୋନାକ୍ଷୀ ସିହ୍ନା ଶେଷ ଥର ପାଇଁ ଫିଲ୍ମ 'କାକୁଡା'ରେ ନଜର ଆସିଥିଲେ। ଏଥିରେ ତାଙ୍କ ସହିତ ରିତେଶ ଦେଶମୁଖ ଏବଂ ସାକିବ ସଲିମ ଥିଲେ। ଏବେ ଏହି ଅଭିନେତ୍ରୀ ଖୁବ୍‌ଶୀଘ୍ର 'ନିକିତା ରୟ' ଫିଲ୍ମରେ ନଜର ଆସିବେ। ଏହି ଫିଲ୍ମ ୨୭ ଜୁନରେ ମୁକ୍ତିଲାଭ କରିବାକୁ ଯାଉଛି। ଏହି ଫିଲ୍ମଟି ଅଭିନେତ୍ରୀଙ୍କ ଭାଇ କୁଶ ସିହ୍ନାଙ୍କ ଦ୍ୱାରା ନିର୍ଦ୍ଦେଶିତ।

# ଆଦିବାସୀ ସମ୍ପ୍ରଦାୟ ସାନ୍ତାଳୀ ଓଲଚିକି ଭାଷାକୁ ପୂରିଲା ଶହେବର୍ଷ



**ପାରାଦୀପ (ପିପିଏସ୍):** ଆଦିବାସୀ ସମ୍ପ୍ରଦାୟ ସାନ୍ତାଳୀ ଭାଷା ଓଲଚିକିକୁ ପୁରିଛି ଶହେବର୍ଷ। ହେଲେ ଆଦିବାସୀ ଜନଜାତିର ପିଢ଼ି ପରେ ପିଢ଼ି ଆଜି ଉନ୍ନତିର ଶିଖରରେ ପହଁଚିଛି। ଭାରତବର୍ଷର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଦିବାସୀ ସମ୍ପ୍ରଦାୟରୁ ଆସି ଆଜି ଦେଶ ଓ ରାଜ୍ୟର ସର୍ବୋଚ୍ଚ ପଦବୀରେ ମଣ୍ଡିତ ହୋଇଛନ୍ତି। ସେହିପରି ବିଭିନ୍ନ ପ୍ରଶାସନିକ କ୍ଷେତ୍ରରେ ମଧ୍ୟ ଆଦିବାସୀ ସମ୍ପ୍ରଦାୟର ଭାଇ ଭଉଣୀମାନେ ବିଭିନ୍ନ ଗୁରୁତ୍ୱପୁର୍ଣ ପଦ ପଦବୀରେ କାର୍ଯ୍ୟ କରି ଆସୁଛନ୍ତି। ହେଲେ ଆଜିକାଲିର ଯୁବପିଢ଼ି ସାନ୍ତାଳୀ ଭାଷା କହିପାରୁଥିଲେ ମଧ ଲେଖିବା, ଓଢିବାକୁ କିପରି ଗୁରୁତ୍ୱ ଦେବେ ଏ ନେଇ ପାରାଦୀପ ସାନ୍ତାଳୀ ୟୁଥ ଫେଡେରେସନ ତରଫରୁ ଆରମ୍ଭ ହୋଇଛି ଭାଷା, ସଂସ୍କୃତି, ପରମ୍ପରାକୁ ବଞ୍ଚାଇ ରଖିବା ଓ ଯୁବପିଢ଼ିଙ୍କ ମଧରେ ସାନ୍ତାଳୀ ଭାଷା ଲେଖିବା ଓ ପଢିବାକୁ ନେଇ ଆରମ୍ଭ ହୋଇଛି ପ୍ରୟାସ। ଏ ନେଇ ଆଜି ପାରାଦୀପ ମଧୁବନ ଠାରେ ରହିଥିବା ସାନ୍ତାଳୀ ୟୁଥ ଫେଡେରେଁସନ କାର୍ଯ୍ୟାଳୟ ଠାରେ ଫେଡେରେଁସନର ସମସ୍ତ ସଦସ୍ୟମାନେ ଆୟୋଜିତ ଶିକ୍ଷାଦାନ କାର୍ଯ୍ୟକ୍ରମରେ ପାରାଦୀପରେ ରହୁଥିବା ଆଦିବାସୀ ସମ୍ପ୍ରଦାୟର ଛୋଟପିଲାମାନଙ୍କ ଠାରୁ ଆରମ୍ଭ କରି ଯୁବପିଢ଼ିମାନେ ଏହି ଶିକ୍ଷାଦାନ କାର୍ଯ୍ୟକ୍ରମ ରେ ଭାଗ ନେଇଥିଲେ। ସାନ୍ତାଳୀ ଭାଷାର ୨ ଜଣ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପିଲାମାନଙ୍କ ଠାରୁ ଯୁବପିଢ଼ିମାନଙ୍କୁ କିପରି ସାନ୍ତାଳୀ ଓଲଚିକି ଲିପି ଲେଖିବା ଓ ପଢିବା ଉପରେ ପ୍ରଶିକ୍ଷଣ ଦେଇଥିଲେ। ପରେ ଆଦିବାସୀ ସାନ୍ତାଳୀ ସମ୍ପ୍ରଦାୟର ବିଭିନ୍ନ ଡିବେଟ, ପାରମ୍ପରିକ ସାଂସ୍କୃତିକ ନୃତ୍ୟ, ବାଦ୍ୟ ଉପରେ ବୁଝାଇବା ସହିତ ପ୍ରଶିକ୍ଷଣ ଦେଇଥିଲେ। ସାନ୍ତାଳୀ ୟୁଥ ଫେଡେରେଁସନ ତରଫରୁ ଆଜିଠାରୁ ପାରାଦୀପର ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନ ଇଫକୋ, ପିପିଏଲ, ଅଏଲ ରିଫାଇନେରୀ, ପାରାଦୀପ ବନ୍ଦର, କୋଷ୍ଟଗାର୍ଡ, ସିଆଇଏସଏଫରେ କାର୍ଯ୍ୟ କରୁଥିବା ସମସ୍ତ ସାନ୍ତାଳୀ ସମ୍ପ୍ରଦାୟର ଭାଇ ଭଉଣୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବାର କାର୍ଯ୍ୟକ୍ରମ ରହିଥିବା ନେଇ ପାରାଦୀପ ସାନ୍ତାଳୀ ୟୁଥ ଫେଡେରେଁସନ ତରଫରୁ ସୂଚନା ପ୍ରଦାନ କରାଯାଇଛି।

# ଶୀତଳଷଷ୍ଠୀ ମେଳଣରେ ପୁରୁଣାବ୍ରହ୍ମପୁର ଉତ୍ସବମୁଖର

## ମୁଖ୍ୟ ଆକର୍ଷଣ ଥିଲା ଅଘୋରୀ ବେଶ



ବ୍ରହ୍ମପୁର(ପିପିଏସ୍): ଜ୍ୟୋଷ୍ଠମାସ ଶୁକ୍ଳପକ୍ଷ ପଞ୍ଚମି ତିଥୀରେ ଦେବଦମ୍ପତ୍ତିଙ୍କ ବିବାହ ପର୍ବ ଅନୁଷ୍ଠିତ ହୁଏ। ବିବାହ ବାସୀ ଅର୍ଥାତ ଷଷ୍ଠୀଦିନ ବରକନ୍ୟା ଶିବପାର୍ବତୀଙ୍କୁ ବୃଷଭ ବାହନଙ୍କ ସୁସଜ୍ଜିତ ରଥରେ ନଗର ପରିକ୍ରମା କରାଯାଇଥାଏ। ଏହି ଅବସରରେ ବ୍ରହ୍ମପୁର ସହରରେ ମଧ ଏହି ଯାତ୍ରା ବହୁ ପୂର୍ବରୁ ମହୁରିରାଜାଙ୍କ ଦ୍ୱାରା ଚାଲିଆସୁଛି। ପୁରାତନ ଲୋକଙ୍କ କହିବାନୁଯାୟୀ ଆଜିକୁ ପ୍ରାୟ ୩୦୦ବର୍ଷହେବ ମହୁରି ରାଜା ପ୍ରଥମେ ପୁରୁଣାବ୍ରହ୍ମପୁର ଠାରେ ଚନ୍ଦ୍ରଶେଖରେଶ୍ୱର ମହାଦେବ ମନ୍ଦିର ସ୍ଥାପନ କରି ଏହି ଯାତ୍ରା ଆରମ୍ଭ କରିଥିଲେ। ପଞ୍ଚମୀ ତିଥିରେ ବାହାଘର କାର୍ଯ୍ୟ ସରିବା ପରେ ଷଷ୍ଠୀଦିନ ସନ୍ଧ୍ୟାରେ ହରପାର୍ବତୀଙ୍କୁ ନଗର ପରିକ୍ରମା କରାଯାଇଥାଏ। ନୀଳକଣ୍ଠେଶ୍ୱର ଓ ଚନ୍ଦ୍ରଶେଖରେଶ୍ୱରଙ୍କୁ ବିବାହବାସୀ ରାତିରେ ଦେବଦମ୍ପତିଙ୍କୁ ଏକ ରଥରେ ଖାସ୍ବା ସାହିସ୍ଥିତ ବଡଜଗନ୍ନାଥ ମନ୍ଦିରକୁ ଅଣାଯାଇ ସେଠାରେ ହରିହରଙ୍କୁ ଆଳତୀ କରିବା ପରେ ମହାଦେବଙ୍କ ବାହାନ ବୃଷଭଙ୍କ ସୁସଜ୍ଜିତ ଏକ ବଡରଥରେ ଶିବପାର୍ବତୀଙ୍କୁ ବସାଇ ବଡବଜାର ରାଜା ସାହିସ୍ଥିତ ମହୁରୀ ରାଜବାଟୀକୁ ନେଇ ସେଠାରେ ମହୁରୀ ରାଜା ଉଭୟବରକନ୍ୟାଙ୍କୁ ପୂଜାପାଠ କରିବା ସହ ଆଳତୀ ପାଇ ସେଠାରୁ ହନୁମାନ ବଜାର ଠାରେ ମହାଦେବରଥ ଉପରେ ରାତ୍ରିଯାପନ କରନ୍ତି।

ସେହିପରି ବଡବଜାର ଅଞ୍ଚଳର ବହୁ ମହାଦେବ ମନ୍ଦିରରେ ଏପରି ପୂଜାପାଠ କରାଯାଇ ମେଳଣ ସ୍ଥାନକୁ ଅଣାଯାଇ ରାଜବାଟୀକୁ ନନେଇ ରାଜବାଟୀ ରାସ୍ତାରେ ରାଜାଙ୍କ ଘରୁ ଆସିଥିବା ପୂଜା ସାମଗ୍ରୀକୁ ଦେବଦମ୍ପତିଙ୍କୁ ପୂଜା ପାଠ ଓ ଆଳତୀ କରାଯାଇ ହନୁମାନ ବଜାର ସ୍ଥିତ ହନୁମାନ ମନ୍ଦିରରେ ହରପାର୍ବତୀଙ୍କୁ ରାତ୍ରି ଯାପନର ବନ୍ଦୋବସ୍ତ କରାଯାଇଥାଏ। କାଳକ୍ରମେ ସେହି ଅଞ୍ଚଳରେ ବହୁ ମହାଦେବ ମନ୍ଦିର ପ୍ରତିଷ୍ଠିତ ହୋଇଛି। ବର୍ତ୍ତମାନ ପୁରୁଣାବ୍ରହ୍ମପୁର ଅଞ୍ଚଳରେ ବହୁ ମହାଦେବ ମନ୍ଦିର ଥିଲେ ମଧ ସେଥିମଧ୍ୟରୁ ୬ଗୋଟି ରାଜବଟିଯାଇ ହନୁମାନ ମନ୍ଦିରରେ ରାତ୍ରିଯାପନ କରିବା ପରେ ଖାସ୍ବା ସାହିସ୍ଥିତ ରାଧାକୃଷ୍ଣ ମନ୍ଦିରରେ ହରିହର ଭେଟକରାଇ ହରପାର୍ବତୀଙ୍କୁ ନଗର ପରିକ୍ରମା କରାଇ ନିଜସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଇଥାନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ଅତି ଉତ୍ସାହର ସହିତ ଏହି ମେଳଣ ଉତ୍ସବରେ ନୀଳକଣ୍ଠନଗର ସ୍ଥିତ ନୀଳକଣ୍ଠେଶ୍ୱର, ଚନ୍ଦ୍ରଶେଖର ମନ୍ଦିର ସାହିର ଚନ୍ଦ୍ରଶେଖରେଶ୍ୱର, ଡାଇମଣ୍ଡଟେଙ୍କ ରୋଡସ୍ଥିତ ପାତାଳେଶ୍ୱର, ପୁରୁଣାବ୍ରହ୍ମପୁର ଆଇନାବନ୍ଧ ସାହି ଗଙ୍ଗାଧରେଶ୍ୱର, ମାର୍ଥା ସାହି କାଶିବିଶ୍ୱନାଥ ଏହି ପାଞ୍ଚଟି ରଥ ପୂର୍ବପୁରୁଷରୁ ମେଳଣ ହୋଇ ଆସୁଥିବାବେଳେ କାଳକ୍ରମେ ନିଜ ନିଜ ସାହିବାସଙ୍କ ପକ୍ଷରୁ କୁମ୍ଭାର ସାହି ମଲିକେଶ୍ୱର ରଥ ମଧ ହନୁମାନ ବଜାର ଠାରୁ ଖାସ୍ବାସାହି ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ବାଜାବାଜେଣି ଓ ନୃତ୍ୟ ମାଧମରେ ନଗର ପରିକ୍ରମା କରାଯାଇଥାଏ। ଆଜିର ମେଳଣ ନଗର ପରିକ୍ରମା ଯାତ୍ରାର ବିଭିନ୍ନ ପ୍ରକାର ଆଧୁନିକ ନୃତ୍ୟ ସାଙ୍ଗକୁ ଧୁମଧଡକା, ଘଣ୍ଟମୃଦଙ୍ଗରେ ସହର ପ୍ରକମ୍ପିତ ହେଉଥିବା ବେଳେ ଚଳିତବର୍ଷ ପ୍ରଥମ କରି ମାର୍ଥସାହି ଯୁବକ ସଂଘ ପକ୍ଷରୁ ମହାଦେବ କାଶୀବିଶ୍ୱନାଥଙ୍କ ହରପାର୍ବତୀଙ୍କ ମେଳଣକୁ ଅଧିକ ଆକୃଷ୍ଟ କରିବା ନେଇ ଆରମ୍ଭ କରିଥିଲେ ଅଘୋରୀ ବେଶ। ଉକ୍ତ ବେଶ ଦେଖିବାକୁ ଅଞ୍ଚଳରେ ନାହିଁନଥିବା ଭିଡ ଦେଖିବାକୁ ମିଳିଥିଲା। ଖଡୁରା ସଂପ୍ରଦାୟ ପକ୍ଷରୁ ପାଳିତ ଉକ୍ତ ଉତ୍ସବକୁ ପରିଚାଳନା କରିଥିଲେ। ଅତ୍ୟାଧିକ ଖରା ସାଙ୍ଗକୁ ଗୁଳୁଗୁଳିରେ ମଧ ଦେବଦମ୍ପତିଙ୍କୁ ନଗର ପରିକ୍ରମା କରାଇବା ପାଇଁ ବଜାର ହୋଇଉଠିଥିଲା ଉତ୍ସବ ମୁଖର।

## ଗୋବିନ୍ଦପୁର ହତ୍ୟାକାଣ୍ଡ

## ଶ୍ୱଶୁର ଓ ସ୍ତ୍ରୀ ମିଶି ହତ୍ୟାକଲେ

ବ୍ରହ୍ମପୁର(ପିପିଏସ୍): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ ଗୋବିନ୍ଦପୁର ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଯାଇଛି। ସ୍ତ୍ରୀ ଓ ଶଶୁର ମିଶି ସ୍ୱାମୀ କାଳିଆକୁ ହତ୍ୟା କରିଥିବା ଅଭିଯୋଗ ଆଣିଛନ୍ତି କାଳିଆର ବାପା ଓ ଭାଇ। ସୂଚନାଯୋଗ୍ୟ ଯେ, ଗୋବିନ୍ଦପୂର ଗ୍ରାମର କାଳିଆ ସେଠୀ ବିଗତ ୧୩ବର୍ଷ ପୂର୍ବେ ପୋଲସରା ଥାନା ଡିମ୍ବିରିଆ ଗ୍ରାମର ମୋଚିରାମ ସେଠୀଙ୍କ ଝିଅ ପୂଜା ସେଠୀକୁ ଭଲ ପାଇ ବିବାହ କରିଥିଲେ। କିଛି ଦିନ ଭଲରେ ଚଳିବା ପରେ ଉଭୟ ମଧ୍ୟରେ ଆରମ୍ଭ ହୋଇଥିଲା ଅଶାନ୍ତି। ସ୍ୱାମୀ କାମ କରିବାକୁ ଯିବା ପରେ ସ୍ତ୍ରୀ ଅନ୍ୟ କାହା ସହ ଫୋନ୍‌ରେ କଥା ହେଉଥିବା ଜାଣି କାଳିଆ ବାରଣ କରିଥିଲା। ସେହି ଦିନରୁ ଝଗଡା ଆରମ୍ଭ ହେଲା। ଫେବୃଆରୀ ମାସରେ ସ୍ତ୍ରୀ ପୂଜା ବାପା ଘରକୁ ଚାଲି ଯାଇ ଆଉ ଫେରିନଥିଲା। କିନ୍ତୁ ସ୍ୱାମୀକୁ ଫୋନରେ ଧମକ ଦେଉଥିବା କାଳିଆର ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏପରିକି ପୂଜାର ବାପା କାଳିଆକୁ ମାରିଦେବାକୁ ମଧ କାଳିଆର ବାପାକୁ କହିଥିବା ସେ ଅଭିଯୋଗ କରିଛନ୍ତି। ଗତ ରାତିରେ କାଳିଆ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଆସି ଛୁରୀରେ ଭୁସି ଏବଂ ହାତକୁ ହାଣି ଫେରାର ହୋଇଯାଇଛନ୍ତି ବୋଲି କାଳିଆର ବାପା ଓ ଭାଇ ଏତଲା ଦେଇଥିବା ଜଣାଯାଇଛି। ଖବରପାଇ କବିସୂର୍ଯ୍ୟନଗର ପୁଲିସ୍ ପହଞ୍ଚି ଶବ ଜବତ କରି ଥାନା କେଶ୍ ନମ୍ବର ୩୯୫/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡିଛି।




### ବନପାଳ ପୋଡି ହୋଇ ମୃତ୍ୟୁ ଘଟଣା

# ନୟାଗଡ଼ରେ ଚାଞ୍ଚଲ୍ୟ: ପୁଅ ଓ ସ୍ତ୍ରୀଙ୍କୁ ଗିରଫ କଲା ପୁଲିସ

ନୟାଗଡ଼, (ପିପିଏସ୍): ପଞ୍ଚରିଡ଼ା ବନପାଳ ଶିଶିର ସାହୁଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ନିଜ ବାସଭବନରୁ ମିଳିବା ଘଟଣା। ଶିଶିରଙ୍କ ପତ୍ନୀ ନମିତା ଏବଂ ପୁଅ ଅଭିଷେକକୁ ଗିରଫ କଲା ଟାଉନଥାନା ପୋଲିସ। ଶନିବାର ବିଳମ୍ବିତ ରାତିରେ ଶିଶରଙ୍କ ପତ୍ନୀ ନମିତା ଓ ପୁଅ ଅଭିଷେକ ଶିଶରଙ୍କୁ ଜିଅନ୍ତା ଜାଳି ଦେଇଥିବା ଅଭିଯୋଗ ହୋଇଥିଲା। ପୁଲିସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ନୟାଗଡ଼ ବାରମାସୀ ଦଣ୍ଡାରେ ସ୍ତ୍ରୀ ଓ ପୁଅ ସହ ରହୁଥିଲେ ଶିଶର। ହେଲେ ଶିଶରଙ୍କ ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କକୁ ନେଇ ପରିବାରରେ ସବୁବେଳେ ଅଶାନ୍ତି ଲାଗି ରହୁଥିଲା। ଶନିବାର ବିଳମ୍ବିତ ରାତିରେ ଶିଶର ଘରକୁ ନିଶାସକ୍ତ ଅବସ୍ଥାରେ ଫେରିଥିଲେ। ହେଲେ ଏହି ସମୟରେ ପତ୍ନୀ ନମିତା ତାଙ୍କ ଠାରୁ ମୋବାଇଲ ଛଡ଼ାଇ ନେଇଥିଲେ।

ମୋବାଇଲରେ କାହାର ଫଟୋ ଅଛି, ତାକୁ ଯାଞ୍ଚ କରୁଥିବାବେଳେ ନମିତାଙ୍କ ସହ ଶିଶିରଙ୍କର ପାଟିତୁଣ୍ଡ ଓ ଧସ୍ତାଧସ୍ତି ହୋଇଥିଲା। ଏହା ପରେ ଘରେ ଏକ ପ୍ଲାଷ୍ଟିକ୍ ଜାର୍କୀନରେ ଥିବା ପେଟ୍ରୋଲ ଆଣି ଶିଶରଙ୍କ ଉପରେ ପୁଅ ଢାଳି ଦେଲେ ଓ ପଛରୁ ଦିଆସିଲି ମାରି ଦେଇଥିଲେ ନମିତା। ଆଉ ଶିଶିର ନିଆଁରେ ଜଳୁଥିବାବେଳେ ଘର କବାଟ ବନ୍ଦକରି ନମିତା ଓ ଅଭିଷେକ ବାହାରକୁ ପଳାଇ ଆସିଥିଲେ। ପରେ ନମିତା ଓ ଅଭିଷେକଙ୍କ ଚିତ୍କାର ଶୁଣି ପଡ଼ୋଶୀ ପ୍ରଥମେ ଅଗ୍ନିଶମ ବିଭାଗକୁ ଫୋନ କରି ଡାକିଥିଲେ। ଖବର ପାଇ ଘଟଣାସ୍ଥଳରେ ଟାଉନ ଥାନା ପୁଲିସ ପହଞ୍ଚିଲା। ସେତେବେଳକୁ ଶିଶିରଙ୍କ ଶରୀର ଅଧିକାଂଶ ଜଳି ଯାଇଥିଲା। ତାଙ୍କୁ ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଶିଶରଙ୍କ ବଡ଼ ଭାଇଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା।

# ଏସ୍‌ଓଟିଇଟି ପରୀକ୍ଷାକୁ ନେଇ ବିଭିନ୍ନ ବର୍ଗର ଶିକ୍ଷକଙ୍କ ଅସନ୍ତୋଷ

ଧାମନଗର (ପିପିଏସ୍): ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଏସ୍‌ଓଟିଇଟି)- ୨୦୨୫ କୁ ଧାମନଗରରେ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଦୀର୍ଘ ୧୫ ବର୍ଷ ଧରି ଏଭଳି ଏକ ପରୀକ୍ଷା କରକରୁ ବଞ୍ଚିଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶରେ ଏ ସମ୍ପର୍କିତ କହି କିଛି ପରୀକ୍ଷା ଦେବାକୁ ପ୍ରସ୍ତୁତ ହେଉଛନ୍ତି। ଯାହା ଫଳରେ ଏବେ ଧାମନଗର ଅଞ୍ଚଳରେ ଏସ୍‌ଓଟିଇଟି କରିବ ଗୋଲ ଅଭାବ ଦେଖା ଦେଇଛି। ନିର୍ଦ୍ଧାରିତ ୧୫୦ ପୂର୍ଣ୍ଣସଂଖ୍ୟା ସମ୍ବଳିତ ଏହି ପରୀକ୍ଷାକୁ ଆଉ ମାତ୍ର ୪୭ ଦିନ। ଏହାରି ଭିତରେ ପାଠ ପଢ଼ି ପରୀକ୍ଷା ଦେବେ ଶିକ୍ଷକ/ ଶିକ୍ଷୟିତ୍ରୀ। ସାଧାରଣ ବର୍ଗଙ୍କ ପାଇଁ ପାସ୍ ମାର୍କ ୯୦ ଥିବାବେଳେ ଏସସି, ଏସଟି ପାଇଁ ୭୫ ଶତକଡ଼ା ମାର୍କ ରହିଛି। ଯଦି ପରୀକ୍ଷାରେ କୃତକାର୍ଯ୍ୟ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ପଦୋନ୍ନତି ପାଇଁ ବାଧକ ରହିବ ନାହିଁ। ପରୀକ୍ଷାରେ ସ୍କୁଲ ସିଲାବସ ଅନୁସାରେ ପ୍ରଶ୍ନ ନ ପଢ଼ିବା ସେମାନଙ୍କ ପାଇଁ ଅନ୍ୟ ଏକ ସମସ୍ୟା ସୃଷ୍ଟି କରୁଛି। କେତେକ ଶିକ୍ଷକ ସରକାରଙ୍କ ଏହି ନିୟମକୁ ସ୍ୱାଗତ କରୁଥିବା ବେଳେ ଅଧିକାଂଶ ଏହାକୁ ଖୋଲାଖୋଲି ବିରୋଧ କରିବା ସହ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଉଥିବା ଜଣା ଯାଇଛି। ୨୦୦୧ ରୁ ୨୦୧୧ ମଧ୍ୟରେ ନିଯୁକ୍ତି ପାଇଥିବା ପାଖାପାଖି ୨୫୦ ଶିକ୍ଷକ/ଶିକ୍ଷୟିତ୍ରୀ ଜାତୀୟ ଶିକ୍ଷା ନୀତି ଆଧାରରେ ଏହି ପରୀକ୍ଷା ଦେବେ। ଏଥି ସହିତ ପଦୋନ୍ନତି ନେବା ଲାଗି ଶିକ୍ଷକ ଯୋଗ୍ୟତା ପରୀକ୍ଷାକୁ ଏନସିଟିଇ ବାଧ୍ୟତାମୂଳକ କରିଛି। ଏହି ନିୟମ ଆଧାରରେ ଯେଉଁମାନେ ଗତ କିଛି ବର୍ଷ ମଧ୍ୟରେ ଅର୍ଥାତ ୨୦୧୨ ପରେ ପଦୋନ୍ନତି ପାଇଛନ୍ତି, ସେମାନଙ୍କ ଭବିଷ୍ୟତ କଣ ହେବ ସେନେଇ ଆଶଙ୍କାରେ ଅଛନ୍ତି। କେତେକ ଶିକ୍ଷକ ଶିକ୍ଷୟିତ୍ରୀ କିଛି ବର୍ଷ ପୂର୍ବରୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ପ୍ରଧାନ ଶିକ୍ଷକ ପଦକୁ ପଦୋନ୍ନତି ପାଇଛନ୍ତି ପରୀକ୍ଷାରେ ଯଦି ବିଫଳ ହୁଅନ୍ତି ସେମାନଙ୍କ ପୁଣି ମୂଳ ପଦକୁ ଫେରାଇ ଦିଆଯିବା ଆଶଙ୍କା ରହିଛି। ଏଭଳି ସ୍ଥିତିରେ, ସେମାନଙ୍କ ଠାରୁ କନିଷ୍ଠ ଥିବା ଓ ୨୦୧୨ ପରେ ଓଟିଇଟି ଦେଇ ନିଯୁକ୍ତି ପାଇଥିବା ଶିକ୍ଷକ ଶିକ୍ଷୟତ୍ରୀ ପଦୋନ୍ନତି ପାଇଯିବେ। ଆଉ ଏମାନେ ତାଙ୍କର ଜୁନିଅର ହୋଇ କାମ କରିବେ। ଏଭଳି ସ୍ଥିତିରେ ଶୈକ୍ଷିକ ପରିବେଶରେ ଅସନ୍ତୋଷ ଦେଖାଦେବ ବୋଲି କିଛି ଶିକ୍ଷକ ଶିକ୍ଷୟିତ୍ରୀ କହିଛନ୍ତି। ରାଜ୍ୟରେ ଜାତୀୟ ଶିକ୍ଷା ନୀତି ଲାଗୁ ହେବା ପରେ ରାଜ୍ୟ ଶିକ୍ଷକ ଶିକ୍ଷା ପରିଷଦର ନିୟମ ଅନୁସାରେ ଶିକ୍ଷକ ମାନେ ଶିକ୍ଷକ ଯୋଗ୍ୟତା ପରୀକ୍ଷା ଦେବାକୁ ବାଧ୍ୟ। ଏଣୁ ୨୦୧୧ ପୂର୍ବରୁ ଯେଉଁମାନେ ଶିକ୍ଷକ ଶିକ୍ଷୟିତ୍ରୀ ଭାବେ ଚାକିରୀ କରିଛନ୍ତି ସେମାନଙ୍କ ପାଇଁ ଓଟିଇଟି ପରୀକ୍ଷା ଦେବା ବାଧ୍ୟତାମୂଳକ ହୋଇଯାଇଛି। ସେହି କ୍ରମରେ ରାଜ୍ୟରେ ଗତ ମାସ ୭ ତାରିଖରେ ଚାକିରୀରେ ଥିବା ଶିକ୍ଷକଙ୍କ ପାଇଁ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା କରିବା ଲାଗି ମାଧ୍ୟମିକ ଶିକ୍ଷା ପରିଷଦ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏଥିଲାଗି ଗତ ମାସ ୭ ତାରିଖ ୨୨ ତାରିଖ ଯାଏ ଆବେଦନ କରିବାକୁ ଦିନ ଧାର୍ଯ୍ୟ ହୋଇଥିଲା। ଜୁଲାଇ ମାସ ୨୦ ତାରିଖରେ ଦୁଇଟି ସିଟିଂରେ ମୋଟ୍ ୧୫୦ ମାର୍କର ଦୁଇଟି ପେପରର ପରୀକ୍ଷା କରାଯିବ। ପଦୋନ୍ନତି ପାଇଁ କିଛି ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ୫ ରୁ ୬ ମାସ ଚାକିରୀ ସମୟ ସୀମା ଥିବା ବେଳେ ସେମାନେ ମଧ୍ୟ ପରୀକ୍ଷା ଦେବେ ପାଇଁ ବିଇଓ ଅଫିସରୁ ଏନଓସି ନେଇଥିବା ଜଣାଯାଇଛି।

# ଆଇଆଇଟି ଜେଇଇ(ଆଡଭାନ୍ସଡ୍) ପ୍ରବେଶିକା ପରୀକ୍ଷାରେ
## ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିରର ସଫଳତା



ବ୍ରହ୍ମପୁର(ପିପିଏସ୍): ସୋମବାର ପ୍ରକାଶ ପାଇଥିବା ଜେଇଇ ଆଡ୍‌ଭାନ୍ସଡ୍ ପରୀକ୍ଷା ଫଳ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର ପାଇଁ ଏକ ସଫଳତା ଆଣିଦେଇଛି । ପ୍ରକାଶଯୋଗ୍ୟ ଯେ, ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି କାନ୍‌ପୁର ଦ୍ୱାରା ପରିଚାଳିତ ଜେଇଇ(ଆଡ୍‌ଭାନ୍ସଡ୍)-୨୦୨୫ ଅନ୍‌ଲାଇନ୍ ପରୀକ୍ଷା ମେ ୧୮ତାରିଖରେ ଅନୁଷ୍ଠିତ ହୋଇଥିଲା। ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିରରୁ ୯୦ପ୍ରତିଶତରୁ ଊର୍ଦ୍ଧ୍ୱ ୮୦ ଜଣ ଛାତ୍ରଛାତ୍ରୀ ଜେଇଇ (ମେନ୍) ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ତନ୍ମଧ୍ୟରୁ ୫ଜଣ ମେଧା ଛାତ୍ରଛାତ୍ରୀମାନଙ୍କୁ ଦୀର୍ଘ ୨ମାସ ପର୍ଯ୍ୟନ୍ତ ଅଭିଜ୍ଞ ପ୍ରଧାପକମାନଙ୍କ ଦ୍ୱାରା ଅନବରତ ଶିକ୍ଷାଦାନ କରାଯାଉଥିଲା। ସେଥିମଧ୍ୟରୁ ସର୍ବଭାରତୀୟ ସ୍ତରରେ ଜ୍ଞାନେଶ୍ ସାହୁ ୧୫୭୯ ର୍‍ୟାଙ୍କ୍, ସଂସ୍କାର ରଞ୍ଜନ ରଥ ୬୯୭୪ ର୍‍ୟାଙ୍କ୍, ନିର୍ଣ୍ଣୟ ଦାଶ ୧୮୬୪ ର୍‍ୟାଙ୍କ୍, ଅଂଶୁମାନ ମହାରଣା ୩୦୦୮ ର୍‍ୟାଙ୍କ୍ ଏବଂ ସାନି ସୁଶିଳା ୧୩୮୮ ର୍‍ୟାଙ୍କ୍ ରଖି ଆଇଆଇଟି(ଆଡ୍‌ଭାନ୍ସଡ୍) ପରୀକ୍ଷାରେ କୃତିତ୍ୱର ସହ କୃତକାର୍ଯ୍ୟ ହୋଇଛନ୍ତି। ଏହି ସଫଳତା ପାଇଁ କୋଚିଂ ଡିଭିଜନ୍‌ର ଅଭିଜ୍ଞ ଶିକ୍ଷକମାନଙ୍କର ପ୍ରଚେଷ୍ଟାକୁ ଶ୍ରେୟ ଦିଆଯାଉଛି। ସର୍ବୋପରି ଛାତ୍ରଛାତ୍ରୀମାନଙ୍କର ଆତ୍ମବିଶ୍ୱାସ ଏବଂ କଠୋର ପରିଶ୍ରମ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ଏହି ସଫଳତା ପାଇଁ ବହୁ ଅଭିଭାବକଙ୍କ ସମେତ ପରିଚାଳନା କମିଟିର ସଭାପତି ଡ.ଜିବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ସଦସ୍ୟା ପ୍ରଣତୀ ସାମଲ, ବାସନ୍ତୀ ବେହେରା, ଉପଦେଷ୍ଟାମଣ୍ଡଳୀରେ ଥିବା ସମସ୍ତ କର୍ମକର୍ତ୍ତା, ବିଦ୍ୟାଳୟର ଅଧ୍ୟକ୍ଷ ଏସ୍.ମୋହନ ରାଓ, ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ଆଚାର୍ଯ୍ୟ ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ସୁବ୍ରତ କୁମାର ପାଣିଗ୍ରାହୀ, କୋଚିଂ ବିଭାଗର ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ନାବାଳିକାଙ୍କୁ ଦୁଷ୍କର୍ମ, ଅଭିଯୁକ୍ତ ଗିରଫ

ରଘୁନାଥପୁର (ପିପିଏସ): ରଘୁନାଥପୁର ଥାନା ଅଞ୍ଚଳରେ ଭଡାଘରେ ରହି ନିଜ ପରିବାର ପ୍ରତିପୋଷଣ କରୁଥିବା ଜନୈକ ବ୍ୟକ୍ତିଙ୍କ ନାବାଳିକା କନ୍ୟାକୁ ଶନିବାର ରାତିରେ ଦୁଷ୍କର୍ମ କରାଯାଇଛି। ଏ ସମ୍ପର୍କରେ ପୀଡିତାଙ୍କ ପରିବାର ପକ୍ଷରୁ ରଘୁନାଥପୁର ଥାନାରେ ଅଭିଯୋଗ ହେବାପରେ ପୁଲିସ ସେହିଦିନ ମଧ୍ୟରାତ୍ରିରେ ଅଭିଯୁକ୍ତ ଜଗନ୍ନାଥପୁର ତେଲିପାଟଣା ଗ୍ରାମର ସ୍ୱର୍ଗତ ସୁଧୀରରଞ୍ଜନ ସାହୁଙ୍କ ପୁଅ ସତ୍ୟବ୍ରତ ୩୩ କୁ ଗିରଫ କରିଛି। ଏ ନେଇ ଥାନରେ କେସ ନଂ ୧୦୬/୨୫ ଦଫା ୩୭୬(୪) ପୋକ୍ସୋ ଆକ୍ଟ ରୁଜୁ କରାଯାଇଛି। ରବିବାର ଉଭୟ ପୀଡିତା ଓ ଅଭିଯୁକ୍ତର ଡାକ୍ତରୀ ମାଇନା କରାଯାଇଛି। ସୂଚନାଯୋଗ୍ୟକି କେନ୍ଦ୍ରାପଡ଼ା ମାର୍ଶାଘାଇ ଥାନା ଅଞ୍ଚଳର ପୀଡିତାଙ୍କ ପରିବାର ଦୀର୍ଘଦିନ ହେବ ରଘୁନାଥପୁର ଥାନା ଅଞ୍ଚଳରେ ରହି ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲେ।ଅଭିଯୁକ୍ତ ସତ୍ୟବ୍ରତ କୌଣସି ପ୍ରକାରେ ତାଙ୍କର ନାବାଳିକା କନ୍ୟାକୁ ପ୍ରଲୋଭିତ କରି ରେଳଲାଇନ ନିକଟସ୍ଥ ଏକ ଅନ୍ଧାରିଆ ସ୍ଥାନରେ ତାଙ୍କୁ ଦୁଷ୍କର୍ମ କରିଥିଲେ। ଯନ୍ତ୍ରଣା ଜର୍ଜରିତ ଅବସ୍ଥାରେ ପୀଡିତାଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।ସୋମବାର ପୋଲିସ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲା। ଆଇନଜୀବି ଅନୀଲ ଖଟୁଆ, ରାଜକିଶୋର ଖଟୁଆ ଓ ଦିବେନ୍ଦୁ ଖଟୁଆ ଅଭିଯୁକ୍ତଙ୍କ ଜାମିନ ପାଇଁ ସମସ୍ତ ଚେଷ୍ଟା କରିଥିଲେବି ଜାମିନ ନାମଞ୍ଜୁର ହୋଇଛି।ଅଭିଯୁକ୍ତ ଯୁଡ଼ିସିଆଲ କଷ୍ଟଡିରେ ଥିବାର ଆଇଆଇସି ସୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି।

# ଚୋରା ମଦ ଜବତ,୩ ଗିରଫ

ଚୌଦ୍ୱାର,(ପିପିଏସ୍):ଚୌଦ୍ୱାର ଅବକାରୀ ଥାନା ରବିବାର ବିଳମ୍ବିତ ରାତିରେ ଚୋରା ବିଦେଶୀ ମଦ ଜବତ କରିବା ସହିତ ଏହି ଘଟଣାରେ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଏହି ଥାନା ଅନ୍ତର୍ଗତ ଶଙ୍କରପୁର ଗ୍ରାମର ସୁମନ୍ତ ପାଇକରାୟ, ଦେବେନ୍ଦ୍ର ରାଉତ ଓ ସପନପୁର ଗ୍ରାମର ଅନିଲ କୁମାର ବେହେରା। କଟକ ଅବକାରୀ ଥାନା ଆଇଆଇସି ମାନସୀ ନାୟକଙ୍କ ସୂଚନା ଅନୁଯାୟୀ ଏକ ବୋଲେରୋ ଗାଡିରେ ଚୋରା ବିଅର ବିକ୍ରୟ ଚାଲାଣ ହେଉଥିବା ବିଶେଷ ସୁତ୍ରରୁ ଖବରପାଇ ଆବକାରୀ କର୍ମଚାରୀମାନେ ଗାନ୍ଧୀଛକ ନିକଟରେ ଚଢ଼ଉକରି ଉକ୍ତ ବୋଲେରୋ ଗାଡିକୁ ଅଟକାଇବାରେ ସେଥିରେ ୩୦ପେଟି ଚୋରା ବିଅର ଥିବା ଦେଖିବାକୁ ମିଳିଥିଲା। ଯାହାର ଆନୁମାନିକ ମୁଲ୍ୟ ୫୦ହଜାର ଟଙ୍କାରୁ ଅଧିକ ହେବ ବୋଲି ଡଣା ପଡ଼ିଛି । ଉକ୍ତ ବିଅର କେଉଁଠାରୁ ଆସି କୁଆଡେ ବିକ୍ରୟ ପାଇଁ ଯାଉଥିଲା ତାହାର ଅଧିକ ତଦନ୍ତ ଜାରୀ ରହିଛି ।

# ପାତ୍ରପୁର ବ୍ଲକରେ ବିକାଶମୂଳକ କାମ ବନ୍ଦ, ଜନପ୍ରତିନିଧିଙ୍କୁ ଉପେକ୍ଷା
## ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ବ୍ରହ୍ମପୁର(ପିପିଏସ୍): ଗଞ୍ଜାମ ଜିଲ୍ଲାରେ ଉଦ୍ଦେଶ୍ୟମୂଳକ ଭାବେ ରାଜନୈତିକ ଚାପର ବସବର୍ତ୍ତି ହୋଇ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ପଞ୍ଚାୟତର ବିକାଶମୂଳକ କାମ ବନ୍ଦ ରଖିବା, ପୁରୁଣା ବିଲ୍‌କୁ ସ୍ଥଗିତ ରଖିବା ସହ ପାତ୍ରପୁର ଓ ଗଞ୍ଜାମ ବ୍ଲକ୍ ପଞ୍ଚାୟତ ପ୍ରତିନିଧିଙ୍କୁ ଅଣଦେଖା କରିବା ବିରୋଧରେ ଚିକିଟି ଓ ଛତ୍ରପୁରର ପୂର୍ବତନ ବିଧାୟକଙ୍କ ସହ ଛତ୍ରପୁର ଓ ଚିକିଟି ନିର୍ବାଚନ ମଣ୍ଡଳୀର ବହୁ ବିଜୁ ଜନତା ଦଳର ସମିତିସଭ୍ୟ, ସରପଞ୍ଚ, ପିଆର୍‌ଆଇ ସଦସ୍ୟଙ୍କ ସହ ଜିଲ୍ଲାପାଳଙ୍କୁ ଭେଟି ବିଜେଡିର ଏକ ପ୍ରତିନିଧି ଦଳ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାସହ ପାତ୍ରପୁର ବ୍ଲକରେ ଉଦ୍ଦେଶ୍ୟମୂଳକ ଭାବେ ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ପଞ୍ଚାୟତରେ ବିକାଶମୂଳକ କାମ ବନ୍ଦ ରଖିବା, ବିଲ୍ ପେଣ୍ଡିଂ ରଖିବା ଓ ସମିତି ବୈଠକରେ କଣ୍ଠରୋଧ କରିବା ସହ ମିଥ୍ୟା କେସ୍ ଦେବା ସଂକ୍ରାନ୍ତରେ ବିଜେଡ଼ି ତୀବ୍ର ପ୍ରତିକ୍ରିୟା ରଖିଛି। ଏନେଇ ବିଜେଡ଼ି ନେତା ଭୃଗୁ ବକ୍ସିପାତ୍ରଙ୍କ ନେତୃତ୍ୱରେ ସୋମବାର ଏକ ପ୍ରତିନିଧି ଦଳ ଛତ୍ରପୁର ଆସି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଭେଟି ସମସ୍ୟା ସମାଧାନ ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମେ ୨୩ ତାରିଖରେ ପାତ୍ରପୁର ପଞ୍ଚାୟତ ସମିତି ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ସମିତି ବୈଠକ ଗୃହରେ ଜଣେ ଲୋକ ପ୍ରତିନିଧି ପ୍ରଶ୍ନ କରିବାର ସାମ୍ବିଧାନିକ ଅଧିକାର ଥିବା ବେଳେ ଏହାର ଉତ୍ତର ଅଧ୍ୟକ୍ଷ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବା ଉଚିତ, ତେବେ ବୈଠକରେ ଧମକାଇବା, ମନୋମୁଖୀ, ପ୍ରଶ୍ନ ପଚାରିବାର ସୁଯୋଗ ଦିଆଯାଇ ନଥିଲା। ଏଣୁ ବାଧ ହୋଇ ସୁରକ୍ଷା ଦୃଷ୍ଟିରୁ ବୈଠକ ବର୍ଜନ କରିବାର ନିଷ୍ପତ୍ତି ନେଇ ଉକ୍ତ ବୈଠକରୁ ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟ ଉଠି ଚାଲି ଆସିଥିଲେ। ଏଣୁ ସମିତି ବୈଠକରେ ଯେଉଁ ଦୁର୍ଭାଗ୍ୟଜନକ ଘଟଣା ଘଟିଛି ତାହାର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ସହ ସମସ୍ୟାର ସମାଧାନ କରି ଉପଯୁକ୍ତ ନ୍ୟାୟ ପ୍ରଦାନ କରିବାକୁ ବିଜେଡି ଅନୁରୋଧ କରିଛି। ଏଥିସହ ମିଥ୍ୟା ଚୋରି କେସ ସହ ଜାତିଆଣ ଆକ୍ଷେପର ମିଥ୍ୟା ଅଭିଯୋଗ ନେଇ କଣ୍ଠରୋଧ କରିବାକୁ ଚେଷ୍ଟା କରାଯାଉଥିବା ଅଭିଯୋଗ ହୋଇଛି। ସେହିପରି ଉକ୍ତ ବ୍ଲକରେ ଉଦ୍ଦେଶ୍ୟମୂଳକ ଭାବେ ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ପଞ୍ଚାୟତ ବିକାଶମୂଳକ କାମ ବନ୍ଦ ରଖାଯାଉଛି ବିଲ୍ ମଧ୍ୟ ପାସ୍ କରାଯାଉନି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି ଛତ୍ରପୁରର ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ବେହେରା, ବିଜେଡି ଜିଲ୍ଲା ଉପସଭାପତି ଶଙ୍କର ଦାଶ, ପ୍ରଶାନ୍ତ କର, ଟି.ଚନ୍ଦ୍ରଶେଖର ରାଓ ପ୍ରମୁଖ ସ୍ମାରକପତ୍ର ଦେବାବେଳେ ଉପସ୍ଥିତ ଥିଲେ ।

# କେନ୍ଦ୍ରାପଡ଼ାରେ ମିଳିତ ଅଭିଯୋଗ ଶୁଣାଣି



କେନ୍ଦ୍ରାପଡା, (ପିପିଏସ୍): କେନ୍ଦ୍ରାପଡ଼ା ସଦର ମହକୁମାରେ ଆଜି ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୭ଘଟିକା ଠାରୁ୧୦ ଘଟିକାପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଟାଉନ୍‌ହଲ୍ ଠାରେ ଜିଲ୍ଲାପରିଷଦ ମୁଖ୍ୟଉନ୍ନୟନ ତଥା ନିର୍ବାହୀଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିୟା, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଉପ-ଜିଲ୍ଲାପାଳଅରୁଣ କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁ, ଡେପୁଟି କାଲେକ୍ଟର ତୃପ୍ତି ମହାନ୍ତି, କେନ୍ଦ୍ରାପଡ଼ା ପୌରପରିଷଦ ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି ଓ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୂଖ ଅଭିଯୋଗ ଶୁଣାଣିରେ ଯୋଗଦେଇଥିଲେ। ଆଜିର ଅଭିଯୋଗ ଶୁଣାଣିରେ ମୋଟ୍ ୧୫୨ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେସେଥି ମଧ୍ୟରୁ ୨୯ ଗୋଟି ସାମୁହିକ ଏବଂ ୧୨୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ସାମୁହିକ ଅଭିଯୋଗ ମଧ୍ୟରେପାଟନାଳିରୁ ଦଳ ସଫା, ଭୂମିହୀନଙ୍କୁ ଜମି ପ୍ରଦାନ, ବସୁଧାଯୋଜନାରେ ପାନୀୟ ଜଳ ଯୋଗାଣ, ରାସ୍ତା ଅବରୋଧ ହଟାଇବା, ବରିଷ୍ଠ ନାଗରିକ ପରିଚୟ ପତ୍ର ପ୍ରଦାନ ଆଦି। ସେହିପରି ବ୍ୟକ୍ତିଗତ ଅଭିଯୋଗ ସୁଭଦ୍ରା ଯୋଜନାରେ ଅର୍ଥରାଶି ପ୍ରଦାନ, ଆୟୁଷ୍ମାନ କାର୍ଡ ପ୍ରଦାନ, ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା, ବିଦ୍ୟୁତଟ୍ରାନ୍ସଫର୍ମର ବସାଇବା, ନୂତନ ରେଶନ କାର୍ଡରେ କାର୍ଡରେ ନାମ ପଞ୍ଜୀକରଣ, କୁମ୍ଭୀର ଦାଉରୁ ରକ୍ଷା ପାଇଁ ଗାଧୁଆ ତୁଠ ନିର୍ମାଣ ଓ ମରାମତି, ବଗପାଟିଆବାସୀଙ୍କୁ ଥଇଥାନ, ବର୍ଷା ଜଳନିଷ୍କାସନ, ରାଜସ୍ୱ ନିରୀକ୍ଷକଙ୍କ ବିରୁଦ୍ଧରେ ଅଭିଯୋଗଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା ଏବଂ ୧୩ ଜଣଙ୍କୁ ଚିକିତ୍ସାସହାୟତା ବାବଦରେ ୬୭.୦୦୦/- ଅର୍ଥରାଶି ପ୍ରଦାନ ନିମନ୍ତେ ମଞ୍ଜୁର କରାଯାଇଥିଲା।

# ଜିଲ୍ଲାପାଳଙ୍କୁ ଅଭିଯୋଗ କଲା ଜନଶକ୍ତି ପାର୍ଟି
## ଦାବି ପୂରଣ ନହେଲେ ଗଣଧାରଣା

କେନ୍ଦ୍ରାପଡା, (ପିପିଏସ୍): କେନ୍ଦ୍ରାପଡା ମ୍ୟୁନିସିପାଲିଟି ୧୫ ନଂ ୱାର୍ଡରେ ଥିବା ୧୦୦ ବର୍ଷର ଦୁଇଟି କଲଭର୍ଟ କିଛି ଖଳ ପ୍ରକୃତିର ଲୋକ ମାଟି ପକାଇବା ଦ୍ୱାରା ଜଳ ନିଷ୍କାସନ ହେଉ ନାହିଁ। ଯାହା ଫଳରେ ଟିକେ ବର୍ଷାହେଲେ ୧୫ନଂ ୱାର୍ଡରେ ପାଣି ଯାଇ ନପାରିବାରୁ ସେଠାରେ ରହୁଥିବା ପୌରବାସୀମାନେ ନାହି ନଥିବାର ଅସୁବିଧା ଭୋଗୁଛନ୍ତି । ତେଣୁ ଜନଶକ୍ତି ପାର୍ଟି ଅଧ୍ୟକ୍ଷ ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାଶ ଓ ସେଠିକାର ବାସିନ୍ଦାମାନେ ସୋମବାର ଦିନ ମ୍ୟୁନିସିପାଲିଟି ଟାଉନହଲ୍‌ରେ ଜିଲ୍ଲାପାଳଙ୍କୁ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଭାବରେ ଅଭିଯୋଗ କରିଛନ୍ତି । ଯଦି ବର୍ଷାଋତୁ ଭିତରେ ତୁରନ୍ତ କାର୍ଯ୍ୟ ନହେଲେ ଗଣଧାରଣା ଦିଆଯିବ ବୋଲି ସଭାପତି ଶ୍ରୀ ଦାସ କହିଛନ୍ତି । ସୂଚନା ଯୋଗ୍ୟ ଯେ କେନ୍ଦ୍ରାପଡା ମ୍ୟୁନିସିପାଲିଟିର ୧୫ ନଂ ୱାର୍ଡରେ ଥିବା ୧୦୦ ବର୍ଷର ଦୁଇଟି କଲଭଟ କିଛି ଖଳ ପ୍ରକୃତିର ଲୋକ ମାଟି ପକାଇବା ଦ୍ୱାରା ଜଳ ନିଷ୍କାସନ ହେଉନାହିଁ। ଫଳରେ ନହେବାରୁ ନୁର ମସ୍‌ଜିଦ୍ ସମ୍ମୁଖରେ ଆଣ୍ଠୁଏ ପାଣି ଜମିବା ଦ୍ୱାରା ବିଭିନ୍ନ ରୋଗ, ଏପରିକି କରୋନା ବ୍ୟାପିବାର ସମ୍ଭାବନା ସଂପୃକ୍ତ କଣ୍ଟ୍ରାକ୍ଟର ରାସ୍ତା କାର୍ଯ୍ୟ ନକରିବା ନେଇ ଶ୍ରୀ ଦାଶ କ୍ଷୋଭ ପ୍ରକାଶ କରିଛନ୍ତି । କେନ୍ଦ୍ରାପଡା ତହସିଲଦାର ନିଯୁକ୍ତି ନହେବା ଦ୍ୱାରା ଅନେକ ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଜି ଏହି ଅଭିଯୋଗ ବେଳେ ସେକ୍ ବୁନା, ବାବୁଲି ପଣ୍ଡା, ସେକ୍ ସରତଭଲା, ସେକ୍ ଅନିରୁଦ୍ଦିନ, ନାରାୟଣ ମଲ୍ଲିକ, ବନମାଳି ମଲିକ, ପୀତବାସ ଦାସ, ଅଶୋକ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ତୁରନ୍ତ ଜଳ ନିଷ୍କାସନ ନହେଲେ ଜନଶକ୍ତି ପାର୍ଟି ତରଫରୁ ଗଣଧାରଣା ଦିଆଯିବ ବୋଲି ସଭାପତି ଶ୍ରୀ ଦାଶ କହିଛନ୍ତି ।

# ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସତ୍ୟପ୍ରିୟଙ୍କୁ ହ୍ୱିଲ ଚେୟାର ପ୍ରଦାନ

ଚାରିଛକ, (ପିପିଏସ): ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ର ଅସ୍ଥାୟୀ ଚତୁର୍ଥ ଶ୍ରେଣୀ କର୍ମଚାରୀ ସତ୍ୟପ୍ରିୟ ପ୍ରଧାନଙ୍କୁ ନିମାପଡ଼ା ସ୍ଥିତ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ହ୍ୱିଲ ଚେୟାର ପ୍ରଦାନ ସହିତ ଔଷଧ ପ୍ରଦାନ କରାଯାଇଛି। ଚତୁର୍ଥ ଶ୍ରେଣୀ କର୍ମଚାରୀ ଦୀର୍ଘ ଦିନ ଧରି ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଅସ୍ଥାୟୀ ଭାବେ କାର୍ଯ୍ୟ କରି ଆସୁଥିଲେ। ହଠାତ ତାଙ୍କର ଦେହ ଖରାପ ହୋଇ ବ୍ରେନ୍‌ଷ୍ଟ୍ରୋକ ହୋଇଥିଲା। ଯାହାଫଳରେ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ହେବ କାର୍ଯ୍ୟ କରି ନ ପାରି ସେ ଘରେ ଶଯ୍ୟାରେ ପଡ଼ି ଚିକିତ୍ସିତ ହେଉଛନ୍ତି।

ଏ ସମ୍ପର୍କରେ ଖବର ପାଇ ନିମାପଡ଼ାର ସ୍ୱେଚ୍ଛାସେବୀ ସଂଗଠନ ହେଲ୍ପ ପର ନିଡ଼ ଟ୍ରଷ୍ଟର ସଭାପତି ପ୍ରଶାନ୍ତ କୁମାର ମଲ୍ଲିକ ନେତୃତ୍ୱରେ ଏକ ଦଳ ନିକଟସ୍ଥ ଭୋଦର ପଞ୍ଚାୟତ ଜୁଣୁପୁର ଗ୍ରାମର ସତ୍ୟପ୍ରିୟ ପ୍ରଧାନଙ୍କ ବାସ ଭବନରେ ପହଞ୍ଚି ତାଙ୍କ ପରିବାରକୁ ସାନ୍ତ୍ୱନା ଦେବା ସହିତ ଅସହାୟ ଅବସ୍ଥାରେ ଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ ଶ୍ରୀ ପ୍ରଧାନଙ୍କୁ ଏକ ହୁଇଲ ଚେୟାର ସହିତ କିଛି ଔଷଧ ପ୍ରଦାନ କରିଥିଲେ। ଶ୍ରୀ ପ୍ରଧାନ ପରିବାରର ଏକମାତ୍ର ରୋଜଗାର କ୍ଷମ ହୋଇ ଥିବାରୁ ତାଙ୍କ ପରିବାର ଏବେ ଦୁଃଖ ଦୁର୍ଦ୍ଦିନ ରେ ଦିନ କାଟୁଛନ୍ତି। ସ୍ୱେଚ୍ଛାସେବୀ ସଂଗଠନର ଉପଦେଷ୍ଟା ଲକ୍ଷ୍ମୀଧର ବେହେରା, ଉପସଭାପତି ଦିପୁ ରଞ୍ଜନ ନାୟକ, ସମ୍ପାଦକ ଦୀପକ ବରାଳ, ସ ?ହ ସମ୍ପାଦକ ମନୋଜ ବାରିକ, କୋଷାଧ୍ୟକ୍ଷ ରଞ୍ଜିତ ପରିଡାଙ୍କ ସହିତ ସଭ୍ୟ ଚିତ୍ରସେନ ସାହୁ, ରାଜେଶ ସାହୁ, ମାନସ ଭଟ୍ଟ, ବିକାଶ ଭଟ୍ଟ, ଦିଲୀପ ସାହୁ, ଚନ୍ଦନ ବରାଳ, ରାଜେଶ ଦାସ, ସୁଶୀଲ ରାଉତ ରାଉତ ପ୍ରମୁଖ ଉପସ୍ଥିତ ଶ୍ରୀ ପ୍ରଧାନଙ୍କ ବାସଭବନକୁ ଯାଇଥିଲେ।

# ବିଧାୟକ କେ.ଅନୀଲଙ୍କୁ ପୌର ସମ୍ବର୍ଦ୍ଧନା



ବ୍ରହ୍ମପୁର (ପିପିଏସ୍): ସ୍ଥାନୀୟ ବିଧାୟକ କେ.ଅନୀଲ କୁମାରଙ୍କୁ ପୌର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆନ୍ଧ୍ରା ଭାଷାଭିଭର୍ଦ୍ଧନି ସମାଜମ୍ ପକ୍ଷରୁ ସ୍ଥାନୀୟ ଗିରି ମାର୍କେଟ୍‌ସ୍ଥିତ ପ୍ରକାଶମ୍ ହଲ୍ ପରିସରରେ ଆୟୋଜିତ ଘଣ୍ଟଶାଳା ଆରାଧନା ଉତ୍ସବ କାର୍ଯ୍ୟକ୍ରମରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସହରର ୨୫ରୁ ଊର୍ଦ୍ଧ୍ୱ ବିଭିନ୍ନ ବ୍ୟାପାର, ଶିକ୍ଷା, କଳା, ସଂସ୍କୃତି, କୂଳ ସଂଘର ପ୍ରତିନିଧିଙ୍କ ଦ୍ୱାରା ବିଧାୟକଙ୍କ ସମେତ ସହଧାର୍ମିଣୀ ରମାଦେବୀଙ୍କୁ ମଧ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ହର୍ଷଶ୍ରୀ ବି.ପ୍ରସାଦ ରାଓଙ୍କ ରଚିତ ସତକ ଦ୍ୱୟମ୍ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସମାଜମ୍‌ର ସଭାପତି ପି.ସତ୍ୟନାରାୟଣଙ୍କ ସଭାପତିତ୍ୱରେ ଡକ୍ଟର ବି. ସତ୍ୟନାରାୟଣ, ଡକ୍ଟର ସୟଦ୍ ରହମତୁଲ୍ଲା, ଟି.ବାସୁଦେବ ରାଓ, ଡାକ୍ତର ଜୟନ୍ତ ରାଓ, ଭି.ରବି କୁମାର ଗୁପ୍ତା, ପି.ବୁଚି ବାବୁ, ଶ୍ରୀନିବାସ ରାଜାନାଙ୍କ ସମେତ ବିଭିନ୍ନ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ଘଣ୍ଟଶାଳା ଆରାଧକୁଲା ଗ୍ରୁପ (ବିଶାଖାପାଟଣା ଶାଖା)ଙ୍କ ଦ୍ୱାରା ଘଣ୍ଟଶାଳାଙ୍କ ଗୀତ, କବାଡି, ହାରିକାଦା ସହ ଅନ୍ୟାନ୍ୟ ସଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜିତ ହୋଇଥିଲା। ଶେଷରେ ଡକ୍ଟର ରହମତୁଲ୍ଲା ଘଣ୍ଟଶାଳା ଗୀତ ଅବଦାନମ୍ ପରିବେଷଣ କରିଥିଲେ।

# ଟାଇକୋଣ୍ଡୋ ଆସୋସିଏସନ ଅଫ୍ ବ୍ରହ୍ମପୁର ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

ବ୍ରହ୍ମପୁର(ପିପିଏସ୍): ସ୍ଥାନୀୟ ହିଲପାଟଣା ଟାଇକୋଣ୍ଡୁ ଆସୋସିଏଶନ ଅଫ୍ ବ୍ରହ୍ମପୁର ଟେକ୍ କାର୍ଯ୍ୟାଳୟରେ ବିଜୟୀ ହୋଇଥିବା ଖେଳାଳି ମାନଙ୍କୁ ନେଇ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମେ ୩୦ରୁ ଆରମ୍ଭ ହୋଇ ଜୁନ୍ ୧ତାରିଖ ପର୍ଯ୍ୟନ୍ତ ଦୀର୍ଘ ୩ଦିନ ବ୍ୟାପି କଟକ ସ୍ଥିତ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ୍ ଠାରେ ୯ମ ଓପନ୍ ଜାତୀୟ(ନ୍ୟାସନାଲ ) ଟାଏକୋଣ୍ଡୋ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଥିଲା । ଏହି ଟାଏକୋଣ୍ଡୋ ଚାମ୍ପିଅନସିପ୍‌ରେ ୧୨ ରାଜ୍ୟ ଅଂଶଗ୍ରହଣ କରିଥିଲେ। ଟାଏକୋଣ୍ଡୋ ଆସୋସିଏଶନ ସଚିବ ସତ୍ୟନାରାୟଣ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଟାଏକୋଣ୍ଡୋ ସଂଘର କୋଚ୍ ଟି.ଦିଲ୍ଲୀପ କୁମାର, ସାନୁ ମହାରଣା, ଶୁଭମ କୁମାର ସାହୁ, ଏମ୍.ଜୟନ୍ତୀ ଖେଳାଳି ମାନଙ୍କୁ ନେଇ କଟକ ଗ୍ରସ୍ତ କରିଥିଲେ। ବ୍ରହ୍ମପୁର ଗଞ୍ଜାମ ଟାଏକୋଣ୍ଡୋ ସଂଘ ପକ୍ଷରୁ ୩୭ଜଣ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୦ଜଣ ସ୍ୱର୍ଣ୍ଣ, ୬ ଜଣ ରୌପ୍ୟ ଓ ୧୦ ଜଣ କାଂସ୍ୟ ପଦକ ଜିତି ବ୍ରହ୍ମପୁର ଏବଂ ଗଞ୍ଜାମ ନାମକୁ ଗର୍ବିତ କରିଛନ୍ତି। ବିଜେତା ମାନଙ୍କୁ ସୋମବାର ଟେକ୍ କାର୍ଯ୍ୟାଳୟରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିତେନ୍ଦ୍ର କୁମାର ମୁନି (ଅଧ୍ୟକ୍ଷ ଟେକ୍), ସଚିବ ସତ୍ୟନାରାୟଣ ତ୍ରିପାଠୀ, ଡ଼.ସତ୍ୟବ୍ରତ ଦାସ, ରଘୁନାଥ ପ୍ରଧାନ, ଟି.ବଳରାମ ସମେତ ଟାଏକୋଣ୍ଡୋ ଆସୋସିଏଶନ ସଦସ୍ୟମାନେ ଉପସ୍ଥିତ ଥିଲେ।

### ବାଙ୍ଗଲାଦେଶୀ ଚିହ୍ନିବା କାଠିକର ପାଠ
# ଫେରିବାଲାଠୁ ପ୍ଲାଷ୍ଟିକ୍ ବିକ୍ରେତା ସବୁ ନୂଆମୁହଁ



ଅସ୍ତରଙ୍ଗ (ପିପିଏସ୍): ଓଡିଶାରୁ ହଟିବେ ବାଙ୍ଗଲାଦେଶୀ। ଏହି ଖବର ପରେ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ପ୍ରତିଦିନ ଦେଖିବାକୁ ମିଳୁଛି ନୂଆମୁହଁ। କିଏ ତମ୍ବୁ ପକାଇ ତ ଆଉ କିଏ ଛୋଟ ବସ୍ତିରେ ଭଡାଟିଆ ହୋଇ ରହୁଛି। ଫେରିବାଲା, ପ୍ଲାଷ୍ଟିକି ବିକ୍ରେତା, କପଡା ଦୋକାନୀ, ପ୍ରେସର କୁକର ରିପେଆର ଠାରୁ ଆରମ୍ଭ କରି ରାଜମିସ୍ତ୍ରୀ ଯାଏ ସବୁଠି ନୂଆ ମୁହଁ ଦେଖାଯାଉଛି। ଏମାନଙ୍କୁ ନିର୍ଦ୍ଦିଷ୍ଟଭାବେ ବାଙ୍ଗଲାଦେଶୀ ବୋଲି କହିହେଉନି ।ଏମାନଙ୍କ ସମ୍ପର୍କରେ କିଛି ଜାଣି ହେଉନି। କେବେ ହିନ୍ଦୀ ତ ଆଉ କେବେ ଉର୍ଦ୍ଦୁ କହୁଛନ୍ତି। ଅସ୍ତରଙ୍ଗ ଓ କାକଟପୁର ଅଂଚଳରେ ଅଣଓଡ଼ିଆ ସଂଖ୍ୟା ବଢ଼ିବାରେ ଲାଗିଛି।

ଦୁଇ ଦଶନ୍ଧି ପୂର୍ବରୁ ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ହାତଗଣତି ପରିବାର ରହୁଥିଲେ। କିଏ ଟାୟାର ଦୋକାନ ତ ଆଉ କିଏ ଫେରିବାଲା ସାମଗ୍ରୀ ବିକ୍ରି କରି ରହୁଥିଲେ। ଏବେ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଏହି ହିନ୍ଦୀ ଓ ଉର୍ଦ୍ଦୁ କହୁଥିବା ଅଣଓଡ଼ିଆ ପରିବାର ସଂଖ୍ୟା ଶତାଧିକରେ ପହଁଚିଛି। ଏମିତି କି କେତେକ ବିଭିନ୍ନ ସ୍ଥାନୀୟ ଅଂଚଳରେ ବିଭିନ୍ନ ଦୋକାନ କରିଥିବା ଦେଖିବାକୁ ମିଳୁଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି। ଗତ କିଛିବର୍ଷ ମଧ୍ୟରେ ହୁ ହୁ ହୋଇ ବଢ଼ିଥିବା ବେଳେ ସେମାନଙ୍କ ପ୍ରକୃତ ପରିଚୟ କିମ୍ବା କେତେ ସଂଖ୍ୟାରେ ଏଠି ଅଛନ୍ତି ଓ କେଉଁ ପରିସ୍ଥିତିରେ କେଉଁ ପୃଷ୍ଠଭୂମିରେ ସେମାନଙ୍କ ଅନ୍ୟସ୍ଥାନରୁ ଏଠିକୁ ଆସିଛନ୍ତି। ଏହି ତଥ୍ୟ ପୁଲିସ କି କାହା ପାଖରେ ନାହିଁ। ଯାହା ଫଳରେ ସ୍ଥାନୀୟ ଅଂଚଳରେ ବାଙ୍ଗଲାଦେଶୀ ବଂଶ ବୃଦ୍ଧି ପାଉଛି ବୋଲି ଅନୁମାନ କରାଯାଉଛି।

### ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ପଞ୍ଚମ ସଂସ୍କରଣ
# ଐତିହ୍ୟାନୁରାଗୀଙ୍କ ପକ୍ଷରୁ ପ୍ରାଚୀନ ମନ୍ଦିର ଅବଲୋକନ



ରଘୁନାଥପୁର (ପିପିଏସ): ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ପଞ୍ଚମ ସଂସ୍କରଣରେ ଐତିହ୍ୟାନୁରାଗିଙ୍କ ପକ୍ଷରୁ ବିରିଡି ବ୍ଲକ ହାଜିପୁର ସ୍ଥିତ ପୁରାଣ ବର୍ଣ୍ଣିତ ଅଷ୍ଟଶମ୍ଭୁ ମନ୍ଦିର, ପଞ୍ଚଦଶ ଶତାବ୍ଦୀର ଉତ୍କଳୀୟ ସିଦ୍ଧ ସାଧକ ପଞ୍ଚସଖାଙ୍କ ଧ୍ୟାନପିଠ ଧ୍ୟାନକୁଦ ଓ ମଙ୍ଗୁଳି ପଞ୍ଚାୟତ ପାର୍ବତିପୁର ଗ୍ରାମର ଶ୍ରିଗୋପିନାଥ ମନ୍ଦିର ପରିଦର୍ଶନ କରିଥିଲେ। ଶଶୀଭୂଷଣ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପଦଯାତ୍ରାରେ ଏହାର ସଂଯୋଜକ ତଥା ଐତିହ୍ୟ ଗବେଷକ ଶ୍ରୀକାନ୍ତ ସିଂହ ପ୍ରାଚୀନ ମନ୍ଦିରର ଭଗ୍ନ କୀର୍ତ୍ତିରାଜି ଆଦି ଅବଲୋକନ କରିଥିଲେ। ଏହି ଅବସରରେ ସେ ମନ୍ଦିରର କାରୁକାର୍ଯ୍ୟ ଓ କିମ୍ବଦନ୍ତୀ ସହ ଜଡିତ ରୋଚକ ତଥ୍ୟ ସମ୍ପର୍କରେ ପୂଜକଙ୍କ ଠାରୁ ଶୁଣିଥିଲେ। ଶ୍ରୀଗୋପିନାଥ ମନ୍ଦିରରେ ବିଜୟ ପ୍ରସନ୍ନ ଦାସ, ହେମନ୍ତ ନାୟକ, ଆଦିତ୍ୟ ଘୋଷ ଓ ପୂଜକ ଗଦାଧର ପାଢ଼ୀଙ୍କ ଦ୍ୱାରା ଐତିହ୍ୟ ପଦଯାତ୍ରାର ପ୍ରଥମ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏହାଛଡା ଅନୁଷ୍ଠାନର ପ୍ରମୂଖ କାର୍ଯ୍ୟକର୍ତ୍ତା ବିଶ୍ୱରଂଜନ ଦେହୁରୀଙ୍କ ତତ୍ତ୍ୱାବଧାନରେ ଚାରା ରୋପଣ ସହ ମନ୍ଦିର ସଫେଇ କରାଯାଇଥିଲା। ଏଥିରେ ତ୍ରିଲୋଚନ ସ୍ୱାଇଁ, ସମ୍ମିତ ସିଂହ, ପ୍ରଭୁଦତ୍ତ ରାଉତ ଓ ଦେବାଶିଷ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ପ୍ରାଚୀନ କୀର୍ତ୍ତିରାଜିକୁ ସାର୍ବଜନୀନ କରିବା ପଦଯାତ୍ରାର ଉଦ୍ଦେଶ୍ୟ ଓ ଲକ୍ଷ ବୋଲି ଗବେଷକ ସିଂହ ପ୍ରକାଶ କରିଛନ୍ତି।

### କାକଟପୁର ଅଞ୍ଚଳରେ ଲୁଟେରାଙ୍କ ପାଦୁର୍ଭାବ
# ମାଧବାନନ୍ଦ ମନ୍ଦିରରୁ ବିଳମ୍ବିତ ରାତ୍ରିରେ ଚୋରି

■ ଗୋଟିଏ ପରେ ଗୋଟିଏ ମନ୍ଦିରରୁ ଚୋରି ■ ଦୁର୍ବୃତ୍ତଙ୍କ ଟେର ପାଉନି ପୁଲିସ, ସନ୍ଦେହରେ ଜଣେ ଥାନାରେ ଅଟକ

ଅସ୍ତରଙ୍ଗ (ପିପିଏସ୍): ପୁରୀ ଜିଲ୍ଲା କାକଟପୁର ଅଞ୍ଚଳରେ ମାତିଛନ୍ତି ଲୁଟେରା। ସିଧାସଳଖ ଟାର୍ଗେଟ କରୁଛନ୍ତି ବିଭିନ୍ନ ମନ୍ଦିର। ଲୁଟି ଚାଲିଛନ୍ତି ଗୋଟିଏ ପରେ ଗୋଟିଏ ମନ୍ଦିରର ଆସବାବ ପତ୍ର, କେଉଁଠି ଟଙ୍କା ଓ ସୁନା। କିଛି ଦିନ ତଳେ କାକଟପୁର ଓ ଅସ୍ତରଙ୍ଗ ଥାନା ଅଞ୍ଚଳର ବିଭିନ୍ନ ମନ୍ଦିରରୁ ଚୋରି ପରେ ଗୋଟିଏ ପରେ ଗୋଟିଏ ମନ୍ଦିରରୁ ବିଳମ୍ବିତ ରାତ୍ରରେ ଠାକୁରଙ୍କ ସୁନା ଅଳଙ୍କାର ଚୋରି ହୋଇଥିବା ବେଳେ ଠିକ୍ କିଛି ଦିନ ବ୍ୟବଧାନ ମଧ୍ୟରେ ପରେ ପୁନର୍ବାର ରବିବାର ବିଳମ୍ବିତ ରାତ୍ରରେ ଲୁଟେରା କାକଟପୁର ଥାନା ଅଧୀନ ମାଧବାନନ୍ଦ ମନ୍ଦିର ଫାଟକ ତାଲା ଭାଙ୍ଗି ଠାକୁରଙ୍କ ରୂପାଅଳଙ୍କାର ସହ ନିକଟରେ ଥିବା ଏକ ପୂଜା ସାମଗ୍ରୀ ଦୋକାନରୁ ଆସବାବପତ୍ର ଚୋରି କରିଛନ୍ତି।

ସୂଚନା ମୁତାବକ କାକଟପୁର ଥାନା ଅନ୍ତର୍ଗତ ବଳରା ନିକଟସ୍ଥ ମାଧବାନନ୍ଦ ମନ୍ଦିରରୁ ବିଳମ୍ବିତ ରାତ୍ରରେ ଚୋରି। ସୋମବାର ପ୍ରାତଃରୁ ମନ୍ଦିର ପୂଜକ ବିଜୟ କୁମାର ଦାଶ ମନ୍ଦିରର ନୀତିକାନ୍ତି କରିବା ପାଇଁ ମନ୍ଦିରକୁ ଆସିଥିବା ବେଳେ ଦେଖିଥିଲେ ମନ୍ଦିର ଫାଟକ ମୁଖ୍ୟଦ୍ୱାର ତାଲା ଭଙ୍ଗାଯାଇଛି। ଯାହାଫଳରେ ସ୍ଥାନୀୟ ଲୋକଙ୍କୁ କହିବା ସହ ନିକଟସ୍ଥ କାକଟପୁର ଥାନାକୁ ଖବର ଦେଇଥିଲେ। ପୁଲିସ ପହଂଚି ସ୍ଥିତି ଅନୁଧ୍ୟାନ କରିବା ସହ ମନ୍ଦିର ଭିତରେ ଥିବା ପ୍ରଭୁ ମାଧବାନନ୍ଦଙ୍କ ବେକରେ ଥିବା ରୂପାହାର ଏବଂ ଆଖି ରେ ଲଗାଯାଇଥିବା ରୁପାଆଖି ଦୁର୍ବୃତ୍ତ ନେଇଯାଇଛନ୍ତି। ଏହାସହ ମନ୍ଦିର ନିକଟରେ ନୀଳକଣ୍ଠପୁର ଗ୍ରାମର ପଦ୍ମନାଭ ମହାରଣାଙ୍କ ପୂଜା ସାମଗ୍ରୀ ଦୋକାନ ତାଲା ଭାଙ୍ଗି ଦୁର୍ବୃତ୍ତ ଏକ ଡ୍ରିଲ୍ ମେସିନ ସହ କିଛି ଅନୁସାଙ୍ଗିକ ସାମଗ୍ରୀ ଯାହାର ମୂଲ୍ୟ ୬ହଜାର ଟଙ୍କା ହେବ ଲୁଟ କରି ନେଇଛନ୍ତି। ଏ ନେଇ ମାଧବାନନ୍ଦ ମନ୍ଦିର ପୂଜକ ବିଜୟ କୁମାର ଦାଶ କାକଟପୁର ଲିଖିତ ଅଭିଯୋଗ ଦେବା ପରେ କାକଟପୁର ଥାନା କେଶ ନମ୍ବର ୧୨୯/୨୫ରେ ମାମଲା ରୁଜୁ ସହ ଘଟଣାସ୍ଥଳରେ ସାଇଣ୍ଟିଫିକ ଅଧିକାରୀ ଆଦିତ୍ୟ ରଞ୍ଜନ ନାୟକ ପହଂଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପୂର୍ବରୁ ୩ ଥର ଚୋରି ହୋଇଥିବା ବେଳେ ପୁନର୍ବାର ରବିବାର ବିଳମ୍ବିତ ରାତ୍ରରେ ଚୋରି ହୋଇଛି। ବର୍ତ୍ତମାନ ଏଭଳି ଦିନକୁ ଦିନ ଲୁଟେରାଙ୍କ ପାଦୁର୍ଭାବ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଯାଇଛି। କାକଟପୁର ଥାନା ମାମଲା ରୁଜୁକରି ପୁଲିସ ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରୀ ରଖିଛି।

# ‘ପ୍ରେସ୍ କାଉନସିଲ୍’ ନାମ ବ୍ୟବହାର ଉପରେ କଡ଼ା ନିଷେଧାଦେଶ

ସୁବର୍ଣ୍ଣପୁର,(ହି.ସ.)- ‘ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆ’ ହେଉଛି ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ ବୈଧାନିକ ସଂସ୍ଥା, ଯାହା ୧୯୭୮ ମସିହାରେ ପ୍ରେସ୍ କାଉନସିଲ୍ ଆଇନ ଅନୁଯାୟୀ ଗଠିତ ହୋଇଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶରେ ପ୍ରେସ୍ ବ୍ୟବସ୍ଥାର ସ୍ୱାଧୀନତାକୁ ସୁନିଶ୍ଚିତ କରିବା ସହିତ ଖବରକାଗଜ ଓ ଏଜେନ୍ସିଗୁଡିକର ଗୁଣବତା ବୃଦ୍ଧି କରିବା। ଏହି ବୈଧାନିକ ନାମ ‘ପ୍ରେସ୍ କାଉନସିଲ୍’ କିମ୍ବା ଏହାର ଅନ୍ୟ ଭାଷାରେ ଅନୁବାଦ, ଯଥା ‘ଭାରତୀୟ ପ୍ରେସ୍ ପରିଷଦ’ ନାମର ବ୍ୟବହାର କୌଣସି ଗଣମାଧ୍ୟମ ସଂସ୍ଥା କିମ୍ବା ସ୍ଥାନୀୟ ସଂଘ ଦ୍ୱାରା ନ କରାଯିବାକୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଛି।

କେନ୍ଦ୍ର ସରକାରଙ୍କ ଅନୁମତି ବିନା ଏହି ନାମ ବ୍ୟବହାର କରାଗଲେ, ଏହା ‘ଈଷର ରଙ୍କଭକ୍ଷରଙ୍କସ୍ବ ବଭୟ ଘବଙ୍କରସ୍ବ (ଚକ୍ସରଙ୍ଗରଭ- ସ୍ବସକ୍ଟଭ କ୍ଟଲ ଓଙ୍କକ୍ଟକ୍ସକ୍ଟକ୍ଟରକ୍ସ ଟସ୍ବର) ଇମସ୍ବ, ୧୯୫୦’ ର ଧାରା ୩୭(ଓଓ) ଅନୁଯାୟୀ ଅବୈଧ ହେବା ସହିତ ଆଇନ ଅନୁଯାୟୀ ଦଣ୍ଡନୀୟ ହେବ। ଏହି ପ୍ରକାର ଅନଧିକୃତ ବ୍ୟବହାର ବ୍ୟକ୍ତି ବା ସଂସ୍ଥାଙ୍କ ବିରୁଦ୍ଧରେ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ। ତେଣୁ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ସରକାରୀ ବା ବେସରକାରୀ ଗଣମାଧ୍ୟମ ସଂଘ/ ସଂସ୍ଥା ମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ସ୍ୱନିଯୁକ୍ତ କିମ୍ବା ପଞ୍ଜିକୃତ ନାମରେ ‘ପ୍ରେସ୍ କାଉନସିଲ୍’ ଶବ୍ଦ ବ୍ୟବହାର କରିବେ ନାହିଁ। ଏହି ନିଷେଧାଦେଶ ପ୍ରତି ସମ୍ପୂର୍ଣ୍ଣ ସମ୍ମାନ ଦେଇ ବିଧି ବ୍ୟବସ୍ଥାର ଅନୁସରଣ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଉଛି।

## ଦେଶୀମଦ ବେପାରୀ ଧରାପଡ଼ିଲା

ଜୟପୁର: ଦେଶମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଆଜି ଚଢଉ କରି ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଲା ରାଣିପୁଟ ଗ୍ରାମର ଜଗବନ୍ଧୁ ହରିଜନ (୨୨) । ସୂଚନା ଅନୁଯାୟୀ, ଦେଶି ମଦ ଚାଲାଣ ହେଉଥିବା ଖବର ପାଇ ଜୟପୁର ଅବକାରି ଥାନା ପକ୍ଷରୁ ରାଣିପୁଟ ଗ୍ରାମ ରାସ୍ତାରେ ଚଢଉ କରି ୮ ଲିଟର ଦେଶି ମଦ ଜବତ କରାଯାଇଛି । ଗିରଫ ଅଭିଯୁକ୍ତକୁ ଆଜି ଅପରାହ୍ନ ୨ଟାରେ କୋର୍ଟଚାଲାଣ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି ।

# ରାଜଗାଙ୍ଗପୁରରେ ଧୁମ୍‌ଧାମ୍‌ରେ ସରିଲା ଶୀତଳଷଷ୍ଠୀ



## ଦେବ ଦମ୍ପତିଙ୍କୁ ଦେଖି ଭକ୍ତ ବିଭୋର

ରାଉରକେଲା,(ପିପିଏସ୍): ରାଜଗାଙ୍ଗପୁର ନିକଟସ୍ଥ ଘୋଗର ଧାମରେ ସ୍ଥାପିତ ପଶ୍ଚିମ ଓଡିଶାର ପ୍ରସିଦ୍ଧ ଶୈବପୀଠ ଘୋଗର ଧାମରେ ପ୍ରଭୁଙ୍କ ଶୁଭ ବିଭାହ ଯଥା ଶୀତଳଷଷ୍ଠୀ ଯାତ୍ରା ୪ ଦିନ ଧରି ମହାଧୁମ୍‌ଧାମ୍‌ରେ ପାଳିତ ହୋଇହୋଇଯାଇଛି। ପରମ୍ପରା ସଂସ୍କୃତି ଐତିହ୍ୟର ମହାମିଳନର ପର୍ବ ଶୀତଳଷଷ୍ଠୀ। ପବିତ୍ର ପୀଠ ଘୋଗର ବାବାଙ୍କର ପରମ୍ପରା ରୀତିନୀତି ଅନୁସାରେଓଡ଼ିଶାର ପରମ୍ପରା ଐତିହ ସାଂସ୍କୃତିର ମହାମିଳନ ଗଣପର୍ବ ଶୀତଳ ଷଷ୍ଠୀ ଯାତ୍ରା ସମ୍ପନ୍ନ ହୋଇଛି। ବିବାହର ନିୟମ ଅନୁସାରେ ପ୍ରଥମଦିନ ପତ୍ରପିଣ୍ଡିପର ଦିନ ଦେବ ନିମନ୍ତ୍ରଣ, ତୃତୀୟ ଦିବସରେ ଗଣ୍ଠିପିନ୍ଧା ନୀତି ସମ୍ପନ୍ନ ହେଇଥିଲ। ପରେ ଦେବ ଦେବ ମହାଦେବଙ୍କ ବର ଗମନରେ ବର ମାତା ରାଜଗାଙ୍ଗପୁର ରାଣୀବନ୍ଧ ନିବାସୀ ପ୍ରଣତି ମିଶ୍ର ବରଙ୍କୁ ନୀତି ରୀତିନୀତି ଅନୁସାରେ ସମାପ୍ତ ପରେ ବର ପିତା ବୀରେନ୍ଦ୍ର ନାଥ ରଥ ବାବା ଘୋଗର ନାଥଙ୍କ ବିବାହ ଶୋଭାଯାତ୍ରାକୁ ସହର ପରିକ୍ରମା କରି କନ୍ୟା ଗୃହ କାଂଶବାହାଲସ୍ଥିତ ଜଗଦାତ୍ରୀ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚାଇଥିଲେ। ସେଠାରେ କନ୍ୟା ପିତା ବିଜୟ ନନ୍ଦ ମିଶ୍ର ଓ ମାତା ଅରୁଣି ମିଶ୍ର ବାବା ଘୋଗର ନାଥଙ୍କ ବରଯାତ୍ରୀଙ୍କୁ ସ୍ୱାଗତ କରିବା ସହ ମହାଦେବଙ୍କୁ ବନ୍ଦାପନା କରି କନ୍ୟା ବେଦୀକୁ ପାଛୋଟି ନେଇଥିଲେ । ମା’ ପାର୍ବତୀଙ୍କୁ ବର ବେଦୀକୁ ଆଣିବା ପରେ ମୁଖ୍ୟ ପୁରୋହିତ ଅନିଲ କୁମାର ରଥ ମହାମନ୍ତ୍ର ପାଠ କରି ବେଲପତ୍ର ସହ କୁଶରେ ଶିବ ପାର୍ବତୀଙ୍କ ହସ୍ତ ବନ୍ଧନ କରାଯାଇଥିଲା। ମାତା ପାର୍ବତୀଙ୍କୁ କନ୍ୟା ରୂପେ ପାଇଥିବା ମାତା ଅରୁଣି ମିଶ୍ର ଓ ପିତା ବିଜୟ ନନ୍ଦ ମିଶ୍ର ସୌଭାଗ୍ୟ ଅର୍ଜନ କରି ପାତ୍ରରେ ଜଳ ସମର୍ପିତ କରି କନ୍ୟାଦାନ କରିଥିଲେ । ମାତା ପାର୍ବତୀ ଓ ବାବା ମହାଦେବଙ୍କ ମହାମିଳନ ଦେଖିବା ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ଲାଗି ରହିଥିଲା। ମନ୍ଦିର ପରିସର ହୁଳହୁଳି ଶବ୍ଦରେ କମ୍ପମାନ ହୋଇ ଉଠିଥିଲା। ମାତା ପାର୍ବତୀ ଓ ବାବା ମହାଦେବଙ୍କ ଯୁଗଳ ମୂର୍ତ୍ତିଙ୍କୁ ଦର୍ଶନ କରିବା ପାଇଁ ଶହ ଶହ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା । ନବଦମ୍ପତିଙ୍କୁ ଦେବା ଦେବୀଙ୍କ ବେଶରେ ସୁସଜିତ କରାଯାଇଥିଲା।

# ପାନୀୟଜଳ ଓ ପକ୍କାରାସ୍ତାରୁ ବଞ୍ଚିତ କସାପକନା ଗାଁ ଲୋକେ

ଜୟପୁର, (ହି.ସ.): ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ବିଶୁଦ୍ଧ ପାନୀୟ ଜଳ, ପକ୍କା ରାସ୍ତା ଓ ଆବାସ ଘର ନିମନ୍ତେ ସଂଘର୍ଷ କରୁଛନ୍ତି ଗ୍ରାମବାସୀ। ଗାଁଟି ମୌଳିକ ସୁବିଧାରୁ ବଂଚିତ ରହି ବିକାଶର ବାଟ ଖୋଜୁଛି । କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ମାଝୀଗୁଡା ପଞ୍ଚାୟତର କସାପକନା ଗାଁରେ ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି । ଗାଁ ରେ ନାହିଁ ପକ୍କା ରାସ୍ତା, ବାଇକ ତ ଦୂର ଚାଲି କି ଯିବା ବି କଷ୍ଟକର । ଆଉ ବର୍ଷା ଆସିଲେ ପ୍ରତିଦିନ କାଦୁଅ ରାସ୍ତାରେ ଘଂଟି ହେଉଛନ୍ତି ଗାଁ ଲୋକେ । ଏମିତିକି ଜରୁରୀକାଳୀନ ପରିସ୍ଥିତିରେ ଏମାନଙ୍କୁ ଆମ୍ବୁଲାନ୍ସ ସେବା ମିଳେନି । ଖଟିଆରେ ରୋଗୀ ବୁହା ହୁଅନ୍ତି । ପ୍ରଶାସନ ପକ୍ଷରୁ ଗାଁ ଲୋକଙ୍କ ବିଶୁଦ୍ଧ ପାନୀୟ ଜଳ ପାଇଁ ନଳକୂପ ଖନନ ହୋଇଛି, କିନ୍ତୁ ସେଥିରୁ ବାହାରୁଛି ଦୂଷିତ ପାଣି । ନଳକୂପର ଗୋଳିଆ ପାଣି ବ୍ୟବହାର କରିପାରୁନାହାନ୍ତି । ଏଣୁ ବାଧ ହୋଇ ଚୁଆ ପାଣି ଉପରେ ଗାଁଲୋକେ ଭରସା କରନ୍ତି । ସେପଟେ ଗାଁ ଭିତରେ ଆଖି ଜୁଆଡେ ଯାଉଛି କେବଳ ନୁଆଣିଆ ଚାଳ ଘର ଆଉ ଟିଣ ଘର । କୋଉଠି ବି ଦେଖିବାକୁ ମିଳୁନି ଗୋଟିଏ ପକ୍କା ଘର । ମନେ ହୁଏ ସରକାରଙ୍କ ପକ୍କା ଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦି ଏଠାକାର ବାଟ ଭୁଲିଯାଇଛି । ଏହି ଅବହେଳିତ ପାହାଡ଼ ଜଙ୍ଗଲ ଘେରା ଉପାନ୍ତ ଅଂଚଳରେ କମାର, ଗଦବା, ପରଜା ସମ୍ପ୍ରଦାୟର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ହେଲେ ଏମାନଙ୍କ କଷ୍ଟ ଯେପରି ଏଇ ଘଂଚ ଜଙ୍ଗଲ ଭିତରେ ଅଦୃଶ୍ୟ ହୋଇଯାଇଛି । ଏ ସମସ୍ୟା ଯେପରି ଆଉ ସୁଧୁରିବନି, ତାହା ମଧ୍ୟ ଏଠାକାର ଲୋକଙ୍କ କଥାରୁ ବାରି ହୋଇଯାଉଛି । ଏହି ଗାଁ ପ୍ରତି କେବେ ପ୍ରଶାସନ ଦୃଷ୍ଟି ଦେବେ ଆଉ କେବେ ସମସ୍ୟାର ସମାଧାନ କରିବେ ତାହାହିଁ ଦେଖିବାକୁ ବାକି ରହିଲା ।

# ‘ହେରିଟେଜ୍ ଲାଇଟ୍’ ଉଦ୍‌ଘାଟିତ

ସମ୍ବଲପୁର: ସହରର ସୌନ୍ଦର୍ଯ୍ୟ ବୃଦ୍ଧି, ଐତିହ୍ୟ ସଂରକ୍ଷଣ ଓ ସାଧାରଣ ଲୋକଙ୍କ ପାଇଁ ମନୋରଞ୍ଜନମୟ ପରିବେଶ ତିଆରି ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଧର୍ମେନ୍ଦ୍ର ପ୍ରଧାନ ଚାରଭାଟି ଛକ ଠାରେ‘ହେରିଟେଜ୍ ଲାଇଟ୍, ଲକ୍ଷ୍ମୀ ଟକିଜ୍ ଛକ ଠାରେ ଡିଏମ୍ ଏକ୍ସ ଲାଇଟିଂ, ଗୋଲବଜାର ଛକ ଠାରେ ଶକ୍ତି ଚକ ଓ ନେଲସନ୍ ମାଣ୍ଡେଲା ଛକ ଠାରେ‘ ଟ୍ୟୁଲିପ୍ ଲାଇଟ୍‘, ଜିଏସ୍ଏସ୍ ପାର୍କ ଭିତରେ ଜିମ୍ ଏବଂ ପାର୍କ ପୁନର୍ବିକାଶ କାର୍ଯ୍ୟ, ରାସ୍ତାରେ ଆଲୋକ ସଜ୍ଜା ଆଦି ର ଉଦ୍‌ଘାଟନ କରିଛନ୍ତି । ଏହି ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ ପ୍ରାୟ ୫ କୋଟି ଟଙ୍କା ବ୍ୟୟ ବରାଦରେ କରାଯାଇଥିବା କୁହାଯାଇଛି।

## ‘ମହିଳାଙ୍କ ପାଇଁ ପ୍ରେରଣାଦାୟୀ ରାଣୀ ଅହଲ୍ୟା ବାଈ’

ଘଟଗାଁ, (ହି.ସ.) - ବିଜେପି ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାଣୀ ଅହଲ୍ୟା ବାଇ ହୋଲକର ଙ୍କ ୩୦୦ ତମ ଜନ୍ମଜୟନ୍ତୀ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତଙ୍କ ନେତୃତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ମାତୃଶକ୍ତି ସଂଗଠନର କ୍ଷେତ୍ର ସଂଯୋଜିକା ଝରଣା ଜେନା, ବିଜେପି ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସିଂ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା,ଜିଲ୍ଲା ଉପସଭାପତି ଅଗନୁ ମହାନ୍ତ ଏବଂ ଅସୀମା ମିଶ୍ର, ଜିଲ୍ଲା ସମ୍ପାଦିକା କଳ୍ପନା ରାଉତ ଏବଂ ସମ୍ପାଦକ ଶିବକୁମାର ରାଠୋର, ଆଦିବାସୀ ମୋର୍ଚ୍ଚା ରାଜ୍ୟ ଉପସଭାନେତ୍ରୀ ମମିତ ନାଏକ,ଏକଲବ୍ୟ ବିଦ୍ୟାଳୟ ର ପଦ୍ମିନୀ ମହାନ୍ତ ତଥା ଏହି କାର୍ଯ୍ୟକ୍ରମର ସହସଂଯୋଜିକା ଚପଳା ମହାକୁଡ଼ ମଂଚାସିନ ହୋଇ ରାଣୀ ଅହଲ୍ୟା ବାଇଙ୍କ ଜୀବନି ସମ୍ପର୍କରେ ବିଶେଷ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି ଜନ୍ମଜୟନ୍ତୀ କାର୍ଯ୍ୟକ୍ରମରେ ଶତାଧିକ କାର୍ଯ୍ୟକର୍ତା ଏବଂ ନାରୀ ନେତ୍ରୀ ମାନେ ଉପସ୍ଥିତ ରହି ରାଣୀ ଅହଲ୍ୟା ବାଇଙ୍କ ଜୀବନି ସମ୍ବନ୍ଧରେ ବିସ୍ତୃତ ବିଷୟ ଜାଣି ଉତ୍ସାହିତ ହେବା ସହିତ ପ୍ରେରଣା ପାଇଥିଲେ।

## ହତ୍ୟା ଉଦ୍ୟମ ମାମଲାରେ ଜଣେ ଗିରଫ

ଜୟପୁର: ଜୟପୁର ସଦରଥାନା ଅନ୍ତର୍ଗତ ଦାମାପୁଟ ଗ୍ରାମରେ ଜଣେ ମହିଳାକୁ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିବା ଅଭିଯୋଗରେ ସଦରପୁଲିସ ସେହି ଗ୍ରାମର କପିଳ ଶୁକ୍ରିକୁ ଗିରଫ କରି କୋର୍ଟଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, କପିଳ ଏକ ଟାଙ୍ଗିଆ ଧରି ଜ୍ୟୋତିପ୍ରଭା ଖୋଡାଙ୍କୁ ଆକ୍ରମଣ କରିବାକୁ ଆସିଥିଲା । ପରିବାର ଲୋକେ ଟାଙ୍ଗିଆଟିକୁ ଛଡାଇ ନେବା ପରେ ପୁଣିଥରେ ଅଭିଯୁକ୍ତ କପିଳ ଏକ କାଠ ଫାଳିଆରେ ମୁଣ୍ଡକୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା, କିନ୍ତୁ କାଠ ଫାଳିଆଟି ମୁଣ୍ଡରେ ନ ବାଜି ହାତରେ ବାଜିଥିଲା। ଯାହା ଫଳରେ ଜ୍ୟୋତିପ୍ରଭାଙ୍କୁ ଗୁରୁତର ଆଘାତ ଲାଗିଥିଲା । ଏନେଇ ସଦରଥାନାରେ ଜ୍ୟୋତିପ୍ରଭା ଲିଖିତ ଭାବେ ଜଣାଇବା ପରେ ସଦର ପୁଲିସ ଏକ ମାମଲା ରୁଜୁ କରି କପିଳକୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି ବୋଲି ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ରଜ ମହୋତ୍ସବ ପାଇଁ ବିଭିନ୍ନ ପ୍ରତିଯୋଗିତା

କନ୍ଧମାଳ: କନ୍ଧମାଳ ରଜ ମହୋତ୍ସବ ପାଳନ ଅବସରରେ ରବିବାର ସ୍ଥାନୀୟ ବନାନୀ କଳା ସଙ୍ଗମ ଠାରେ ଝିଅ ଓ ମହିଳା ମାନଙ୍କ ମଧ୍ୟରେ ଦଉଡ଼ି ଡିଆଁ, ପୁଚି, ମୋତି ମାଳି ଗୁନ୍ଥିବକ୍ଷ, ଗୁପଚୁପ ଖାଇବା, ମ୍ୟୁଜିକ ଚେୟାର, ଲଡୁ ଆଦି ବିଭିନ୍ନ ପ୍ରତିଯୋଗୀତା ମାନ ଅନୁଷ୍ଠିତ ହୋଇଥିଲା କ୍ଷ ଏଥିରେ କୃତିତ୍ୱ ଲାଭ କରିଥିବା କୃତୀ ପ୍ରତିଯୋଗୀ ମାନଙ୍କୁ ଆସନ୍ତା ଜୁନ ୧୫ ତାରିଖ ସଭା ଗୃହ ଠାରେ ତିନିଦିନ ବ୍ୟାପୀ ଆୟୋଜିତ ରଜ ଉତ୍ସବରେ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯିବ । ସେହିପରି ଜୁନ ୧୩ରେ ନୃତ୍ୟ ଓ ଗୀତ ପ୍ରତିଯୋଗୀତା, ୧୪ରେ ମିସ୍ ରଜ କୁଇନ୍ ଓ ମିସେସ ରଜ କୁଇନ ପ୍ରତିଯୋଗୀତା ଓ ୧୫ରେ ପିଠା ଓ ମିଠା ପ୍ରତିଯୋଗୀତା ଅନୁଷ୍ଠିତ ହେବ ବୋଲି ଅଧକ୍ଷ ସୁନୀଲ ପଟ୍ଟନାୟକ କହିଛନ୍ତି । ରବିବାର ଅନୁଷ୍ଠିତ ପ୍ରତିଯୋଗିତାରେ ଅଧକ୍ଷ ସୁନୀଲ ପଟ୍ଟନାୟକ, କାର୍ଯ୍ୟକାରୀ ଅଧକ୍ଷ ରାଧାମୋହନ ମହାପାତ୍ର, ସମ୍ପଦକ୍ ଏମ ଡି ଚୀଷ୍ଟି, କୋଷାଧକ୍ଷ ପ୍ରସନ୍ନ କୁମାର ସାଇଁ, ସାମ୍ବାଦିକ ସନ୍ତୋଷ ଦିଗାଲ, ସଂସ୍କୃତିକ ସମ୍ପାଦିକା ଶିବାନୀ ସୁଆର ପ୍ରମୁଖ ଙ୍କ ସମେତ ଅନିତା ପଟ୍ଟନାୟକ,ଶୁଭ୍ରକ୍ଷ ପଟ୍ଟନାୟକ, ନୀହରିକା, ଶୁଭ ଦର୍ଶନୀ, ଭାରତୀ ପଣ୍ଡା ଶ୍ରୀମତୀ ସ୍ୱାଗତିକା ପଟନାୟକ, ଶ୍ରୀମତୀ ରଞ୍ଜିତା ଦାଶ ପ୍ରମୁଖ ସୁପରିଚାଳନା କରିଥିଲେ । ପ୍ରାୟ ୧୨୨ ଜଣ ମହିଳା ଏଥିରେ ଅଂଶଗ୍ରହଣ କରିଥିଲେ ।

# ତୀର ମାଡ଼ରେ ମହିଳା ଗୁରୁତର




## ଜଣେ ଥାନାରେ ଅଟକ

ରାଉରକେଲା,(ପିପିଏସ୍): ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ଅଧୀନ ଗମଲେଇ ଗାଁରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ତୀରମାଡରେ ଜଣେ ମହିଳା ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ତାଙ୍କୁ ପ୍ରଥମେ ବଣାଇଁ ପରେ ରାଉରକେଲା ଡାକ୍ତରଖାନା ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି । ଅନ୍ୟପକ୍ଷେ ତୀର ମାରିଥିବା ଲୁକୁ କିଷାନ (୪୫)କୁ ପୋଲିସ୍ ଲହୁଣିପଡ଼ା ଥାନାରେ ଅଟକ ରଖି ଅଧିକ ପଚରାଉଚରା କରୁଥିବା ସୂଚନା ମିଳିଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ଅନୁସାରେ ଗମଲେଇ ଗ୍ରାମର ବିଧବା ମହିଳା ଲକ୍ଷ୍ମୀ କିଷାନ। ତାଙ୍କ ସମ୍ପର୍କୀୟ ଲୁକୁ କିଷାନଙ୍କ ସହ ଭଲ ସମ୍ପର୍କ ରହିଥିଲା। ଉଭୟେ ସମୁଦି ଏବଂ ସମୁଦୁଣୀ ବୋଲି ଡକାଡକି ହେଉଥିବା ଜଣାପଡ଼ିଛି । ହେଲେ ହଠାତ୍ ଲୁକୁ, ଲକ୍ଷ୍ମୀ ଘରକୁ ଯାଇ ଥିବାବେଳେ ଜଣେ ବାହାର ଲୋକ ଥିବା ଦେଖି ଉତ୍ତ୍ୟକ୍ତ ହୋଇପଡିଥିଲା। ପରେ ସେ ଘରୁ ଧନୁ ତୀର ଆଣି ସମ୍ପୃକ୍ତ ଲୋକଙ୍କୁ ତୀରମାଡ଼ କରିଥିଲେ। ଦୁର୍ଭାଗ୍ୟବଶତଃ ଏହି ତୀର ଲକ୍ଷ୍ମୀଙ୍କ ପେଟରେ ବାଜି ଗଳି ଯାଇଥିଲା। ଲକ୍ଷ୍ମୀଙ୍କୁ ଗୁରୁତର ଅବସ୍ଥାରେ ବଣାଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ପରେ ରାଉରକେଲା ସ୍ଥାନାନ୍ତର କରାଯାଇଛି । ଏନେଇ ଖବରପାଇ ଲହୁଣିପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବାର ସୂଚନା ମିଳିଛି।

# ବଢୁଛି ଅପମିଶ୍ରିତ ବାସି ଖାଦ୍ୟ ବିକ୍ରି

**ଚଢ଼ଉ ଦାବି**

ଜୟପୁର: କୋରାପୁଟ ଜିଲାରେ ଛତୁ ଫୁଟିଲା ଭଳି ହୋଟେଲ ଫାଷ୍ଟଫୁଡ୍ ଓ ଜଳଖିଆ ଦୋକାନ ଖୋଲି ଚାଲିଥିବା ବେଳେ ଅଧିକାଂଶ ସ୍ଥାନରେ ଅପମିଶ୍ରିତ ଖାଦ୍ୟ ଖାଉଟୀମାନଙ୍କୁ ଦିଆଯାଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି । ଫୁଡ୍ ବିଭାଗ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ହୋଟେଲ ଓ ଫାଷ୍ଟଫୁଡ୍ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ଖୁଲମ୍ ଖୁଲା ଅପମିଶ୍ରିତ ଖାଦ୍ୟ ବିକ୍ରୟ କରୁଛନ୍ତି । କୋରାପୁଟ ଜିଲା ଏକ ଗୁରୁତ୍ୱପୂର୍ଣ୍ଣ ଜିଲା ଅଟେ । ଏହି ଜିଲାର ଶିକ୍ଷାନୁଷ୍ଠାନ ଠାରୁ ଆରମ୍ଭ କରି ବହୁ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ବ୍ୟାଙ୍କ ଆଦି ରହିଅଛି । ତେଣୁ ଜିଲାକୁ ବାହାର ଅଂଚଳର ବହୁ ବ୍ୟକ୍ତି ଛାତ୍ରଛାତ୍ରୀ ଆସିଥାନ୍ତି । ସେମାନଙ୍କ ମଧ୍ୟରୁ ବହୁ ବ୍ୟକ୍ତି ଜୟପୁର, ସେମିଳିଗୁଡା, କୋରାପୁଟ, କୋଟପାଡ, ବୈପାରିଗୁଡା ଅଂଚଳରେ ଥିବା ବିଭିନ୍ନ ହୋଟେଲ ଏବଂ ଜଳଖିଆ ଦୋକାନରେ ଭୋଜନ କରିଥାନ୍ତି । କିନ୍ତୁ, ଜୟପୁରର କିଛି ହୋଟେଲରେ ଅପମିଶ୍ରିତ ଓ ନିମ୍ନମାନର ଖାଦ୍ୟ ଗ୍ରାହକମାନଙ୍କୁ ଦିଆଯାଉଛି । ବହୁ ହୋଟେଲରେ ୩/ ୪ ଦିନର ବାସୀ ଖାଦ୍ୟକୁ ଡିପ୍ ଫ୍ରିଜରରେ ରଖି ଖାଲି ଗରମ କରି ଖାଉଟୀମାନଙ୍କୁ ଏହି ଖାଦ୍ୟ ପ୍ରଦାନ କରାଯାଉଥିବା ବେଳେ ଖାଦ୍ୟ ପ୍ରସ୍ତୁତ ହେଉଥିବା ତେଲ, ମସଲା ଓ ବହୁ ଆବଶ୍ୟକୀୟ ସାମଗ୍ରୀ ଅତ୍ୟନ୍ତ ନିମ୍ନମାନର ବ୍ୟବହାର କରାଯାଉଛି । ଫଳରେ ଏହି ସବୁ ଖାଦ୍ୟ ଖାଇ ବହୁ ବ୍ୟକ୍ତି ପେଟ ରୋଗ ସମେତ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । କୋରାପୁଟ ଜିଲା ଅଂଚଳରେ କେତେକ ବ୍ୟବସାୟୀ ହୋଟେଲ କରି ନିୟମିତ ଅପମିଶ୍ରିତ ଖାଦ୍ୟ ଖାଉଟୀମାନଙ୍କୁ ଖାଇବାକୁ ଦେଉଥିଲେ ହେଁ ଖାଦ୍ୟ ନିରାପତା ବିଭାଗ ଏ ଦିଗରେ ଦୃଷ୍ଟି ଦେଉନଥିବା ସାଧାରଣରେ ଅଭିଯୋଗ ହେଉଛି । ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ଏହି ଅଂଚଳରେ ନିମ୍ନମାନର ଓ ଅପମିଶ୍ରିତ ବାସୀ ଖାଦ୍ୟ ଖାଉଟୀମାନଙ୍କୁ ବିକ୍ରୟ କରୁଥିବା ପ୍ରତିଷ୍ଠାନ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହୋଇଛି ।

# ଓଲଟିଲା ଲୁହାପଥରବୋଝେଇ ଟ୍ରକ୍

ଚମ୍ପୁଆ: ଚମ୍ପୁଆ ସାତକୁଟୁଣିଆ- ତୁରୁମୁଙ୍ଗା ନିଷିଦ୍ଧ ରାସ୍ତାର ଜ୍ୟୋତିପୁର ନିକଟରେ ଏକ ଲୁହାପଥର ବୋଝେଇ ଟ୍ରକ ରାସ୍ତା କଡକୁ ଓଲଟି ପଡିଥିବା ଦେଖିବାକୁ ମିଳିଛି । ଗାଡି ଓଲଟିବା ପରେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁସାରେ ବିଳମ୍ବିତ ରାତିରେ ଏକ ଲୁହାପଥର ବୋଝେଇ ଟ୍ରକ (ଗାଡି ନଂ ଓଡି୦୯ ଭି୧୬୧୫) ଭାରସ୍ୟାମ ହରାଇ ଜ୍ୟୋତିପୁର ନିକଟରେ ରାସ୍ତା କଡକୁ ଓଲଟି ପଡିଥିଲା । ଗାଡିଟି ଓଲଟିବା ଯୋଗୁଁ ରାସ୍ତା କଡରେ ଥିବା ସୁରକ୍ଷା ବାଡ ଓ ଲାଗିଥିବା ଗଛ ଗୁଡିକ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି । ଏହାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାଯୋଗ୍ୟ କି, ପୂର୍ତ୍ତ ବିଭାଗ ଅଧୀନସ୍ଥ ଚମ୍ପୁଆର ସାତକୁଟୁଣିଆ - ତୁରୁମୁଙ୍ଗା ରାସ୍ତାରେ ଭାରୀଯାନ ଚଳାଚଳ ନିଷିଦ୍ଧ ଥିବା ବେଳେ ଦୈନିକ ବହୁ ସଂଖ୍ୟାରେ ଖଣିଜ ବୋଝେଇ ଟ୍ରକ ଚଳାଚଳ କରୁଛନ୍ତି । ଉପଖଣ୍ଡ ସାଧାରଣ ଓ ପୁଲିସ ପ୍ରଶାସନର ନାକତଳେ ଏହି ରାସ୍ତାରେ ଅହରହ ଭାରିଜାନ ଚାଲିଥିବା ବେଳେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି । କିଛି ଦିନ ତଳେ ଏହି ରାସ୍ତାଟିର ପ୍ରଶସ୍ତିକରଣ ସହ ମରାମତି କାର୍ଯ୍ୟ ହୋଇଥିବା ବେଳେ ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତାଟି ନଷ୍ଟ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ତୁରନ୍ତ ଏହି ରାସ୍ତାରେ ଭାରୀଯାନ ଚଳାଚଳ ବନ୍ଦକୁ କଡାକଡି କରାଯିବା ପାଇଁ ସାଧାରଣରେ ଦାବି ହେଉଛି ।

# ଜୟପୁର ନାଗରିକ କମିଟିର ନିର୍ବାଚନ ସହ ସାଧାରଣ ପରିଷଦ ବୈଠକ

ଜୟପୁର, (ହି.ସ.)- ଜୟପୁର ନାଗରିକ କମିଟିର ନିବାଚନ ସହ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି । ନାଗରିକ ଭବନରେ ବୈଠକ ସହ ନିର୍ବାଚନ ଅନୁଷ୍ଠିତ ହୋଇଛି । ସମ୍ପାଦକ ପଦବୀ ପାଇଁ ନିର୍ବାଚନ ହୋଇଥିବା ବେଳେ ଅନ୍ୟ ସମସ୍ତ ପଦବୀ ସହମତି ଭିତିରେ ନିଷ୍ପତି ହୋଇଛି । ସମ୍ପାଦକ ଜି.ଭି. ରେଡ୍ଡି ନିର୍ବାଚିତ ହୋଇଥିଲେ । ପୁରୁଣା ସଭ୍ୟ ମାନେ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଦାୟିତ୍ୱ ହସ୍ତାନ୍ତର କଲେ । ନାଗରିକ କମିଟିର ସଭାପତି ଭାବେ ବିନୋଦିନି ସାନ୍ତ୍ରାପାତ୍ର, ଉପ ସଭାପତି ମଦନ ମୋହନ ନାୟକ, ଦେବେନ୍ଦ୍ର ବାହିନିପତି, ଭବାନି ଶଙ୍କର ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦକ ହରିହର କରସୁଧା ପଟ୍ଟନାୟକ, ନିଳାଚଳ ପ୍ରଧାନ ଓ ଜାନକି ପାଣିଗ୍ରାହୀ ରହିଥିବା ବେଳେ କୋଷାଧକ୍ଷ ରବି ନାରାୟଣ ନନ୍ଦ ମନୋନିତ ହୋଇଛନ୍ତି । ସେହିପରି ସଂଗଠନ ସମ୍ପାଦକ ସୁବାଷ ଚନ୍ଦ୍ର ପଣ୍ଡା ରହିଥିବା ୧୨ ଜଣ କାର୍ଯ୍ୟକାରି ସଦସ୍ୟ ରହିଛି । ସେମୋନେ ହେଲେ ସତ୍ୟବାନ ପଣ୍ଡା, କବିରାଜ ପରମେଶ୍ୱର ପାତ୍ର, ରତ୍ନାକର ଚୈଧୁରି, କେଦାର ନାଥ ବେହେରା, ନରସିଂହ ପାଣିଗ୍ରାହୀ, ଗୀତା ପ୍ରକାଶ ଚନ୍ଦ୍ର ମିଶ୍ର, ନରସିଂହ ଚୈଧୁରି, ଯାଦବ ସୁବୁଦ୍ଧି, ରାମ ନାୟକ, ଭିମସେନ ଅଗ୍ରୱାଲ, ଜି.ଭେଙ୍କଟଶ୍ୱର ରାଓ, ପି. ମହେଶ୍ୱର ରାଓ ରହିଛନ୍ତି । ସମ୍ପାଦକ ଭାବେ ଜି.ଭି. ରେଡ୍ଡି ନିର୍ବାଚିତ ହୋଇଥିଲେ । ଆଜିର କାର୍ଯ୍ୟକ୍ରମରେ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଅଭିମନ୍ୟୁ ଭଟ୍ଟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ରହ୍ମପୁରା ମନ୍ଦିର ଆଲୋକ ସୌନ୍ଦର୍ଯ୍ୟକରଣ ଲୋକାର୍ପିତ

ସମ୍ବଲପୁର: କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଝାଡୁଆପଡ଼ା ବ୍ରହ୍ମପୁରା ମନ୍ଦିର ଆଲୋକ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଲୋକାର୍ପଣ କରିଛନ୍ତି । ହିଣ୍ଡାଲକୋ ସହାୟତାରେ କରାଯାଇଥିବା ଏହି ସୌନ୍ଦର୍ଯ୍ୟକରଣ ବେଶ୍ ଚିତ୍ତାକର୍ଷକ ହୋଇଛି । ଏଥିରେ ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକ, ଜିଲ୍ଲାପାଳ, ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆଇଜି ହିମାଂଶୁ ଲାଲ, ଏସ୍‌ପି ମୁକେଶ ଭାମୁ, ଏସ୍‌ଏମ୍‌ସି କମିଶନର ବେଦଭୂଷଣ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅଭିଷେକ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଝାଡୁଆପଡ଼ା ଶୀତଳଷଷ୍ଠୀ ଯାତ୍ରାର ସଭାପତି ସରୋଜ ଦଳପତ, ଶୀତଳଷଷ୍ଠୀ ମିଳିତ କ୍ରିୟାନୁଷ୍ଠାନ କମିଟିର ସଭାପତି ସୁଶାନ୍ତ ପୁରୋହିତ, ସଂଜୟ ମିଶ୍ର ପ୍ରମୁଖ ମଧ୍ୟ ମଂଚାସୀନ ଥିଲେ ।

# ଜଙ୍ଗଲରେ ବେଆଇନ ଘର ଭାଙ୍ଗିଲା ବନ ବିଭାଗ



ନବରଙ୍ଗପୁର : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକରେ ରହିଥିବା ସଂରକ୍ଷିତ ଜଙ୍ଗଲରେ ବହୁ ବେଆଇନ ଘର କରୁଥିବା ସହ ବହୁ ପୁରୁଣା ଜଙ୍ଗଲ ନଷ୍ଟ କରି ସେଠାରେ ଅବାଧ ଭାବେ ମକାଚାଷ କରୁଥିବାବେଳେ ଏବେ ଜିଲ୍ଲା ବନ ବିଭାଗ ଆକ୍ସନ ମୋଡ୍‌ରେ ଥିବା ଦେଖାଦେଇଛି । ଝରିଗାଁ ବନାଞ୍ଚଳ ଅଧିନସ୍ଥ ହାତୀବାଡ଼ି ସଂରକ୍ଷିତ ଜଙ୍ଗଲରେ ବେଆଇନ ଘର ନିର୍ମାଣ ବଢ଼ି ଚାଲିଥିଲା। ବନଖଣ୍ଡ ଅଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରାଙ୍କ ନେତୃତ୍ୱରେ ହାତୀବାଡ଼ି ଗ୍ରାମର ରାସ୍ତାକଡ଼ର ଦୁଇ ପାର୍ଶ୍ୱରେ ରହିଥିବା ୨୮ ଘର ଉପରେ ଜେସିବି ଲଗାଇ ସମ୍ପୂର୍ଣ୍ଣ ଭଙ୍ଗା ଯାଇଛି । ଗତ ମାସ ୧୮ତାରିଖରେ ଝରିଗାଁ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ନୋଟିସ୍ ପ୍ରଦାନ କରାଯାଇଥିଲା। ପତ୍ର ପାଇବାର ତିନି ଦିନ ମଧ୍ୟରେ ଅସ୍ଥାୟୀ କୁଡ଼ିଆ ଉଠାଇବା ନେଇ ନୋଟିସ୍‌ରେ ଲିଖିତ ରହିଥିଲା। ଝରିଗାଁ ତହସିଲଦାର ସୁମନ୍ତ କୁମାର ପାତ୍ର ମାଜିଷ୍ଟ୍ରେଟ୍ ଭାବେ ଘଟଣାସ୍ଥଳରେ ଉପସ୍ଥିତ ରହିଥିବା ବେଳେ ଏସିଏଫ୍ ସୁବାସ ଚନ୍ଦ୍ର ଖୁଣ୍ଟିଆଙ୍କ ଉପସ୍ଥିତିରେ ସଂରକ୍ଷିତ ଜଙ୍ଗଲରେ ରହିଥିବା ୨୮ ବେଆଇନ ନିର୍ମାଣ ସ୍ଥାୟୀ ଏବଂ ଅସ୍ଥାୟୀ ଘର ଭଙ୍ଗାଯାଇଥିଲା। ଏହି ଅବସରରେ ଝରିଗାଁ ରେଞ୍ଜର ଗୋବିନ୍ଦ ଚନ୍ଦ୍ର ନାୟକ, ଉମରକୋଟ ରେଞ୍ଜର ବିଧୂସ୍ମିତା ସାହୁ, ନବରଙ୍ଗପୁର ରେଞ୍ଜର ଗୋପୀନାଥ ସାହୁ, ଥାନା ଏସ୍ ?ଆଇ କେ.ଲକ୍ଷ୍ମୀନାରାୟଣ ଦୋରା, ଏଏସ୍ଆଇ ମମତା ସେଠୀଙ୍କ ସମେତ ଜିଲାର ଝରିଗାଁ, ଉମରକୋଟ, ରାଇଘର, ଡାବୁଗାଁ ଏଂ କୋଡ଼ିଙ୍ଗା ରେଞ୍ଜର ସମସ୍ତ ଫରେଷ୍ଟର, ଫରେଷ୍ଟ ଗାର୍ଡ, ୱାଇଲ୍ଡଲାଇଫ୍ ଟିମ୍, ପାରା ଷ୍ଟାଫ ପ୍ରମୁଖ ଉପସ୍ଥିତ ରହିଥିଲେ। ସଂରକ୍ଷିତ ଜଙ୍ଗଲରେ ବେଆଇନ ଘର ଭଙ୍ଗାଯିବା ପରେ କିଛି ପରିବାର ଲୋକ ଏବେ ବେସାହାରା । ଗଛତଳେ ଆଶ୍ରୟ ନେଇଥିବା ଦେଖାଦେଇଛି । ଉଚ୍ଛେଦ ଚାଲିଥିବା ସମୟରେ ଡିଏଫ୍‌ଓ ଶୁଭେନ୍ଦୁ ପ୍ରସାଦ ବେହେରା ହାତୀବାଡ଼ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସୂଚନାଯୋଗ୍ୟ, ହାତୀବାଡ଼ି ଗ୍ରାମରେ ରହିଥିବା ସଂରକ୍ଷିତ ଜଙ୍ଗଲରେ ନୂତନ ଘର ନିର୍ମାଣ ବାରଣ କରିବାରୁ ଗତ ମାସ ୧୫ ତାରିଖରେ ଫରେଷ୍ଟ ଗାର୍ଡଙ୍କୁ ମୁଣ୍ଡ ଫଟା ମାଡ଼ ହୋଇଥିଲା। ଘଟଣା ନେଇ ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଝରିଗାଁ ଥାନା କେସ୍ ନମ୍ବର ୭୬/ ୨୦୨୫ରେ ଏକ ମାମଲା ରୁଜୁ କରାଯାଇଥିଲା। ଘଟଣାରେ ଝରିଗାଁ ପୋଲିସ ଜଗନ୍ନାଥ ସାନ୍ତାଙ୍କ ସହ ପୁଅ କୃତ୍ତିବାସ ସାନ୍ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

ଯଦି ଅତ୍ୟାଚାର କରୁଥିବା ବ୍ୟକ୍ତି ବା ଦଳକୁ ଯଥୋଚିତ ଶାସ୍ତି ନ ମିଳୁଛି ତେବେ ଅତ୍ୟାଚାରିତ ପ୍ରତିଶୋଧ ନେବା ପାଇଁ ବାଟ ଖୋଜିବ । ପୁଣି ଏମାନଙ୍କୁ ଦମନ କରିବାକୁ ପୋଲିସ୍ ଦୌଡ଼ିବେ । ଆଜି ଯାହାକୁ ଚପାଇ ଦିଆଯାଉଛି କାଲି ସେ ଓଲଟି ପ୍ରତିଶୋଧ ନେବ ।

**-ଡକ୍ଟର ହରେକୃଷ୍ଣ ମହତାବ**

(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୭)

ପ୍ରଜାତନ୍ତ୍ର

ତା ୩।୬।୨୦୨୫ ■ ମଙ୍ଗଳବାର

# ଟାରିଫ ବେଆଇନ

ଆମେରିକାର ଡୋନାଲ୍ଡ ଟ୍ରମ୍ପ ସରକାର ସମଗ୍ର ବିଶ୍ୱରେ ଟାରିଫ ଦ୍ୱାର ବା ଶୁଳ୍କ ସଂଗ୍ରାମ ଆରମ୍ଭ କରିଦେଇଛି, କିନ୍ତୁ ତାହା ନିଜ ଅଦାଲତମାନଙ୍କରେ ସେ ସଂଗ୍ରାମ ହାରୁଥିବା ଦେଖାଯାଉଛି । ସେଠାକାର ଏକ ଫେଡେରାଲ କୋର୍ଟ ଆମେରିକା ରାଷ୍ଟ୍ରପତିଙ୍କୁ ଟାରିଫ ଲଗାଇବା ରୋକିଦେଇଛି । ଏତିକି ନୁହେଁ, କୋର୍ଟ ମଧ୍ୟ ଟାରିଫ ଲାଗୁ କରିବା ନିର୍ଣ୍ଣୟକୁ ବେଆଇନ, ଦାୟିତ୍ୱହୀନ ଓ ବିନାଶକାରୀ ବୋଲି ଘୋଷଣା କରିଛି । ଅଦାଲତର ରାୟରେ କୁହାଯାଇଛି ଟାରିଫ ଲଗାଇବାର ଅଧିକାର କେବଳ କଂଗ୍ରେସର ଅଛି ଓ ଟ୍ରମ୍ପ ଇମର୍ଜେନ୍ସୀ ପରିସ୍ଥିତି ଆଳ ଦେଖାଇ ମନୋମୁଖୀ ଢଙ୍ଗରେ ଟାରିଫ ଲଗାଇପାରିବେ ନାହିଁ । ଟ୍ରମ୍ପ ନିଜର ଆଇନଗତ ଅଧିକାରର ଉଲ୍ଲଂଘନ କରିଛନ୍ତି। ଖୋଦ୍ ଆମେରିକାରେ କେତେକ ଜାଗାରେ ।ରିଫ ବିରୁଦ୍ଧରେ ଜନମତ ସୃଷ୍ଟି ହେଲାଣି । ସେଠି ମଧ୍ୟ ଆର୍ଥିକ ମାନ୍ଦାବସ୍ଥା ବିପଦର ଆଶଙ୍କା ବି ସୃଷ୍ଟି କଲାଣି । ଏଭଳି ସ୍ଥିତିରେ, ଅଦାଲତର ନିର୍ଣ୍ଣୟ ଦ୍ୱାରା ସେଠାକାର ଲୋକେ ବି ଆଶ୍ୱସ୍ତ ଅନୁଭବ କରିବେ । ଅଦାଲତ ନିର୍ଣ୍ଣୟ ପରେ ମଧ୍ୟ ଟ୍ରମ୍ପ ନଇଁବାକୁ ପ୍ରସ୍ତୁତ ନୁହନ୍ତି । ସେ ଏକଥା ମଧ୍ୟ କହିଛନ୍ତି ଯେ ଏହା ହେଉଛି ଈଶ୍ୱରଙ୍କ ଅଭିଯାନ ଓ ଯାହା ହେବାର ଥିବ, ତାହାକୁ କେହି ରୋକିପାରିବେ ନାହିଁ । ପରିତାପର ବିଷୟ ଏହି ଯେ, କୋର୍ଟ ରାୟ ପରେ ଓ ତା' ନେଇ ଟ୍ରମ୍ପଙ୍କର ଏପ୍ରକାର ପ୍ରତିକ୍ରିୟାରୁ ସ୍ପଷ୍ଟ ଜଣାଯାଉଛି ଯେ ଆମେରିକାରେ ଶୁଳ୍କ ସଂଗ୍ରାମର ସ୍ତର ବୃଦ୍ଧି ପାଇଛି ।

ହାସ୍ୟାସ୍ପଦର ବିଷୟ ହେଉଛି କୋର୍ଟରେ ଟ୍ରମ୍ପ ପ୍ରଶାସନ ଟାରିଫ୍ ସମ୍ବନ୍ଧୀୟ ନିଜ ନିର୍ଣ୍ଣୟ ସପକ୍ଷରେ ଯୁକ୍ତି କଲାବେଳେ ଭାରତ-ପାକିସ୍ତାନ ସଂଘର୍ଷ-ବିରତିର ଦ୍ୱାହୀ ଦେଇଛନ୍ତି । ଟ୍ରମ୍ପ ପ୍ରଶାସନ ପକ୍ଷରୁ କୁହାଯାଇଥିଲା ଯେ ଟାରିଫ କାରଣରୁ ଉଭୟ ଦେଶ ଯୁଦ୍ଧରୁ ନିବୃତ୍ତ ରହିଲେ । ଫେଡେରାଲ୍ କୋର୍ଟ ଅବଶ୍ୟ ଏ ପ୍ରକାର ଯୁକ୍ତିକୁ ଆଗ୍ରହୀ କରିଦେଇଛି । ଅଦାଲତରେ ଟ୍ରମ୍ପଙ୍କ ପକ୍ଷରୁ କୁହାଯାଇଥିଲା ଯେ କେବଳ ରାଷ୍ଟ୍ରପତି ଟ୍ରମ୍ପଙ୍କ ହସ୍ତକ୍ଷେପ ପରେ ହିଁ ସଂଘର୍ଷ ବିରତି ହୋଇପାରିଥିଲା । ସେଠି ଏମିତି ବି ଚେତାବନି ଦିଆଯାଇଥିଲା ଯେ ଏ ମାମଲାରେ ରାଷ୍ଟ୍ରପତିଙ୍କ ଶକ୍ତିକୁ ବାଧାଦେବା ଭଳି କୌଣସି ପ୍ରତିକୂଳ ନିର୍ଣ୍ଣୟ ଭାରତ ଓ ପାକିସ୍ତାନକୁ ରାଷ୍ଟ୍ରପତି ଟ୍ରମ୍ପଙ୍କ ପ୍ରସ୍ତାବର ବୈଧତା ଉପରେ ପ୍ରଶ୍ନ ଉଠାଇବାକୁ ପ୍ରେରିତ କରିପାରେ, ଯାହାଫଳରେ ସମଗ୍ର ଦକ୍ଷିଣ ଏସିଆର ସୁରକ୍ଷା ତଥା କୋଟିକୋଟି ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇପାରେ । ଆମେରିକା ପ୍ରଶାସନର ଏପ୍ରକାରର ନିହାତି ଦୁର୍ବଳ ଯୁକ୍ତି ହେଉଛି ଟାରିଫ ବାସ୍ତବରେ ଆମେରିକାର ବୈଦେଶିକ ନୀତିର ଉପକରଣ । ଏଥିରୁ ସ୍ପଷ୍ଟ ଜଣାଯାଉଛି ଯେ ଟ୍ରମ୍ପ ପ୍ରଶାସନ ପାଖରେ ନିଜର ନୂଆ ଟାରିଫ ନୀତି ସପକ୍ଷରେ ସେପରି କିଛି ଅକାଟ୍ୟ ଆଧାର ନାହିଁ । ତେଣୁ ଟ୍ରମ୍ପଙ୍କ ଦ୍ୱାରା ଯେଉଁ ଟାରିଫ୍ ଲଦି ଦିଆଯାଉଛି ତାହା ମନୋମୁଖୀ ବିଚାର ବ୍ୟତୀତ ଅନ୍ୟ କିଛି ନୁହେଁ ।

ଆମେରିକାର ଫେଡେରାଲ କୋର୍ଟ ତ ନିଜ ରାୟ ଦେଇଦେଲା, କିନ୍ତୁ ପ୍ରଶ୍ନ ହେଉଛି କ'ଣ ଟ୍ରମ୍ପ ପ୍ରଶାସନ ପାରମ୍ପରିକ ଆମେରିକୀୟ ଉଦାରତାର ମାର୍ଗକୁ ଫେରିପାରିବେ ? ଏମିତି ନୁହେଁ ଯେ ପୂର୍ବରୁ କେବେ ଟ୍ରମ୍ପଙ୍କ ନିଷ୍ପତ୍ତିକୁ ସେଠାକାର ଅଦାଲତ ଅଗ୍ରହଣୀୟ କରି ନାହିଁ । ଭିସା ସମ୍ବନ୍ଧୀୟ ମାମଲା ସହ ବିଦେଶୀଙ୍କୁ ଜବରଦସ୍ତ ନିଜ ଦେଶକୁ ପଠାଇବାର ନୀତି ଉପରେ ଆମେରିକୀୟ ଅଦାଲତ ପ୍ରତିକୂଳ ଟିପ୍ପଣୀମାନ ଦେଇଆସିଛି । ସେଠାକାର ସଚେତନଲୋକ ଓ ଅଦାଲତ ଜାଗ୍ରତ ଅଛନ୍ତି, ଯେପରିକି ଆମେରିକା ନିଜସ୍ୱ ସ୍ଥାପିତ ପରମ୍ପରାରୁ ବିଚ୍ୟୁତ ନ ହୁଏ । ଟ୍ରମ୍ପଙ୍କୁ ନେଇ ସମସ୍ୟା ହେଉଛି ସିଏ କୌଣସି ନିର୍ଣ୍ଣୟ ଉପରେ ଅଧିକ ସମୟ ଧରି କାଏମ ରହିପାରନ୍ତି ନାହିଁ । କେବେ ଚୀନର ଘୋର ବିରୋଧୀ ହୋଇଯାଆନ୍ତି ତ କେବେ ତା' ସହିତ ବୁଝାମଣା ମଧ୍ୟ କରିଥାଆନ୍ତି । କେବେ ଭାରତକୁ ମିତ୍ର ବୋଲି କହନ୍ତି ତ କେବେ ଏପଲ ଭଳି କମ୍ପାନୀକୁ କହନ୍ତି ଭାରତରେ ତାହା ନିର୍ମାଣ ନ କରୁ । ଏହା ତାଙ୍କର ଅସ୍ଥିର ମାନସିକତାର ପ୍ରମାଣ । ତେଣୁ ପ୍ରଥମେ ଟ୍ରମ୍ପ ନିଜ ବିଚାରକୁ ସ୍ଥିର ରଖିବା ଦରକାର, ତା'ପରେ ଯାଇ ତାଙ୍କ ନୀତି ଦୃଢ଼ ହେବ, ଯାହା ନେଇ କୌଣସି ଅଦାଲତକୁ ଆପତ୍ତି କରିବା ଆବଶ୍ୟକ ପଡ଼ିବ ନାହିଁ । ❐❐

# ଓଡ଼ିଶାର ବନ୍ଧୁକରେ କୋଡ଼ିଏ ବର୍ଷ ଯୁଦ୍ଧ

**ସୌମେନ୍ଦ୍ର ଜେନା**

'ଚୀନର ଚେଆରମେନ୍ ଆମର ଚେଆରମେନ୍', 'ବନ୍ଧୁକର ଗୁଳିରୁ ବାହାରିବ ଜନତାର ଶାସନ', ଶ୍ରେଣୀ ଶତ୍ରୁର ରକ୍ତରେ ଯାହାର ହାତ ଲାଲ ନ ହୋଇଛି, ସେ କମ୍ରେଡ ନୁହେଁ-ଏମିତି ଏମିତି ସ୍ଲୋଗାନ ଦେଇ ପାଖାପାଖି ଛଅ ଦଶନ୍ଧି ଧରି ଭାରତରେ ବାମପନ୍ଥୀ ସନ୍ତ୍ରାସବାଦ ଏକପ୍ରକାର ରକ୍ତଲୀଳା ସୃଷ୍ଟିକରି ଆସିଛି । ଏହିସବୁ ଗଣସଂହାରକାରୀ ଘଟଣା ପଛରେ ହିଂସାକୁ ସମର୍ଥନ କରୁଥିବା ଗୋଷ୍ଠୀ, ସମାଜକୁ ଭୟଭୀତ କରି ଦେଶକୁ ଦୁର୍ବଳକରି ରଖିବାକୁ ଋହୁଁଥିବା ଗୋଷ୍ଠୀ, ଦାରିଦ୍ର୍ୟ ଏବଂ ଅନଗ୍ରସରତାର ନାମରେ ବିଦେଶୀ ଅର୍ଥରେ ତଥାକଥିତ ଆତ୍ମସେବାରେ ମଗ୍ନ ପେସାଦାର ଅୟସପ୍ରିୟ ସ୍ୱେଚ୍ଛାସେବୀ ସଂଗଠନର ସମର୍ଥନ ଯେ ରହିଆସିଛି ତାହା ସମସ୍ତଙ୍କୁ ଜଣାଅଛି । ସବୁ ଦେଶରେ ଅଶିକ୍ଷିତ ନୁହନ୍ତି ବରଂ ଶିକ୍ଷିତ ଲୋକମାନେ ହିଁ ସମସ୍ୟା ସୃଷ୍ଟିକାରୀ ହୋଇଆସିଛନ୍ତି । ଲାଡେନ୍, ଅଲ-ଜବାହିରୀଠାରୁ କେଶବ ରାଓ ଓରଫ ଗଗନ୍ନା ପର୍ଯ୍ୟନ୍ତ ଏହି ତାଲିକା ଲମ୍ବିଆସିଛି । ନିଜସ୍ୱ ମତବାଦ ମାଧ୍ୟମରେ ସମାଜର ସଂଖ୍ୟାଧିକ ଅଶିକ୍ଷିତ ଲୋକଙ୍କୁ ନିଜ ସପକ୍ଷରେ ନେଇ ସେମାନଙ୍କୁ ବନ୍ଧୁକ ଧରାଇ ଅପରାଧୀ କରି ଛିଡା କରାଇବା ହେଉଛି ସେମାନଙ୍କ ଲକ୍ଷ୍ୟ । ଟ୍ରେନ ପୋଡି, ବ୍ୟାଙ୍କ ଲୁଟରେ ସାମିଲ ଥାଇ ପରେ ପୁଲିସ ଗୁଳିରେ ମୃତ୍ୟୁବରଣ କରିଥିବା ଏମିତି ଅନେକଙ୍କୁ ସହିଦର ଆଖ୍ୟା ଦିଆଯାଇଛି । ଏପରିକି ଆଫଜଲ ଗୁରୁ ପରି ସନ୍ତ୍ରାସବାଦୀର ଫାଶିଦଣ୍ଡ ପରେ ତାର ସମର୍ଥନରେ ଜେଏନ୍ୟୁ ପରି ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଏହି ବିଭାଜନକାରୀ ଗୋଷ୍ଠୀଙ୍କ ଦ୍ୱାରା ଦେଶବିରୋଧୀ ସନ୍ତ୍ରାସବାଦର ସମର୍ଥନରେ ସ୍ଲୋଗାନ ଦେବାପରି ଘଟଣାମାନ ଆମେ ଅତୀତ ଦିନମାନଙ୍କରେ ଦେଖିଆସିଛୁ । ଏବେ ଛତିଶଗଡର ନାରାୟଣପୁରର ଅବୁଝମାଡ ଜଙ୍ଗଲ ମଧ୍ୟରେ ନକ୍ସଲ ବିରୋଧୀ କାର୍ଯ୍ୟାନୁଷ୍ଠାନରେ ନକ୍ସାଲୀ ନେତା କେଶବ ରାଓ ସମେତ ଅନ୍ୟ ୨୬ ଜଣ ନକ୍ସଲଙ୍କ ମୃତ୍ୟୁକୁ କିଛି ବ୍ୟକ୍ତି ଅସାମ୍ବିଧାନିକ ଗଣହତ୍ୟା, ବିରୋଧୀମାନଙ୍କୁ ସରକାରଙ୍କ ଯୋଜନାରେ ଦୁର୍ବଳ କରାଯିବା କହି ସମାଲୋଚନା କରାଯାଉଥିଲେ ମଧ୍ୟ ଏହିସବୁ ଷଡଯନ୍ତ୍ର ପଛରେ ଓଡିଶାର ବନ୍ଧୁକ ଗତ କୋଡିଏ ବର୍ଷରୁ ଅଧିକବର୍ଷ ଧରି ନକ୍ସଲଙ୍କ ସହାୟକ ହୋଇଆସିଛି । ଦେଶର ଭିନ୍ନ ଭିନ୍ନ ରାଜ୍ୟରେ ନକ୍ସଲ ଗୋଷ୍ଠୀ ପୁଲିସ ବାହିନୀର ସମ୍ମୁଖୀନ ହେବାପାଇଁ ଓଡିଶାର ବନ୍ଧୁକ ଆଜି ପର୍ଯ୍ୟନ୍ତ ବ୍ୟବହାର କରିଆସିଛନ୍ତି ।

ଗତ ଶତାବ୍ଦୀର ସପ୍ତମ ଦଶକରେ ଆନ୍ଧ୍ରପ୍ରଦେଶର କମ୍ୟୁନିଷ୍ଟ ଲୋକେ ନକ୍ସାଲ ସନ୍ତ୍ରାସକୁ ଏକ ହିସାବ ନିକାଶ ବା ସଂଘର୍ଷ ଓ ରକ୍ତପାତ ମାଧ୍ୟମରେ ସମାଧାନ କରିବାକୁ ନିଜର ଲକ୍ଷ୍ୟ ସ୍ଥିର କରିଥିଲେ । କୋଣ୍ଡାପାଲ୍ଲୀ ସୀତାରମେୟାଙ୍କଠାରୁ ଗଣପତି ଏବଂ ବର୍ତ୍ତମାନର ବସବରାଜୁଙ୍କ ପର୍ଯ୍ୟନ୍ତ ସେହି ଧାରା ଗଡି ଆସିଛି । ନିକଟରେ ୨୦ ମଇ ୨୦୨୫ରେ ଛତିଶଗଡର ନାରାୟଣପୁରର ଅବୁଝମାଡ ଜଙ୍ଗଲରେ ହୋଇଥିବା ଯବାନ ଏବଂ ନକସଲଙ୍କ ମୁହାଁମୁହିଁ ସଂଘର୍ଷରେ ମାଓବାଦୀ ନେତା ବସବାରାଜୁ ଓରଫ ନାଗନ୍ନାଙ୍କ ସମେତ ମୋଟ ୨୭ଜଣଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣା ପରେ ସେଠାରୁ ଅନେକ ଅସ୍ତ୍ରଶସ୍ତ୍ର ଜବତ ହୋଇଥିଲା, ଯେଉଁଥିରେ ଓଡିଶାରୁ ଲୁଟ ହୋଇଥିବା ଇନ୍‌ସାସ ରାଇଫଲ ମଧ୍ୟ ରହିଥିଲା । ୨୦୦୪ରେ କୋରାପୁଟ ଅସ୍ତ୍ରାଗାର ଏବଂ ୨୦୦୮ରେ ନୟାଗଡ ଅସ୍ତ୍ରାଗାରରୁ ବନ୍ଧୁକ ଲୁଟ ହୋଇଥିଲା । କୋରାପୁଟ ଅସ୍ତ୍ରାଗାର ଲୁଟ ଘଟଣାଟି ଏସିଆର ସର୍ବବୃହତ ଲୁଟ୍ ଘଟଣା ଥିଲା । ଗୋଟିଏ ସମୟରେ ୧୦୦୦ରୁ ଅଧିକ ନକ୍ସାଲ ରାଇଫଲ ସମେତ ମୋଟ ୫୦କୋଟି ଟଙ୍କା ମୂଲ୍ୟର ବନ୍ଧୁକ ଲୁଟ୍ କରିଥିଲେ ନକ୍ସଲଙ୍କ ହାତରେ ବନ୍ଧୁକ ପଡିବା ପରେ ପରେ ବସବରାଜୁ, ହିଡମା ପରି ଦୁର୍ଦ୍ଦାନ୍ତ ଅଶିକ୍ଷିତ ବନବାସୀଙ୍କୁ ରକ୍ତପାୟୀ ସନ୍ତ୍ରାସୀରେ ପରିଣତ କରିଥିଲେ । ସେମାନେ ସେଣ୍ଟ୍ରାଲ ମିଲିଟାରୀ ସେକ୍‌ସନ -୧ ଅଧିନରେ ରହି ହତ୍ୟା ଅଭିଯାନ ଚଳାଉଥିଲେ । କୋରାପୁଟ ପରି ନୟାଗଡରୁ ଲୁଟ ବନ୍ଧୁକଗୁଡିକ ମଧ୍ୟ ନକ୍ସଲଙ୍କ ହାତକୁ ଯିବାପରେ ବିଗତ ୨୦ ବର୍ଷ ଧରି ସେମାନେ ନେପାଳରୁ ଦଣ୍ଡକାରଣ୍ୟ ପର୍ଯ୍ୟନ୍ତ ଲାଲ କରିଡର ନିର୍ମାଣ ପାଇଁ ରକ୍ତପାତ କରିଚାଲିଲେ । କେବେ ପୁଲିସର ସୂଚନାଦାତା, କେବେ ସରକାରଙ୍କ ସମର୍ଥକ, କେବେ ଶୋଷଣକାରୀ ବୁର୍ଜୁଆ ଅଭିଯୋଗ ଆଣି ଏମାନେ ସାଧାରଣ ଲୋକଙ୍କୁ ସେମାନଙ୍କ ଠାରୁ ଉଠାଇନେଇ ହତ୍ୟା କରିଆସିଛନ୍ତି । ଅତୀତରେ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଗୁଡିକର ଛାତ୍ରମାନଙ୍କୁ ମଧ୍ୟ ଏମାନେ ଗୁଳିକରି ହତ୍ୟା କରିଆସିଛନ୍ତି । କେବଳ ଆନ୍ଧ୍ରରେ ଭିନ୍ନ ଭିନ୍ନ ୨୬ଟି ଗୋଷ୍ଠୀରେ ବାଣ୍ଟି ହୋଇ ଏମାନେ ଆତଙ୍କ ସୃଷ୍ଟି କରିଆସିଛନ୍ତି । କୋରାପୁଟର ଦେଓମାଳି ପର୍ବତ ନିକଟରେ ଥିବା ଆନ୍ଧ୍ର ପ୍ରଦେଶର ଆରାକୁଭାଲୀ ଅଞ୍ଚଳରେ ୨୦୧୮ରେ ଏକ ବିବାଦର ସମାଧାନ କରିବାପାଇଁ ଯାଇଥିବା ତେଲୁଗୁ ଦେଶମ ବିଧାୟକ ସର୍ବେଶ୍ୱର ରାଓ ଏବଂ ସୁବେରି ସୋମାଙ୍କୁ ନକ୍ସଲମାନେ ହତ୍ୟା କରିଥିଲେ ।

କୋରାପୁଟ ବନ୍ଧୁକ ଲୁଟ ପରେ ୨୦୦୫ରେ ବିହାରର ଜେହାନାବାଦ ଜେଲ ଉପରେ ୧୦୦୦ ସଶସ୍ତ୍ର ନକ୍ସଲ ଆକ୍ରମଣ କରି ୩୭୯ ଜଣ ବନ୍ଦୀଙ୍କୁ ଜେଲ ଭାଙ୍ଗି ନେଇଯାଇଥିଲେ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଏହି ଘଟଣା ସବୁଠୁ ବଡ ଜେଲ ଭଙ୍ଗା ଘଟଣା ଥିଲା । ସେହି ଜେଲରେ ବନ୍ଦୀଥିବା ୩୦ଜଣ ନକ୍ସଲ ବିରୋଧୀଙ୍କୁ ଅପହରଣ କରାଯାଇ ପରେ ହତ୍ୟା କରାଯାଇଥିବା ଅଭିଯୋଗ ଉଠିଥିଲା । ୬ ଏପ୍ରିଲ ୨୦୧୦ରେ ଦନ୍ତେୱାଡାରେ ୭୬ଜଣ ସିଆରପିଏଫ୍ ଯବାନଙ୍କୁ ନକ୍ସଲ ହତ୍ୟା କରିଥିଲେ । ସେହି ଘଟଣାରେ ୮ଜଣ ନକ୍ସଲ ମଧ୍ୟ ମୃତ୍ୟୁବରଣ କରିଥିଲେ । ନକ୍ସଲ ଆକ୍ରମମ ମଧ୍ୟରେ ତାହା ଥିଲା ସବୁଠୁ ବଡ ଘଟଣା ।

ସେମିତି ୨୦୧୩ରେ ଛତିଶଗଡର ଜିରମଘାଟୀରେ ୨୫ମଇ ଦିନ ନକ୍ସଲଙ୍କ ଆକ୍ରମଣରେ ମୋଟ ୩୩ଜଣଙ୍କର ମୃତ୍ୟୁ ଘଟିଥଲା । ସେମାନଙ୍କ ମଧ୍ୟରେ ୨୭ଜଣଥିଲେ ଛତିଶଗଡର କଂଗ୍ରେସ ନେତା । ସେମାନେ ପରିବର୍ତ୍ତନ ଯାତ୍ରା ଅଭିଯାନରେ ବାହାରି ସୁକମାର ଜିରମଘାଟୀ ଅଞ୍ଚଳରେ ପହଞ୍ଚିଥିବା ସମୟରେ ପ୍ରାୟ ୧୦୦ ସଶସ୍ତ୍ର ନକ୍ସଲ ସେମାନଙ୍କ ଉପରେ ଆଖିବୁଜି ଗୁଳିଚଳନା କରିଥିଲେ । କଂଗ୍ରେସ ଦଳର ମହେନ୍ଦ୍ର କର୍ମା, ବିଦ୍ୟାଚରଣ ଶୁକ୍ଳ, ନନ୍ଦକୁମାର ପଟେଲଙ୍କ ପରି ପ୍ରମୁଖ ନେତୃବୃନ୍ଦ ହତ୍ୟାର ଶିକାର ହୋଇଥିଲେ । ଉକ୍ତ ଆକ୍ରମଣ ପାଇଁ ପ୍ରାୟ ଏକମାସ ପୂର୍ବରୁ ନକ୍ସଲମାନେ ଅଭ୍ୟାସ କରିଥିଲେ ।

ଦେଖିବାକୁ ଗଲେ ଓଡିଶାରୁ ପ୍ରାୟ ୩୦୦୦ରୁ ଅଧିକ ସଂଖ୍ୟକ ବନ୍ଧୁକ ଲୁଟ କରିଥିବା ନକ୍ସଲ ବାହିନୀ ପରେ ଝାଡଖଣ୍ଡ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ଛତିଶଗଡ, ଝାଡଖଣ୍ଡ, ବିହାର, ଉତ୍ତର ପ୍ରଦେଶ ରାଜ୍ୟରେ କାର୍ଯ୍ୟ ବିସ୍ତାର କରିଥିଲେ । ଦେଶରେ ୧୦୦ରୁ ଅଧିକ ଜିଲ୍ଲାରେ ଏମାନଙ୍କ ପ୍ରାଦୁର୍ଭାବ ବଢିଥିଲା । କେନ୍ଦ୍ରର ମୋଦୀ ସରକାର କ୍ଷମତାକୁ ଆସିବା ପରଠାରୁ ଅନେକ ସକାରାତ୍ମକ ପଦକ୍ଷେପ ଗ୍ରହଣ କରି ଦୁର୍ଗମ ଅଞ୍ଚଳର ବିକାଶ ଉପରେ ଧ୍ୟାନ ଦେଲେ । ନକ୍ସଲ ବିରୋଧୀ ସ୍ୱତନ୍ତ୍ର ବାହିନୀ ଗଠନ କରାଯାଇ ଅଭିଯାନ ଚଳାଗଲା । ଯାହା ଫଳରେ ଲାଲ ସନ୍ତ୍ରାସର କ୍ୟାନସରରୁ ନିୟନ୍ତ୍ରଣକୁ ଅଣାଯିବା ପାଇଁ ଚେଷ୍ଟା ହେଲା । ଏବେ ଦଣ୍ଡକାରଣ୍ୟ କ୍ଷେତ୍ରର ଓଡିଶା, ଆନ୍ଧ୍ର, ଛତିଶଗଡ ଏବଂ ମହାରାଷ୍ଟ୍ରର ପରିବ୍ୟାପ୍ତ ପର୍ବତମାଳା ଓ ଜଙ୍ଗଲ ଅଞ୍ଚଳରେ ନକସଲମାନେ ସୀମିତ ଏବଂ ସଂକୁଚିତ ହୋଇ ରହିଛନ୍ତି । ଅତୀତରେ ଜାନକୀ ପଟ୍ଟନାୟକ, ବିଜୁ ପଟ୍ଟନାୟକ ଏବଂ ନବୀନ ପଟ୍ଟନାୟକଙ୍କ ଶାସନକାଳରେ ନକ୍ସଲ ଗୋଷ୍ଠୀଙ୍କୁ ଭରପୁର ଶାସନକଳର ସମର୍ଥନ ମିଳିଥିଲା । ଯାହା ଫଳରେ ରାୟଗଡାର ଗୁଣୁପୁର, ମାଲକାନଗିରି ମଧ୍ୟରେ ସୀମିତ ଥିବା ଏହି ଗୋଷ୍ଠୀ ପରେ ନୟାଗଡ, ଗଞ୍ଜାମ, ଜଗତସିଂହପୁର, କନ୍ଧମାଳ ସମେତ ଅନ୍ୟାନ୍ୟ ପଶ୍ଚିମ ଓଡିଶାର ଜିଲ୍ଲାକୁ ଦଖଲ କରିବାକୁ ପ୍ରୟାସ କରିଥିଲେ । ଜାନକୀ ବାବୁ ନକ୍ସଲଙ୍କୁ ଏକ ସମସ୍ୟାଭାବେ ଗ୍ରହଣ କରୁନଥିଲାବେଳେ ବିଜୁବାବୁ ଖୋଲାଖୋଲି ନିଜକୁ ଜଣେ ନକ୍ସଲ କହୁଥିଲେ । ନବୀନବାବୁଙ୍କ ଶାସନ କାଳରେ ବିଜେଡି ନେତାଙ୍କ ନକ୍ସଲ ପୁତ୍ର ସବ୍ୟସାଚୀଙ୍କ ଯୋଜନାରେ କନ୍ଧମାଳରେ ଖ୍ରୀଷ୍ଟିଆନ ନକ୍ସଲମାନେ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କୁ ହତ୍ୟା କରିଥିଲେ । ତତ୍‌କାଳୀନ ବିଜେଡିର ପ୍ରମୁଖ ନେତା ପ୍ୟାରୀମୋହନ ମହାପାତ୍ର ନକ୍ସଲମାନଙ୍କୁ ଘଣ୍ଟ ଘୋଡାଇବା ଦ୍ୱାରା ସେହି ଘଟଣାର ଅନୁସନ୍ଧାନ ଗତ ୧୭ବର୍ଷ ହେଲା ସରିନାହିଁ କି ଦୋଷୀମାନେ ଦଣ୍ଡିତ ହୋଇନାହାନ୍ତି । ଓଡିଶାର ନାଗଭୂଷଣ ପଟ୍ଟନାୟକଙ୍କଠାରୁ ସବ୍ୟସାଚୀ ପଣ୍ଡାଙ୍କ ପର୍ଯ୍ୟନ୍ତ କେହି ନକ୍ସଲ ସଂଗଠନର ମୁଖ୍ୟବଳୟକୁ ଯାଇପାରିନଥିଲେ । ତାର କାରଣ ହେଲା ଆନ୍ଧ୍ରନେତାଙ୍କ ସାଂଗଠନିକ ବର୍ଚ୍ଚସ୍ୱ ଏ ପର୍ଯ୍ୟନ୍ତ କାଏମ୍ ରହିଛି । କହିବାକୁ ଗଲେ ଓଡିଶାର ବନ୍ଧୁକ, ଦକ୍ଷିଣ ଓଡିଶାର ଗଞ୍ଜେଇରୁ ମିଳୁଥିବା ଅର୍ଥ ନକ୍ସଲଗୋଷ୍ଠୀଙ୍କୁ ଖୋରାକ ଯୋଗାଇଥିଲା ବେଳେ ଛତିଶଗଡ ଏବଂ ଓଡିଶାର ଆଦିବାସୀମାନେ ମୋହରା ହୋଇ କାର୍ଯ୍ୟ କରିଚାଲିଛନ୍ତି । କିନ୍ତୁ ଏହି ସଂଗଠନର ନେତୃତ୍ୱ କୋଣ୍ଡାପାଲ୍ଲୀ, ଗଣପତି କିମ୍ବା କେଶବରାଓ ଓରଫ ବସବରାଜୁଙ୍କ ହାତରେ ସବୁବେଳେ ରହିଆସିଛି ।

କହିବାକୁ ଗଲେ ରାଜ୍ୟ ସରକାରମାନଙ୍କର ନକ୍ସଲଙ୍କ ପ୍ରତି ସମର୍ଥନ, ନିଜ ଅଞ୍ଚଳରେ ପ୍ରଭୁତ୍ୱ ବୃଦ୍ଧିରେ ସହଯୋଗ ଏବଂ ପ୍ରକାରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଯୋଗୁ ଏହି ସମସ୍ୟା ଗତ ୫୦ବର୍ଷ ଧରି ସମାଜ ଭିତରେ ସନ୍ତ୍ରାସକୁ କାଏମ୍ ରଖିବା ପାଇଁ ସଫଳ ହୋଇଛି । ଓଡିଶା ସରକାର ଏହି ସନ୍ତ୍ରାସକୁ ନିଜ ବନ୍ଧୁକ ସମର୍ପଣ କରିଦେଇ ଏକ ପ୍ରକାର ନିରବ ସମର୍ଥନ କରିଆସିବା ଯୋଗୁ ଆଜି ଏହି ସମସ୍ୟା ଏତେ ବ୍ୟାପକ ହୋଇଛି । ଓଡିଶାର ଲୋକେ ଏଥିପାଇଁ ବହୁମୂଲ୍ୟ ଦେଉଛନ୍ତି । ଶୋଷଣମୁକ୍ତି ନାମରେ ଚାଲିଆସିଥିବା ଏହି ରକ୍ତାକ୍ତ ଫାର୍ସଲୀଳାକୁ ବନ୍ଦ କରିବା ପାଇଁ କେନ୍ଦ୍ର ସରକାର ଯେଉଁ ପଦକ୍ଷେପ ନେଇଛନ୍ତି, ଯେପରି ଟାର୍ଗେଟ ରଖି କାର୍ଯ୍ୟ କରିଚାଲିଛନ୍ତି, ତାହା ବେଶ୍ ପ୍ରଶଂସନୀୟ । ଓଡିଶା ସରକାର ଏଥିରେ ସାମିଲ ହୋଇ ରାଜ୍ୟର ପଶ୍ଚିମ ଓ ଦକ୍ଷିଣାଞ୍ଚଳରେ ଜଙ୍ଗଲ, ଅଭୟାରଣ୍ୟ ମଧ୍ୟରେ ଲୁଚି ରହୁଥିବା ନକ୍ସଲମାନଙ୍କୁ ନିପାତ କରିବାପାଇଁ ପ୍ରୟାସ କରନ୍ତୁ, ନିଜର ଅସ୍ତ୍ରାଗାର ଯେପରି ଭବିଷ୍ୟତରେ ନକ୍ସଲଙ୍କ ହାତରେ ନପଡେ ସେଥିପାଇଁ ଆବଶ୍ୟକ ବ୍ୟବସ୍ଥା କରନ୍ତୁ ।

ଭୁବନେଶ୍ୱର

# ଜୀବନ ପରୀକ୍ଷାର ଆହ୍ୱାନ

**ଯଶସ୍ୱିନୀ ପଟ୍ଟନାୟକ**

ମଣିଷର ଜୀବନ ସମ୍ପୂର୍ଣ୍ଣ ଧରାବନ୍ଧା ପରୀକ୍ଷା ଭିତରେ ଆବଦ୍ଧ। କିଏ ଉତ୍ତୀର୍ଣ୍ଣ ହୋଇଯାଉଛି, କିଏ ଉତ୍ତୀର୍ଣ୍ଣ ହେବା ପାଇଁ ସମୟ ନେଉଛି। କିନ୍ତୁ ଜୀବନଚକ୍ରର ପରୀକ୍ଷାରେ ସମସ୍ତେ ଅତିକ୍ରମ କରି ସଫଳତା ପାଉଛନ୍ତି। ଯେଉଁମାନେ ବିଫଳତା ବୋଲି କିଛି ଭାବୁଛନ୍ତି ତାହା ପ୍ରକୃତରେ ଅସଫଳତା ନୁହେଁ ତାହା ହେଉଛି ଏକ ଆହ୍ୱାନଭରା ପରୀକ୍ଷା। ଶିକ୍ଷା ବିଭାଗ ପରିଚାଳିତ ମାଟ୍ରିକ ପରୀକ୍ଷା ଆଉ ଅଳ୍ପ ଦିନ ରହିଥିବାବେଳେ ଏହି ପରୀକ୍ଷାକୁ ନେଇ ପିଲାମାନଙ୍କ ଭିତରେ ଅନେକ ଦ୍ୱନ୍ଦ, ଅହେତୁକ ଭୟ ଓ ଚାପ ମଧ୍ୟ ଆସିଥାଏ। ନିଜ ପାଠ୍ୟ ପ୍ରସ୍ତୁତିକୁ ନେଇ ଚାପ, ଅଭିଭାବକମାନଙ୍କ ଚାପ ଆଉ ବିଦ୍ୟାଳୟର ଚାପ ଏ ସବୁ ଭିତରେ ସହପାଠୀ ମାନଙ୍କ ଏକ ଚାପକୁ ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେବେ ମୁଁ ତୁମ ମାନଙ୍କୁ ସମ୍ପୂର୍ଣ୍ଣ ଚାପମୁକ୍ତ ରହି ଆନନ୍ଦମୟ ପରୀକ୍ଷା ପାଇଁ ପ୍ରସ୍ତୁତି ନିମିତ୍ତ କିଛି କଥା ବାଣ୍ଟିବାକୁ ଆଜି କଲମ ଧରିଛି। ସର୍ବପ୍ରଥମେ ଏହାକୁ ଏକ ଆହ୍ୱାନଭରା, କଷ୍ଟକର ଏବଂ ଗଣିତ ପାଠ ପରି ଅବୁଝା ମାନସାଙ୍କ ଭାବନା। ତୁମେ ବର୍ଷ ସାରା ଯେଉଁ ବହିପତ୍ରର ଅଙ୍କାବଙ୍କା ଅକ୍ଷର ସହିତ ଓ ଘଟଣା ସହିତ ଜଡ଼ିତ ରହିଛ ତାହା କ'ଣ ତୁମ ପାଇଁ ଅବୁଝା ? ଦୁର୍ବୋଧ ? ତାହା କ'ଣ ତୁମ ପାଇଁ କେବେ ଆହ୍ୱାନ ସୃଷ୍ଟି କରିବ ? କାରଣ ଗୋଟିଏ ପାଠପଢ଼ାର ବହିର ଅକ୍ଷର ଗୁଡ଼ିକ କେବଳ ପରୀକ୍ଷା ପାଇଁ ନୁହେଁ ଏହା ତୁମ ଜୀବନର ଅତି ମୂଲ୍ୟବାନ ଓ ସ୍ମରଣୀୟ ଧାଡ଼ି ଗୁଡ଼ିକ। ତେଣୁ ଏ ସବୁକୁ ପରୀକ୍ଷାର ଜିନିଷ ବୋଲି ଆଦୌ ବିଚାର କରନାହିଁ। ବେଶ ଖୁସି ଓ ଆନନ୍ଦର ସହିତ ପରୀକ୍ଷାର ଦିନକୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତ ରୁହ। ତୁମେ ଟିକିଏ ମନେପକାଅତ, ନୂଆବର୍ଷ ହେଉ ବା ଦଶହରା, ତୁମ ଜନ୍ମ ଦିନ ହେଉ ବା ତୁମର କୌଣସି ଘରୋଇ ଉତ୍ସବ ଅବକାଶ ଏହାକୁ ତୁମେ କେତେ ଖୁସି ଓ ଆନନ୍ଦର ସହିତ ଅପେକ୍ଷା କରିଥାଅ। ଠିକ ସେହିପରି ପରୀକ୍ଷା ତ ତୁମର ଏକ ଆନନ୍ଦମୟ ଅବସର। ତାକୁ ଖୁସି ଓ ଆନନ୍ଦର ସହିତ ସ୍ୱାଗତ କର। ଦେଖିବ ପରୀକ୍ଷା ଓ ତୁମ ଭିତରେ କୌଣସି ପ୍ରଭେଦ ମଧ୍ୟ ରହିବନାହିଁ। ଦ୍ୱିତୀୟରେ ପରୀକ୍ଷା ପୂର୍ବ ସମୟ ଓ ତୁମର ବର୍ଷ ତମାମର ସମୟ ଭିତରେ କୌଣସି ପାର୍ଥକ୍ୟ ରଖନାହିଁ। ତୁମ ସମୟର, ତୁମ ଘର ଘଣ୍ଟାର କଣ୍ଟା ଗୁଡ଼ିକ ଯେଉଁପରି ପ୍ରତିଦିନ ଅତିକ୍ରମ କରେ ଠିକ ସେହିପରି ତୁମେ ତାହାକୁ ଅତିକ୍ରମ କର ଓ ତା ସହିତ ସମୟ ଅତିବାହିତ କର। ଅର୍ଥ ମୁଁ ତୁମକୁ ଟିକେ ବୁଝାଇ ଲେଖୁଛି। ସେହିପରି ବିଚଳିତ, ଅଧୈର୍ଯ୍ୟ, ଭୟ ଓ ଆଶଙ୍କା ଏହି ଚାରୋଟି ଶବ୍ଦକୁ ତୁମ ଡିକ୍ସନାରୀରୁ କିଛି ଦିନ ପାଇଁ ସେମାନଙ୍କୁ ବନ୍ଧୁ ତାଲିକାରୁ କାଟି ରଖିଦିଅ। ଜୀବନର ପରବର୍ତ୍ତୀ ସମୟରେ ସେମାନଙ୍କୁ ତୁମେ ବନ୍ଧୁ କରିପାର ! ଘରୋଇ ଖାଦ୍ୟ, ମାଆଙ୍କ ହାତରନ୍ଧା ଖାଦ୍ୟ ଯାହାକି ସୁଷମ ଓ ସ୍ୱାସ୍ଥ୍ୟକର ତାହାକୁ ଗ୍ରହଣ କର। ରାତିରେ ଅତି କମରେ ସାତ ଘଣ୍ଟା ଭଲ ନିଦରେ ଶୁଅନ୍ତୁ। ଏହାସହ ଶୋଇବା ପୂର୍ବରୁ ଗରମ କ୍ଷୀର କିମ୍ବା ନଖ ଉଷୁମ ପାଣିରେ ଲେମ୍ବୁ ରସ ପକାଇ ପିଇବା ଭଲ। ମାସକ ପରେ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଥିବା ପରୀକ୍ଷାର୍ଥୀଙ୍କୁ ଏ ବିଷୟରେ ସଚେତନ କରିବାକୁ ନିକଟରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଓସେପା ପକ୍ଷରୁ ପରାମର୍ଶ ଦିଆଯାଇଛି ଯେ ଛାତ୍ରଛାତ୍ରୀ ଦୈନିକ ଆଠ ଘଣ୍ଟାରୁ ଦଶ ଘଣ୍ଟା ପଢ଼ିବା ପରେ ବାକି ସମୟର ନିଜକୁ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ନିୟୋଜିତ କରାନ୍ତୁ।

ଅଭିଭାବକଙ୍କୁ ମଧ୍ୟ କେତେକ ଉପଯୋଗୀ ପରାମର୍ଶ ଦିଆଯାଇଛି। ଘରେ ଅନୁକୂଳ ପରିବେଶ ସୃଷ୍ଟି କରି ପିଲାକୁ ପାଠ ପଢ଼ିବା ପାଇଁ ପ୍ରୋତ୍ସାହିତ କରିବାକୁ ହେବ। ପଢ଼ିବା ସହିତ ଖେଳ ଓ ମନୋରଞ୍ଜନ ସୁଯୋଗ ଦେବା, ପିଲାର ଖାଇବା ଓ ଶୋଇବା ପ୍ରତି ଧ୍ୟାନ ଦେବା, ନିଜର ପିଲାକୁ ଅନ୍ୟ କେଉଁ ପିଲା ସହିତ ତୁଳନା ନ କରିବା, ପିଲାର ସାମର୍ଥ୍ୟ ଅନୁସାରେ ତା ଠାରୁ ସେତିକି ଆଶା କରିବା, ପିଲା ସହିତ ଖୋଲାଖୋଲି ଭାବେ ଆଲୋଚନା କରିବା, ଯଦିଓ ପରୀକ୍ଷାକୁ ନେଇ ତାହାର ଚିନ୍ତା ଓ ଭୟ ଦୂର କରାଇ ଆତ୍ମବିଶ୍ୱାସ ବଢ଼ାଇବାକୁ ପରାମର୍ଶ ଦିଆଯାଇଛି। ଏଥି ସହିତ ଛାତ୍ରଛାତ୍ରୀମାନଙ୍କ ସହିତ ପରୀକ୍ଷା ପ୍ରସ୍ତୁତି ବିଷୟରେ ଆଲୋଚନା କରିବାକୁ ବିଦ୍ୟାଳୟ ଗୁଡ଼ିକୁ କୁହାଯାଇଛି। ଏସବୁ ବାଦ ତୁମେ, ଯେଉଁ ପାଠ୍ୟକ୍ରମ ବୁଝି ପାରୁନାହଁ ତୁମ ଶ୍ରେଣୀ ଶିକ୍ଷକ ହୁଅନ୍ତୁ ବା ତୁମ କୋଚିଂ ସହାୟକ ସାର ତାଙ୍କ ପରାମର୍ଶ ନିଅ। ହଁ, ପିଲାମାନେ ଗୋଟିଏ ଭଲ କଥା ଟିକିଏ ମନେରଖ। କେହି କେହି କୁହନ୍ତି ପରୀକ୍ଷା ପୂର୍ବରୁ ମୋବାଇଲ ଫୋନ ଆଦୌ ଧରିବ ନାହିଁ। ମୁଁ କିନ୍ତୁ ତୁମ ମାନଙ୍କୁ ଏପରି ପରାମର୍ଶ ଦେବି ନାହିଁ। ତୁମେ ନିଶ୍ଚିନ୍ତ ଧୈର୍ଯ୍ୟଶୀଳ ଓ ସଂଯମୀ ତାହା ମୁଁ ଜାଣେ। ତେଣୁ ନିର୍ଦ୍ଦିଷ୍ଟ ସମୟ ଅବଧାନ ରଖି ତୁମେ କିଛି ସମୟ ମୋବାଇଲ ପାଇଁ ଦେଇପାର। ଏହା ତୁମ ପାଠ୍ୟକ୍ରମ ସହ ମାନସିକତା ପାଇଁ ଜରୁରୀ ମଧ୍ୟ। ଖୋଲା ପବନରେ, କିଛି ଖୋଲା ପରିବେଶରେ ସମୟ କାଟିବାକୁ ପସନ୍ଦ କର। ଚାପରୁ ମୁକ୍ତ ହୋଇ, ତୁମେ ନିତିଦିନ ଯେଉଁ ବହି ଅକ୍ଷରର ବନ୍ଧୁମାନଙ୍କୁ ଆପଣେଇଛ ସେମାନଙ୍କ ଉପରେ ଭରଷା, ବିଶ୍ୱାସ ଓ ଆସ୍ଥା ରଖି ତୁମ ଜୀବନର ସବୁଠାରୁ ମୂଲ୍ୟବାନ ଓ ଉପଯୋଗୀ ପରୀକ୍ଷା ବନ୍ଧୁକୁ ସାମ୍ନା କରିବାକୁ ପ୍ରସ୍ତୁତ ହୁଅ। ଦେଖିବ ସେ ତୁମ ହାତ କେବେ ଛାଡ଼ିବ ନାହିଁ, ତୁମ ମନକୁ ଊଣା କରିଲାପରି ତୁମକୁ ଅସଫଳର ବିନ୍ଦୁଏ ଭରଷା ମଧ୍ୟ କମ କରିବନାହିଁ, ତୁମକୁ ସଫଳତାର ସୂର୍ଯ୍ୟୋଦୟ ଦେଖାଇବା ସହ ଜୀବନକୁ ଆଗେଇ ନେବା ପାଇଁ ବନ୍ଧୁତ୍ୱର ଶ୍ରେଷ୍ଠ ନିଦର୍ଶନ ନିଶ୍ଚିନ୍ତ ସେ ତୁମକୁ ସାଫଲ୍ୟର ବିଜୟ ମାଳା ପିନ୍ଧାଇବ ଏହା ଦୃଢ଼ ନିଶ୍ଚିନ୍ତ। ଭକ୍ତକବି ମଧୁସୂଦନଙ୍କ କାଳଜୟୀ ଓ ସ୍ମରଣୀୟ ଧାଡ଼ିଟି ତୁମ ମାନଙ୍କୁ ମନେପକାଇ ଦେଉଛି - 'ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ।

ସେକ୍ଟର-୮, ସିଡିଏ, କଟକ

# ବାପାଙ୍କ ମହତ୍ତ୍ୱ

**ଡ଼ ସୀତାକାନ୍ତ ତ୍ରିପାଠୀ**

ପିଲାବେଳେ ଲୋକମାନେ ମୋତେ ଅମୁକ ପୁଅ ଅମୁକ ନାତି ବୋଲି କହି ସମ୍ବୋଧନ କଲାବେଳେ ମୋ ମନରେ ଅଧିକାଂଶ ସମୟରେ ଅଭିମାନ ଆସେ ଆଉ ବେଳେବେଳେ ରାଗ ମଧ୍ୟ ହୁଏ । ମନେମନେ ଭାବେ ମୋର କ'ଣ ନାଁ ନାହିଁ । ମୋ ନାଁରେ କାହିଁକି ଲୋକମାନେ ମୋର ପରିଚୟ ଦେଉନାହାନ୍ତି ଇତ୍ୟାଦି ଇତ୍ୟାଦି । ଦିନ ପରେ ଦିନ, ମାସ ଓ ବର୍ଷ ଗଡ଼ି ଚାଲିଲା ଲୋକମାନେ କହିଲେ ତୁ ବଡ଼ ଭାଗ୍ୟବାନ । ବାପାର ପୁଅ ହିସାବରେ ଦିନ କଟୁଛି ।

କଥାରେ ପରା ଅଛି 'ବାପା ଥିଲା ପୁଅ ସଭାରେ ହାରେନି' ମୁଁ ଭାବେ ମୋର ଯଦି ନିଜର କିଛି ଗୁଣ ନଥିବ ମୁଁ କ'ଣ ସବୁଠି ଜିତି ପାରିବି ? ହାରିବା ଜିତିବା ତ ସଂସାରର ନିୟମ ବାପ ନଥିଲେ କ'ଣ ପୁଅ ଜିତିବନି ନା ବାପ ଥିଲେ ପୁଅ ହାରିବନି ବୋଲି କୌଣସି ଯୁକ୍ତି ଯୁକ୍ତତା ଅଛି ? ପରବର୍ତ୍ତୀ ସମୟରେ ତୈତିରୀୟ ଉପନିଷଦର ଅମୃତବାଣୀ ପଢ଼ିବାର ସୁଯୋଗ ମିଳିବାରୁ ସେଥିରେ ବାପାଙ୍କ ବିଷୟରେ ଲେଖାଥିଲା 'ପିତୃ ଦେବ ଭବଃ' ସେତେବେଳେ ମଧ୍ୟ ମଧ୍ୟରେ ସଂଶୟ ଜାତ ହେଲା ମୋ ବାପା କ'ଣ ସତରେ ଜଣେ ଦେବତା ? ଜୀବନର ବିଭିନ୍ନ ପାହାଚରେ ଉଙ୍କି ମାରିଥିବା ଏସବୁ ଅଜବ ପ୍ରଶ୍ନର ଉତ୍ତର ଏବେ ମୋତେ ପ୍ରାୟତଃ ମିଳି ସାରିଛି । ଯେମିତି ଗୀତାର ଶ୍ଳୋକ 'ଯଥା ନଦୀନାଂ ବହବସବୁ ବେଗାଃ ସମୁଦ୍ର ମେବା ଭିମୂଖା ଦ୍ରବନ୍ତି' । ନଦୀର ଯେତେ ପାଣି ବୋହିଲେ ମଧ୍ୟ ସେସବୁ ସମୁଦ୍ରରେ ଯାଇ ମିଶିଥାଆନ୍ତି ସେହିଭଳି ପିଲାମାନଙ୍କର ସବୁ ଅଳି ଅର୍ଦ୍ଦଳି, ଭଲ, ମନ୍ଦ, ହାନୀ-ଲାଭ ସବୁ ବାପାଙ୍କ ମୁଣ୍ଡରେ ଚାଲିଯାଏ । ବାପା ନଥିଲେ ଦୋଷ ମୁଣ୍ଡାଇବ କିଏ ? ନା ଆଉ କାହା ମୁଣ୍ଡରେ ନେଇ ନିଜ ଦୋଷର ଅଠା ବୋଳିହେବ । କେବଳ ବାପା ହିଁ ସେ ସବୁକୁ ନିଜ ମୁଣ୍ଡକୁ ନେଇ ତାର ସମାଧାନ କରିବାର ସିଦ୍ଧହସ୍ତ । 'ହାତୀ ଯେଉଁଠି ବୁଲିଲେ ସିଏ ରାଜାଙ୍କର' ନ୍ୟାୟରେ ପିଲାମାନେ ଯେଉଁଠି ଯାହା ନିନ୍ଦା ପ୍ରଶଂସା ଗୋଟାନ୍ତି ତାହା ବାପାଙ୍କ ନାଁରେ ଗଡ଼ିଯାଏ । ତା'ଛଡ଼ା ବିନା ଦ୍ୱିଧା ଓ ଶଙ୍କୋଚ ଓ ଅନାବିଳ ଭାବେ ଆଉ କିଏ ମୁଣ୍ଡରେ ହାତ ରଖି କହିବ ଆରେ ତୁ ଯାହା ଭାବୁଛୁ କରିଚାଲ ମୁଁ ପରା ଅଛି ଯାହା ହେବ ଦେଖାଯିବ । ଏହି ପଦକ କଥାରେ ହିଁ ଶତ ସିଂହର ବଳ ଓ ଉତ୍ସାହ ଆସିଯାଏ ଆଉ ସଫଳତା ହେଉକି ବିଫଳତା ସେସବୁକୁ ସଠିକ ଭାବେ ସାମ୍ନା କରିବା ପାଇଁ ମନର ବଳ ଦୃଢ଼ ହୋଇଯାଏ । ଆଉ ଯିଏ ଜୀବନର ପ୍ରତିଟି ପାହାଚରେ ମୋତେ ହାତଧରି ଚଲାଇ ଶିଖାଇଲେ ସିଏ ମୋ ପାଇଁ ଦେବତା ନୁହେଁ ତ ଆଉ କ'ଣ । କଥିତ ଅଛି ଦେବତା ମାନେ ଆଶୀର୍ବାଦ କଲେ ସେମାନେ ବିଭିନ୍ନ ଅସମ୍ଭବ କଥାକୁ ସମ୍ଭବ କରିଥାଆନ୍ତି । ଜୀବନର ସମସ୍ତ ସଙ୍କଟ ଟଳି ଯାଏ । ବାପା ତ ଏଥିରୁ କିଛି କମ୍ ନୁହଁନ୍ତି ତାଙ୍କର ଉପଦେଶ ଯୋଗୁଁ ଜୀବନର ଅନେକ ଘଡ଼ିସନ୍ଧି ମୁହୂର୍ତ୍ତକୁ ମୁଁ ସାମ୍ନା କରିବାର ଶକ୍ତି ସାମର୍ଥ୍ୟ ହାସଲ କରିପାରିଛି ଆଉ ଅନେକ ସଙ୍କଟରୁ ବର୍ତ୍ତି ଯାଇଛି । ଖାଦ୍ୟ, ପାନୀୟ, ଶିକ୍ଷା ଆଦି ସମସ୍ତ ସୁବିଧା ସୁଯୋଗ ମୋତେ ଦେଇଦେବା କେବଳ ଜଣେ ବାପାର କର୍ତ୍ତବ୍ୟ ଏବଂ ଦାୟିତ୍ୱ ମନେ କରିବା ମୂର୍ଖାମି କିମ୍ବା ବାପାଙ୍କ ଯୋଗୁଁ ମୁଁ ଧରାପୃଷ୍ଠକୁ ଆସିଥିବାରୁ ଏହା ତାଙ୍କ ପାଇଁ କରଣୀୟ ବୋଲି ମନେ କରିବା ମଧ୍ୟ ଗର୍ହିତ । କାରଣ ସନ୍ତାନ ହିସାବରେ ଆମେ ଆମର ଦାୟିତ୍ୱ ଏବଂ କର୍ତ୍ତବ୍ୟ କେତେ ମାତ୍ରାରେ ଓ କିଭଳି ନିଭାଇ ପାରିଛନ୍ତି ତାହା ବିଚାର୍ଯ୍ୟ ।

ଭଦ୍ରକ

ମୋ:୯୭୭୮୭୬୪୩୯୪

# ସଂପର୍କର ମୋହ

ମହାଭାରତ ଯୁଦ୍ଧରେ କୌରବମାନେ ଯୁଦ୍ଧର ନିୟମ ଭଙ୍ଗ କରି ଅଭିମନ୍ୟୁଙ୍କୁ ଚାରିପଟୁ ଘେରି ମାରି ପକାଇଲେ। ଏ ଦୁଃସମ୍ବାଦରେ ସମସ୍ତ ପାଣ୍ଡବ ବାହିନୀ ଦୁଃଖରେ ଭାଙ୍ଗି ପଡ଼ିଲେ। ଅର୍ଜୁନ ଧନୁ ଫିଙ୍ଗିଦେଇ ଆଉ ଯୁଦ୍ଧ କରିବେ ନାହିଁ ବୋଲି ଅଡ଼ି ବସିଲେ। ପୁତ୍ର ରକ୍ତରେ ରଞ୍ଜିତ ରାଜ୍ୟକୁ ଭୋଗ କରିବାକୁ ସେ ଅନିଚ୍ଛା ପ୍ରକାଶ କଲେ। ଅର୍ଜୁନଙ୍କ ସିଦ୍ଧାନ୍ତ ଥିଲା ଅଟଳ।

ଶ୍ରୀକୃଷ୍ଣ ତାଙ୍କୁ ଅନେକ ବୁଝାଇଲେ। ଏ ଶରୀର ଅନିତ୍ୟ, ମୃତ୍ୟୁ ଅନିବାର୍ଯ୍ୟ। ସଂସାରରେ କେହି କାହାର ନୁହନ୍ତି ବୋଲି ଅନେକ ବୁଝାଇଲେ। ତଥାପି ଅର୍ଜୁନ ନିଜ ଜିଦ୍‌ରୁ ଟଳିଲେ ନାହିଁ। ଅଭିମନ୍ୟୁ ନ ଫେରିଲେ ମୁଁ ଆଉ ଯୁଦ୍ଧ କରିବି ନାହିଁ। ଶ୍ରୀକୃଷ୍ଣ କହିଲେ ତୁମ ସହିତ ମୁଁ ତାର ଭେଟ କରାଇ ଦେଉଛି। ତାକୁ ଆଣି ପାରିବାଟା ତୁମ ଉପରେ ନିର୍ଭର କରେ। ସେ ଅର୍ଜୁନଙ୍କୁ ଲୋକାଲୋକ ପର୍ବତର ଆରପାରିକୁ ନେଇଗଲେ। ସେଠାରେ ପୃଥିବୀ ନଥିଲା କି ସୂର୍ଯ୍ୟ ନ ଥିଲେ। ଚକ୍ର ସୁଦର୍ଶନ ସେଠାରେ ଘୁରୁଥିଲା। ତାରି ଆଲୋକରେ ସେହି ମହାଶୂନ୍ୟ ପ୍ରଦେଶ ଆଲୋକିତ ହେଉଥିଲା। ଅର୍ଜୁନ ଓ ଶ୍ରୀକୃଷ୍ଣ ସୁଦର୍ଶନଙ୍କୁ ଅତିକ୍ରମ କରିଗଲେ। ସେ ଦେଖିଲେ ଆଉ ଗୋଟାଏ ବିରାଟ ଚକ୍ର ସୁଦର୍ଶନ ଚକ୍ର ସହିତ ତାଳ ଦେଇ ଘୁରୁଛି। ସେଇ ଚକ୍ରର ଅରମାନଙ୍କ ଉପରେ କେତେ ଗୁଡ଼ିଏ ପିଲା ଖେଳୁଛନ୍ତି। ପ୍ରଭୁ କହିଲେ ଅର୍ଜୁନ ଏଇ ପିଲା ମାନଙ୍କ ମଧ୍ୟରୁ ତୁମର ଅଭିମନ୍ୟୁକୁ ଚିହ୍ନ ଏବଂ ସାଙ୍ଗରେ ନେଇଯାଅ।

ପିଲାଗୁଡ଼ିକ ଏକୁ ଆରେକ ବଳି ସୁନ୍ଦର। ସେମାନେ ନିଜ ନିଜ ରେଖାରେ ସେମାନେ ଦୌଡ଼ୁଥାନ୍ତି। ଅର୍ଜୁନ ଅପଲକ ନୟନରେ ଚାହିଁଥାନ୍ତି, ଏହି ସମୟରେ ଅଭିମନ୍ୟୁ ଦୃଷ୍ଟିପଥାରୂଢ଼ ହେଲେ। ସେ ଅର୍ଜୁନଙ୍କୁ ନ ଦେଖିଲା ପରି ହସି ହସି ଧାଇଁଗଲେ। ଅର୍ଜୁନ ତାଙ୍କ ପଛରେ ଧାଇଁଲେ। କିନ୍ତୁ ଅଭିମନ୍ୟୁଙ୍କୁ ପାଇଲେ ନାହିଁ। ଅର୍ଜୁନ ଭାବିଲେ ବୋଧହୁଏ ସେ ମୋତେ ଦେଖିପାରିନାହିଁ। ପୁନଃ ଅଭିମନ୍ୟୁକୁ ଦେଖି ଅର୍ଜୁନ ତାଙ୍କ ହାତ ଧରି ପକାଇଲେ। ସେ ହାତ ଛଡ଼ାଇ ପଳାଇଗଲେ। ଅର୍ଜୁନଙ୍କ ମୁହଁ କଳା ପଡ଼ିଗଲା। ପୁଣି ଆସିଲେ ଅଭିମନ୍ୟୁ, ଅର୍ଜୁନ କହିଲେ 'ବାବୁ ଘରକୁ ଚାଲ। ତୋ ବିନା ସବୁ ଅନ୍ଧାର। ଅଭିମନ୍ୟୁ କହିଲେ 'ଯା, ଯା ମୋର ବାପା ହେବାକୁ ଆସିଛି, ତୁ କେତେ ଥର ମୋର ପୁଅ ହୋଇଛୁ ଜାଣିଛୁ ? ଶରୀର ଥିବା ଯାଏ ଏ ସମ୍ବନ୍ଧ ଅଛି। ଆତ୍ମାର ସଂସାରରେ ରକ୍ତର ସମ୍ବନ୍ଧ କ୍ଷଣିକ। ମୋ ଖେଳରେ ବାଧା ଦେନା।' ଅଭିମନ୍ୟୁ ଚାଲିଗଲେ। ଅର୍ଜୁନଙ୍କର ମୋହ ଭାଙ୍ଗି ଯାଇଥିଲା। ତାଙ୍କ ଆଖିରେ ନ ଥିଲା ଲୁହ। ଦୀର୍ଘଶ୍ୱାସ ଛାଡ଼ି ସଖା ଶ୍ରୀକୃଷ୍ଣଙ୍କ ମୁହଁକୁ ଚାହିଁଲେ। ପ୍ରଭୁ ସ୍ମିତହାସ୍ୟ ଭରା ମୁହଁରେ ତାଙ୍କୁ କୋଳେଇ ନେବାକୁ ହାତ ବଢ଼ାଇ ଦେଲେ।

**ସୌର ଚନ୍ଦ୍ର ମହାପାତ୍ର,** କଟକ

## ସଂପାଦକଙ୍କୁ ପତ୍ର

### ପୃଥିବୀ ପାଇଁ ଭୟଙ୍କର ସଂକଟ

ମହାଶୟ,

ସମ୍ପ୍ରତି ବିଶ୍ୱତାପନ ସମଗ୍ର ପୃଥିବୀ ପାଇଁ ଏକ ଭୟଙ୍କର ସଂକଟ ଭାବେ ଉଭା ହୋଇଛି। ମେରୁ ଅଞ୍ଚଳର ତାପମାତ୍ରା ବୃଦ୍ଧି ବିଶାଳ ବରଫ ଗଦାକୁ ତରଳାଇବା ଆରମ୍ଭ କଲାଣି। ଫଳରେ ଆଉ କିଛି ବର୍ଷ ପରେ ମହାସାଗର ସମୂହରେ ଜଳପତ୍ତନ ବୃଦ୍ଧି ପାଇବ ଓ ଭୂଭାଗର ବହୁ ଅଂଶ ଜଳାର୍ଣ୍ଣବ ହୋଇଯିବ। ଜଙ୍ଗଲ ନଷ୍ଟ ହେବା ଦ୍ୱାରା ବାୟୁମଣ୍ଡଳରେ ଥିବା ବିଭିନ୍ନ ଉପାଦାନ ମଧ୍ୟରେ ସନ୍ତୁଳନ ବିଗିଡ଼ି ଯାଇଛି। ଅମ୍ଳଜାନ ପରିମାଣ ହ୍ରାସ ପାଇ ଚାଲିଥିବା ବେଳେ ଅଙ୍ଗାରକାମ୍ଳ ଗ୍ୟାସ ଓ ତାର ଅନ୍ୟାନ୍ୟ ଯୌଗିକ ପରିମାଣ ବଢ଼ିବାରେ ଲାଗିଛି। କଳ କାରଖାନା ଓ ଯାନବାହାନରୁ ନିର୍ଗତ ଅଙ୍ଗାରକାମ୍ଳ ଗ୍ୟାସ, କାର୍ବନ ମନୋକ୍ସାଇଡ୍, ନାଇଟ୍ରୋଜେନ ଯୌଗିକ ଗ୍ୟାସ ଓ ମିଥେନ ଭଳି ବିଷାକ୍ତ ଗ୍ୟାସ ବାୟୁମଣ୍ଡଳରେ ସବୁଜ ଘର ପ୍ରଭାବ ସୃଷ୍ଟି କରୁଛି। ରେଫ୍ରିଜରେଟର ଓ ଏସି ଭଳି ଯନ୍ତ୍ରପାତିର ବହୁଳ ବ୍ୟବହାର ବାୟୁମଣ୍ଡଳର ଓଜୋନ ଗ୍ୟାସ ସ୍ତରକୁ କ୍ଷତି ପହଞ୍ଚାଇଛି। ଯେତେ ଚେଷ୍ଟା କଲେ ବି ପ୍ରାକୃତିକ ଜଙ୍ଗଲ ସୃଷ୍ଟି କରାଯାଇ ପାରିବ ନାହିଁ। ସେହିପରି ଶବ ସଂସ୍କାର ବେଳେ ଅଧିକ ମାତ୍ରାରେ ବୈଦ୍ୟୁତିକ ଚୁଲାର ବ୍ୟବହାର କରାଯିବା ଉଚିତ।

ଗ୍ଲୋବାଲ ୱାର୍ମିଂକୁ ରୋକିବା ପାଇଁ ସବୁଠାରୁ ପ୍ରଭାବଶାଳୀ ଉପାୟ ହେଉଛି ସୌରଶକ୍ତି, ପବନ ଭଳି ଅକ୍ଷୟଶକ୍ତିକୁ ଅଧିକ ବ୍ୟବହାର କରିବା ଏବଂ ଜୀବାଶ୍ମ ଇନ୍ଧନ ବ୍ୟବହାର ବନ୍ଦ କରିବା। ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଗ୍ରୀନପିସ୍ ଓ ସର୍ଭେ ସଂସ୍ଥା ୱେଟଲାଣ୍ଡ ଇଣ୍ଟର ନ୍ୟାସନାଲ ସାଉଥ ଏସିଆର ରିପୋର୍ଟ ଅନୁଯାୟୀ ଦେଶର ଯେଉଁ କେତେକ ସ୍ଥାନରେ ମାରାତ୍ମକ ସଲଫର ଡାଇଅକ୍ସାଇଡ୍ ନିର୍ଗମନକାରୀ ଶିଳ୍ପ ସଂସ୍ଥା ରହିଛି, ସେଥିମଧ୍ୟରେ ଝାରସୁଗୁଡ଼ା ସର୍ବାଗ୍ରେ ରହିଛି। ଏଭଳି ସ୍ଥିତିରେ ସବୁଜ ବିଶ୍ୱ ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରାଯିବା ଉଚିତ ।

ତ୍ରିଲୋଚନ ଦାଶ, କଟକ



## ବିବାହ ବନ୍ଧନରେ ବାନ୍ଧିହେବେ ରିଙ୍କୁ

ଭାରତୀୟ ଦଳର ଷ୍ଟାର କ୍ରିକେଟର ରିଙ୍କୁ ସିଂହ ଖୁବଶୀଘ୍ର ବିବାହ କରିବାକୁ ଯାଉଛନ୍ତି । ରିଙ୍କୁଙ୍କ ବିବାହ ତାରିଖ ସାମ୍ନାକୁ ଆସିଛି । ସପା ସାଂସଦ ପ୍ରିୟା ସରୋଜଙ୍କ ସହିତ ତାଙ୍କ ବିବାହ ତାରିଖ ଧାର୍ଯ୍ୟ ହୋଇଛି । ଚଳିତ ବର୍ଷ ଆରମ୍ଭରେ ଉଭୟଙ୍କ ରୋକା ହୋଇଥିଲା। ଏବେ ଉଭୟ ଖୁବ୍ ଶୀଘ୍ର ସାତଫେରା ନେବେ । ଏହି କପଲଙ୍କ ବିବାହ ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି ଏବଂ ଏବେ ନିର୍ବନ୍ଧ ସେରମନି ଏବଂ ବିବାହର ତାରିଖ ମଧ୍ୟ ସ୍ଥିର ହୋଇଛି । ରିପୋର୍ଟ ଅନୁଯାୟୀ, ରିଙ୍କୁ ସିଂହ ଏବଂ ସାଂସଦ ପ୍ରିୟା ସରୋଜଙ୍କ ନିର୍ବନ୍ଧ ଜୁନ୍ ୮ ତାରିଖରେ ଲକ୍ଷ୍ନୌର ଏକ ସେଭେନ୍ ଷ୍ଟାର ହୋଟେଲରେ ଅନୁଷ୍ଠିତ ହେବ । ବିବାହ ନଭେମ୍ବର ୧୮ ତାରିଖରେ ବାରାଣସୀର ତାଜ୍ ହୋଟେଲରେ କରାଯିବ । ଏହି ବିବାହରେ ଅନେକ ବଡ଼ ରାଜନେତା, ଫିଲ୍ମ ଷ୍ଟାର ଏବଂ ଶିଳ୍ପପତି ଯୋଗଦେବେ । ସପା ବିଧାୟକଙ୍କ ନିକଟତମ ଲୋକଙ୍କ ଅନୁସାରେ, ବିବାହ ପାରମ୍ପରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହେବ । ନିର୍ବନ୍ଧରେ କେବଳ ପରିବାର ଏବଂ ନିକଟ ସଂପର୍କୀୟ ଲୋକ ଯୋଗ ଦେବେ । ସୂଚନାଯୋଗ୍ୟ, ରିଙ୍କୁ ସିଂହ ଏବଂ ପ୍ରିୟା ସରୋଜ ଉଭୟ ପରସ୍ପରକୁ ପୂର୍ବରୁ ଜାଣନ୍ତି । ପ୍ରିୟାଙ୍କ ସାଙ୍ଗଙ୍କ ବାପା ରିଙ୍କୁ ସହିତ ପରିଚିତ କରାଇଥିଲେ । ପ୍ରିୟା ସରୋଜ ଭାରତର ସବୁଠାରୁ ଯୁବ ମହିଳା ସାଂସଦ ।

୨୬ ବର୍ଷୀୟା ପ୍ରିୟା ସରୋଜ ୨୦୨୪ ଲୋକସଭା ନିର୍ବାଚନରେ ମଛଲିସହର ଆସନରୁ ସମାଜବାଦୀ ପାର୍ଟି ଟିକେଟରେ ଲଢ଼ି ବିଜୟ ହାସଲ କରିଥିଲେ । ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୩୫୮୫୦ ଭୋଟରେ ପରାସ୍ତ କରିଥିଲେ । ୧୯୯୮ ନଭେମ୍ବର ୨୩ରେ ଜନ୍ମିତ ପ୍ରିୟା ଦିଲ୍ଲୀସ୍ଥିତ ଏୟାରଫୋର୍ସ ଗୋଲ୍ଡେନ ଜୁବଲି ଇନଷ୍ଟିଚ୍ୟୁଟରୁ ନିଜର ସ୍କୁଲ ଶିକ୍ଷା ସମାପ୍ତ କରିଥିଲେ । ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ କଳାରେ ସ୍ନାତକ କରିବା ପରେ ନୋଏଡାରେ ଏଲଏଲବି ଡିଗ୍ରୀ ହାସଲ କରିଥିଲେ । ପ୍ରିୟାଙ୍କ ବାପା ତୁଫାନୀ ସରୋଜ ମଧ୍ୟ ୩ ଥର ଲୋକସଭା ସାଂସଦ ରହିସାରିଛନ୍ତି । ବର୍ତ୍ତମାନ ସେ କେରାକତ ଆସନରୁ ବିଧାୟକ ଅଛନ୍ତି ।



## ପରାସ୍ତ ହେଲେ ବିଶ୍ୱ ଚାମ୍ପିଅନ୍

ଷ୍ଟାଭାଙ୍ଗରରେ ଆରମ୍ଭ ହୋଇଥିବା ନରୱେ ଚେସ୍ ର ପ୍ରଥମ ରାଉଣ୍ଡରେ ବିଶ୍ୱର ନମ୍ବର ୱାନ୍ ମାଗ୍ନସ୍ କାର୍ଲସେନ୍ ବିଶ୍ୱ ଚାମ୍ପିଅନ୍ ଡି ଗୁକେଶଙ୍କୁ ପରାସ୍ତ କରିଛନ୍ତି। ସେ ଚାରି ଘଂଟାରୁ ଅଧିକ ସମୟ ଧରି ଚାଲିଥିବା ଏକ ମ୍ୟାଚ୍‌ରେ ସମସ୍ତ ୩ ପଏଂଟ୍ ଜିତିବା ପାଇଁ ନିଜର ସମସ୍ତ ଖେଳ ଦକ୍ଷତା ପ୍ରଦର୍ଶନ କରିଥିଲେ। ୫୫ଟି ଚାଲ୍ ପରେ ଖେଳ ଶେଷ ହେଲା ଏବଂ ଭାରତୀୟ ଖେଳାଳିଙ୍କ ଭୁଲର ସୁଯୋଗ ନେଇ କାର୍ଲସେନ ଜିତିଗଲେ। କାର୍ଲସେନ୍ ଏବେ ଆମେରିକୀୟ ଗ୍ରାଣ୍ଡମାଷ୍ଟର ଏବଂ ବିଶ୍ୱର ଦ୍ୱିତୀୟ ନମ୍ବର ଖେଳାଳି ହିକାରୁ ନାକାମୁରାଙ୍କ ସହ ଶୀର୍ଷରେ ଅଛନ୍ତି, ଯିଏ ଆମେରିକୀୟ ଫାବିଆନୋ କାରୁଆନାଙ୍କୁ ପରାସ୍ତ କରିଥିଲେ, କାରଣ ଉଭୟ ଖେଳାଳି ସେମାନଙ୍କର ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ବିଜୟ ସହିତ ୩ ପଏଂଟ୍ ହାସଲ କରିଛନ୍ତି। ଧଳା ଗୋଟି ସହ ଖେଳୁଥିବା ନରୱେଜିଆନ୍ ଖେଳାଳି ତାଙ୍କ ପ୍ରତିପକ୍ଷଙ୍କ ଉପରେ ଚାପ ପକାଇଲେ ଏବଂ ଶେଷ ଖେଳରେ ଏକ ଭୁଲ କରି ଖେଳ ଜିତିବାକୁ ବାଧ କଲେ। ତଥାପି ଗୁକେଶ ୧୧ତମ ଚାଲ୍ ରେ ଧଳା ଗୋଟି ଉପରେ କାର୍ଲସେନଙ୍କ ଚାଲ୍ କୁ ନିଷ୍କ୍ରିୟ କରି ଦୃଢ଼ ଖେଳ ପ୍ରଦର୍ଶନ କରିଥିଲେ, ଯାହା ନରୱେଜିଆନ ଖେଳାଳିଙ୍କୁ ପ୍ରାୟ ୧୫ ମିନିଟ୍ ପାଇଁ ଗୋଟି ଚାଳନା ଉପରେ ଚିନ୍ତା କରିବାକୁ ବାଧ କରିଥିଲା। ତଥାପି କାର୍ଲସେନ ଶେଷରେ ସୁଯୋଗର ସର୍ବାଧିକ ଉପଯୋଗ କଲେ ଏବଂ ବିଶ୍ୱ ବିଜେତାଙ୍କୁ ପରାସ୍ତ କଲେ। ଭାରତର ଅର୍ଜୁନ ଏରିଗାଇସି ଆର୍ମାଗେଡନ୍ ଖେଳରେ ଚୀନର ନମ୍ବର ୧ ୱେଇ ୟିଙ୍କୁ ପରାସ୍ତ କରିଥିଲେ। ସେମାନଙ୍କ ଖେଳ ଡ୍ରରେ ଶେଷ ହୋଇଥିଲା। ମ୍ୟାଚ୍‌ରେ ୱେଇ ଗୋଟିଏ ପଏଂଟ୍ ସ୍କୋର କରିଥିଲେ, ଯେତେବେଳେ ଏରିଗାଇସି ମୋଟ ୧.୫ ପଏଂଟ୍ ସ୍କୋର କରିଥିଲେ। ଟୁର୍ଣ୍ଣାମେଂଟ୍‌ର ସ୍କୋରିଂ ସିଷ୍ଟମ କ୍ଲାସିକାଲ ଫର୍ମାଟରେ ବିଜୟ ପାଇଁ ୩ ପଏଂଟ୍ ପ୍ରଦାନ କରେ। ଯଦି ମ୍ୟାଚ୍ ଡ୍ର ହୁଏ, ତେବେ ପ୍ରତ୍ୟେକ ଖେଳାଳିଙ୍କୁ ୧ ପଏଂଟ୍ ମିଳିବ ଏବଂ ଆର୍ମାଗେଡନ୍ ଖେଳର ବିଜେତାଙ୍କୁ ଅତିରିକ୍ତ ଅଧା ପଏଂଟ୍ ଦିଆଯିବ। ଦୁଇ ଥର ବିଶ୍ୱ ରାପିଡ୍ ଚାମ୍ପିଅନ୍ କୋନେରୁ ହମ୍ପି ତାଙ୍କର ଶାନ୍ତ ଏବଂ ସଠିକ୍ ଖେଳ ପ୍ରଦର୍ଶନ କରିବା ସହ ପ୍ରତିପକ୍ଷଙ୍କ ଭୁଲର ସୁଯୋଗ ନେଇ ଆର. ବୈଶାଳୀଙ୍କୁ ପରାସ୍ତ କରିଥିଲେ। ପ୍ରତିଯୋଗିତାରେ ଓପନ୍ ଏବଂ ମହିଳା ଉଭୟ ବର୍ଗର ଶ୍ରେଷ୍ଠ ଛଅ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ପୁରୁଷ ଦଳରେ ଗୁକେଶ, କାର୍ଲସେନ, କାରୁଆନା, ନାକାମୁରା, ଏରିଗାସି ଏବଂ ୱେଇ ୟି ଅଛନ୍ତି। ସେହିପରି ମହିଳା ବର୍ଗରେ ବିଶ୍ୱ ଚାମ୍ପିଅନ ଜୁ ୱେଞ୍ଜୁନ ଲିଇ ଟିଙ୍ଗଜି, କୁନେରୁ ହମ୍ପି, ଆନ୍ନା ମୁଜିଚୁକ୍, ବୈଶାଳୀ ଏବଂ ସରସାଦତ ଖାଦେମଲଶାରିହଙ୍କ ସହିତ ଅଂଶଗ୍ରହଣ କରିଛନ୍ତି।

## ମୋଦିଙ୍କ ପାଦ ଛୁଇଁଲେ ବୈଭବ




ଯୁବ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ପାଟନା ବିମାନବନ୍ଦରରେ ବୈଭବ ସହ ତାଙ୍କ ପରିବାରକୁ ସାକ୍ଷାତ କରିଛନ୍ତି ମୋଦୀ ।୨୦୨୫ ଆଇପିଏଲ ସିଜିନରେ ଚମତ୍କାର ପ୍ରଦର୍ଶନ କରି କ୍ରିକେଟ ଜଗତରେ ହଇଚଇ ସୃଷ୍ଟି କରିଥିଲେ ବୈଭବ ସୂର୍ଯ୍ୟବଂଶୀ । ପ୍ରଧାନମନ୍ତ୍ରୀ ମୋଦି ସୋସିଆଲ ମିଡିଆ ପ୍ଲାଟଫର୍ମରେ ସାକ୍ଷାତର ଫଟୋ ସେୟାର କରିଛନ୍ତି ଏବଂ ଯୁବ ଖେଳାଳିଙ୍କ ପ୍ରତିଭାକୁ ପ୍ରଶଂସା କରିଛନ୍ତି । ଏହି ସାକ୍ଷାତକାରରେ ଯୁବ କ୍ରିକେଟରଙ୍କୁ ତାଙ୍କ ପ୍ରତିଭା ପାଇଁ ପ୍ରଶଂସା କରିବା ସହିତ ତାଙ୍କ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ । ସେୟାର କରାଯାଇଥିବା ଭିଡିଓରେ ଦେଖାଯାଉଛି ଯେ ଜଣେ ବିହାରୀ ସଂସ୍କୃତି ସମ୍ପନ୍ନ ବାଳକ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବା ପରେ ତାଙ୍କ ପାଦ ଛୁଇଁ ଆଶୀର୍ବାଦ ନେଉଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ସେୟାର କରାଯାଇଥିବା ଫଟୋରେ ବୈଭବଙ୍କ ପିତାମାତା ମଧ୍ୟ ଦେଖାଯାଉଛନ୍ତି । ବୈଭବ ମାତ୍ର ୧୪ ବର୍ଷ ବୟସର ଏବଂ ତାଙ୍କୁ ଭବିଷ୍ୟତର ତାରକା କୁହାଯାଉଛି । ସେ ଭବିଷ୍ୟତରେ ଏକ ଉଚ୍ଚମାନର କ୍ରିକେଟର ହେବ ବୋଲି ଜୋରଦାର ଚର୍ଚ୍ଚା କରାଯାଉଛି । ଫଟୋ ସେୟାର କରି ପ୍ରଧାନମନ୍ତ୍ରୀ ମୋଦି ଲେଖିଛନ୍ତି ପାଟନା ବିମାନବନ୍ଦରରେ ଯୁବ କ୍ରିକେଟ ସେନସେସନ ବୈଭବ ଏବଂ ତାଙ୍କ ପରିବାର ସହିତ ଭେଟିଲି । ଯୁବ କ୍ରିକେଟରଙ୍କ କ୍ରିକେଟ ଦକ୍ଷତାକୁ ସାରା ଦେଶରେ ପ୍ରଶଂସା କରାଯାଉଛି । ତାଙ୍କର ଉଜ୍ଜଳ ଭବିଷ୍ୟତ ପାଇଁ ତାଙ୍କୁ ମୋର ଶୁଭେଚ୍ଛା । ଏହି ଓଟଖ ସିଜନରେ ବୈଭବ ସୂର୍ଯ୍ୟବଂଶୀ ରାଜସ୍ଥାନ ରୟାଲ୍ସ (ଆରଆର) ପାଇଁ ଖେଳୁଥିଲେ । ସେ ମାତ୍ର ସାତଟି ମ୍ୟାଚ୍‌ରେ ୨୫୨ ରନ୍ ସଂଗ୍ରହ କରିଛନ୍ତି । ଜୟପୁରରେ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ତାଙ୍କର ଝଡ଼ବର୍ଷୀ ଶତକକୁ ବହୁତ ପ୍ରଶଂସିତ କରାଯାଇଥିଲା । କମ୍ ବୟସରେ ନିଜର ପ୍ରତିଭା ଦେଖାଇ ଏହି ଯୁବ ଖେଳାଳି ମାତ୍ର ୩୮ ବଲ୍‌ରେ ୧୦୧ ରନ୍ କରିଥିଲେ। ସେ ପୁରୁଷ ଟି-୨୦ କ୍ରିକେଟରେ ଶତକ ହାସଲ କରିଥିବା ସବୁଠାରୁ କମ୍ ବୟସର ଖେଳାଳି । ସେ ମାତ୍ର ୩୫ ବଲରେ ଶତକ ହାସଲ କରିଥିଲେ, ଯାହା ଆଇପିଏଲ ଇତିହାସର ଦ୍ୱିତୀୟ ଦ୍ରୁତତମ ଶତକ । ଏହା ଜଣେ ୧୪ ବର୍ଷୀୟ ବାଳକ ପାଇଁ ଏକ ଅସାଧାରଣ ସଫଳତା । ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ସମୟରେ ଭିଡିଓରେ ଦେଖାଯାଉଛି ଯେ ବୈଭବ ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଦ ଛୁଇଁଛନ୍ତି । ଜବାବରେ, ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ବୈଭବଙ୍କ ପିଠି ଥାପୁଡ଼ାଇ ତାଙ୍କୁ ଆଶୀର୍ବାଦ ଦେଇଥିଲେ । ଆପଣଙ୍କୁ କହି ରଖୁଛୁ ଯେ ପ୍ରଧାନମନ୍ତ୍ରୀ ମୋଦି ବର୍ତ୍ତମାନ ବିହାର ଗସ୍ତରେ ଅଛନ୍ତି ।

## ଏସୀୟ ଦୌଡ଼ରେ ଭାରତର ବିଜୟ



ଦକ୍ଷିଣ କୋରିଆର ଗୁମିରେ ଚାଲିଥିବା ୨୬ତମ ଏସୀୟ ଦୌଡ଼କୁଦ ଚମ୍ପିଆନସିପ୍ ଉଦଯାପିତ ହୋଇ ଯାଇଛି। ଏଥିରେ ଭାରତ ୮ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୬ଟି କାଂସ୍ୟ ସହ ୨୪ଟି ପଦକ ଜିତି ଦ୍ୱିତୀୟ ସ୍ଥାନ ହାସଲ କରିଛି। ଚୀନ ୧୯ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୪ କାଂସ୍ୟ ସହ ୩୨ ପଦକ ସହ ଶୀର୍ଷ ସ୍ଥାନ ହାସଲ କରିଥିବା ବେଳେ ଜାପାନ ୫ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୧୨ଟି କାଂସ୍ୟ ସହ ୨୮ ପଦକ ସହ ତୃତୀୟ ସ୍ଥାନ ହାସଲ କରିଛି । ଅନ୍ତିମ ଦିବସରେ ପୁରୁଷ ଜାଭେଲିନ ଥ୍ରୋ ରେ ଭାରତ ପାଇଁ ସଚିନ ଯାଦବ ରୌପ୍ୟ ପଦକ ଜିତିଛନ୍ତି। ସଚିନ ୮୫.୧୬ ମିଟର ଦୂରତ୍ୱକୁ ଥ୍ରୋ କରି ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ପଦକ ଜିତିଛନ୍ତି। ଏଥିରେ ପାକିସ୍ତାନର ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ଅର୍ଶଦ ନଦିମ ୮୬.୪୦ ମିଟର ଦୂରତ୍ୱକୁ ଥ୍ରୋ କରି ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ଓ ଜାପାନର ୟୁଟା ସାକିୟାମା ୮୩.୭୫ମିଟର ଦୂରତ୍ୱକୁ ଥ୍ରୋ କରି ତୃତୀୟ ସ୍ଥାନ ସହ କାଂସ୍ୟ ପଦକ ଜିତିଛନ୍ତି। ପୁରୁଷ ୨୦୦ ମିଟର ଦୌଡ଼ରେ ଭାରତର ଅନିମେଶ କୁଜୁର ୨୦.୩୨ ସେକେଣ୍ଡରେ ଅତିକ୍ରମ କରି ତୃତୀୟ ସ୍ଥାନ ସହ କାଂସ୍ୟ ପଦକ ଜିତିଛନ୍ତି। ଏଥିରେ ଜାପାନର ତୋୱା ଉଜାୱା ୨୦.୧୨ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ କାଜାଖସ୍ତାନର ଅବଦୁଲାଜି ଅବୁ ଅତାଫି ୨୦.୩୧ ସେକେଣ୍ଡ ସହ ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ପଦକ ଜିତିଛନ୍ତି। ଏସୀୟ ଦୌଡ଼କୁଦ ଚମ୍ପିଆନସିପରେ ଅନିମେଶଙ୍କ ଏହା ପ୍ରଥମ ପଦକ। ଏଥି ସହିତ ଅନିମେଶ ନିଜ ନାମରେ ଥିବା ୨୦୦ ମିଟର ଦୌଡ଼ କୀର୍ତିମାନକୁ ଭାଙ୍ଗିଛନ୍ତି। ଅନିମେଶ ୨୦୨୫ ଫେଡେରେସନ କପ୍ ଜାତୀୟ ଦୌଡ଼କୁଦ ଚମ୍ପିଆନସିପରେ ୨୦୦ ମିଟର ଦୌଡ଼କୁ ୨୦.୪୦ ସେକେଣ୍ଡରେ ଅତିକ୍ରମ କରି ଜାତୀୟ କୀର୍ତିମାନ ସୃଷ୍ଟି କରିଥିଲେ। ଉକ୍ତ କୀର୍ତିମାନକୁ ଅନିମେଶ ଭାଙ୍ଗିବାରେ ସଫଳ ହୋଇଛନ୍ତି। ଅନ୍ୟପକ୍ଷରେ ଅନିମେଶ ଦ୍ୱିତୀୟ ଭାରତୀୟ ଭାବେ ଏସୀୟ ଦୌଡ଼କୁଦ ଚମ୍ପିଆନସିପର ୨୦୦ ମିଟର ଦୌଡ଼ରେ ପଦକ ଜିତିଛନ୍ତି। ପୂର୍ବରୁ ୨୦୧୫ ରେ ଧର୍ମବୀର ସିଂହ କାଂସ୍ୟ ପଦକ ଜିତିଥିଲେ। ମହିଳା ୨୦୦ ମିଟର ଦୌଡ଼ରେ ଭାରତର ଜ୍ୟୋତି ୟାରାଜି ୨୩.୪୭ ସେକେଣ୍ଡ ସହ ପଂଚମ ସ୍ଥାନରେ ରହିଥିଲେ। ମହିଳା ୪୦୦ ମିଟର ବାଧାଦୌଡ଼ରେ ଭିଦ୍ୟା ରାମରାଜ ୫୬.୪୬ ସେକେଣ୍ଡରେ ଅତିକ୍ରମ କରି ତୃତୀୟ ସ୍ଥାନ ସହ କାଂସ୍ୟ ପଦକ ଜିତିଥିଲେ। ଏଥିରେ ଚୀନର ମୋ ଜିଆଦି ୫୫.୩୧ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ବାଂଲାଦେଶର ଓଲୱାକିମି ମୁଜଦାତ ଆଦାକାୟୋ ୫୫.୩୨ ସେକେଣ୍ଡ ସହ ରୌପ୍ୟ ପଦକ ଜିତିଛନ୍ତି। ମହିଳା ୫୦୦୦ ମିଟର ଦୌଡ଼ରେ ପାରୁଲ ଚୌଧୁରୀ ୧୫:୧୫.୩୩ ସେକେଣ୍ଡରେ ଅତିକ୍ରମ କରି ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ପଦକ ଜିତିଛନ୍ତି। ଏଥିରେ କାଜଖସ୍ତାନର ନୋହା ଜେରୁଟୋ ଟାନୁଲ ୧୪:୫୮.୭୧ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ଜାପାନର ୟାମା ୟାମୋଟୋ ୧୫:୧୬.୮୬ ସେକେଣ୍ଡ ସହ ତୃତୀୟ ସ୍ଥାନ ସହ କାଂସ୍ୟ ପଦକ ଜିତିଛନ୍ତି। ଚଳିତ ପ୍ରତିଯୋଗିତାରେ ପାରୁଲଙ୍କ ଏହା ଦ୍ୱିତୀୟ ପଦକ। ପାରୁଲ ମହିଳା ୩୦୦୦ ମିଟର ଷ୍ଟିପଲ ଚେଜରେ ଜାତୀୟ କୀର୍ତିମାନ ସହ ରୌପ୍ୟ ପଦକ ଜିତିଥିଲେ। ମହିଳା ୮୦୦ ମିଟର ଦୌଡ଼ରେ ପୂଜା ୨:୦୧.୮୯ ସେକେଣ୍ଡ ସହ ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଥିଲେ। ଏଥିରେ ଚୀନର ଉ ୱାଙ୍ଗୟୋ ୨:୦୦.୦୮ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ଜାପାନର ରିନ କୁବୋ ୨:୦୦.୪୨ ସେକେଣ୍ଡ ସହ ରୌପ୍ୟ ପଦକ ଜିତିଛନ୍ତି।

## ଆଇପିଏଲ୍ ଇତିହାସର ରେକର୍ଡ



– ୧୮ ଏପ୍ରିଲ୍ ୨୦୦୮ରେ, ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆଇପିଏଲ ଆରମ୍ଭ ହୋଇଥିଲା । ଆଉ ପ୍ରଥମ ଥର ପାଇଁ ବିଶ୍ୱ ଫଟାଫଟ କ୍ରିକେଟର ଅନୁଭୂତି ନେଇଥିଲା । କୋଲକାତା ନାଇଟ୍ ରାଇଡର୍ସ (କେକେଆର ) ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ବିପକ୍ଷରେ ଖେଳିବା ପରେ କ୍ରିକେଟ୍ ଜଗତ ସବୁଦିନ ପାଇଁ ବଦଳି ଯାଇଥିଲା । ଗୋଟିଏ ଇନିଂସ କ୍ରିକେଟର ଭବିଷ୍ୟତକୁ ବଦଳାଇ ଦେଇଥିଲା। ଏହି ମ୍ୟାଚ୍‌ରେ ବ୍ରେଣ୍ଡନ୍ ମ୍ୟାକକୁଲମ୍ ମାତ୍ର ୭୩ ବଲ୍‌ରେ ୧୫୮ ରନ୍ କରିଥିଲେ, ଯେଉଁଥିରେ ୧୦ ଚୌକା ଏବଂ ୧୩ ଛକା ରହିଥିଲା । ଆଇପିଏଲ ଡେବ୍ୟୁରେ ଯେକୌଣସି ବ୍ୟାଟସମ୍ୟାନଙ୍କ ଦ୍ୱାରା ସର୍ବାଧିକ ସ୍କୋର । କେବଳ କ୍ରିସ୍ ଗେଲ୍ ଆଇପିଏଲରେ ଅଧିକ ରନ୍ କରିଛନ୍ତି।

– ସୁନୀଲ ନାରିନ ୨୦୧୨, ୨୦୧୮ ଏବଂ ୨୦୨୪ରେ ଆଇପିଏଲ୍‌ର ସବୁଠାରୁ ମୂଲ୍ୟବାନ ଖେଳାଳି ଏମଭିପି ଟାଇଟଲ ଜିତିଛନ୍ତି । ବିଶେଷକରି ୨୦୨୪ ସିଜିନରେ, ତାଙ୍କର ପ୍ରଦର୍ଶନ ଅତୁଳନୀୟ ଥିଲା । ସେହି ସିଜନରେ 'ଇମ୍ପାକ୍ଟ ପ୍ଲେୟାର' ନିୟମ ପ୍ରଚଳିତ ଥିଲା, ଏବଂ ନାରିନ ମୋଟ ୪୫୦ ଗଠଚ ପଏଂଟ୍ ସ୍କୋର କରିଥିଲେ । ସେହି ସିଜନରେ ଦ୍ୱିତୀୟ ଶ୍ରେଷ୍ଠ ଖେଳାଳି ଥିଲେ ବିରାଟ କୋହଲି । ବିରାଟ କେବଳ ୩୧୫.୫ ପଏଂଟ୍ ସ୍କୋର କରିଥିଲେ । ଆଇପିଏଲ ଇତିହାସରେ ଏପର୍ଯ୍ୟନ୍ତ କୌଣସି ଖେଳାଳି ଗୋଟିଏ ସିଜିନରେ ୪୦୦ ପଏଂଟ୍ ଅତିକ୍ରମ କରିପାରି ନାହାଁନ୍ତି ।

– ଚଳିତ ଆଇପିଏଲ୨୦୨୫ରେ ଆରସିବି କମାଲ କରିଛି । ଫାଇନାଲରେ ପ୍ରବେଶ କରିଥିବା ଆରସିବି ନିଜ ଘରୋଇ ମଇଦାନ ଛାଡି ବାହାର ଷ୍ଟାଡିୟମରେ ବିଜୟ ପାଇଛି । କୋଲକତା, ଚେନ୍ନାଇ, ମୁମ୍ବାଇ, ଜୟପୁର, ମୁଲାନପୁର, ଦିଲ୍ଲୀ ଏବଂ ଲକ୍ଷ୍ନୌରେ ଖେଳି ବିଜୟ ହାସଲ କରିଛି । ଆଇପିଏଲ ୨୦୨୫ ଫାଇନାଲରେ ଆରସିବି ପ୍ରବେଶ କରିଛି ।

– ଆଇପିଏଲ ୨୦୧୯ରେ ସନରାଇଜର୍ସ ହାଇଦ୍ରାବାଦ ପ୍ଲେ ଅଫରେ କ୍ୱାଲିଫାଏ କରିଥିଲା । ହେଲେ ମାତ୍ର ୧୨ ପଏଂଟ୍ ସହିତ । ଆଇପିଏଲ ଇତିହାସରେ ସବୁଠାରୁ କମ୍ ପଏଂଟ୍ ରେ କ୍ୱାଲିଫାଏ କରିଥିବା ଟିମ୍ । ସେହିବର୍ଷ ମୁମ୍ବାଇ, ଚେନ୍ନାଇ, ଦିଲ୍ଲୀ ୧୮-୧୮ ପଏଂଟ୍ ସହିତ କ୍ୱାଲିଫାଏ କରିଥିବା ବେଳେ କୋଲକତା, ହାଇଦ୍ରାବାଦ ଏବଂ ପଞ୍ଜାବ ୧୨-୧୨ ଅଙ୍କରେ ରହିଥିଲେ । ସନରାଇଜର୍ସ ହାଇଦ୍ରାବାଦ ନେଟ ରନ ରେଟ୍ କାରଣରୁ କ୍ୱାଲିଫାଏ କରିଥିଲା ।

## ହୋଇଛି କି ମନାନ୍ତର ?



ହାର୍ଦ୍ଦିକ ଓ ଗିଲଙ୍କ ମଝିରେ ହୋଇଛି ବୋଧେ ମନାନ୍ତର । ଆଇପିଏଲ ଏଲିମିନେଟ୍ ମ୍ୟାଚରେ ଦେଖିବାକୁ ମିଳିଛି ଉଭୟଙ୍କ ମଝିରେ ତିକ୍ତତା । ଗୋଟିଏ ସମୟ ଥିଲା ଯେତେବେଳେ ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଶୁଭମନ ଗିଲ୍ ଗୋଟିଏ ଦଳରେ ଖେଳୁଥିଲେ ଏବଂ ଘନିଷ୍ଠ ବନ୍ଧୁ ଥିଲେ। କିନ୍ତୁ ଏବେ କାହାଣୀ ବଦଳି ଯାଇଛି। ପାଣ୍ଡ୍ୟା ଗୁଜରାଟ ଟାଇଟାନ୍ସରୁ ମୁମ୍ବାଇ ଇଣ୍ଡିଆନ୍ସକୁ ଚାଲିଆସିଛନ୍ତି ଏବଂ ଏଠାରେ ଦଳର ନେତୃତ୍ୱ ନେଉଛନ୍ତି। ଯେତେବେଳେ ଗିଲ୍ ଏବେ ବି ଜିଟିର ଦଳର ଅଂଶ। ପାଣ୍ଡ୍ୟାଙ୍କ ପରେ ଫ୍ରାଂଚାଇଜ୍ ତାଙ୍କ ଉପରେ ବିଶ୍ୱାସ ପ୍ରକାଶ କରିଛି। ତାଙ୍କ ନେତୃତ୍ୱରେ ଦଳର ପ୍ରଦର୍ଶନ ଗତ ବର୍ଷ ବହୁତ ଭଲ ନଥିଲା। କିନ୍ତୁ ଏହି ବର୍ଷ ତାଙ୍କ ତତ୍ତ୍ୱାବଧାନରେ ଦଳ ପ୍ଲେଅଫରେ ପହଂଚିବାରେ ସଫଳ ହୋଇଥିଲା। କିନ୍ତୁ ଏଲିମିନେଟର ମ୍ୟାଚ୍‌ରେ ଏହା ଗଓ ସହିତ ସଂଘର୍ଷକୁ ଦୂର କରିପାରିଲା ନାହିଁ। ଫଳସ୍ୱରୂପ, ଟୁର୍ଣ୍ଣାମେଂଟରୁ ଏହାର ଯାତ୍ରା ଶେଷ ହୋଇଛି। ୨୦୨୫ ର ଏଲିମିନେଟର ମ୍ୟାଚ୍ ମୁମ୍ବାଇ ଏବଂ ଗୁଜରାଟ ମଧ୍ୟରେ ଖେଳାଯାଇଥିଲା। ଯେଉଁଠାରେ ଗଓ ଦଳ ଜିତିଥିଲା। ମ୍ୟାଚ୍ ସମୟରେ କିଛି ମୁହୂର୍ତ୍ତ ଏପରି ଆସିଥିଲା ଯେତେବେଳେ ଲାଗୁଥିଲା ଯେ ଏବେ ପାଣ୍ଡ୍ୟା ଏବଂ ଗିଲ୍‌ଙ୍କ ମଧ୍ୟରେ ବନ୍ଧୁତା ଖରାପ ହୋଇଯାଇଛି। ଟସ୍ ସମୟରେ ଉଭୟ ଖେଳାଳିଙ୍କୁ ସ୍ୱାଭାବିକ ଦେଖାଯାଉଥିଲା। କିନ୍ତୁ ଟସ୍ ଜିତିବା ପରେ, ଯେତେବେଳେ ପାଣ୍ଡ୍ୟା ପୁଣି ଥରେ ହାତ ମିଳାଇବା ପାଇଁ ଗିଲ୍‌ଙ୍କ ଆଡ଼କୁ ହାତ ବଢ଼ାଇଲେ। ସେ ତାଙ୍କ ହାତକୁ ପଛକୁ ଟାଣି ନେଲେ। ଏହା ପରେ ଯେତେବେଳେ ଗିଲ୍ ଆଉଟ୍ ହେଲେ। ସେହି ସମୟ ମଧ୍ୟରେ, ପଡ଼ିଆରେ ପାଣ୍ଡ୍ୟା ଯେଉଁଭଳି ଭାବରେ ଉତ୍ସବ ପାଳନ କରୁଥିଲେ। ଏହା ସ୍ପଷ୍ଟ ଭାବରେ ଦେଖାଯାଉଥିଲା ଯେ ବର୍ତ୍ତମାନ ଦୁଇ ଖେଳାଳିଙ୍କ ମଧ୍ୟରେ ସମ୍ପର୍କ ପୂର୍ବ ପରି ନାହିଁ।ମ୍ୟାଚ୍ ସମୟରେ ଉଭୟ ଖେଳାଳିଙ୍କ ପ୍ରଦର୍ଶନ ବିଷୟରେ କଥାବାର୍ତ୍ତା କରି, ତାଙ୍କ ଦଳ ପାଇଁ ପଂଚମ ସ୍ଥାନରେ ବ୍ୟାଟିଂ କରୁଥିବା ପାଣ୍ଡ୍ୟା ୨୪୪.୪୪ ଷ୍ଟ୍ରାଇକ୍ ରେଟ୍ ସହିତ ମାତ୍ର ନଅଟି ବଲ୍ ରେ ଅପରାଜିତ ୨୨ ରନ କରିପାରିଥିଲେ। ଏହି ସମୟରେ, ତାଙ୍କ ବ୍ୟାଟରୁ ତିନୋଟି ଛକା ବାହାରିଥିଲା, ଯେତେବେଳେ ଗିଲ୍ ତାଙ୍କ ଦଳ ପାଇଁ ଦୁଇଟି ବଲ୍ ରେ କେବଳ ଗୋଟିଏ ରନ ଯୋଗଦାନ ଦେଇଥିଲେ। ଏଲବିଡବ୍ଲୁ ହେବା ପରେ ବୋଲ୍ଟ ଯୁବ ବ୍ୟାଟସମ୍ୟାନଙ୍କୁ ପ୍ୟାଭିଲିୟନ ଫେରାଇ ଦେଇଥିଲେ।

# ସୋନପୁରର ଶୀତଳଷଷ୍ଠୀ ଯାତ୍ରା ଉଦ୍‌ଯାପିତ
## ଦେବଦମ୍ପତିଙ୍କ ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼

ସୁବର୍ଣ୍ଣପୁର,(ହି.ସ.) - ସମ୍ବଲପୁରୀ ମେଲୋଡିର ଗୀତ ନାଚ, ଘୁମୁରା, ପର୍ଭା, ରେକର୍ଡ ଡ୍ୟାନ୍ସ ଅନେକ ପ୍ରକାର ନାଚ ଗୀତ ର ତାଳେ ତାଳେ ମହାସମାରୋହରେ ଉଦ୍‌ଯାପିତ ହେଲା ସୋନପୁରର ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ଉତ୍ସବ। ବିବାହ ପାଣିଗ୍ରହଣ ପରେ ପ୍ରଭୁ ଭୋଳା ଶଙ୍କର ଓ ମାତା ପାର୍ବତୀ ଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ ପାଇଁ ଖୁବ୍ ଧୁମ୍‌ଧାମରେ ସାଂସ୍କୃତିକ ଶୋଭାଯାତ୍ରା ସହ ନଗର ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁରର ଏହି ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରାର ଏକ ବିଶେଷତ୍ୱ ହେଉଛି ୧୦୮ ତୋଳାର ସୁନା ନାଗ ମୂର୍ତ୍ତି ଓ ମହଣ ମହଣ ରୂପା ନିର୍ମିତ ଦେବା ଦେବୀଙ୍କ ଆକର୍ଷଣୀୟ ପାଲିଙ୍କି ବିମାନ । ଯାହାକି ଯାତ୍ରାରେ ଦୂର ଦୁରାନ୍ତର ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ। କଥିତ ଅଛି ମହାଦେବ ଓ ମାତା ପାର୍ବତୀ ଙ୍କ ଏଇ ଦୁର୍ଲଭ ଯୁଗଳ ମୂର୍ତି ଦର୍ଶନ ରେ ଅନେକ ପୂଣ୍ୟ ଫଳ ପ୍ରାପ୍ତି ହୋଇଥାଏ। ଶୀତଳଷଷ୍ଠୀ ନଗର ପରିକ୍ରମା ବେଳେ ସୁବର୍ଣ୍ଣପୁର ର ଇଷ୍ଟଦେବ ବାବା ସୁବର୍ଣ୍ଣ ମେରୁ ମହାରାଜାଙ୍କ ଚଳନ୍ତି ପ୍ରତିମା ଶ୍ରୀ ଚନ୍ଦ୍ରଶେଖର ବାବାଙ୍କ ସମେତ ଏହି ଶୋଭାଯାତ୍ରାରେ ସହରର ଅଷ୍ଟ ଶମ୍ଭୁ, ଅଷ୍ଟ ବିଷ୍ଣୁ, ଅଷ୍ଟ ଚଣ୍ଡୀଙ୍କ ସହ ସମସ୍ତ ଦେବା ଦେବୀ ନଗର ପରିକ୍ରମାରେ ଆସି ମନ୍ଦିର ପ୍ରତ୍ୟାବର୍ତନ କରିଛନ୍ତି । ମନ୍ଦିର ରେ ନିତି କାନ୍ତି ପରେ ବର ମାତାପିତା ଜ୍ୟୋତିର୍ମୟୀ ମିଶ୍ର,ଶ୍ରୀକାନ୍ତ ମିଶ୍ର ଙ୍କ ଉଦୟ ନଗର ସ୍ଥିତ କୈଳାସ ପୁରୀ ବାସଭବନ ରେ ପହଂଚି ସେଠାରେ ପାରମ୍ପରିକ ପୂଜାର୍ଚ୍ଚନା ସହ ସମସ୍ତ ଦେବା ଦେବୀଙ୍କୁ ଭବ୍ୟ ସ୍ୱାଗତ କରା ଯାଇଛି । ପ୍ରଭୁଙ୍କ ନଗର ପରିକ୍ରମା ବେଳେ ରାସ୍ତା ରେ ଭକ୍ତ ଓ ଜନସାଧାରଣଙ୍କ ଭିଡ ନିୟନ୍ତ୍ରଣ ପାଇଁ ଶୀତଳଷଷ୍ଠୀ କମିଟି ଦେବୋତର କମିଟି,ତଥା ପୋଲିସ ପ୍ରଶାସନର ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା କ୍ଷ ଓ ପ୍ରତ୍ୟେକ ପଡ଼ା ରେ ଘର ସଂବୁଖ ମାନଙ୍କ ରେ ଲୋକେ ମହାପ୍ରଭୁଙ୍କୁ ପୂଜା ବିଧି ଭୋଗ ଅର୍ପଣ ସହ ଦର୍ଶନ କରି ଭାବ ବିହ୍ୱଳ ହୋଇଯାଇଥିଲେ। ଜିଲ୍ଲା କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍ ପକ୍ଷରୁ ବିଜୁ ପଟ୍ଟନାୟକ ଛକ ରେ, ରାମ ଧୂନ୍ କ୍ଲବ ପକ୍ଷରୁ ମଝିପଡ଼ା ଠାରେ , ଓ ବଡ ବଜାର ଦୁର୍ଗା ମଣ୍ଡପ ଆନନ୍ଦ କ୍ଲବ୍ ପକ୍ଷରୁ ଦୁର୍ଗା ମଣ୍ଡପ ଠାରେ ଓ ଗୋ ସେବା ଚେରି ଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଭକ୍ତ ଶ୍ରଦ୍ଧାଳୁ ଓ ସାଂସ୍କୃତିକ ଶୋଭାଯାତ୍ରା କଳାକାର ଙ୍କ ପାଇଁ ଥଣ୍ଡା ପାଣି, ଦହି ସରବତ ର ବ୍ୟବସ୍ଥା କରା ଯାଇଥିଲା । ଦେବୋତର କମିଟି ର ସଦସ୍ୟ ବୈକୁଣ୍ଠ ଶତପଥି, ଶ୍ରୀବସ୍ତ ମଲ୍ଲିକ, ସତ୍ୟ ନାରାୟଣ ତ୍ରୀପାଠୀ, ପ୍ରଦୀପ ପୁରୋହିତ, ଲଡୁ କିଶୋର ମଲ୍ଲିକ ପ୍ରମୁଖ ସଦସ୍ୟ ଓ୍ୱର ପିତା ମାତା, କନ୍ୟା ପିତା ମାତା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱା ବଧାନ ରେ ପୋଲିସ ର ସହଯୋଗ ରେ ଶୀତଳ ଷଷ୍ଠୀ ଯାତ୍ରା ଉତ୍ସ୍ୱ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିଲା । ମଧ୍ୟାହ୍ନ ରୁ ସନ୍ଧ୍ୟା ପର୍ଯ୍ୟନ୍ତ ବର ପିତା ମାତାଙ୍କ ପ୍ରତିନିଧି ଶ୍ରୀକାନ୍ତ ମିଶ୍ର ଙ୍କ ବାସ ଭବନ ରେ ଯୁଗଳ ମୂର୍ତି ଦର୍ଶନ ପାଇଁ ଓ ପ୍ରସାଦ ସେବନ ପାଇଁ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁ ଙ୍କ ଭିଡ ଦେଖିବା କୁ ମିଳିଥିଲା ।

# ନାରଦପୁରରେ ଚାଲିଛି ବେଧଡ଼କ କୁକୁଡ଼ା ଲଢ଼େଇ ଓ ଜୁଆଖେଳ



ଚମ୍ପୁଆ, (ହି.ସ.)- ଚମ୍ପୁଆ ଥାନା ଅନ୍ତର୍ଗତ ଗ୍ରାମାଞ୍ଚଳ ଓ ସାପ୍ତାହିକ ହାଟରେ ଚାଲିଛି ବେଧଡକ କୁକୁଡ଼ା ଲଢ଼େଇ ଓ ଜୁଆଖେଳ। କୁକୁଡ଼ା ଲଢ଼େଇ ଆଳରେ ବ୍ୟାପକ ଜୁଆଖେଳ ସହ ଲକ୍ଷ ଲକ୍ଷ ଟଙ୍କାର ବାଜି ଲାଗୁଥିବା ବେଳେ ପୋଲିସ ପ୍ରଶାସନ ଏହା ଉପରେ ଲଗାମ ଲଗାଉ ନଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି । କୁକୁଡ଼ା ଲଢ଼େଇକୁ ରାଜ୍ୟ ସରକାର ବେଆଇନ୍ ଘୋଷଣା କରିଥିବା ବେଳେ ଚମ୍ପୁଆ ଅଂଚଳର ଗ୍ରାମାଂଚଳଗୁଡ଼ିକରେ କୁକୁଡ଼ା ଲଢ଼େଇ ନିୟମିତ ଭାବେ ହେଉଛି । କୁକୁଡ଼ା ଲଢ଼େଇ ସହିତ ବ୍ୟାପକ ଜୁଆଖେଳ ମଧ ବେଶ୍ ଜମୁଛି । କୁକୁଡାପଡାରେ କୁକୁଡା ବନ୍ଧା ସହ ଲକ୍ଷ ଲକ୍ଷ ଟଙ୍କା ବାଜିରେ ଲାଗୁଛି। ଚମ୍ପୁଆ ଥାନା ଅନ୍ତର୍ଗତ ନାରଦପୁରରୁ ଯୋଡାପୋଖରୀ ରାସ୍ତାରେ ଥିବା ଜଙ୍ଗଲ ଭିତରେ ପ୍ରତି ସପ୍ତାହରେ ଦୁଇ ଦିନ ଖୁଲମଖୁଲା ଚାଲିଛି ବେଆଇନ୍ କୁକୁଡ଼ା ଲଢ଼େଇ ଓ ଜୁଆଖେଳ। ପ୍ରତି ବୁଧବାର ଓ

### ନୀରବଦ୍ରଷ୍ଟା ପ୍ରଶାସନ

ଶନିବାର ଅପରାହ୍ନରେ ଆୟୋଜନ ହେଉଛି ଏହି କୁକୁଡ଼ା ଲଢ଼େଇ। କୁକୁଡ଼ା ଲଢ଼େଇ ହେଉଥିବା ସ୍ଥାନରେ ବିଭିନ୍ନ ପ୍ରକାରର ନିଶାଦ୍ରବ୍ୟର ଚୋରା କାରବାର ହେଉଥିବା ମଧ ଦେଖିବାକୁ ମିଳୁଛି। ଏଥିରେ ଭାଗ ନେଇ ଲୋକେ ସର୍ବଶ୍ୱାନ୍ତ ହେବା ସହ ଗଣ୍ଡଗୋଳ ସହିତ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି। କୁକୁଡା ଲଢେଇ ଓ ଜୁଆଖେଳରେ ଭାଗ ନେବା ପାଇଁ ଯୋଡା, ବଡ଼ବିଲ, କୋଇଡା ପ୍ରଭୃତି ଖଣି ଅଂଚଳ ସମେତ ପଡୋଶୀ ମୟୁରଭଞ୍ଜ ଓ ଝାଡଖଣ୍ଡରୁ ଜୁଆଡି ମାନଙ୍କ ଶହ ଶହ ସଂଖ୍ୟାରେ ଗାଡି ଲାଗୁଛି। କୁକୁଡ଼ା ଲଢ଼େଇ ଆୟୋଜନ କରୁଥିବା ବ୍ୟକ୍ତି ବିଶେଷ ନିଜ ଲାଭ ପାଇଁ ଏହାକୁ ପ୍ରୋତ୍ସାହିତ କରୁଛନ୍ତି । ବିଶେଷ କରି ଗ୍ରାମର ଯୁବପିଢ଼ି ଏହି ସବୁ ବେଆଇନ୍ କାର୍ଯ୍ୟ ପ୍ରତି ଆକୃଷ୍ଟ ହେଉଥିବାରୁ ଏହାକୁ ବନ୍ଦ କରିବାକୁ ସାଧାରଣରେ ଦାବୀ ହେଉଛି।

## ଜାମୁଗଛରୁ ପଡ଼ି ଜୀବନଗଲା

ସମ୍ବଲପୁର : ବେଳ ଖରାପ ପଡ଼ିଲେ କୌଣସି ପ୍ରକାରରେ ବିପତ୍ତି ଆସି ପହଞ୍ଚିଥାଏ। ସୁଖର ପରିବାରକୁ ଦୁଃଖ ମାଡ଼ି ଆସିଥାଏ। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ଥାନା ଅଧୀନ ଗଦାଧରପୁର ବାସିନ୍ଦା ରବି କଂସାରୀଙ୍କ କ୍ଷେତ୍ରରେ ତାହା ହୋଇଛି। ସାଙ୍ଗପିଲାମାନଙ୍କ ସହିତ ଜାମ୍ବୁ କୋଳି ଖାଇବାକୁ ଯାଇଥିବା ବାବୁସାନ କଂସାରୀ(୧୧)ର ମୃତ୍ୟୁ ଘଟିଛି ।ଗଦାଧରପୁର ଗ୍ରାମର ରବି କଂସାରୀଙ୍କ ପୁଅ ବାବୁସାନ ସାଙ୍ଗସାଥୀମାନଙ୍କ ଜାମ୍ବୁକୋଳି ଖାଇବାକୁ ଆଗ୍ରହ କରିଥିଲା। ସେ ସାଙ୍ଗମାନଙ୍କ ସହିତ ଗାଁ ନିକଟସ୍ଥ ଜାମ୍ବୁ ଗଛକୁ ଯାଇଥିଲା। ଗାଁର ଲୋକମାନେ ପ୍ରାୟତଃ ସବୁବେଳେ ଜାମ୍ବୁ ଖାଇବାକୁ ଯାଉଥିବାରୁ ଗଛ ତଳେ ଜାମ୍ବୁ ଖାଇବାକୁ ମିଳିଲା ନାହିଁ। ଫଳରେ ସାଙ୍ଗମାନେ ଗଛ ତଳେ ଥିବାବେଳେ ବାବୁସାନ ଗଛ ଉପରକୁ ଚଢ଼ିଥିଲା। ପାଚିଲା ଜାମ୍ବୁ ଖୋଳି ତୋଳୁଥିବା ବେଳେ କୌଣସି ପ୍ରକାରରେ ସେ ଗଛରୁ ତଳେ ପଡ଼ି ଯାଇଥିଲା।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା
# ସ୍ୱାମୀ-ଶ୍ୱଶୁର କୋର୍ଟଚାଲାଣ

କଳାହାଣ୍ଡି(ହି.ସ) : ଗତ ମେ ମାସ ୨୯ରେ ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ କୋଷାବରା ଗ୍ରାମଠାରେ ଜଣେ ବିବାହିତ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାର ପରଦା ହଟିଛି କ୍ଷ ଏନେଇ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ କୋଷାବରା ଗ୍ରାମରେ ଜଣେ ବିବାହିତ ମହିଳାଙ୍କ ନିଖୋଜ ର ଦିନକ ପରେ ଗ୍ରାମ ମଝି ଚାଷଜମି ପାଖ ଏକ ପରିତ୍ୟକ୍ତ କୂଅରୁ ପୋଲିସ ମୃତଦେହ ଉଦ୍ଧାର କରିଥିବା ବେଳେ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ମଧ ପହଞ୍ଚି ତଦନ୍ତ କରି ଏହା ଏକ ହତ୍ୟା ଘଟଣା ବୋଲି ସନ୍ଦେହ କରିଥିଲା। ମୃତକ ମହିଳା ଜଣକ ହେଉଛନ୍ତି ରାୟଗଡା ଜିଲା କାଶିପୁର ବ୍ଲକ ଅନ୍ତର୍ଗତ ଜଡ଼ା ଆମ୍ବ ଗ୍ରାମର କାଳି ଦାସ ନାଏକଙ୍କ ବଡ଼ ଝିଅ ତମାଲ ନାଏକ ସେ ଗତ ୪ବର୍ଷ ତଳେ ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ କୋଷାବରା ଗ୍ରାମର ଲଳିତ ନାଏକଙ୍କ ପୁଅ ରଞ୍ଜନ ନାଏକଙ୍କୁ ବୈଦେହିକ ରୀତିନୀତିରେ ବିବାହ କରିଥିଲେ ମୃତ ମହିଳା । ଏହାକୁ ନେଇ ମୃତ ମହିଳାଙ୍କ ପରିବାର ପକ୍ଷରୁ ଥୁଆମୂଳ ରାମପୁର ଥାନାରେ ହତ୍ୟା ଅଭିଯୋଗ କରାଯାଇଥିଲା। ପୋଲିସ ଏକ ମାମଲା (ନଂ.୭୦/୨୫) ରୁଜୁ କରି ତଦନ୍ତ କରିଥିଲା। ଏହାକୁ ନେଇ ତାଙ୍କ ସ୍ୱାମୀ ରଞ୍ଜନ ନାଏକ ଏବଂ ଶ୍ୱଶୁର ଲଳିତ ନାଏକଙ୍କ ଉପରେ ପୋଲିସ ସନ୍ଦେହ କରିଥିଲା ଏବଂ ଥାନାରେ ଅଟକ ରଖି ପଚରା ଉଚରା କରୁଥିଲା। ପରେ ବାପା ପୁଅଙ୍କୁ ୟୁ/ ଏସ. ୮୦/୧୦୩(୧) ୮୫/୨୩୮/୩(୫) ଆଦି ବିଏନଏସ ଧାରାରେ ଭବାନୀପାଟଣା କୋର୍ଟ ଚାଲାଣ କରାଯାଇଥିବା ବେଳେ ସେଠାରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ କୈବଲ୍ୟ ସେଠ ସୂଚନା ଦେଇଛନ୍ତି।

# ଆଦିବାସୀ ଯୁବକ ଯୁବତୀଙ୍କ ଦକ୍ଷତାବିକାଶରେ ସହାୟକ ହୋଇଛି ବାଂଶପାଳ ଶିଳ୍ପ ତାଲିମ୍ କେନ୍ଦ୍ର

କେନ୍ଦୁଝର,(ହି.ସ.)- ଏକ ଐତିହାସିକ ପଦକ୍ଷେପରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ଖଣି ପ୍ରଭାବିତ ବ୍ଲକ ଗୁଡ଼ିକର ଯୁବକ ଯୁବତୀଙ୍କୁ ସଶକ୍ତ କରିବା ପାଇଁ ଜିଲ୍ଲା ଖଣିଜ ପାଣ୍ଠି କେନ୍ଦୁଝରର ସହାୟତାରେ ଏକ ଗୁରୁତ୍ୱପୂର୍ଣ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ନେଇଛି। ସରକାରୀ ଶିଳ୍ପ ତାଲିମ କେନ୍ଦ୍ର, ବାଂଶପାଳକୁ ଏକ ଆଦର୍ଶ ଦକ୍ଷତା ବିକାଶ ପ୍ରତିଷ୍ଠାନରେ ବିକଶିତ କରାଯାଇଛି। ଆଦିବାସୀ ବହୁଳ ଅଂଚଳରେ ଅବସ୍ଥିତ ଏହି ପ୍ରତିଷ୍ଠାନ ଏବେ ଦୁର୍ଗମ ଅଂଚଳର ଛାତ୍ରଛାତ୍ରୀ ମାନଙ୍କ ପାଇଁ ନିଜ ଦକ୍ଷତା ବୃଦ୍ଧି କରିବା ସହ ସମ୍ପ୍ରତି ପ୍ରତିଯୋଗିତାପୁର୍ଣ ପରିବେଶରେ କର୍ମନିଯୁକ୍ତି ଲାଗି ଅସୀମ ସୁଯୋଗ ଆଣିଦେଇଛି ।ଜିଲ୍ଲା ଖଣିଜ ପାଣ୍ଠି କେନ୍ଦୁଝର କେବଳ ନାଗରିକ ଭିତିଭୂମିକୁ ପାଣ୍ଠି ଯୋଗାଇନାହିଁ ବରଂ ଖଣି ପ୍ରଭାବିତ ଗ୍ରାମଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ପାଇଁ ଆଗକୁ ବଢ଼ିବାର ଓ ଭବିଷ୍ୟତ ଗଢିବାର ପରିବେଶ ସୁନିଶ୍ଚିତ କରି ହଷ୍ଟେଲ ସୁବିଧା ଏବଂ କର୍ମଚାରୀ ବାସସ୍ଥାନ ବିକଶିତ କରିବାର ଯୋଜନା ମଧ ରଖିଛି। ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସହିତ ଏକ ପିପିପି (ଚଚଚ) ଅଧୀନରେ ପରିଚାଳିତ, ଆଇଟିଆଇ ଫିଟର, ଇଲେକ୍ଟ୍ରିସିଆନ୍, ମେକାନିକ୍ ଇଲେକ୍ଟ୍ରିକ୍ ଯାନ ଏବଂ ଉଘଉ ମେସିନିଂ ଟେକ୍ନିସିଆନ୍ ଭଳି ସ୍ୱତନ୍ତ୍ର ଶିକ୍ଷା ପ୍ରଦାନ କରୁଛି । ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ର କାର୍ଯ୍ୟକ୍ଷମ ସହାୟତା ସହିତ, ଶିଳ୍ପ-ଗ୍ରେଡ୍ ଯନ୍ତ୍ରପାତି ଏବଂ ସଂରଚିତ ମୂଲ୍ୟାଙ୍କନ ସହିତ ଉନ୍ନତ ତାଲିମ ସୁନିଶ୍ଚିତ କରିଛି। ୮୮ ଜଣ ଛାତ୍ରଛାତ୍ରୀଙ୍କ ପ୍ରବେଶ ସହିତ, ପ୍ରଥମ ବ୍ୟାଚ୍ ୧୦୦% ନିଯୁକ୍ତି ପାଇଁ ପ୍ରସ୍ତୁତ, ଯାହା ଜୀବିକା-ସଂଲଗ୍ନ ତାଲିମରେ କେନ୍ଦ୍ରିତ ନିବେଶର ପ୍ରଭାବକୁ ପ୍ରଦର୍ଶନ କରୁଛି। ଦ୍ୱିତୀୟ ବ୍ୟାଚ୍ ମଧ ଖୁବ୍ ଶୀଘ୍ର ଆରମ୍ଭ ହେବ ଯାହା ପାଇଁ ପଞ୍ଜୀକରଣ ଚାଲିଛି। ଏହି ପଦକ୍ଷେପ କେବଳ ସ୍କିଲ୍ଡ ଇନ୍ ଓଡିଶାର ମହାନ କାର୍ଯ୍ୟକ୍ରମକୁ ସମର୍ଥନ କରେ ନାହିଁ ବରଂ ଆତ୍ମନିର୍ଭର ଭାରତ ପ୍ରତି ଦୀର୍ଘକାଳୀନ, ସ୍ଥାୟୀ ଦକ୍ଷତା ବିକାଶ ପ୍ରତି ଡ଼ିଏମଏଫ କେନ୍ଦୁଝରର ପ୍ରତିବଦ୍ଧତାକୁ ମଧ ପ୍ରଦର୍ଶିତ କରୁଛି । ଜିଲ୍ଲାପାଳ ବିଶାଲ ସିଂହ ଏହି ପରିପ୍ରେକ୍ଷୀରେ ଅତ୍ୟନ୍ତ ସନ୍ତୋଷ ପ୍ରକାଶ କରିଛନ୍ତି ଏବଂ ଜିଲ୍ଲାର ଅନ୍ୟାନ୍ୟ ଆଇଟିଆଇ ଗୁଡ଼ିକରେ ଏହି ମଡେଲକୁ ଅନୁସରଣ କରି ଉତ୍କର୍ଷତା ପ୍ରତିପାଦିତ କରିବାର ଯୋଜନାକୁ ଦୃଢ଼ କରିଛନ୍ତି। ଏପରି ପ୍ରୟାସ ମାଧ୍ୟମରେ, ପ୍ରଶାସନ ଖଣି ପ୍ରଭାବିତ ଅଂଚଳର ଯୁବକଯୁବତୀ ମାନଙ୍କ ପାଇଁ ବହୁସ୍ତରୀୟ ଦକ୍ଷତା ତାଲିମ, ନିଶ୍ଚିତ ନିଯୁକ୍ତି ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏକ ଦୃଢ଼ ପରିବେଶର ନିର୍ମାଣ କରୁଛି।

# ଡାକ୍ତରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ବିରୁଦ୍ଧରେ ବିକ୍ଷୋଭ




ରାଉରକେଲା(ପିପିଏସ୍): ସ୍ଥାନୀୟ ବିଶ୍ରା ଛକ ନିକଟସ୍ଥ ସିଆଇଏସ୍ଏଫ୍, ଇଏସ୍ଆଇସି ଡିସ୍ପେନସାରିରେ କାର୍ଯ୍ୟରତ ଡାକ୍ତର ପ୍ରଣତି ପାତ୍ରଙ୍କୁ ୧.୬.୨୦୨୫ ରୁ ୧୭ ତାରିଖ ପର୍ଯ୍ୟନ୍ତ ଡେପୁଟେସନରେ ଏଫ୍‌ସିଆଇ ଡିସ୍ପେନ୍ସାରିକୁ ପଠାଯାଇଛି। ଏହି ଘଟଣାକୁ ନେଇ ହିନ୍ଦ ମଜଦୁର ସଭା ତରଫରୁ ଦିନ ୧୦.୩୦ ରୁ ଏକ ଶାନ୍ତିପୂର୍ଣ୍ଣ ଭାବରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଡିସ୍ପେନ୍ସାରି ଉପରେ ୨୮ ହଜାରେ ବୀମାଧାରୀଙ୍କ ପରିବାର ନିର୍ଭର କରନ୍ତି। ଏଠାରେ ୫ ଜଣ ଡାକ୍ତର ଆବଶ୍ୟକସ୍ଥଳେ ମାତ୍ର ଦୁଇ ଜଣ ଡାକ୍ତରଙ୍କୁ ଦିଆଯାଇଛି। କିନ୍ତୁ ଯେବେ କେବେବି ଅନ୍ୟ ଡିସ୍ପେନସାରୀରେ ଡାକ୍ତର ଛୁଟିରେ ଯିବେ ତେବେ ଏହି ଡିସ୍ପେନ୍ସାରିରୁ ଡାକ୍ତରଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଉଛି। ଏହି ଯୋଜନାରେ ଚୌଦ୍ୱାର କଟକ ଓ ଭୁବନେଶ୍ୱରରେ ମାଳ ମାଳ ଡାକ୍ତର ଥାଉଁ ଥାଉଁ ସେମାନଙ୍କୁ କାହିଁକି ଏପଟକୁ ଡେପୁଟେସନ ଦିଆଯାଉନାହିଁ । ତେବେ ଏନେଇ ପଦକ୍ଷେପ ନନେଲେ ଆସନ୍ତା ୩ ତରିଖରେ ସଂଗଠନ ତରଫରୁ ଏହି ଡିସ୍ପେନ୍ସାରୀ ସମ୍ମୁଖରେ ଧାରଣା ଦିଆଯିବ ବୋଲି ହିନ୍ଦ ମଜଦୁର ସଭା ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ହିନ୍ଦ ମଜଦୁର ସଭା ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତି, ମହେଶ୍ୱର ମହାପାତ୍ର, ଦେବେନ୍ଦ୍ର ନାଥ ଆଚାର୍ଯ୍ୟ, ଜଗବନ୍ଧୁ ଜେନା, ଦିଲୀପ ଜେନା, ନଟବର ପାତ୍ର, ଜିତେନ୍ଦ୍ର ମଲ୍ଲିକ, ଅଜୟ ବେହେରା, କୃଷ୍ଣ ନାୟକ, ବିପିନ ବିହାରୀ ବାରିକ, ଲକ୍ଷ୍ମଣ ଏକ୍କା, କୈଳାସ ଏକ୍କା, ଉମେଶ ନାୟକ, ଉମେଶ ମଲ୍ଲିକ,ମନୋଜ ରାୟ କୃଷ୍ଣ କୁମାର, ଗୌତମ ମହାରଣା ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଅଭିନୟ କର୍ମଶାଳା

ଜୟପୁର: ଜୟପୁର ଟାଉନହଲ ପରିସରରେ ସାଇ ଫିଲ୍ମ ପକ୍ଷରୁ କଳାକାର ଅଭିନୟର ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ଅମର ମିଶ୍ରଙ୍କ ଦ୍ୱାରା ଆୟୋଜିତ ଏହି କର୍ମଶାଳାରେ ଅବିଭକ୍ତ କୋରାପୁଟ ଜିଲ୍ଲାର କଳାକାର ସାଥୀ ଆସି ଅଭିନୟରେ ଅଂଶଗ୍ରହଣ କରିଥିଲେ। ସାଇ ଫିଲ୍ମର କବାଡିର ସଫଳତା ପରେ ଆଗାମୀ ଦିନରେ ମୁକ୍ତିଲାଭ କରିବାକୁ ଯାଉଥିବା ଅନ୍ୟ ଏକ ଫିଲ୍ମ ର ପ୍ରାରମ୍ଭିକ ନାମ ପ୍ରୋଟେକ୍ଟ ଏସଏଫ ୦୦୮ ରଖାଯାଇଛି। ଏହି ଫିଲ୍ମରେ ଦୁଇଟି ଗୀତ ରହିବା ସହ ସାଢେ ୨ ଘଂଟାର ଚଳଚିତ୍ର ରହିବ। ଗୀତ ଗୁଡିକ ଜୟପୁର ବାହାରେ ସୁଟିଙ୍ଗ କରାଯିବା ପାଇଁ ଯୋଜନା କରାଯାଇଥିବା ବେଳେ ଫିଲ୍ମ ସୁଟିଙ୍ଗ ଜୟପୁର ସହରରେ ହିଁ କରାଯିବ।

# ବ୍ୟାଡ୍‌ମିଣ୍ଟନ ସମର କ୍ୟାମ୍ପ୍ ଉଦ୍‌ଯାପିତ

କନ୍ଧମାଳ (ହି.ସ.) ଫୁଲବାଣୀ କନ୍ଧମାଳ ଷ୍ଟାଡିଅମରେ ଥିବା ବ୍ୟାଡମିଣ୍ଟନ ଇନଡୋର ହଲ ରେ ଗତ ଏପ୍ରିଲ ମାସ ୨୫ ତାରିଖ ରୁ ଆରମ୍ଭ ହୋଇଥିବା ୧୬ ଦିନିଆ, ଦୁଇଟି ବ୍ୟାଚର ବ୍ୟାଡମିଂଟନ ସମର କ୍ୟାମ୍ପ ଉଦଯାପିତ ହୋଇଯାଇଛି। ୮ ବର୍ଷ ରୁ ୧୬ ବର୍ଷ ବର୍ଗର ବାଳକ ଓ ବାଳିକା ମାନଙ୍କ ଏହି ଶିବିରରେ ସମୁଦାୟ ୪୫ ଜଣ ଭାଗ ନେଇଥିଲେ। ଆଜି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ, ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କନ୍ଧମାଳ, ଶମ୍ଭୁନାଥ ନନ୍ଦୀ ଯୋଗ ଦେଇ ପିଲା ମାନଙ୍କ ମାନସିକ ଓ ଶାରୀରିକ ବିକାଶ ପାଇଁ କ୍ରୀଡା ନିହାତି ଆବଶ୍ୟକ କେବଳ ପାଠ ପଢା ନୁହେଁ ଶାରୀରିକ ଦକ୍ଷତା ଓ କ୍ରୀଡ଼ା ମଧ ପିଲାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଏଥିପାଇଁ ଅବିଭାବକ ମାନେ ମଧ କ୍ରୀଡା ଦିଗରେ ପିଲା ମାନଙ୍କୁ ଉତ୍ସାହିତ କରିବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ କନ୍ଧମାଳ ଜିଲ୍ଲା ବ୍ୟାଡମିନ୍ଟନ ଆସୋସିଏସନର କାର୍ଯ୍ୟକାରୀ ସଭାପତି ଶ୍ରୀ ଦେବେନ୍ଦ୍ର କୁମାର ପାତ୍ର ଯୋଗ ଦେଇ ଖେଳାଳି ମାନେ ଶୃଙ୍ଖଳାର ସହ ଖେଳିଲେ ଜୀବନରେ ଏହି ଦିଗରେ ସଫଳତା ହାସଲ କରିପାରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ବ୍ୟାଡମିନ୍ଟନ ଖେଳାଳି ତଥା ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା ପରିଚାଳନା କରିଥିଲେ। ଶେଷରେ ଏହି କ୍ୟାମ୍ପ ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାର ଚମ୍ପିଅନ ଓ ରନର୍ସ ମାନଙ୍କୁ ଅତିଥି ମାନେ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ। ଏଥିସହ ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ବାଳକ ବାଳିକା ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି ଉଭୟ ବ୍ୟାଚର ପ୍ରଶିକ୍ଷଣ ଶିବିର ରେ ଫୁଲବାଣୀ ଇନଡୋର ଷ୍ଟାଡିୟମ ର ବ୍ୟାଡମିଣ୍ଟନ ପ୍ରଶିକ୍ଷକ ଅସୀମ କୁମାର ନାୟକ ପ୍ରଶିକ୍ଷଣ ଦେଇଥିଲେ।

# ଦୁଷ୍କର୍ମ ଅଭିଯୁକ୍ତ ଧରାପଡ଼ିଲା

ଜୟପୁର, (ହି.ସ.) - ବିବାହ ପ୍ରଲୋଭନ ଦେଖାଇ ବାରମ୍ବାର ଦୁଷ୍କର୍ମ ଅଭିଯୋଗରେ କୋରାପୁଟ ଜିଲ୍ଲା ଜୟପୁର ମହିଳା ଥାନା ପୁଲିସ ପକ୍ଷରୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ରବିବାର କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ନବରଙ୍ଗପୁର ଜିଲ୍ଲା ଖାତିଗୁଡା ଥାନା ସଦର ଗ୍ରାମର ଇସ୍ରାଇସ ନାଗ (୨୫) । ପୁଲିସ ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ଯୁବତୀଙ୍କ ଏତଲା ଅନୁଯାୟୀ ଅଭିଯୁକ୍ତ ତାଙ୍କ ଗତ ଏକ ବର୍ଷ ପୂର୍ବେ ଖାତାଗୁଡାରେ ଫାଷ୍ଟର ରହିଥିବା ତାଙ୍କ ଦାଦାଙ୍କ ନିକଟକୁ ଯାଇଥିବା ବେଳେ ପୀଡିତାଙ୍କ ସହ ଅଭିଯୁକ୍ତ ଇସ୍ରାଇଲର ଦେଖା ସାକ୍ଷାତ ହୋଇଥିଲା । ଏହିପରି ଫୋନ ମାଧ୍ୟମରେ କଥାବାର୍ତା ସହ ଉଭୟ ପ୍ରେମ କରିଥିଲେ । ଏହାର ସୁଯୋଗ ନେଇ ଯୁବତୀଙ୍କ ଇଚ୍ଛା ବିରୁଦ୍ଧରେ ଅଭିଯୁକ୍ତ ଯୁବକ ତାଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିଲା । ଏଥିନେଇ ପୀଡିତା ବିବାହ କରିବାକୁ ଜିଦ୍ କରିଥିଲେ । ଏହିପରି ପୀଡିତ ବିବାହ କରିବାକୁ ଜିଦ୍ କରିଥିଲେ, କିନ୍ତୁ ଅଭିଯୁକ୍ତ ବିବାହ କରିବାକୁ ମନା କରିଥିବା ଯୋଗୁଁ ଶେଷରେ ପୀଡିତା ଥାନାର ଦ୍ୱାରସ୍ତ ହୋଇଥିଲେ । ମହିଳା ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଇଥିଲା ଏବଂ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରଯାଇଛି ।

# ୪ରେ ଧନପୁର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍

ଜୟପୁର: ଜୟପୁର ବ୍ଲକ ଅନ୍ତର୍ଗତ ଧନପୁର ପଂଚାୟତର ବଡକାଉଡିଠାରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦୁଇଟି ସେମିଫାଇନାଲ ମ୍ୟାଚରେ ଧନପୁର ଦଳ ଓ ଦାମାପୁଟ ଦଳ ବିଜୟ ଲାଭ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଧନପୁର କ୍ରିକେଟ ଆସୋସିଏସନ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଂଟର ପ୍ରଥମ ସେମିଫାଇନାଲ ମ୍ୟାଚ ଧନପୁର ଓ ସତ୍ୟ-୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଧନପୁର ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ସମସ୍ତ ୱିକେଟ ହରାଇ ୯୭ ରନ ସଂଗ୍ରହ କରିଥିବା ବେଳେ ସତ୍ୟ -୧୧ଦଳ ୧୦.୧ ଓଭରରେ ୩୧ ରନ ସଂଗ୍ରହ କରିଅଲ ଆଉଟ ହୋଇଯାଇଥିଲେ। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଦାମାପୁଟ ଓ ଡଙ୍ଗରଛିଂଚ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦାମାପୁଟ୍ ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୬ଟି ୱିକେଟ ହରାଇ ୧୨୦ ରନ ସଂଗ୍ରହ କରିଥିଲେ। ୧୨୧ ରନର ଜବାବରେ ଡଙ୍ଗରଛିଂଚ ଦଳ ୭ ୱିକେଟ ହରାଇ ୧୦୮ ରନ ସଂଗ୍ରହ କରିଥିଲେ। ଯାହା ଫଳରେ ଦାମାପୁଟ ଦଳ ୧୨ ରନରେ ବିଜୟଲାଭ କରି ଫାଇନାଲରେ ପ୍ରବେଶ କରିଥିଲେ। ଆଜିର ଏହି ସେମିଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ସମାଜସେବୀ ସୁନିଲ ପାଣିଗ୍ରାହୀ, ଧନପୁର ଗ୍ରାମପଂଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୟଶ୍ରୀ ନାୟକ, ସରପଂଚ ବଳଭଦ୍ର ଗାଦବା ଯୋଗ ଦେଇଥିଲେ। ଏମ୍ପାୟାର ଭାବେ ଟିସୁ ମିଶ୍ରଓ ରାମଚନ୍ଦ୍ର ପାଙ୍ଗି ଉପସ୍ଥିତ ରହିଥିଲେ। ଏହି ଟୁର୍ଣ୍ଣାମେଂଟକୁ ହରିଶ ଭୁମିଆ, କାଳିଆ ନାୟକ, ରାଜେଶ ପାଙ୍ଗି, ଧନପତି ମାଝି, ରମେଶ ବାରିକ, ସୁନିଲ ନାୟକ ପରିଚାଳନା କରିଥିଲେ। ଆସନ୍ତା ୪ ତାରିଖରେ ଦାମାପୁଟ ଓ ଧନପୁର ମଧ୍ୟରେ ଖେଳାଯିବ ବୋଲି କମିଟି ପକ୍ଷରୁ ସୂଚନା ଦେଇଛନ୍ତି।

# ଆଭାସୀ ମାଧ୍ୟମରେ ବିଶ୍ୱ ତମାଖୁ ନିଷେଧ ଦିବସ ପାଳିତ

ସମ୍ବଲପୁର, (ହି.ସ.) - ସମଗ୍ର ଭାରତବର୍ଷରେ ବର୍ଷକୁ ପ୍ରାୟ ୧୪ ଲକ୍ଷ ଲୋକ ତମାଖୁ ସେବନ ଯୋଗୁ ଜୀବନ ହରାଉଛନ୍ତି। ପ୍ରତି ବର୍ଷ ଭାରତରେ ବିଭିନ୍ନ କାରଣରୁ ଯେତିକି ମୃତ୍ୟୁବରଣ କରୁଛନ୍ତି ତା'ର ପ୍ରାୟ ୧୦ ପ୍ରତିଶତ କେବଳ ତମାଖୁ ଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି । ଜନସାଧାରଣ, ବିଶେଷକରି ଯୁବ ସମାଜ ଏଥିରୁ କିପରି ମୁକ୍ତି ପାଇବେ, ତାକୁ ଏବେ ଗମ୍ଭିରତାର ସହ ନେବାର ସମୟ ଆସିଛି ବୋଲି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ବିଶ୍ୱ ତମାଖୁ ନିଷେଧ ଦିବସ ପାଳନ ଉପଲକ୍ଷେ ଆୟୋଜିତ ସଚେତନତା ଅଭିଯାନର ଶୁଭାରମ୍ଭ ଅବସରରେ କହିଛନ୍ତି । ଏହି ଅବସରରେ ନିଶାଦ୍ରବ୍ୟ, ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧରେ ଆରମ୍ଭ ହେଉଥିବା ସଚେତନତା ଅଭିଯାନରେ ସମସ୍ତେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଏହି ଅବସରରେ ନିଶା ନୁହେଁ, ନିଜ ଜୀବନକୁ ଆପଣାଇବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି। ସୂଚନାଯୋଗ୍ୟ, ତମାଖୁ, ବିଷାକ୍ତ ମଦ ଓ ଡ୍ରଗ୍ସ ବ୍ୟବହାର ଓ ପ୍ରସାରକୁ ରୋକିବା ପାଇଁ ରାଜ୍ୟବ୍ୟାପୀ ପ୍ରଥମ ପର୍ଯ୍ୟାୟରେ ବିଶ୍ୱ ତମାଖୁ ନିଷେଧ ଦିବସ ମଇ ୩୧ ତାରିଖ ଠାରୁ ଜୁନ ୨୬ ତାରିଖ ପର୍ଯ୍ୟନ୍ତ, ଦ୍ୱିତୀୟ ପର୍ଯ୍ୟାୟରେ ଜୁନ୍ ୨୬ ରୁ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ, ତୃତୀୟ ପର୍ଯ୍ୟାୟରେ ଅକ୍ଟୋବର ୦୨ ଏବଂ ଚତୁର୍ଥ ପର୍ଯ୍ୟାୟରେ ଡିସେମ୍ବର ୨୫ରୁ ୨୦୨୬ ଜାନୁଆରୀ ୧୫ ତାରିଖ ପର୍ଯ୍ୟନ୍ତ ପ୍ରାୟ ଏକ ବର୍ଷ ଧରି ଏହି ସଚେତନତା ଅଭିଯାନ ଜାରି ରହିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ତମାଖୁଜନିତ ମୃତ୍ୟୁକୁ ରୋକିବା ପାଇଁ କେବଳ ଗୋଟିଏ ଉପାୟ ହେଉଛି ସଚେତନତା। ଲୋକମାନେ ଏହାର ଭୟାବହତା ଜାଣିବା ଓ ଭଲ ଭାବେ ସଚେତନତା ପରେ ବି ଏଥିରୁ ଦୂରେଇ ପାରୁନାହାନ୍ତି। ଯଦି ଗୋଟିଏ ବ୍ୟକ୍ତିକୁ ସଚେତନ କରାଇ ପାରୁଛେ, ତେବେ ଆମେ ନିଶ୍ଚିତ ତା'ର ଜୀବନ ବଂଚାଇ ପାରୁଛେ। ତମାଖୁ ସେବନର ଅପକାରିତା ଏବଂ ସ୍ୱାସ୍ଥ୍ୟଗତ ଭୟାବହତା ଉପରେ ସଚେତନତା ସୃଷ୍ଟି ପାଇଁ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ସଚେତନତା ଅଭିଯାନକୁ ଘରେ ଘରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ତମାଖୁ ସେବନର ଭୟାବହତା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମୁଖଗହ୍ୱର କର୍କଟ କିମ୍ବା ଫୁସଫୁସ୍ କର୍କଟର ଶତ ପ୍ରତିଶତ କାରଣ ହେଉଛି ତମାଖୁ ଏବଂ ସିଗାରେଟ୍ ସେବନ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଦୁନିଆରେ ଏକ ମାତ୍ର ସତ୍ୟ ହେଉଛି ମୃତ୍ୟୁ। ତେବେ ଏହା କଣ ଯନ୍ତ୍ରଣାଦାୟକ ହେବା ନିତ୍ୟାନ୍ତ ଆବଶ୍ୟକ । ତେଣୁ ଏକ ସୁସ୍ଥ ଜୀବନ ଶୈଳୀକୁ ଆପଣାଇବା ପାଇଁ ସମସ୍ତେ ସଚେତନ ହେବା ଉଚିତ୍ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ତମାଖୁ, ସିଗାରେଟ୍ ଓ ନିଶାଦ୍ରବ୍ୟର ବିଜ୍ଞାପନ ମଧ ଯୁବ ସମାଜ ଉପରେ କୁପ୍ରଭାବ ପକାଉଛି। ଏହି ଛଳନାପୂର୍ଣ୍ଣ ବିଜ୍ଞାପନ ପ୍ରତି ମଧ ପ୍ରତ୍ୟେକ ସଜାଗ ରହିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସେ ପୁଣି କହିଥିଲେ ଯେ ନିଶା ଦ୍ରବ୍ୟ ଅପବ୍ୟବହାର, ବିଷାକ୍ତ ମଦ ଓ ଚୋରା ମଦର ବ୍ୟାପକତାକୁ ରୋକିବାକୁ ଅବକାରୀ, ଗୃହ ବିଭାଗ ଓ ନିଶା ନିୟନ୍ତ୍ରଣ ବ୍ୟୁରୋର ମିଳିତ ଉଦ୍ୟମରେ ଧରପଗଡ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇ ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ କରାଯାଉଛି। ଏସଟିଏଫ୍‌କୁ କ୍ଷମତା ସମ୍ପର୍ଣ୍ଣ କରାଯାଇ ତମାଖୁ ସହିତ ଅନ୍ୟାନ୍ୟ ନିଶା ଦ୍ରବ୍ୟ ବିଶେଷ ଭାବେ ଚୋରା ଚାଲଣ ହେଉଥିବା ନିଶା ସାମଗ୍ରୀକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଚେଷ୍ଟା ଜାରି ରହିଛି । ତମାଖୁ ସହିତ ସବୁ ପ୍ରକାର ନିଶା ଦ୍ରବ୍ୟ ଉପରେ ଅଙ୍କୁଶ ଲଗାଇବା ପାଇଁ ଖୁବ୍ ଶୀଘ୍ର ନୂତନ ଅବକାରୀ ନୀତି ପ୍ରଣୟନ କରାଯିବ ବୋଲି ମଧ ସେ କହିଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ମାଦକ ତଥା ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଅବଗତ କରାଇବା ପାଇଁ ଏବଂ ଅପମିଶ୍ରିତ, ବିଶାକ୍ତ ଏବଂ ଚୋରା ମଦ କାରବାର ସମ୍ପୂର୍ଣ୍ଣ ରୋକିବା ପାଇଁ ରାଜ୍ୟବ୍ୟାପୀ ସଚେତନତା ଅଭିଯାନର ଲୋଗୋ, ଟି.ଭି. ସ୍ପଟ୍, ଥିମ୍ ସଙ୍ଗ୍ ଏବଂ ସୂଚନା ପୁସ୍ତିକା ଉନ୍ମୋଚନ କରିଥିଲେ । ରାଜ୍ୟ ସ୍ତରୀୟ ଏହି ସଚେତନତା କାର୍ଯ୍ୟକ୍ରମରେ ଆଇନ, ଅବକାରୀ ଏବଂ ପୂର୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଥିଲେ ଯେ, ନିଶା ବ୍ୟବହାରର ଫଳ ହେଉଛି ମୃତ୍ୟୁ। ତେଣୁ ଏଥିପ୍ରତି ସଚେତନତା ବୃଦ୍ଧି କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ତମାଖୁ, ମଦ, ଡ୍ରଗ୍ସ ବ୍ୟବହାର ଓ ପ୍ରସାର ରୋକିବା ପାଇଁ ଏଭଳି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଓଡିଶାରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଛି। ସମାଜର ଶେଷ ଲୋକ ପର୍ଯ୍ୟନ୍ତ ଆମେ ଏହି ସଚେତନତା ବାର୍ତା ପହଂଚାଇବୁ। ଏଥିରେ ଅନ୍ୟାନ୍ୟ ବିଭାଗ ଓ ସିଭିଲ ସୋସାଇଟି ଯୋଗଦାନ ରଖିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏକ୍ସସାଇଜ ଆକ୍ଟରେ ଦୋଷୀ ପ୍ରତି ଦଣ୍ଡବିଧାନ ଆହୁରି କଡାକଡି ହେବ ବୋଲି ସେ ସତର୍କ କରାଇଥିଲେ। ନିଶାମୁକ୍ତି ଅଭିଯାନର ବ୍ରାଣ୍ଡ ଆମ୍ବାସଡର ତଥା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ କହିଥିଲେ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅଭିଯାନକୁ ଘରେ ଘରେ ପହଂଚାଇବା ଆମ ସମସ୍ତଙ୍କ କେବଳ ଦାୟିତ୍ୱ ନୁହେଁ ଓ କର୍ତବ୍ୟ ମଧ । ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇଙ୍କ ସମେତ ଅବକାରୀ ଅଧିକ୍ଷକ, ଅନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।


# ରବି ଧାନକିଣା ଶୁଭାରମ୍ଭ

**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବ୍ଲକ୍ କାକରୁଦ୍ରପୁର ସେବା ସମବାୟ ସମିତି ପକ୍ଷରୁ ରବି ଧାନମଣ୍ଡି ଶୁଭାରମ୍ଭ ହୋଇଛି। ଏହି ଅବସରରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, କାକରୁଦ୍ରପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ସସ୍ମିତା ମଲ୍ଲିକ, ସମିତି ସଭ୍ୟା ମିଲିଲତା ବେହେରା, ଏରିଆ ଅଫିସର ଅମୀୟ କୁମାର ଖୁଣ୍ଟିଆ, ସମିତି ସଭାପତି ନୀଳକଣ୍ଠ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଣ୍ଡିର ଶୁଭାରମ୍ଭ କରିଥିଲେ। ସମିତି ସମ୍ପାଦକ ହେମନ୍ତ କୁମାର ନାୟକ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରବି ଋତୁରେ ମଣ୍ଡିରେ ମୋଟ ୩ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ନେଇ ଲକ୍ଷଧାର୍ଯ୍ୟ କରାଯାଇଥିବା ବେଳେ ଶୁଭାରମ୍ଭ ଦିନ ମୋଟ ୪୦୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ସମ୍ପାଦକ ଶ୍ରୀ ନାୟକ କହିଛନ୍ତି। ପ୍ରତି ସପ୍ତାହର ସୋମବାର ଓ ଶନିବାର ମଣ୍ଡିରୁ ଧାନ ସଂଗ୍ରହ କରାଯିବ। ପାରିବାସୁଦେଇପୁର ସ୍ଥିତ ସାନ୍ଥୋଲିଆ ରାଇସ ମିଲ ମଣ୍ଡିରୁ ଧାନ କିଣିବ। ପରିଚାଳନା ପରିଷଦର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଛାତ୍ରଛାତ୍ରୀଙ୍କୁ ନିର୍ମାଣ ମେଧା ସମ୍ମାନ

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀ ଉପକଣ୍ଠ ବାଲକାଟିର ଅଗ୍ରଣୀ ଶିକ୍ଷାନୁଷ୍ଠାନ ନିର୍ମାଣ ଏଜୁକେସନାଲ୍ ଟ୍ରଷ୍ଟ ଓ ବ୍ରଜଗୋପାଳ ମେମୋରିଆଲ ଫାଉଣ୍ଡେସନ ଆଳିଶୀ ଶାସନର ମିଳିତ ଆନୁକୂଲ୍ୟରେ ନିର୍ମାଣ ଅନୁଷ୍ଠାନର ଅଧ୍ୟକ୍ଷ ସିଦ୍ଧେଶ୍ୱର ମହାନ୍ତିଙ୍କ ସଭାପତିତ୍ୱରେ ନିର୍ମାଣ ମେଧା ସମ୍ମାନ ୨୦୨୫ ଆୟୋଜିତ ହୋଇଯାଇଛି। ଜୟଦେବ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଅନ୍ତା ଓ ବାଲିପାଟଣା ବ୍ଲକ୍‌ର ୧୦ ଟି ହାଇସ୍କୁଲ୍ ଓ ୬ ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୬ ଜଣ ମେଧାବୀ ଛାତ୍ରଛାତ୍ରୀ ଓ ୧୦ ଜଣ ପ୍ରଧାନ ଶିକ୍ଷକଙ୍କୁ ନିର୍ମାଣ ମେଧା ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ରାଜଧାନୀ ପୁସ୍ତକ ମେଳାର ସମ୍ପାଦକ ବିଦୁଭୂଷଣ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ ମୁଖ୍ୟ ବକ୍ତା, ସମାଜସେବୀ ପ୍ରହଲ୍ଲାଦ ସାହୁ, ବ୍ରଜଗୋପାଳ ଫାଉଣ୍ଡେସନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ମିଶ୍ର, ପ୍ରତାପ ଶାସନ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦି, ସମାଜସେବୀ ବିଜୟ ମହାରଣା, ରାଜ୍ୟ ଘରୋଇ ଶିଳ୍ପ ତାଲିମ ସଂଘର ସଭାପତି ଅରୁଣ ନାୟକ, ଓଡ଼ିଶୀ ନୃତ୍ୟ ଗବେଷକ ଜଗବନ୍ଧୁ ଜେନା ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଏବଂ ନିର୍ମାଣ ଅନୁଷ୍ଠାନର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁଭୋଜିତ ପଣ୍ଡା ପରିଚାଳନା କରିଥିବାବେଳେ ନିର୍ମାଣ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନୃତ୍ୟାଞ୍ଜଳି ସମ୍ମାନ ପ୍ରଦାନ ଉତ୍ସବ



**ଭୁବନେଶ୍ୱର (ପିପିଏସ୍):** ବିଶ୍ୱ ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟ, ସଂଗୀତର ପ୍ରଚାର ଓ ପ୍ରସାର ପାଇଁ କାର୍ଯ୍ୟ କରି ଆସୁଥିବା 'ନୃତ୍ୟାଞ୍ଜଳି' ଅନୁଷ୍ଠାନର ୩୩ତମ ମହୋତ୍ସବ ଓ ସମ୍ମାନ ପ୍ରଦାନ ପର୍ବର ଉଦ୍‌ଘାଟନୀ ଦିବସ ରବିବାର ରବୀନ୍ଦ୍ର ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ୨୦୦ରୁ ଊର୍ଦ୍ଧ୍ୱ ଓଡ଼ିଶୀ ନୃତ୍ୟଶିଳ୍ପୀ ଏକକ ଦ୍ୱୈତ ଓ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ପୂର୍ବାହ୍ନ ଅଧିବେଶନରେ ପଦ୍ମା ହସ୍ପିଟାଲର ଏମ୍‌ଡି ଡ. ବିଶ୍ୱନାଥ ପଟ୍ଟନାୟକ, ଇନ୍ଦ୍ରକଳା ସଂଗୀତ ବିଶ୍ୱବିଦ୍ୟାଳୟ ଛତିଶଗଡ଼ର ଓଡିଶୀ ନୃତ୍ୟର ପ୍ରାଧ୍ୟାପକ ସୁଶାନ୍ତ କୁମାର ଦାସ, ସାମ୍ବାଦିକ ସନ୍ଦୀପ ଜେନା, ସିନିଅର ଆଡ଼ଭୋକେଟ ଦେବାଶିଷ ମିଶ୍ର ଯୋଗ ଦେଇଥିଲେ। ସନ୍ଧ୍ୟା ଅଧିବେଶନ ବା ସମ୍ମାନ ପ୍ରଦାନ ଓ ସମ୍ବର୍ଦ୍ଧନା ଉତ୍ସବରେ ବାଚସ୍ପତି ସୁରମା ପାଢ଼ୀ, ବିଧାୟକ ବାବୁ ସିଂ, ନୃତ୍ୟଗୁରୁ ପଦ୍ମଶ୍ରୀ ଦୁର୍ଗା ଚରଣ ରଣବୀର, ସାମ୍ବାଦିକ ଦେବ ନାରାୟଣ ସେଠୀ, ସମାଜସେବୀ ଡ. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ନୃତ୍ୟାଞ୍ଜଳିର ସଭାପତି ଗୁରୁ ସୁକାନ୍ତ କୁମାର କୁଣ୍ଡୁ, ସମ୍ପାଦକ ଗୁରୁ ପୁଷ୍ପରଞ୍ଜନ ମଙ୍ଗରାଜ, କାର୍ଯ୍ୟକାରୀ ସଭାପତି ରଞ୍ଜନ ମଙ୍ଗରାଜ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଡଃ ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ପ୍ରସିଦ୍ଧ ନୃତ୍ୟଗୁରୁ ମିନାକ୍ଷୀ ବେହେରାଙ୍କୁ 'ନୃତ୍ୟାଞ୍ଜଳି ନୃତ୍ୟ ସମ୍ମାନ' ଓ ଗୁରୁ କେଶବ ଚରଣ ରାଉତଙ୍କୁ 'ନୃତ୍ୟାଞ୍ଜଳି ସଂଗୀତ' ସମ୍ମାନରେ ସମ୍ମାନିତ କରିଥିଲେ। ସନ୍ଧ୍ୟା ଅଧିବେଶନରେ ନୃତ୍ୟାଞ୍ଜଳିର ଶୁଭଶ୍ରୀ ମହାପାତ୍ର, ଗାୟତ୍ରୀ ଖୁଣ୍ଟିଆଙ୍କ ମହାରୀ, ବିଦୀଶା ବସୁ ମଲ୍ଲିକଙ୍କ ଓଡିଶୀ, ଭାବନା ଭଗବତୀ ଓ ଆଦ୍ୟାଶା ପାତ୍ରଙ୍କ ଏକକ ଅଭିନୟ, ଗୁରୁ ସସ୍ମିତା ପଣ୍ଡାଙ୍କ ନିର୍ଦ୍ଦେଶନାରେ ବିରଜା କଳା ଏକାଡେମୀର ପିଲାଙ୍କ ଦ୍ୱାରା ଦଳଗତ ଓଡିଶୀ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ବିମୋହିତ କରିଥିଲା। ଅଧିବେଶନର ବିଭିନ୍ନ ପର୍ଯ୍ୟାୟରେ ନୃତ୍ୟାଞ୍ଜଳି, ଭାରତୀ ନୃତ୍ୟ ମନ୍ଦିର, ନୃତ୍ୟାୟନ ଅନୁଷ୍ଠାନ, ଗୁରୁ ଶ୍ରୀ ଭରତ ଗିରି,ମିତା ଦାସ, ଡଃ ସୋନାଲି ସାବତ,ଗାୟତ୍ରୀ ରଣବୀର,ଙ୍କ ଛାତ୍ର ଛାତ୍ରୀ ମାନେ ନୃତ୍ୟ ପରିବେଷଣ କରିଥିଲେ।

# ମାସିକ ନାଟ୍ୟଧାରାରେ 'ସେ ଓ ସେମାନେ' ମଞ୍ଚସ୍ଥ



**ଭୁବନେଶ୍ୱର (ପିପିଏସ୍):** ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ନାଟ୍ୟ ସଂଘ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ମାସିକ ନାଟ୍ୟଧାରାର ପ୍ରଥମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଇଣ୍ଟରଫେସ୍ ଭୁବନେଶ୍ୱର ପ୍ରଯୋଜିତ ନାଟକ 'ସେ ଓ ସେମାନେ' ଭଞ୍ଜକଳା ମଣ୍ଡପଠାରେ ମଞ୍ଚସ୍ଥ ହୋଇଯାଇଛି। ଦେବପ୍ରସାଦ ଦାସଙ୍କ କ୍ଷୁଦ୍ରଗଳ୍ପର ନାଟ୍ୟ ରୂପାନ୍ତର ଓ ନିର୍ଦ୍ଦେଶନା ଦେଇଛନ୍ତି ପ୍ରଫେସର ଡ. ଗୌରାଙ୍ଗ ଚନ୍ଦ୍ର ରାଉତ। କାହାଣୀରେ ଗୁପ୍ତ ଆସର କକ୍ଷରେ ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ, ଶିଳ୍ପପତି, ସାହିତ୍ୟିକ, ସାମ୍ବାଦିକ ଓ ନର୍ତ୍ତକୀ ନୃତ୍ୟଗୀତରେ ମଜ୍ଜିଥାନ୍ତି। ହଠାତ୍ ପଶିଆସିଛି ଜନତା। ସେ ଜଣେ ତ୍ରିକାଳଦର୍ଶୀ ଜ୍ୟୋତିଷ। ସେ ସେମାନଙ୍କର ଅତୀତ ଓ ଭବିଷ୍ୟତ କହିଛି, ଯାହାଦ୍ୱାରା ଗଣତନ୍ତ୍ର ଶାସନର ଗୁମରକଥା ପଦାରେ ପଡ଼ିଛି। ତାପରେ ସେମାନେ ମିଳିତଭାବେ ସେ ଜନତା ଜ୍ୟୋତିଷର ତଣ୍ଟି ଚିପି ମାରି ଦେଇଛନ୍ତି। ଜନତା କିନ୍ତୁ ମରେ ନାହିଁ। ସେ ସମୟ ସହିତ ଥାଏ। ସେ ପୁଣି ଉଠିଯାଇ ସେମାନଙ୍କୁ ସତର୍କ ବାଣୀ ଶୁଣାଇଛି। ଏପରି କାହାଣୀକୁ ନେଇ ମଞ୍ଚସ୍ଥ ହୋଇଛି ନାଟକ।

# 'ସୈନିକସ୍କୁଲ ବଞ୍ଚାଅ ଅଳିଆ ଗଦା ହଟାଅ ଅଭିଯାନ' ପକ୍ଷରୁ ଜନ ପ୍ରତିବାଦ



**ଭୁବନେଶ୍ୱର (ପିପିଏସ୍):** ଅଳିଆଗଦା ହଟାଅ ଓ ସୈନିକସ୍କୁଲ ବଞ୍ଚାଅ ଅଭିଯାନର ଡାକରାରେ ରବିବାର ସକାଳୁ ସାଧାରଣ ଲୋକ ଡମ୍ପିଂୟାର୍ଡ଼ର ମୁଖ୍ୟ ଗେଟ ବନ୍ଦ କରି ଜନପ୍ରତିବାଦ କରିଥିଲେ। ଲୋକେ ପ୍ରଥମେ ପ୍ଲାକ୍ କାର୍ଡ ଧରି ପ୍ରତିବାଦ କରିଥିଲେ। ସରକାର ବିରୋଧି ନାରା ଲଗାଇବା ସହ ଡମ୍ପିଂୟାର୍ଡ ଭିତରକୁ ଅଳିଆ ଗାଡ଼ିଗୁଡିକୁ ଛଡା ଯାଇ ନଥିଲା। ଅଳିଆ ଗାଡ଼ି ପ୍ରବେଶ ବନ୍ଦ ଯୋଗୁଁ ଅନେକ ଅଳିଆ ଗାଡ଼ି କିଛି ସମୟ ପାଇଁ ପଛକୁ ପଛ ଲାଇନ ହୋଇ ଛିଡା ହୋଇଯାଇଥିଲା। ଅଳିଆ ଗାଡି ରୋକି ଚାବି ନେଇଯିବା ସହ ରାସ୍ତା ସମ୍ପୂର୍ଣ୍ଣ ବନ୍ଦ କରିଥିଲେ। ଦିନ ପ୍ରାୟ ୧୦ଟା ୩୦ ପର୍ଯ୍ୟନ୍ତ ଏଭଳି ପ୍ରତିବାଦ ଏବଂ ଧାରଣା ଜାରି ରହିଥିଲା। ଗାଡ଼କଣ ଡମ୍ପିଙ୍ଗୟାର୍ଡ଼ ଗେଟ ସମ୍ମୁଖରେ ଧାରଣା ବେଳେ ଅଳିଆଗଦା ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନର ପ୍ରମୁଖ କର୍ମକର୍ତ୍ତା ଶଙ୍କର୍ଷଣ ବାରିକ ଅଚେତ ହୋଇ ପଡ଼ିଥିଲେ। ବର୍ଷା ହେବା ଫଳରେ କିଛିଦିନ ହେବ ପ୍ରବଳ ଦୁର୍ଗନ୍ଧ ହେବା ଫଳରେ ଲୋକ ରାଗିଯାଇଥିଲେ। ସେଥିପାଇଁ ସେହି ଅଞ୍ଚଳରେ ପ୍ରାୟ ଦଶ କିମି ପରିଧିରେ ଦୁର୍ଗନ୍ଧ ସହ ଲୋକଙ୍କ ପାଇଁ ବଞ୍ଚିବା ଦୁର୍ବିସହ ହୋଇ ପଡିଛି। ବିଏମସି ଏଠାରେ ବେଆଇନ ଭାବେ ଡମ୍ପିଂୟାର୍ଡ କରୁଛି ବୋଲି ଅଭିଜାନର କର୍ମକର୍ତ୍ତା ମାନେ ଅଭିଯୋଗ କରିଛନ୍ତି।

# ମାଟ୍ରିକ୍ ଫେଲ୍ ଠକ କମ୍ପାନୀ ନିର୍ଦ୍ଦେଶକ ଗିରଫ

## ଚେକ୍ ବୁକ୍, ୨୭ ଏଟିଏମ୍ କାର୍ଡ ଜବତ



**ଭୁବନେଶ୍ୱର (ପିପିଏସ୍):** ପାଠରେ ମାଟ୍ରିକ୍ ଫେଲ୍, ହେଲେ ଠକେଇରେ ମାଷ୍ଟର। ଗୋଟିଏ ନୁହେଁ, ଦୁଇଟି ୮ଟି ରାଜ୍ୟରେ ବିଛାଇଥିଲେ ଠକେଇର ଜାଲ। ନିବେଶ ଆଳରେ ଠକି ନେଉଥିଲେ ଲକ୍ଷ ଲକ୍ଷ ଟଙ୍କା। ୮ ରାଜ୍ୟରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଏହି ଠକ ଓ ଏହାର ସହଯୋଗୀ ଏବେ ଧରାପଡ଼ିଛନ୍ତି। ୧୨ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗର ଖୋଳତାଡ଼ ବେଳେ ଏମାନେ ପୁଲିସ ହାବୁଡ଼ରେ ପଡ଼ିଛନ୍ତି। ଗିରଫ ଦୁଇ ଅଭିଯୁକ୍ତ ହେଲେ ପୋଖରୀପୁଟରେ ରହୁଥିବା ବାଲିପାଟଣା ମାର୍ଥାପୁରର ପ୍ରସନ୍ନ ବେହେରା (୪୪) ଓ ପୁରୀ ଦୋଳମଣ୍ଡପ ସାହିର ରାହୁଲ ପ୍ରଧାନ ଓରଫ ଟିକୁ (୨୪)।

ସୂଚନା ଅନୁଯାୟୀ ମାଟ୍ରିକ ଫେଲ୍ ପ୍ରସନ୍ନ ଅନନ୍ୟା ଇନ୍‌ଫ୍ରା ଡେଭଲପର ନାମରେ ଏକ ନକଲି ସଂସ୍ଥା କରି ନିଜକୁ ସଂସ୍ଥାର ନିର୍ଦ୍ଦେଶକ ଦର୍ଶାଇଥିଲା। ତା' କମ୍ପାନୀରେ ଅର୍ଥ ନିବେଶ କଲେ ୭ ପ୍ରତିଶତ ଲାଭ ମିଳିବ ବୋଲି ସାମାଜିକ ଗଣମାଧ୍ୟମରେ ପ୍ରଚାରପ୍ରସାର କରିଥିଲା। ନୂଆପଲ୍ଲୀ ଅଞ୍ଚଳର ମିଳନ କୁମାର ବେଉରାଙ୍କ ନିକଟକୁ ଟଙ୍କା ନିବେଶ କରିବା ନେଇ ଏକ ମେସେଜ ଆସିଥିଲା। ଉକ୍ତ ମେସେଜରେ ଥିବା ନମ୍ବରରେ ଯୋଗାଯୋଗ କରିବାରୁ ସାଇବର ଠକ ତାଙ୍କୁ ଏକ ନିର୍ଦ୍ଦିଷ୍ଟ ଆପ୍ ଦ୍ୱାରା ଟଙ୍କା ନିବେଶ କରିବାକୁ କହିଥିଲେ। ମାସକୁ ୭ଧ ସୁଧ ମିଳିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ମିଳନ ୪ଟି ପର୍ଯ୍ୟାୟରେ ମୋଟ ୧୨ ଲକ୍ଷ ଟଙ୍କା ବିନିଯୋଗ କରିଥିଲେ। ସାଇବର ଠକ ମାତ୍ର ଗୋଟିଏ ମାସର ସୁଧ ଦେବା ପରେ ଆପ୍‌କୁ ବନ୍ଦ କରି ଦେଇଥିଲେ। ମିଳନ ଏନେଇ ଗତମାସ ୭ ତାରିଖରେ ସାଇବର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗତମାସ ୨୪ ତାରିଖ ଦିନ ପ୍ରମୋଦ ମହାନ୍ତିଙ୍କୁ ଗିରଫ କରିଥିଲା। ପ୍ରମୋଦ ଠାରୁ ମିଳିଥିବା ତଥ୍ୟ ଆଧାରରେ ଆଜି ମାଟ୍ରିକ ଫେଲ୍ ନିର୍ଦ୍ଦେଶକ ପ୍ରସନ୍ନ ଓ ରାହୁଲଙ୍କୁ ଗଗନ କରିଥିଲା। ପ୍ରସନ୍ନ ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକମାନଙ୍କୁ ନିଜ ସଂସ୍ଥାରେ ଟଙ୍କା ଲଗାଇବାକୁ ପ୍ରବର୍ତ୍ତାଉଥିବା ବେଳେ ରାହୁଲ ବେନାମୀ ସିମ୍ ଓ ମ୍ୟୁଲ୍ ଆକାଉଣ୍ଟ ଯୋଗାଡ଼ କରୁଥିଲା। ସେମାନଙ୍କ ଠାରୁ ୨୭ଟି ଏଟିଏମ୍‌କାର୍ଡ, ୨୪ଟି ଚେକ୍‌ବୁକ, ୮ଟି ପାସ୍‌ବୁକ୍, ୬ଟି ପ୍ୟାନକାର୍ଡ, ୪ଟି ମୋବାଇଲ ଫୋନ୍ ଓ ଲାପ୍‌ଟପ୍ ଜବତ କରିଛି ପୁଲିସ। ଅଭିଯୁକ୍ତଙ୍କ ଠାରୁ ୮ ଲକ୍ଷ ୩୯ହଜାର ୯୦୦ ଟଙ୍କା ଫ୍ରିଜ୍ କରାଯାଇଛି। ଅଭିଯୋଗକାରୀ ମିଳନ ସିଏମସି ପ୍ରକ୍ରିୟା ମାଧ୍ୟମରେ ୭ ଲକ୍ଷ ୫୦ ହଜାର ଟଙ୍କା ଫେରି ପାଇଛନ୍ତି। ତେବେ ଗିରଫ ଦୁଇ ଅଭିଯୁକ୍ତ କେବଳ ଓଡ଼ିଶାରେ ନୁହଁ, ରାଜ୍ୟ ବାହାରେ ମଧ୍ୟ ଠକେଇ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଓଡ଼ିଶା, ଦିଲ୍ଲୀ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ତେଲଙ୍ଗାନା, ବିହାର, ଚଣ୍ଡୀଗଡ଼, ଜମ୍ମୁ କାଶ୍ମୀର ଓ କର୍ଣ୍ଣାଟକର ଅନେକ ଲୋକଙ୍କୁ ଚୂନ ଲଗାଇଛନ୍ତି। ଉପୋରକ୍ତ ରାଜ୍ୟ ଗୁଡ଼ିକରୁ ୧ କୋଟି ୩୪ ଲକ୍ଷ ୫୧ ହଜାର ୯୮ ଟଙ୍କା ଠକେଇ କରିଥିବା ନ୍ୟାସନାଲ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲରୁ ପୁଲିସ ଜାଣିବାକୁ ପାଇଛି। ଦୁଇ ଠକ ଧରାପଡ଼ିଥିବା ନେଇ କମିସନରେଟ ପୁଲିସ ପକ୍ଷରୁ ଉପୋରକ୍ତ ରାଜ୍ୟ ଅବଗତ କରାଯାଇଛି। ବାହାର ରାଜ୍ୟର ପୁଲିସ ସେମାନଙ୍କୁ ରିମାଣ୍ଡରେ ନେବାପାଇଁ କମିସନରେଟ ପୁଲିସ ସହିତ ଯୋଗାଯୋଗରେ ରହିଛି।

# ଯୋଗ ଦିବସ ପ୍ରସ୍ତୁତି କର୍ମଶାଳା

**ଭୁବନେଶ୍ୱର (ପିପିଏସ୍):** ଆସନ୍ତା ୨୧ ଜୁନ ଆନ୍ତର୍ଜାତୀୟ ଯୋଗ ଦିବସକୁ ସଫଳ ଭାବେ ପାଳନ କରିବା ଲକ୍ଷ୍ୟରେ ଯୋଗ ମହୋତ୍ସବ ସମିତି, ଓଡ଼ିଶା ପକ୍ଷରୁ ଭାରତୀୟ ବିଦ୍ୟାଭବନରେ ପ୍ରସ୍ତୁତି କର୍ମଶାଳା ଆୟୋଜିତ ହୋଇଛି। ଏହି କର୍ମଶାଳାରେ ରାଜ୍ୟର ସମସ୍ତ ଜିଲ୍ଲାର ପ୍ରତିନିଧି, ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧି ଏବଂ ଭୁବନେଶ୍ୱର ମହାନଗରର ବିଭିନ୍ନ ସଂସ୍ଥାନର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ବୈଠକରେ ଯୋଗ ମହୋତ୍ସବ ସମିତିର ସଂସ୍ଥାପକ ସ୍ୱାମୀ ପ୍ରାଣରୂପାନନ୍ଦ ସରସ୍ୱତୀ ମହାରାଜ, ସମିତିର ସଭାପତି ଆଲୋକ ଦାସ, ଉପସଭାପତି ସରୋଜାଲକ୍ଷ୍ମୀ ସିଂ, ସମ୍ପାଦକ ଦେବକାନ୍ତ ବେହେରା, ସହ ସମ୍ପାଦକ ସତ୍ୟ ଶୋଭନ ମିଶ୍ରଙ୍କ ସମେତ, ସରୋଜ କାନ୍ତ ମହାପାତ୍ର, ଅସୀମା ସାହାଣୀ, ଚନ୍ଦନ ପ୍ରଧାନ, ପ୍ରଣବ ବଳବନ୍ତରାୟ, ଅମିୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁଳିମାଡ଼ ଘଟଣାରେ ଜଣେ ଗିରଫ, ବନ୍ଧୁକ ଜବତ



**ଭୁବନେଶ୍ୱର (ପିପିଏସ୍):** ସରକାରୀ ଜମି ଜବରଦଖଲକୁ ନେଇ ମଳିପଡ଼ାରେ ହୋଇଥିବା ଗୁଳିକାଣ୍ଡ ଘଟଣାରେ ଆଉଜଣଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭରତପୁରର ନାଗା ଓରଫ୍ ଶେଷଦେବ ବାରିକ (୪୬)। ପୁଲିସ ସୂଚନା ଅନୁସାରେ, ମଳିପଡ଼ା ଓ ଶ୍ୟାମପୁର ମୌଜାରେ ଥିବା ସରକାରୀ ଜମି ଦଖଲକୁ ନେଇ ଭରତପୁର ଓ ଅନ୍ଧାରୁଆର ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ଗତ ମାର୍ଚ୍ଚ ମାସ ୯ ତାରିଖ ଦିନ ମଳିପଡ଼ା ଅଞ୍ଚଳରେ ଥିବା ସେହି ସରକାରୀ ଜମିରେ ଭରତପୁରର ରାଜା ଓ ଅନ୍ୟ ସହଯୋଗୀମାନେ ଛିଡ଼ା ହୋଇଥିଲେ। ଅପରାହ୍ନ ପ୍ରାୟ ୩ଟା ସମୟରେ ଆଶିଷ, ପପୁନ, ବୁଲେଟ ରାଜା, ଚିକୁ, ସୁଧୀର, ନାଗା ଓ ତାଙ୍କ ସହଯୋଗୀମାନେ ଆସି ସେଠାରେ ପହଞ୍ଚିଥିଲେ। ଜମି ଜବରଦଖଲ ଓ କିଣାବିକାକୁ ନେଇ ଉଭୟପକ୍ଷଙ୍କ ମଧ୍ୟରେ ବଚସା ହୋଇଥିଲା ଓ କଥା ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ସେହି ସମୟରେ ଆଶିଷ ବନ୍ଧୁକ ବାହାର କରି ବ୍ଲାଙ୍କ ଫାୟାରିଂ କରି ଭୟଭୀତ କରିଥିଲା। ଏହାପରେ ବିବାଦ ବଢ଼ିଥିଲା। ପପୁନ ଆଉ ଏକ ବନ୍ଧୁକରେ ରାଜାର ଜଙ୍ଘକୁ ଗୁଳି ମାରିଥିଲା। ଗୁଳି ବାଜିବା ପରେ ରାଜା ଘଟଣାସ୍ଥଳରେ ପଡ଼ି ଯାଇଥିଲା। ରାଜାର ସହଯୋଗୀମାନେ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ କରୁଥିବା ବେଳେ ସେମାନେ ଫାଙ୍କା ଗୁଳିଚାଳନା କରିବା ସହିତ ବୋମାମାଡ଼ କରି ସେଠାରୁ ଖସିଯିବାକୁ ସମର୍ଥ ହୋଇଥିଲେ। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ରାଜାକୁ ଏମ୍‌ସ ଡାକ୍ତରଖାନା ନେଇଥିଲା।

ଅଭିଯୋଗ ଆଧାରରେ ମାମଲା ରୁଜୁ କରି ତଦନ୍ତ କରୁଥିବା ଚନ୍ଦକା ଥାନା ପୁଲିସ ତଦନ୍ତ କରୁଥିଲା। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଘଙ୍ଗାପାଟଣା ଛକରେ ଚଢ଼ଉ କରି ନାଗାକୁ ଗିରଫ କରିଥିଲା। ତା ଠାରୁ ୭.୬୫ ଏମ୍‌ଏମ୍ ପିସ୍ତଲ, ମୋବାଇଲ ଓ ବାଇକ୍ ଜବତ କରିଥିଲା। ପୂର୍ବରୁ ନାଗା ନାମରେ ରାଜ୍ୟର ବିଭିନ୍ନ ଥାନାରେ ୧୨ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ସୂଚନାଯୋଗ୍ୟ ଯେ, ପୂର୍ବରୁ ବୁଲେଟ ରାଜା, ପପୁନ, ଆଶିଷ, ସୁଧୀର ଗିରଫ ହୋଇଛନ୍ତି।

# କଳା ଧନ ବଦଳାଇଲେ ଅଧିକ ଲାଭ ମିଳିବ କହି ଲୁଟ୍, ୫ ଗିରଫ



**ଭୁବନେଶ୍ୱର (ପିପିଏସ୍):** କଳାଧନ ବଦଳାଇଲେ ଅଧିକ ଲାଭ ମିଳିବ କହି ଠକେଇ କରୁଥିବା ଏକ ଗ୍ୟାଙ୍ଗକୁ ଧରିଛି ପୁଲିସ। ମୋ ପାଖରେ ପୁଳା ପୁଳା ଶହେ ଟଙ୍କିଆ ନୋଟ ଅଛି। ଲକ୍ଷ ଲକ୍ଷ ଟଙ୍କାର କଳାଧନ ରହିଛି। ଏହି କଳାଧନକୁ ଧଳା କରିବାରେ ସାହାଯ୍ୟ କଲେ ଆପଣଙ୍କୁ ଦୁଇଗୁଣ ଟଙ୍କା ଦିଆଯିବ। ଗୋଟିଏ ୫ ଶହ ଟଙ୍କିଆ ନୋଟ ଦେଲେ ୫ବଦଳରେ ୧୦ଟି ଶହେ ଟଙ୍କିଆ ନୋଟ ମିଳିବ। ଏଭଳି କଥା କହି ରାଜଧାନୀ ଭରତପୁର ଓ ନୟାପଲ୍ଲୀ ଥାନା ଅଞ୍ଚଳରେ ଜାଲ ବିଛାଇ ଠକୁଥିବା ୫ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ସେମାନେ ହେଲେ ପ୍ରସନ୍ନ ବେହେରା, ରାହୁଲ ପ୍ରଧାନ, ଚନ୍ଦନ ଏବଂ ଅନ୍ୟ ଜଣେ ମହିଳା ଗିରଫ ହୋଇଛି। ଗିରଫ ଅଭିଯୁକ୍ତଙ୍କ ନାମରେ ରାଜ୍ୟ ବାହାରେ ଏକାଧିକ ମାମଲା ରହିଛି। ଏମାନେ ବ୍ୟାଗରେ ରଖିଥିବା ଟଙ୍କା ବିଡ଼ାର ଉପରେ ଅସଲି ଟଙ୍କା ରଖି ବିଡ଼ା ଭିତରେ ଧଳା ପେପର କଟିଂ ପୁରାଇ ଚକ୍‌ମା ଦେଉଥିଲେ। ନୟାପଲ୍ଲୀ ଅଞ୍ଚଳର ଜଣଙ୍କ ଠାରୁ ଏଭଳି ମିଠା ମିଠା କଥା କହି ୬ ଲକ୍ଷ ଓ ଭରତପୁର ଥାନା ଅଞ୍ଚଳରୁ ୪ ଲକ୍ଷ ୩୦ ହଜାର ଠକି ନେଇଥିଲେ। ସେମାନଙ୍କ ଠାରୁ ୧ ଲକ୍ଷ ଟଙ୍କା, ମୋବାଇଲ ଆଦି ଜବତ କରାଯାଇଛି। ବିଶେଷ କରି ଅଭିଯୁକ୍ତମାନେ ବସ୍‌ଷ୍ଟାଣ୍ଡ, ରେଲୱେ ଷ୍ଟେସନ ଆଦି ସ୍ଥାନରେ ବୁଲି ଠକେଇ କରୁଥିଲେ। ଏଠାକୁ ଆସୁଥିବା ଲୋକଙ୍କୁ ୫ଶହ ଟଙ୍କିଆ ବଦଳରେ ୧୦ଟି ଶହେ ଟଙ୍କିଆ ନୋଟ ଦେବାକୁ କହି ଠକୁଥିଲେ। ଗତ ଫେବୃଆରୀ ମାସରେ ଦୁଇ ଜଣଙ୍କୁ ଚୂନ ଲଗାଇଥିବା ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୧ ଲକ୍ଷ ଟଙ୍କା, ମୋବାଇଲ ଆଦି ଜବତ କରାଯାଇଛି। ସୂଚନା ଅନୁଯାୟୀ, ଏହି ଗ୍ୟାଙ୍ଗର ସଦସ୍ୟମାନେ ଅଭିନବ ଉପାୟରେ ଲୁଟ୍ କରୁଥିଲେ। ଏମାନେ ଘରକୁ ଘର ବୁଲି ନିଜ ପାଖରେ କଳାଧନ ଥିବା କହୁଥିଲେ। ଆଉ ଏହି କଳାଧନକୁ ବଦଳାଇଲେ ଦୁଇଗୁଣା ଟଙ୍କା ମଧ୍ୟ ଦେବାକୁ କହୁଥିଲେ। ହେଲେ ସେହି ଟଙ୍କା ଥିଲା ପୂରା ନକଲି। ତେବେ ଗତ ଫେବ୍ରୁଆରୀ ମାସରେ ଭରତପୁର ଥାନା ଏବଂ ନୟାପଲ୍ଲୀ ଥାନା ଅଞ୍ଚଳରେ ଏଭଳି ଠକେଇ ମାମଲା ଆସିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଘଟଣାରେ ଦୁଇ ଜଣକୁ ଗିରଫ କରାଯାଇଥିବାବେଳେ। ଏବେ ଆଉ ୫ ଜଣକୁ ଗିରଫ କରାଯାଇଛି। ଏମାନଙ୍କୁ ଅନୁଗୁଳ ଗଞ୍ଜାମ କଟକ ଅଞ୍ଚଳରୁ ଗିରଫ କରାଯାଇଛି।

# ପ୍ରଜ୍ଞା ପ୍ରତିଭା ସମ୍ମାନ ଉତ୍ସବ

**ଭୁବନେଶ୍ୱର (ପିପିଏସ୍):** ପ୍ରଜ୍ଞା ନୃତ୍ୟାୟନ୍ ଭୁନେଶ୍ୱର ପକ୍ଷରୁ ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ପ୍ରଜ୍ଞା ପ୍ରତିଭା ସମ୍ମାନ ଉତ୍ସବ ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ତଥା ପଡ଼ୋଶୀ ରାଜ୍ୟମାନଙ୍କରୁ ମଧ୍ୟ ନୃତ୍ୟଶିଳ୍ପୀମାନେ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ଦିନ ସେମି ଫାଇନାଲରେ ଭାରତର ବିଭିନ୍ନ ନୃତ୍ୟ ତଥା ଓଡିଶୀ, ଭାରତନାଟ୍ୟମ୍, କୁଚିପୁଡ଼ି ବିଭାଗରେ ୮୦ ଜଣ ନୃତ୍ୟ ଶିଳ୍ପୀ ଭାଗ ନେଇଥିଲେ। ସେଥି ମଧ୍ୟରୁ ତିନୋଟି ବିଭାଗରୁ ଶ୍ରେଷ୍ଠ ତିନି ପ୍ରତିଯୋଗୀଙ୍କୁ ପ୍ରଜ୍ଞା ପ୍ରତିଭା ସମ୍ମାନ ୨୦୨୫ରେ ସମ୍ମାନିତ କରିବା ପାଇଁ ବିଚାରକ ମଣ୍ଡଳୀ ନିଷ୍ପତି ନେଇଥିଲେ। ଅନ୍ୟ ପ୍ରତିଯୋଗୀମାନଙ୍କୁ ଟପ୍ -୫ ଏବଂ ଟପ୍ -୧୦ କ୍ୟାଟେଗୋରୀରେ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଭୁନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ସଙ୍ଗୀତ ନାଟକ ଏକାଡେମୀ ଆୱାର୍ଡ ସମ୍ମାନିତ ନିରଞ୍ଜନ ରାଉତ, ପ୍ରାକ୍ତନ ଅଧ୍ୟକ୍ଷା ଦୂରଦର୍ଶନ କେନ୍ଦ୍ରର ଦୀପ୍ତି ମିଶ୍ର, ପ୍ରାକ୍ତନ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧ୍ୟକ୍ଷା ସିକତା ଦାସ, ପ୍ରଜ୍ଞା ନୃତ୍ୟୟନର ସଭାପତି ନବ କିଶୋର ବେହେରା ପ୍ରମୁଖ ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କାରିଥିଲେ। ନୃତ୍ୟଶିଳ୍ପୀମାନଙ୍କୁ ଆସନ୍ତା ଅଗଷ୍ଟ ମାସ ୨୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ୧୪ ତମ ଗୁରୁଶ୍ରୀ ସମ୍ମାନ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବ।

# ଝାରପଡ଼ା ଜେଲ ପରିସରରୁ ନାଗ ଉଦ୍ଧାର

**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ଝାରପଡ଼ା ଜେଲ ପରିସରରୁ ଉଦ୍ଧାର ହୋଇଛି ନାଗ ସାପ। ସାପଟି ଜେଲ ଭିତରେ ପଶିଯାଇଥିଲା। ସାପକୁ ଉଦ୍ଧାର କରିବା ପାଇଁ ସ୍ନେକ୍ ହେଲ୍ପ ଲାଇନକୁ ଆସିଷ୍ଟାଣ୍ଟ ଜେଲର ଖବର ଦେଇଥିଲେ। ତେବେ ସ୍ନେକ୍ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଜେଲରେ ପହଞ୍ଚିବା ବେଳକୁ କେହି ଜଣେ ଅନ୍ତେବାସୀ ଏକ ପ୍ଲାଷ୍ଟିକ ଡବାରେ ସାପଟିକୁ ଭର୍ତ୍ତି କରି ଦେଇଥିଲେ। ଶୁଭେନ୍ଦୁ ପ୍ଲାଷ୍ଟିକ ଡବାରୁ ସାପଟିକୁ ବାହାର କରି ବ୍ୟାଗରେ ନେଇ ଆସିଥିଲେ। ସାପଟିକୁ ସହର ବାହାରେ ଏକ ପ୍ରାକୃତିକ ଆବାସ ସ୍ଥଳୀରେ ଛାଡ଼ି ଦିଆଯାଇଛି। ସୂଚନା ଯୋଗ୍ୟ ଅତୀତରେ ମଧ୍ୟ ଝାରପଡ଼ା ଜେଲ ଭିତରୁ ଅନେକ ଥର ନାଗ ସାପ ଉଦ୍ଧାର ହୋଇଛି। ଅଧିକ ସାପ ବାହାରିବା ପରେ ଜେଲ କର୍ତ୍ତୃପକ୍ଷଙ୍କ ଅନୁରୋଧରେ ୨୦୧୪ ମସିହାରେ ସ୍ନେକ ହେଲ୍ପ ଲାଇନ ତରଫରୁ ଏକ ଟିମ ଯାଇ ସମ୍ପୂର୍ଣ୍ଣ ଜେଲ ପରିସରକୁ ତନ୍ନତନ୍ନ କରି ଖାନତଲାସ କରିଥିଲା। ଜେଲ ଅନ୍ତେବାସୀଙ୍କ ପାଇଁ ସାପ କାମୁଡ଼ିଲେ କିପରି ପ୍ରାଥମିକ ଚିକିତ୍ସା କରାଯିବ ସେନେଇ ଏକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରା ଯାଇଥିଲା।

# ବେସାମରିକ ସୁରକ୍ଷା ସ୍ୱେଚ୍ଛାସେବୀଙ୍କୁ ଦକ୍ଷତା ବିକାଶ ତାଲିମ



**ଭୁବନେଶ୍ୱର (ପିପିଏସ୍):** ବେସାମରିକ ସୁରକ୍ଷା ସ୍ୱେଚ୍ଛାସେବୀଙ୍କ ୬ ଦିନିଆ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ବରମୁଣ୍ଡାସ୍ଥିତ ଓଡ଼ିଶା ଅଗ୍ନିଶମ ସେବା ପ୍ରଶିକ୍ଷଣ ଅନୁଷ୍ଠାନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ଉଦ୍‌ଘାଟନ କରିଛନ୍ତି। ଯୁଦ୍ଧ ଭଳି ସ୍ଥିତି ଉପୁଜିଲେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀ କିଭଳି ସାଧାରଣ ଜନତାଙ୍କ ରକ୍ଷା କରିପାରିବେ ସେନେଇ ମକଡ୍ରିଲ ହୋଇଛି। ଜରୁରୀକାଳୀନ ପରିସ୍ଥିତି ଉପୁଜିଲେ ସଚେତନତା ଓ ସୁରକ୍ଷା ଦିଗରେ ସିଭିଲ ଡିଫେନ୍ସ ଭଲ୍ୟୁଣ୍ଟରଙ୍କ କାର୍ଯ୍ୟକଳାପ କିପରି ରହିବ ସେ ନେଇ ତାଲିମ ଦିଆଯାଇଥିଲା। ଯୁଦ୍ଧ ସମୟରେ ମାନସିକ ସ୍ତରରେ କ୍ଷତିଗ୍ରସ୍ତଙ୍କୁ ସାହାଯ୍ୟ, ପ୍ରାଥମିକ ଚିକିତ୍ସା, ମୃତ ଶରୀରର ସୁରକ୍ଷା ଓ ଉଦ୍ଧାର, ରିଲିଫ ସହ ଯୁଦ୍ଧ ସତର୍କବାଣୀ ପ୍ରଣାଳୀ ସମ୍ପର୍କରେ ଅବଗତ କରାଯାଇଥିଲା। ଏଥିସହିତ ବିସ୍ଫୋରକର ଅନୁସନ୍ଧାନ, ଜଳର ବିଶୁଦ୍ଧିକରଣ, ମହିଳା ଓ ଶିଶୁଙ୍କ କିଭଳି ସୁରକ୍ଷା କରାଯିବ ସେନେଇ ଡେମୋ ଦେଖା ଯାଇଥିଲା। ଯୁଦ୍ଧ ଭଳି ପରିସ୍ଥିତିରେ ବିମାନ ଆକ୍ରମଣ ସତର୍କତା, ନାଗରିକ ପ୍ରତିରକ୍ଷା ରିପୋର୍ଟିଂ ପ୍ରକ୍ରିୟା, ଯୋଗାଯୋଗ ପଦ୍ଧତି ଓ ରେଡିଓ ସେଟ୍ ବ୍ୟବହାର ନେଇ ଶିଖା ଯାଇଥିଲା। ଆକାଶମାର୍ଗରୁ ଶତ୍ରୁପକ୍ଷ ବୋମା ବର୍ଷଣ କରିଲେ କିପରି ଆତ୍ମରକ୍ଷା କରିବେ ତାହାର ମକ୍‌ଡ୍ରିଲ୍ ହୋଇଥିଲା। ଏବେ ୧୫ଶହ ସ୍ୱେଚ୍ଛାସେବୀ କାର୍ଯ୍ୟରତ ଥିବା ବେଳେ ଏହି ସଂଖ୍ୟାକୁ ୧୦ ହଜାରରେ ପହଞ୍ଚାଇବା ପାଇଁ ତାଲିମ ଶିବିରରେ ଗୁରୁତ୍ୱାରୋପ କରାଯାଇଥିଲା। ଏହାସହ ସ୍ୱେଚ୍ଛାସେବୀଙ୍କୁ ମିଳୁଥିବା ଦୈନିକ ଭତ୍ତାରେ ବୃଦ୍ଧି କରିବା ପାଇଁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଡିଆଇଜି ଉମାଶଙ୍କର ଦାସ, ମୁଖ୍ୟ ଅଗ୍ନିଶମ ଅଧିକାରୀ ଦେବେନ୍ଦ୍ର କୁମାର ସାଇଁ, ଓଡ଼ିଶା ଅଗ୍ନିଶମ ସେବା ପ୍ରଶିକ୍ଷଣ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଦାସ ଓ ସିଡିଆଇ ଅରୁଜିତ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ନିଶାମୁକ୍ତ ହେବ ହାଇଟେକ୍ ମେଡିକାଲ କଲେଜ

**ଭୁବନେଶ୍ୱର (ପିପିଏସ୍):** ହାଇଟେକ୍ ଡେଣ୍ଟାଲ କଲେଜ୍ ପରିସରରେ ଥିବା କନ୍‌ଫେରେନ୍ସ ହଲ୍‌ରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଇଣ୍ଡିଆନ୍ ଡେଣ୍ଟାଲ୍ ଆସୋସିଏସନ୍ ଏବଂ ହାଇଟେକ୍ ଡେଣ୍ଟାଲ କଲେଜ୍‌ର ସହଭାଗିତାରେ ଏହି ଉତ୍ସବରେ ଶତାଧିକ ଡାକ୍ତରୀ ବିଦ୍ୟାର୍ଥୀ ଏବଂ ଜନସାଧାରଣ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ହାଇଟେକ୍ ଡେଣ୍ଟାଲ କଲେଜ୍‌ର ଅଧ୍ୟକ୍ଷ ପ୍ରଫେସର ଡ. ସଂଗ୍ରାମ ପାତ୍ର, ଉପାଧ୍ୟକ୍ଷ ତଥା ଇଣ୍ଡିଆନ୍ ଡେଣ୍ଟାଲ୍ ଆସୋସିଏସନ୍‌ର ସଂପାଦକ ଡ. ସୁଭାଷ ଚନ୍ଦ୍ର ନାୟକ, ଦନ୍ତ ଚିକିତ୍ସାବିତ୍ ଡ. ସ୍ୱାଗତ ପଣ୍ଡା, ଇଣ୍ଡିଆନ୍ ଡେଣ୍ଟାଲ୍ ଆସୋସିଏସନ୍‌ର ସହ-ସଂପାଦକ ଡ. ଶିତଲ୍ କୁମାର ସାହୁ, ଇଣ୍ଡିଆନ୍ ଡେଣ୍ଟାଲ୍ ଆସୋସିଏସନ୍‌ର ଅଧ୍ୟକ୍ଷ ଡ. ସୁବାଷ ସୌମ୍ୟ ଡ୍ୟାନି ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ହାଇଟେକ୍ ମେଡିକାଲ କଲେଜର ପରିସରକୁ ସଂପୂର୍ଣ୍ଣ ତମାଖୁମୁକ୍ତ ଅଞ୍ଚଳ ଘୋଷଣା କରିବା ପାଇଁ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଉତ୍ସାହିତ କରିଛନ୍ତି। ଚଳିତ ବର୍ଷ ଅଗଷ୍ଟ ୧୫ ପୂର୍ବରୁ ହାଇଟେକ୍ ମେଡିକାଲ କଲେଜ୍‌ର ପରିସରକୁ ସଂପୂର୍ଣ୍ଣ ନିଶାମୁକ୍ତ ଅଞ୍ଚଳ ଭାବରେ ଘୋଷଣା କରାଯିବ। ଏଥି ପାଇଁ ସମସ୍ତ ବିଦ୍ୟାର୍ଥୀ କର୍ମଚାରୀ ଏବଂ ଜନସାଧାରଣଙ୍କର ସହଯୋଗିତା ପାଇଁ ସେ ଆହ୍ୱାନ ଦେଇଥିଲେ। ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ତମାଖୁମୁକ୍ତ ଜୀବନ ସଂପର୍କରେ ବିଭିନ୍ନ ପ୍ରତିଯୋଗୀତାର ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ସ୍ମୃତିଛାୟାରେ 'ଅଭିଳାଷ' ପ୍ରଦର୍ଶିତ

**ଭୁବନେଶ୍ୱର (ପିପିଏସ୍):** ଫିଲ୍ମ ଜର୍ଣ୍ଣାଲିଷ୍ଟ ଫୋରମ୍ ଓ ପାରାଦୀପ ଫସ୍‌ଫେଟ୍ ଲିମିଟେଡ୍‌ର ମିଳିତ ସହଯୋଗରେ ସ୍ମୃତିଛାୟା କ୍ରମରେ ଆୟୋଜିତ 'ଶୀର୍ଷୋତ୍ତର ସାଧୁ ମେହର ଓ ସର୍ବୋତ୍ତମ ଭଉମ' ଶୀର୍ଷକ କାର୍ଯ୍ୟକ୍ରମରେ ଜୟଦେବ ଭବନଠାରେ ପୁରୁଣା ଚଳଚ୍ଚିତ୍ର 'ଅଭିଳାଷ' ପ୍ରଦର୍ଶିତ ହୋଇଛି। ଏଥିରେ ପୂର୍ବତନ ମୁଖ୍ୟ ଆୟକର କମିସନର ମନୋରଞ୍ଜନ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିବା ବେଳେ ପାରାଦୀପ ଫସଫେଟ୍ ଲିମିଟେଡର କର୍ପୋରେଟ୍ ଆଫାୟାର୍ସ ମୁଖ୍ୟ ସୁଧୀରଞ୍ଜନ ମିଶ୍ର, ମୁଖ୍ୟ ଆର୍ଥିକ ଅଧିକାରୀ ବିଜୟ କୁମାର ବିଶ୍ୱାଳ, ବରିଷ୍ଠ ଅଭିନେତା ପ୍ରଶାନ୍ତ ନନ୍ଦ, ସିଦ୍ଧାନ୍ତ ମହାପାତ୍ର, ଅନୁ ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତାବିବାହ'ର ସଂଗୀତ ପରିବେଷଣ ହେବା ସହ 'ଅଭିଳାଷ' ଚଳଚ୍ଚିତ୍ର ବିବରଣୀ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଏହାପରେ 'ଅଭିଳାଷ' ସହ ସଂପୃକ୍ତ ବ୍ୟକ୍ତିବିଶେଷଙ୍କୁ 'ଅଭିଳାଷ' ଚଳଚ୍ଚିତ୍ରର ସ୍ମାରକୀ ଫଳକ ପ୍ରଦାନ କରାଯାଇଥିଲା। ସାମ୍ବାଦିକ ଅମିତାଭ ଖିଲାର୍ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଉଦ୍ୟାନ ପଣ୍ଡିତ ଗୋପୀନାଥ' ଲୋକାର୍ପିତ

**ଭୁବନେଶ୍ୱର (ପିପିଏସ୍):** ପୂଜ୍ୟପୂଜା ଆନୁକୂଲ୍ୟରେ ସ୍ଥାନୀୟ ବୁଦ୍ଧବିହାର ସଭାଗୃହରେ କାଳନ୍ଦୀ ଚରଣ ସାହୁଙ୍କ ଦ୍ୱାରା ଲିଖିତ ତଥା ଉଦ୍ୟାନବିତ୍ ତଥା ଉଦ୍ୟାନ ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ଗୋପୀନାଥ ପରିଡ଼ାଙ୍କ ଜୀବନୀ ପୁସ୍ତକ 'ଉଦ୍ୟାନ ପଣ୍ଡିତ ଗୋପୀନାଥ' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଡା. ଅଶୋକ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ତ୍ରିନାଥ ମହାରଣା, ଡ. ନୃସିଂହ ପ୍ରସାଦ ତ୍ରିପାଠୀ ଯୋଗ ଦେଇଥିଲେ। ଏହି ଅବସରରେ ପୁସ୍ତକର ପ୍ରଚ୍ଛଦଶିଳ୍ପୀ ବଳଦେବ ମହାରଥା, ପୂଜ୍ୟପୂଜାର ସଭାପତି ବିରଜା ପ୍ରସାଦ ଶତପଥୀ, ସମ୍ପାଦକ ରମାକାନ୍ତ ମିଶ୍ର, ଜୀବନୀକାର ଡ. କାଳନ୍ଦୀ ଚରଣ ସାହୁ ଓ କଣ୍ଠଶିଳ୍ପୀ ମଧୁସ୍ମିତା ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। -

# ଇଟାଲିର ମାଉଣ୍ଟ ଏଟନାରୁ ଆଗ୍ନେୟ ଉଦ୍‌ଗୀରଣ



ସିସିଲି: ୟୁରୋପର ସବୁଠାରୁ ସକ୍ରିୟ ଏବଂ ବିପଦପୂର୍ଣ୍ଣ ଜ୍ୱାଳାମୁଖୀ ବା ଆଗ୍ନେୟ-ଗିରି ଭାବରେ ବିବେଚିତ ଇଟାଲିର ମାଉଣ୍ଟ ଏଟନାରୁ ଭୟଙ୍କର ଭାବରେ ଲାଭା ଉଦଗୀରଣ ହୋଉଛି। ଜ୍ୱାଳାମୁଖୀ ବିସ୍ଫୋରଣ ଯୋଗୁଁ ଲାଭାପାଉଁଶ ଏବଂ ଧୂଆଁ ବହୁ ଦୂରକୁ ପହଞ୍ଚିବାରେ ଲାଗିଛି। ଏହି ବିଶାଳ ବିସ୍ଫୋରଣ ପରେ ପର୍ଯ୍ୟଟକମାନେ ଜୀବନ ବଞ୍ଚାଇ ସୁରକ୍ଷିତ ସ୍ଥାନକୁ ପଳାଇଥିଲେ । ତେବେ ଅନେକ ପର୍ଯ୍ୟଟକ ଏହାର ଭିଡିଓ ଏବଂ ଫଟୋ ମଧ୍ୟ ପ୍ରସ୍ତୁତ କରିଛନ୍ତି। ଦି ସନ୍ ରିପୋର୍ଟ ଅନୁଯାୟୀ ମାଉଣ୍ଟ ଏଟନା ଜ୍ୱାଳାମୁଖୀର ଉଦଗୀରଣ ଏତେ ଭୟଙ୍କର ଥିଲା ଯେ ନିକଟସ୍ଥ ଅଂଚଳରେ ଭୂମିକମ୍ପ ଅନୁଭୂତ ହୋଇଥିଲା । ସ୍ଥାନୀୟ ଅଧିକାରୀଙ୍କ ଅନୁଯାୟୀଜ୍ୱାଳାମୁଖୀର ଦକ୍ଷିଣ-ପୂର୍ବ ଗର୍ତ୍ତର ଏକ ଅଂଶ ସମ୍ଭବତଃ ଭୁଶୁଡ଼ି ପଡ଼ିଥିଲାଯାହା ଏହି ଶକ୍ତିଶାଳୀ ବିସ୍ଫୋରଣର କାରଣ ହୋଇଥିଲା। ଏହା ସହିତତୀବ୍ର କମ୍ପନ ଏବଂ ନିରନ୍ତର ବିସ୍ଫୋରଣ ଭୟର ପରିବେଶ ସୃଷ୍ଟି କରିଥିଲା ।ଜ୍ୱାଳାମୁଖୀରେ ଉଦଗୀରଣ ପରେଏଥିରୁ ବାହାରୁଥିବା ଲାଭା ଏକ ଅଗ୍ନି ଝରଣା ଦେଖାଯାଉଥିଲା । ଏହାର ଗରମ ପଥର ଏବଂ ବିଷାକ୍ତ ଗ୍ୟାସ୍ ଅଞ୍ଚଳରେ ବହୁ ଦୂରକୁ ବ୍ୟାପି ଯାଇଥିଲା। ଏହି କାରଣରୁନିକଟସ୍ଥ କାଟାନିଆ ବିମାନବନ୍ଦରରେ ବିମାନଗୁଡ଼ିକର ଉଡ଼ାଣ ସ୍ଥଗିତ ରଖାଯାଇଥିଲା।

# ପାକିସ୍ତାନକୁ ମିସାଇଲ୍ ବିକ୍ରି କରି ଫସିଲା ଚାଇନା

ନୂଆଦିଲ୍ଲୀ : ଚାଇନା ପାକିସ୍ତାନକୁ ମିସାଇଲ ବିକ୍ରି କରି ଏକ ବଡ଼ ଭୁଲ କରିଥିବା ଆଲୋଚନା ଜୋର ଧରିଛି ।ସୂଚନା ଅନୁସାରେ, ଚାଇନା ପାକିସ୍ତାନକୁ ଯେଉଁ କ୍ଷେପଣାସ୍ତ୍ର ଯୋଗାଇ ଦେଇଛି, ତାହା ଭାରତୀୟ ବୈଜ୍ଞାନିକମାନଙ୍କ ହାତରେ ପଡ଼ିବା ପରେ ଏହାକୁ ଭାଙ୍ଗି ରିଭର୍ସ ଇଞ୍ଜିନିୟରିଂ ମାଧ୍ୟମରେ ଚାଇନାର ଉନ୍ନତ ଟେକ୍ନୋଲୋଜି ବିଷୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରାଯାଇପାରେ। ଏହି ଘଟଣା ଚାଇନା ପାଇଁ ଏକ ବଡ଼ ଝଟକା ହେବା ସହ ଭାରତର ପ୍ରତିରକ୍ଷା ଗବେଷଣା ଓ ବିକାଶ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିପାରେ। ଭାରତୀୟ ବୈଜ୍ଞାନିକମାନେ ଏହି ମିସାଇଲର ଗଠନ, ଡିଜାଇନ ଏବଂ ଟେକ୍ନୋଲୋଜିକୁ ଅଧ୍ୟୟନ କରି ଚାଇନାର କ୍ଷେପଣାସ୍ତ୍ର ପ୍ରଯୁକ୍ତିବିଦ୍ୟାର ଅନେକ ଗୁପ୍ତ ତଥ୍ୟ ଉଦ୍ଘାଟନ କରିବାରେ ସକ୍ଷମ ହେବେ ବୋଲି ଆଶା କରାଯାଉଛି। ଏହା ପୂର୍ବରୁ ଚାଇନା ପାକିସ୍ତାନକୁ ଅନେକ ଥର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଓ ପ୍ରତିରକ୍ଷା ଉପକରଣ ଯୋଗାଇ ଦେଇଛି। କିନ୍ତୁ ଏହି ମିସାଇଲ ଘଟଣା ଚାଇନାର ନିଜର ଟେକ୍ନୋଲୋଜି ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଛି। ଅନ୍ୟପକ୍ଷରେ, ଭାରତୀୟ ବୈଜ୍ଞାନିକମାନଙ୍କ ଏହି ସଫଳତା ଦେଶର ପ୍ରତିରକ୍ଷା କ୍ଷମତାକୁ ଆହୁରି ଶକ୍ତିଶାଳୀ କରିବ ବୋଲି ଆଶା କରାଯାଉଛି। ଏହି ଘଟଣା ଆଞ୍ଚଳିକ ସୁରକ୍ଷା ଏବଂ ଜିଓ-ପଲିଟିକାଲ ଗତିଶୀଳତା ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇପାରେ। ଚାଇନା ଏବଂ ପାକିସ୍ତାନ ମଧ୍ୟରେ ଅସ୍ତ୍ର ବ୍ୟବସାୟ ଏବଂ ତା'ର ପରିଣାମ ସମ୍ପର୍କରେ ଅଧିକ ତଥ୍ୟ ପାଇଁ ସମସ୍ତଙ୍କ ନଜର ରହିଛି।

# ନିଟ୍ ପିଜି ୨୦୨୫ ପରୀକ୍ଷା ସ୍ଥଗିତ

ନୂଆଦିଲ୍ଲୀ : ଜୁନ ୧୫ରେ ହେବାକୁ ଥିବା ନିଟ୍ ପିଜି ୨୦୨୫ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । ଏହି ପରୀକ୍ଷାକୁ ଗୋଟିଏ ସିଫ୍ଟରେ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ପରେ ନ୍ୟାସନାଲ ବୋର୍ଡ ଅଫ ଏକଜାମିନେସନ୍ସ ଇନ ମେଡିକାଲ ସାଇନସ୍ସେ (ଏନବିଏଏମଏସ) ପକ୍ଷରୁ ପରୀକ୍ଷା ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି। ପରୀକ୍ଷାରେ ସ୍ୱଚ୍ଛତା ରକ୍ଷା ପାଇଁ ଗୋଟିଏ ସିଫ୍ଟରେ ପରୀକ୍ଷା ଆୟୋଜନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ।

ଏନବିଏଏମଏସ ପକ୍ଷରୁ ଜାରି ଏକ ନୋଟିସରେ କୁହାଯାଇଛି ଯେ ଗୋଟିଏ ସିଫ୍ଟରେ ପରୀକ୍ଷା ଆୟୋଜନ କରିବାକୁ ଅଧିକ ସଂଖ୍ୟକ ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯିବ । ଏଥିଲାଗି ପରୀକ୍ଷାକୁ ସ୍ଥଗିତ ରଖାଯାଇଛି ।

ସୂଚନାଯୋଗ୍ୟ ଯେ ନିଟ୍ ପିଜି ହେଉଛି ମେଡିକାଲ ଗ୍ରାଜୁଏଟ ମାନଙ୍କ ପାଇଁ ଏକ ଜାତୀୟ ସ୍ତରର ପରୀକ୍ଷା । ମେଡିକାଲ ଗ୍ରାଜୁଏଟମାନେ ଏମଡି, ଏମଏସ ଓ ପିଜି ଡିପ୍ଲୋମା ଲାଗି ଏହି ପରୀକ୍ଷା ଦେଇଥାନ୍ତି । ଏହି ପରୀକ୍ଷାକୁ ନ୍ୟାସନାଲ ବୋର୍ଡ ଅଫ ଏକଜାମିନେସନ୍ସ ଇନ ମେଡିକାଲ ସାଇନସ୍ସେ (ଏନବିଏଏମଏସ) ପକ୍ଷରୁ ଆୟୋଜନ କରାଯାଇଥାଏ ।

# କେନ୍ଦ୍ରମନ୍ତ୍ରୀ ପଦ ଛାଡ଼ିବେଚିରାଗ



ନୂଆଦିଲ୍ଲୀ: ଜନୀତି ଛାଡ଼ି ବିହାର ରାଜନୀତିରେ ସକ୍ରିୟ ହେବେ କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନ । ଆସନ୍ତା ବିହାର ବିଧାନସଭା ନିର୍ବାଚନରେ ସେ ନିର୍ବାଚନ ଲଢ଼ିବେ ବୋଲି ଦଳ ପକ୍ଷରୁ ଘୋଷଣା କରାଯାଇଛି । ସଂରକ୍ଷିତ ଆସନ ନୁହେଁ ଗୋଟିଏ ଅଣସଂରକ୍ଷିତ ଆସନରେ ସେ ପ୍ରାର୍ଥୀ ହେବେ ବୋଲି କୁହାଯାଇଛି । ତାଙ୍କର ଆଖି ରହିଛି ମୁଖ୍ୟମନ୍ତ୍ରୀ ଚୌକି ଉପରେ ।

ଲୋକ ଜନଶକ୍ତି ପାର୍ଟି ( ରାମ ବିଳାସ ) ସୁପ୍ରିମୋ ଚିରାଗ ପାଶ୍ୱାନ ସତରେ କଣ କେନ୍ଦ୍ର ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇ ବିହାର ରାଜନୀତିରେ ଫୋକସ୍ କରିବେ ? ତାଙ୍କ ଭିଣୋଇ ତଥା ଲୋକ ଜନଶକ୍ତି ପାର୍ଟି ସାଂସଦ ଅରୁଣ ଭାରତୀ ସୋସିଆଲ୍ ମିଡିଆରେ ଏହା ଘୋଷଣା କରିଛନ୍ତି । ଲୋକ ଚାହୁଁଛନ୍ତି, ସେ ବିହାର ରାଜ୍ୟ ରାଜନୀତିକୁ ଆସିବା ଉଚିତ ବୋଲି ସେ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି । ସେ କେବଳ ଦଳିତ ସଂପ୍ରଦାୟର ନେତା ନୁହଁନ୍ତି ସାରା ରାଜ୍ୟର ନେତୃତ୍ୱ ନେବା ପାଇଁ ପ୍ରସ୍ତୁତ ବୋଲି କହିଛନ୍ତି ଅରୁଣ ।ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଏପରିକି ନିଜେ କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରୀ ଚିରାଗ ପାଶ୍ୱାନ କହିଛନ୍ତି, ମୁଁ ପୂର୍ବରୁ ଏ କଥା କହିସାରିଛି । ମୁଁ ଜାତୀୟ ରାଜନୀତିରେ ବେଶି ଦିନ ରହିବି ନାହିଁ । ମୁଁ ବିହାର ଓ ବିହାରୀଙ୍କ ପାଇଁ ରାଜନୀତିକୁ ଆସିଛି । ମୋ ଲକ୍ଷ୍ୟ ହେଉଛି, ବିହାର ପ୍ରଥମ ଓ ବିହାରୀ ପ୍ରଥମ । ମୁଁ ସବୁବେଳେ ଚାହୁଁଛି, ବିହାରର ବିକାଶ ହେଉ ଓ ଅନ୍ୟ ବିକଶିତ ରାଜ୍ୟମାନଙ୍କ ସହ ବିହାର ସମକକ୍ଷ ହେଉ । ମୁଁ ତିନି ଥର ସାଂସଦ ଭାବେ ନିର୍ବାଚିତ ହୋଇଥିଲେ ବି ଦିଲ୍ଲୀରେ ରହି ଏହା କରିବା ସମ୍ଭବ ନୁହେଁ ବୋଲି ମୁଁ ଅନୁଭବ କରୁଛି । ଏହା କହିଛନ୍ତି ଚିରାଗ ପାଶ୍ୱାନ । ଚିରାଗ ୨୦୧୪ ଓ ୨୦୧୯ ମସିହାରେ ଜାମୁଇ ସଂରକ୍ଷିତ ଆସନରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ୨୦୨୪ରେ ହାଜିପୁର ସଂରକ୍ଷିତ ଲୋକସଭା ଆସନରୁ ନିର୍ବାଚିତ ହୋଇ ଚିରାଗ ପ୍ରଥମ ଥର କେନ୍ଦ୍ରରେ ମନ୍ତ୍ରୀ ହୋଇଛନ୍ତି । ତେବେ କେନ୍ଦ୍ରରେ ତାଙ୍କର ଆଉ ମନ ଲାଗୁନାହିଁ । ସେ ଏବେ ବିହାର ଆସିବାକୁ ବ୍ୟାକୁଳ ହେଲେଣି ।

# ବିଦେଶ ଗସ୍ତରେ ଥିବା ସର୍ବଦଳୀୟ ପ୍ରତିନିଧିମଣ୍ଡଳୀଙ୍କୁ ଭେଟିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ବିଦେଶ ଗସ୍ତରେ ଥିବା ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀଙ୍କୁ ଖୁବଶୀଘ୍ର ଭେଟିବେ ପ୍ରଧାନମନ୍ତ୍ରୀ ମୋଦୀ । ଅପରେସନ ସିନ୍ଦୂର ଏବଂ ପାକିସ୍ତାନର ଆତଙ୍କୀ ପ୍ରୀତି ନେଇ ବିଶ୍ୱର ବିଭିନ୍ନ ଦେଶ କଣ ଦେଲେ ସନ୍ଦେଶ ସେ-ସବୁର ଫିଡବ୍ୟାକ୍ ନେବେ ମୋଦୀ । ଜୁନ ୯ କିମ୍ବା ୧୦ ତାରିଖରେ ମୋଦୀ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀଙ୍କୁ ନେଇ ଏକ ବୈଠକ କରିବାର ସମ୍ଭାବନା ରହିଥିବା ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ତେବେ ବିଶ୍ୱର ୩୩ଟି ଦେଶକୁ ଭ୍ରମଣ କରିଥିବା ଭାରତର ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଅପରେସନ ସିନ୍ଦୂରର ସଫଳତା ଏବଂ ଆତଙ୍କବାଦ ବିରୋଧରେ ଭାରତର ସ୍ପଷ୍ଟ ନୀତିକୁ ନେଇ ଗସ୍ତ କରିଥିଲେ । ସେଠାରେ ବିଭିନ୍ନ ଦେଶର ନେତୃତ୍ୱ ସମେତ ବିଭିନ୍ନ ଦେଶର ସରକାରଙ୍କୁ ଭେଟି ପାକିସ୍ତାନର ଆତଙ୍କୀ ପ୍ରୀତି ଏବଂ ଆତଙ୍କବାଦର ମୂଳପୋଛ ପାଇଁ ସାରା ବିଶ୍ୱ କେମିତି ପଦକ୍ଷେପ ନେବ ଏବଂ କେମିତି ଏକାଠି ହେବା ଜରୁରୀ ସେନେଇ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ବ୍ରିଫ୍ କରିଛନ୍ତି । ବିଶ୍ୱ ସ୍ତରରେ ପାକିସ୍ତାନକୁ ଘେରିବାକୁ ଭାରତର ଏହି ଯୋଜନା କେତେ ଫଳପ୍ରଦ ହେଲା ଏବଂ ବିଶ୍ୱର ବିଭିନ୍ନ ଦେଶ କଣ ସବୁ ପ୍ରତିକ୍ରିୟା ରଖିଲେ ସେସବୁ ବାବଦରେ ଗୋଟି ଗୋଟି କରି ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ମୋଦୀଙ୍କୁ ବ୍ରିଫ୍ କରିବେ । ଆଉ



ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଠାରୁ ସବୁ ଶୁଣିବା ପରେ ଆତଙ୍କବାଦ ବିରୋଧରେ ଆଗାମୀ ରଣନୀତି କଣ ହେବ ତାହା ସ୍ଥିର ହେବ ବୋଲି କୁହାଯାଉଛି ।ତେବେ ୭ଟି ବଡ଼ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ବିଶ୍ୱ ଭ୍ରମଣରେ ଯାଇଥିଲେ । କଂଗ୍ରେସର ଶଶୀ ଥରୁର, ବିଜେପିର ରବି ଶଙ୍କର ପ୍ରସାଦ ଏବଂ ବୈଜୟନ୍ତ ପଣ୍ଡା, ଜେଡିୟୁର ସଞ୍ଜୟ ଝା, ଡିଏମକେର କାନିମୋଜି କରୁଣାନିଧି, ଏନସିପିର ସୁପ୍ରିୟା ସୁଲେ ଏବଂ ଶିବସେନାର ଶ୍ରୀକାନ୍ତ ଏକନାଥ ସିନ୍ଦେ ବିଭିନ୍ନ ଦଳର ନେତୃତ୍ୱ ନେଇଥିଲେ । ଆମେରିକା, ୟୁରୋପ, ମଧ୍ୟପ୍ରାଚ୍ୟ, ଆଫ୍ରିକା ଏବଂ ପୂର୍ବ ଏସିଆ ପରି ଅନେକ ଦେଶ ଗସ୍ତ କରିଛନ୍ତି । ଶଶି ଥରୁର ଆମେରିକା, ପାନାମା, ଗୁଆନା, ବ୍ରାଜିଲ ଓ କଲମ୍ବିଆ ଗସ୍ତ କରିଥିବା ବେଳେ । ବୈଜୟନ୍ତ ପଣ୍ଡା ସାଉଦି ଆରବ, କୁଏତ, ବାହାରିନ ଭଳି ଦେଶ ଗସ୍ତ କରିଥିଲେ ।

# ଆତ୍ମସମର୍ପଣ କଲେ ୧୬ ମାଓବାଦୀ

ଭୁଶୁଡ଼ିବାରେ ଲାଗିଛି ମାଓବାଦୀଙ୍କ ଦୁର୍ଗ। ପୁଲିସ ଓ ସୁରକ୍ଷାବାହିନୀର ମାଓବାଦୀ ବିରୋଧୀ ଅଭିଯାନ ଜୋରଦାର ହେବାରୁ ସଂଗଠନ ଦୁର୍ବଳ ହେବାରେ ଲାଗିଛି। ସଂଗଠନ ହାତ ଛାଡୁଛନ୍ତି ମାଓବାଦୀ। ସୋମବାର ଛତିଶଗଡ଼ର ସୁକମା ଜିଲା ସିଆରପିଏଫ କାର୍ଯ୍ୟାଳୟରେ ୧୬ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ୨ ମାଓବାଦୀଙ୍କ ନାମରେ ୧୬ ଲକ୍ଷ ଏବଂ ଅନ୍ୟ ୪ ମାଓବାଦୀଙ୍କ ନାମରେ ୯ ଲକ୍ଷ ଟଙ୍କା ମିଶାଇ ମୋଟି ୨୫ ଲକ୍ଷର ପୁରସ୍କାର ରାଶି ଘୋଷଣା ହୋଇଥିଲା। ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କ ମଧ୍ୟରୁ ୯ ଜଣ କେର୍ଲାପେଣ୍ଡା ଗ୍ରାମ ପଞ୍ଚାୟତର।

# ପ୍ରବଳ ବର୍ଷା ଓ ବନ୍ୟା ବିପ୍ରାତରେ ବେହାଲ ଭାରତର ଉତ୍ତର-ପୂର୍ବ ଅଞ୍ଚଳ




ନୂଆଦିଲ୍ଲୀ: ଉତ୍ତର-ପୂର୍ବ ଭାରତରେ ଲଗାଣ ବର୍ଷା ଯୋଗୁଁ ଆସାମ, ମଣିପୁର, ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ ଓ ସିକ୍କିମରେ ଭୟାବହ ବନ୍ୟା ଓ ଭୂସ୍ଖଳନ ଘଟିଛି। ଏହି ପ୍ରାକୃତିକ ବିପର୍ଯ୍ୟୟରେ ଏଯାଏ ୨୫ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ହଜାର ହଜାର ଲୋକ ବାସହୀନ ହୋଇଛନ୍ତି। ଭାରତୀୟ ପାଣିପାଗ ବିଭାଗ (ଓଗଉ) ଅନୁଯାୟୀ, ଆଗାମୀ ଦିନରେ ମଧ୍ୟ ପ୍ରବଳ ବର୍ଷା ଜାରି ରହିବ। ଯାହା ପାଇଁ ସମଗ୍ର ଉତ୍ତର-ପୂର୍ବାଞ୍ଚଳରେ ରେଡ୍ ଓ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି ।ଆସାମରେ ୧୭ଟି ଜିଲ୍ଲା ବନ୍ୟା ଓ ଭୂସ୍ଖଳନରେ ପ୍ରଭାବିତ ହୋଇଛି। ଲଖିମପୁର ଜିଲ୍ଲା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଯେଉଁଠାରେ ୪୧,୬୦୦ରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ରାଜ୍ୟରେ ମୋଟ ୭୮,୦୦୦ରୁ ଅଧିକ ଲୋକ ବାସହୀନ ହୋଇ ରିଲିଫ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି। ଗୌହାଟୀରେ ଜଳମଗ୍ନ ସ୍ଥିତି ଯୋଗୁଁ ସ୍କୁଲ ଓ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଇଝଉଗଇ) ଅନୁଯାୟୀ, ବ୍ରହ୍ମପୁତ୍ର ଓ ଏହାର ଶାଖାନଦୀଗୁଡ଼ିକ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି ।ଅରୁଣାଚଳ ପ୍ରଦେଶରେ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ୯ ଜଣଙ୍କର ମୃତ୍ୟୁ ହୋଇଛି। ଏକ ଗାଡ଼ି ବନ୍ୟା ଜଳରେ ଭାସି ଯିବାରୁ ୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣଙ୍କ ପାଣିରେ ବୁଡି ମୃତ୍ୟୁ ହୋଇଛି। ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ସେହିପରି ମଣିପୁରର ରାଜଧାନୀ ଇମ୍ଫାଲରେ ତିନି ଦିନର ଲଗାଣ ବର୍ଷା ଯୋଗୁଁ ଜଳମଗ୍ନ ସ୍ଥିତି ସୃଷ୍ଟି ହୋଇଛି। ଇମ୍ଫାଲ ନଦୀର ଜଳସ୍ତର ବୃଦ୍ଧି ପାଇବାରୁ ଅନେକ ଅଞ୍ଚଳରେ ବନ୍ୟା ସଙ୍କଟ ଦେଖାଦେଇଛି। ସେନା ଓ ଅସମ ରାଇଫଲ୍ସ ୧,୫୦୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରିଛି ।ସିକ୍କିମରେ ଲଗାଣ ବର୍ଷା ଯୋଗୁଁ ତିଷ୍ଟା ନଦୀର ଜଳସ୍ତର ଭୟଙ୍କର ଭାବେ ବୃଦ୍ଧି ପାଇଛି ଏବଂ ଭୂସ୍ଖଳନ ଯୋଗୁଁ ରାଜ୍ୟକୁ ଯୋଗାଯୋଗ କରୁଥିବା ମୁଖ୍ୟ ସଡ଼କ ଅବରୋଧ ହୋଇଛି। ଫଳରେ ପ୍ରାୟ ୧,୫୦୦ ପର୍ଯ୍ୟଟକ ଉତ୍ତର ସିକ୍କିମରେ ଫସି ରହିଛନ୍ତି। ଏକ ଘଟଣାରେ ତିଷ୍ଟା ନଦୀରେ ଗାଡ଼ି ଖସିପଡ଼ି ୮ ଜଣ ନିଖୋଜ ହୋଇଛନ୍ତି। ଅନ୍ୟପଟେ ନାଗାଲାଣ୍ଡରେ ଜଣେ ବ୍ୟକ୍ତିଙ୍କର ଭୂସ୍ଖଳନରେ ମୃତ୍ୟୁ ହୋଇଛି। ମିଜୋରାମ, ତ୍ରିପୁରା ଓ ମେଘାଳୟରେ ମଧ୍ୟ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ଧନଜୀବନ ହାନି ହୋଇଛି। ମିଜୋରାମରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ତ୍ରିପୁରାରେ ୬୦ଟି ରିଲିଫ କ୍ୟାମ୍ପରେ ୧୦,୬୦୦ ଲୋକ ଆଶ୍ରୟ ନେଇଛନ୍ତି।

# ବର୍ଷାରେ ବେହାଲ୍ ଆସାମ: ଫସି ରହିଛନ୍ତି ୧୫ ଶହ ପର୍ଯ୍ୟଟକ

ନୂଆଦିଲ୍ଲୀ: ଲଗାଣ ବର୍ଷାରେ ବେହାଲ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ । ଆସାମ, ମଣିପୁର, ସିକ୍କିମର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସାଙ୍ଗକୁ ବନ୍ୟା ଓ ଭୂସ୍ଖଳନ ସ୍ଥିତି । ରାସ୍ତାଘାଟ, ଘରଦ୍ୱାର ଚାରିଆଡ଼େ ପାଣି ହିଁ ପାଣି ଦେଖିବାକୁ ମିଳିଛି । ଅନେକ ଗାଁ ଜଳମଗ୍ନ ହୋଇଛି। ରାସ୍ତାରେ ଡଙ୍ଗା ଚାଲୁଛି । ଏନଡିଆରଏଫ୍, ଏସଡିଆରଏଫ ଟିମ୍ ପକ୍ଷରୁ ବନ୍ୟା ପ୍ରଭାବିତଙ୍କୁ ଉଦ୍ଧାର କରାଯାଉଛି । ଉତ୍ତର ସିକ୍କିମ୍ରେ ବର୍ଷା ବିପର୍ଯ୍ୟୟ କାରଣରୁ ଜଟିଳ ସ୍ଥିତି ଦେଖିବାକୁ ମିଳିଛି । ମଙ୍ଗନ ଜିଲ୍ଲାର ଲାଚେନ୍ ଓ ଲାଚୁଙ୍ଗ ଉପତ୍ୟକାରେ ପ୍ରାୟ ୧୫ ଶହ ପର୍ଯ୍ୟଟକ ଫସି ରହିଛନ୍ତି । ଲଗାଣ ବର୍ଷା, ଭୂସ୍ଖଳନ ଓ ତିସ୍ତା ନଦୀରେ ବଢୁଥିବା ପାଣି ଯୋଗୁଁ ଅଣାୟତ୍ତ ସ୍ଥିତି ଉପୁଜିଛି । ଉଭୟ ଯାତାୟାତ ଓ ଉଦ୍ଧାର କାର୍ଯ୍ୟ ଠପ୍ ହୋଇଯାଇଛି । ରବିବାର ଲୋକଙ୍କୁ ସ୍ଥାନାନ୍ତର ପାଇଁ ସ୍ଥିର ହୋଇଥିଲେ ହେଁ ପୁଣି ଥରେ ଭୂସ୍ଖଳନ ଯୋଗୁଁ ଏହି ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି । ଗତ ୨୯ ତାରିଖରେ ମୁନ୍ସିଥାଙ୍ଗଠାରେ ତିସ୍ତା ନଦୀରେ ଗାଡ଼ି ଖସି ପଡ଼ିବା ପରେ ନିଖୋଜ ହୋଇଥିବା ୮ ଜଣ ପର୍ଯ୍ୟଟକଙ୍କୁ ଏପର୍ଯ୍ୟନ୍ତ ଠାବ କରାଯାଇପାରିନାହିଁ । ଗତ ୪୮ ଘଣ୍ଟା ମଧ୍ୟରେ ଆସାମ ଓ ଅରୁଣାଚଳ ପ୍ରଦେଶରୁ ୯ ଜଣ ଲେଖାଏଁ, ମେଘାଳୟରୁ ୬ ଜଣ, ମିଜୋରାମରୁ ୫ ଜଣ ଏବଂ ନାଗାଲାଣ୍ଡ ଓ ତ୍ରିପୁରାରୁ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି । ଅରୁଣାଚଳରେ ଏକ ଭୂସ୍ଖଳନ ଯୋଗୁଁ ଗାଡ଼ି ଗଭୀର ଖାଲକୁ ଖସି ପଡ଼ିବାରୁ ୭ ଜଣଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ୪ ଜଣ ଶିଶୁ ଓ ୨ ଜଣ ଗର୍ଭବତୀ ମହିଳା ଥିବା ବେଳେ ସେମାନେ ୨ଟି ପରିବାରର ବୋଲି ଜଣାପଡ଼ିଛି ।

# ଭାରତ ପରେ ରୁଷିଆକୁ ଧୋକାଦେଲା ତୁର୍କୀ




ମସ୍କୋ : ତୁର୍କୀ ପାଶ୍ଚାତ୍ୟ ଦେଶମାନଙ୍କ ସହିତ ମଧ୍ୟ ଗଭୀର ସମ୍ପର୍କ ବଜାୟ ରଖେ। ରୁଷିଆ-ୟୁକ୍ରେନ ଯୁଦ୍ଧରେ ତୁର୍କୀର ଭୂମିକା ଆରମ୍ଭରୁ କୂଟନୈତିକ ସନ୍ତୁଳନ ଉପରେ ଆଧାରିତ। କିନ୍ତୁ ଏବେ ତୁର୍କୀ ରୁଷିଆ ସହିତ ଏକ ଡବଲ ଖେଳ ଖେଳିଛି। ଯେତେବେଳେ ଆମେରିକା ଏବଂ ୟୁରୋପୀୟ ଦେଶଗୁଡ଼ିକ ରୁଷିଆ ଉପରେ କଠୋର ପ୍ରତିବନ୍ଧକ ଲାଗୁ କରୁଥିଲେ, ତୁର୍କୀ କେବଳ ଖୋଲାଖୋଲି ଭାବରେ ବିରୋଧ କରି ନ ଥିଲା, ବରଂ ରୁଷିଆ ପାଇଁ ଅନେକ ଥର ସାହାଯ୍ୟକାରୀ ଭୂମିକା ମଧ୍ୟ ଗ୍ରହଣ କରିଥିଲା। ତୁର୍କୀ ରୁଷିଆ ନାଗରିକ, ପର୍ଯ୍ୟଟକ ଏବଂ ପ୍ରବାସୀମାନଙ୍କ ପାଇଁ ମଧ୍ୟ ତା'ର ଦ୍ୱାର ଖୋଲା ରଖିଥିଲା। ଅନେକ ରୁଷିଆ କମ୍ପାନୀ ମଧ୍ୟ ତୁର୍କୀକୁ ନିଜର ନୂତନ ବ୍ୟବସାୟିକ କେନ୍ଦ୍ର କରିଥିଲା। କିନ୍ତୁ ଏବେ ତୁର୍କୀ ୟୁକ୍ରେନକୁ ସେହି ବିପଦପୂର୍ଣ୍ଣ ଡ୍ରୋନ ଯୋଗାଇଥିଲା, ଯାହା ସାହାଯ୍ୟରେ ୟୁକ୍ରେନ ରୁଷିଆର ପ୍ରାୟ ୪୦ଟି ବୋମା ବିସ୍ଫୋରଣକାରୀ ଏବଂ ଯୁଦ୍ଧ ବିମାନ ନଷ୍ଟ କରିଥିଲା। ଏହି ଡ୍ରୋନଗୁଡ଼ିକ ହେଉଛି ବେରାକ୍ଟର ଟିବି୨ । ଏହା ତୁର୍କୀରେ ତିଆରି ଏବଂ ସାରା ବିଶ୍ୱରେ ସେମାନଙ୍କର ଘାତକ କ୍ଷମତା ପାଇଁ ଜଣାଶୁଣା। ବେରାକ୍ଟର ଟିବି୨ ହେଉଛି ଏକ ଉଚ୍ଚ-ପ୍ରଯୁକ୍ତି ସମ୍ବଳିତ ଯୁଦ୍ଧ ଡ୍ରୋନ, ଯାହା ନିରୀକ୍ଷଣ ଏବଂ ଆକ୍ରମଣ ଉଭୟ ପାଇଁ ବ୍ୟବହୃତ ହୁଏ। ଏହାର ଡିଜାଇନ ସରଳ କିନ୍ତୁ ଘାତକ। ଏହାର ପ୍ରଥମ ଉଡ଼ାଣ ୨୦୧୪ ରେ ହୋଇଥିଲା ଏବଂ ଏପର୍ଯ୍ୟନ୍ତ ୬୦୦ରୁ ଅଧିକ ୟୁନିଟ ତିଆରି କରାଯାଇଛି। ୟୁକ୍ରେନ ୨୦୧୯ ରୁ ୨୦୨୨ପର୍ଯ୍ୟନ୍ତ ୭୨ ଡ୍ରୋନ ପାଇଥିଲା ଏବଂ ଯୁଦ୍ଧ ପରେ ତୁର୍କୀ ଆହୁରି ୮ ଡ୍ରୋନ କିଣିଥିଲା। ତୁର୍କୀ କେବଳ ୟୁକ୍ରେନକୁ ସାହାଯ୍ୟ କରିବା ପାଇଁ ଏହି ଡ୍ରୋନ ଦେଇ ନ ଥିଲା, ବରଂ ଏହି ପଦକ୍ଷେପ ଆମେରିକା ଏବଂ ନାଟୋକୁ ଖୁସି କରିବା ପାଇଁ ମଧ୍ୟ ନିଆଯାଇଥିଲା। ତୁର୍କୀ ନାଟୋର ଏକ ସଦସ୍ୟ ଦେଶ ଏବଂ ଏହା ସବୁବେଳେ ରୁଷିଆଠାରୁ ଦୂରତା ବଜାୟ ରଖିବା ପାଇଁ ଆମେରିକାର ଚାପରେ ରହିଥାଏ। ତୁର୍କୀ ଗୋଟିଏ ପଟେ ବନ୍ଧୁତାର ଅଭିନୟ କରି ଏବଂ ଅନ୍ୟପଟେ ରୁଷିଆର ଶତ୍ରୁ ୟୁକ୍ରେନକୁ ଅସ୍ତ୍ର ଦେଇ ଡବଲ ଗେମ୍ ଖେଳିଥିଲା। ଏହି ସମ୍ପୂର୍ଣ୍ଣ ଘଟଣା ରୁଷିଆ ଏବଂ ତୁର୍କୀ ମଧ୍ୟରେ ସମ୍ପର୍କକୁ ଗମ୍ଭୀର ଭାବରେ ପ୍ରଭାବିତ କରିଛି। ପୁଟିନ ସରକାର ଏହି ପଦକ୍ଷେପକୁ ତୁର୍କୀର ପିଠିରେ ଛୁରୀ ମାରିବା ଭାବରେ ବିଚାର କରୁଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ତୁର୍କୀ ନିଜକୁ ଏକ ମଧ୍ୟସ୍ଥି ଭାବରେ ଚିତ୍ରଣ କରିବାକୁ ଚେଷ୍ଟା କରୁଛି। କିନ୍ତୁ ସତ୍ୟ ହେଉଛି ଯେ ଏବେ ତୁର୍କୀ ନା ଭାରତ ପାଇଁ ବିଶ୍ୱସନୀୟ ଏବଂ ନା ରୁଷିଆ ପାଇଁ।

# ଆତଙ୍କବାଦ ପାଇଁ କୋଲକାତାରେ ହେଉଛି ଅର୍ଥ ନେଣଦେଣ : ଏନ୍ଆଇଏ

କୋଲକାତା : ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଏକ ଚାଞ୍ଚଲ୍ୟକର ସୂଚନା ଦେଇଛି । ଏଜେନ୍ସି କହିଛି ଯେ କୋଲକାତା ଆଇଏସଆଇ, ଆତଙ୍କବାଦୀ ଓ ପାକ ଗୁପ୍ତଚରମାନଙ୍କ ଆର୍ଥିକ ନେଣଦେଣର ଏକ କେନ୍ଦ୍ର ପାଲଟିଛି । ସୂଚନା ଆଧାରରେ ଏନଆଇଏ ଜାଣିବାକୁ ପାଇଛି ଯେ ପାକିସ୍ତାନର ଗୁଇନ୍ଦା ଏଜେନ୍ସି କୋଲକାତାକୁ ଆତଙ୍କବାଦ ପାଇଁ ଆର୍ଥିକ ନେଣଦେଣର କେନ୍ଦ୍ର କରିଛି କାରଣ ଏହି ସ୍ଥାନରୁ ସ୍ଲିପର ସେଲ୍ ଅପରେଟିଭଙ୍କୁ ସାହାଯ୍ୟ ମିଳୁଛି। ଜାତୀୟ ତଦନ୍ତ ସଂସ୍ଥା କୋଲକାତାର କିଛି ସ୍ଥାନ ଚିହ୍ନଟ କରିଛି ଯେଉଁଠାରୁ ମୋତି ରାମ ଜାଟ ଏବଂ ପାକିସ୍ତାନୀ ଗୁପ୍ତଚର ଅଧିକାରୀଙ୍କ ମଧ୍ୟରେ ଆକାଉଣ୍ଟରେ ଆର୍ଥିକ କାରବାର ହୋଇଥିଲା। ପାକିସ୍ତାନ ପାଇଁ ଗୁପ୍ତଚର ଅଭିଯୋଗରେ ଏନଆଇଏ କିଛିଦିନ ତଳେ ସିଆରପିଏଫ ଯବାନ ମୋତି ରାମ ଜାଟଙ୍କୁ ଗିରଫ କରିଥିଲା। ଏହି ଯବାନ ପହଲଗାମରେ ପୋଷ୍ଟିଂ ହୋଇଥିଲେ। ଆକ୍ରମଣର କିଛି ଦିନ ପୂର୍ବରୁ ତାଙ୍କୁ ଟଙ୍କା ଟ୍ରାନ୍ସଫର କରାଯାଇଥିଲା। ମୋତି ରାମ ଗତ ୨ ବର୍ଷ ଧରି ପାକିସ୍ତାନ ପାଇଁ ଗୁପ୍ତଚର କରୁଥିବା ଅଭିଯୋଗ ହୋଇଛି। ଜାତୀୟ ତଦନ୍ତ ସଂସ୍ଥାର ତଦନ୍ତରେ ଏହା ସାମ୍ନାକୁ ଆସିଛି। ଶନିବାର ଦିନ ଏନଆଇଏ ଅଧିକାରୀମାନେ ପଶ୍ଚିମବଙ୍ଗର ମୋମିନପୁରର ଏକ ଟ୍ରାଭେଲ ଏଜେନ୍ସି ଦୋକାନରେ ଚଢାଉ କରିଥିଲେ। ଜଣେ ଅଧିକାରୀ କହିଛନ୍ତି ଯେ ଦୋକାନରୁ ମୋତିରାମଙ୍କ ସହ ଅନେକ ଥର ଅର୍ଥ ନେଣଦେଣ ହୋଇଥିଲା । ଏପରିକି ପହଲଗାମ ଆକ୍ରମଣ ପୂର୍ବରୁ ମଧ୍ୟ କିଛି ଅର୍ଥ ପ୍ରଦାନ ହୋଇଥିଲା। ଏଜେନ୍ସି ସୋମବାର ଦୋକାନ ମାଲିକ ମୌସୁଦ ଆଲମଙ୍କୁ ସମନ କରିଥିଛି।

# ୨୦୨୬ ସୁଦ୍ଧା ଭାରତକୁ ମିଳିବ ବାକି ଥିବା ସମସ୍ତ ଏସ୍-୪୦୦ ମିସାଇଲ : ଋଷ୍

ନୂଆଦିଲ୍ଲୀ: ଋଷ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଓ ଛକାପଞ୍ଝା ମଧ୍ୟରେ ଋଷ ଭାରତ ପାଇଁ ଏକ ବଡ ଘୋଷଣା କରିଛି। ଯାହା ଭାରତକୁ ଆଶ୍ୱସ୍ତି ପ୍ରଦାନ କରିଛି। ଆପଣଙ୍କୁ ଜଣାଇ ରଖୁ ଯେ ଋଷିଆ ଆସନ୍ତା ୨୦୨୫-୨୬ ସୁଦ୍ଧା ଭାରତକୁ ବାକିଥିବା ସମସ୍ତ ଝ-୪୦୦ ମିସାଇଲ ପ୍ରଦାନ କରିବା ବୋଲି ଘୋଷଣା କରିଛି। ସୋମବାର ଦିନ ଭାରତରେ ମିଶନର ଉପମୁଖ୍ୟ ରୋମାନ ବାବୁଶକିନ୍ କହିଛନ୍ତି ଯେ ସାମ୍ପ୍ରତିକ ଭାରତ-ପାକିସ୍ତାନ ଉତ୍ତେଜନା ସମୟରେ ଏହି ପ୍ରଣାଳୀ 'ଅତ୍ୟନ୍ତ ଦକ୍ଷତାର ସହିତ' କାର୍ଯ୍ୟ କରିଥିଲା। ତେଣୁ ଋଷିଆ ଏହି ବାୟୁ ପ୍ରତିରକ୍ଷା ପ୍ରଣାଳି ଯୋଗାଣରେ ଆଦୌ ବିଳମ୍ବ କରିବା ନାହିଁ। କେବଳ ସେତିକି ନୁହେଁ,ଋଷିଆ ଭାରତ ସହ ଦ୍ୱିପାକ୍ଷିକ ସମ୍ବନ୍ଧ ବଢାଇବା ପାଇଁ ଆହୁରି ଅଧିକ ବାୟୁ ପ୍ରତିରକ୍ଷା ପ୍ରଣାଳି ଓ ଆଣ୍ଟି-ଡ୍ରୋନ ବ୍ୟବସ୍ଥାର ଚୁକ୍ତି କରିବାକୁ ଯାଉଛି ବୋଲି ବାବୁଶକିନ୍ ସୂଚନା ଦେଇଛନ୍ତି। ଯାହା ଭାରତକୁ ସାମରିକ କ୍ଷେତ୍ରରେ ଆହୁରି ଶକ୍ତିଶାଳି କରିବ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଏନେଇ ବାବୁଶକିନ୍ କହିଥିଲେ ଯେ 'ଆମେ ଜାଣିବାକୁ ପାଇଛୁ ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସମ୍ପ୍ରତି ସଂଘର୍ଷ ସମୟରେ ଝ-୪୦୦ ବହୁତ ଦକ୍ଷତାର ସହିତ ପ୍ରଦର୍ଶନ କରିଥିଲା। ତେବେ ଉଭୟ ଦେଶ ମଧ୍ୟରେ ସହଯୋଗର ଏକ ଲମ୍ବା ଇତିହାସ ଅଛି। ଆମେ ଯାହା ଅନୁଭବ କରୁଛୁ, ୟୁରୋପ ଏବଂ ଏଠାକାର ପରିସ୍ଥିତି ଅନୁସାରେ ବାୟୁ ପ୍ରତିରକ୍ଷା ପ୍ରଣାଳୀର ଉଭୟ ଦେଶ ପାଇଁ ଅତ୍ୟନ୍ତ ଆବଶ୍ୟକତା ରହିଛି। ଏହା ସାଧାରଣତଃ ପ୍ରତିରକ୍ଷା ପ୍ରସ୍ତୁତିରେ ଆମର ସହଭାଗୀର ଏକ ପ୍ରତିଶ୍ରୁତିପୂର୍ଣ୍ଣ ବିଷୟ,।' ସୂଚନା ମୁତାବକ, ଗତକାଲି ୟୁକ୍ରେନ ଋଷିଆର ବିଭିନ୍ନ ସେନା ଆଡ୍ଡା ଉପରେ ଆକ୍ରମଣ କରିଥିଲା। ଯେଉଁଥିରେ ଋଷିଆର ୪୦ରୁ ଅଧିକ ଯୁଦ୍ଧ ଜାହାଜ ସହ ଅନେକ ସୈନ୍ୟ ସ୍ଥଳି କ୍ଷତିଗ୍ରସ୍ତ ହୋଇଥିଲା। ଯାହାପରେ ଭାରତ ଋଷ ସହ ଚୁକ୍ତି କରିଥିବା ପ୍ରତିରକ୍ଷା ଉପକରଣ ମିଳିବାର ସମ୍ଭାବନାକୁ ନେଇ ସଂଶୟ ପ୍ରକଟ କରିଥିଲା। ଭାରତରେ ଥିବା ଋଷର ଇଣ୍ଡିଆ ମିଶନ ପ୍ରମୁଖଙ୍କ ଏହି ଘୋଷଣା ପରେ ଭାରତକୁ ବଡ ଆଶ୍ୱସ୍ତି ମିଳିଛି।

# ସ୍ୱଦେଶୀ ହତିଆରରେ ସେନାକୁ ମିଳିବ ଶକ୍ତି



ନୂଆଦିଲ୍ଲୀ : 'ମେକ୍ ଇନ୍ ଇଣ୍ଡିଆ' ଅଧୀନରେ, ରାଜସ୍ଥାନକୁ ପ୍ରତିରକ୍ଷା କ୍ଷେତ୍ର ଏକ ନୂତନ ପରିଚୟ ପାଇବାକୁ ଯାଉଛି। 'ଅପରେସନ୍ ସିନ୍ଦୂର'ର ସଫଳତା ପରେ, ଏବେ 'ମେଡ୍ ଇନ୍ ରାଜସ୍ଥାନ' ବ୍ରାଣ୍ଡ୍ ଅଧୀନରେ ଅତ୍ୟାଧୁନିକ ରାଇଫଲ୍ ଏବଂ ମଲ୍ଟି-ବ୍ୟାରେଲ୍ ମେସିନ୍ ଗନ୍ ଉତ୍ପାଦନ ଯୋଧପୁରରୁ ଆରମ୍ଭ ହେବାକୁ ଯାଉଛି। ଯୋଧପୁରକୁ ଏହି ଦିଗରେ ଏକ ବଡ଼ ସଫଳତା ମିଳିଛି, ଯେଉଁଠାରେ ୧୫୦୦ କୋଟି ଟଙ୍କାରୁ ଅଧିକ ନିବେଶ ସହିତ ବୁଝା-ମଣାପତ୍ର (ଏମ୍ଓୟୁ) କରିବାକୁ ପ୍ରସ୍ତୁତ। ଏଥିପାଇଁ, ପ୍ରତିରକ୍ଷା ମନ୍ତ୍ରଣାଳୟରୁ ଆବଶ୍ୟକୀୟ ଅନୁମତି ମିଳିଛି ଏବଂ କ୍ଷେତ୍ର ପରୀକ୍ଷଣ ମଧ୍ୟ ସଫଳ ହୋଇଛି। ଏହାର ଅର୍ଥ ହେଉଛି ଯେ ଏବେ ରାଜସ୍ଥାନ ଦେଶର ପ୍ରତିରକ୍ଷା କ୍ଷେତ୍ରରେ ନିଜର ଦୃଢ଼ ଉପସ୍ଥିତି ସୃଷ୍ଟି କରିବାକୁ ଯାଉଛି। କେବଳ ସେତିକି ନୁହେଁ 'ମେଡ୍ ଇନ୍ ଇଣ୍ଡିଆ' ଅଭିଯାନ ଅଧୀନରେ ଅନ୍ତର୍ଜାତୀୟ ସ୍ତରରେ 'ମେଡ୍ ଇନ୍ ରାଜସ୍ଥାନ' ମଧ୍ୟ ପ୍ରତିଷ୍ଠା କରିବ। ପ୍ରତିରକ୍ଷା ଷ୍ଟାର୍ଟଅପ୍ ସମ୍ପର୍କିତ ପ୍ରମୁଖ ଉଦ୍ୟୋଗପତି ରବିନ୍ଦ୍ର ସିଂହ ରାଠୋରଙ୍କ କହିବାଅନୁସାରେ, ଏହି ପ୍ରୋଜେକ୍ଟ ଅନୁସାରେ, ନିର୍ମିତ କରାଯାଉଥିବା ହତିଆରର ପରିକ୍ଷଣ ପୂର୍ବରୁ ବିଦେଶରେ କରାଯାଇ ସାରିଛି। ଏହି ପରୀକ୍ଷଣ ପରିମାଣ ଖୁବ୍ ଉତ୍ସାହଜନକ ରହିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଏହି ପ୍ରୋଜେକ୍ଟକୁ ଦୁଇଟି ପର୍ଯ୍ୟାୟରେ ମଞ୍ଜୁରୀ ଦେଇଛି। ଯାହାଦ୍ୱାରା ଏହି ହତିଆର ନା କେବଳ ଭାରତୀୟ ସେନା ପାଇଁ ଉପଯୋଗୀ ହେବ, ବଂର ଏହାର ରପ୍ତାନୀ ମଧ୍ୟ କରାଯିବ। ବର୍ତ୍ତମାନ ଆଫ୍ରିକୀୟ ଦେଶ ଟୋଗେ ଓ ଏସୀୟ ଦେଶ ଥାଇଲାଣ୍ଡ ଏହି ହତିଆରରେ ରୁଚି ଦେଖାଇଛନ୍ତି। ଯାହାକି ଏହି କଥାର ପ୍ରମାଣ ଯେ, ରାଜସ୍ଥାନର ଏହି ଟେକ୍ନୋଲୋଜି ଅନ୍ତର୍ଜାତୀୟ ବଜାରରେ ପ୍ରତିଯୋଗିତା କରିବାର କ୍ଷମତା ରଖିଥାଏ ।ଏହି ପ୍ରୋଜେକ୍ଟ ଅନୁସାରେ, ମିଲିଟାରୀ ଗ୍ରାଣ୍ଡ ସ୍ନାଇପର ରାଇଫଲ ତିଆରି କରାଯାଉଛି। ଯାହାକୁ ବିଶେଷ ଭାବରେ ଲମ୍ବା ଦୂର ପର୍ଯ୍ୟନ୍ତ ସଠିକ ଭାବରେ ଟାର୍ଗେଟ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ରାଇଫଲ୍ ସବ୍-ଏମ୍ଓଏ(ମିନିଟ୍ ଅଫ୍ ଆଙ୍ଗେଲ) ସଠିକତା ହାସଲ କରିବାରେ ସକ୍ଷମ। ଅର୍ଥାତ ଏହା ବହୁତ କମ୍ ବିଚ୍ୟୁତି ସହ ଲମ୍ବା ଦୂର ପର୍ଯ୍ୟନ୍ତ ଟାର୍ଗେଟ କରିପାରେ। ପରୀକ୍ଷଣରେ ଏହି ରାଇଫଲ ୨.୪ କିଲୋମିଟର ପର୍ଯ୍ୟନ୍ତ ଫାୟାର କରିବାରେ ସଫଳ ରହିଛି। ସବୁଠାରୁ ବଡ଼ କଥା ହେଲା ଏହି ରାଇଫଲ ୧୦୦ ପ୍ରତିଶତ 'ମେଡ୍ ଇନ୍ ଇଣ୍ଡିଆ' ହେବ। ଏହି ପ୍ରୋଜେକ୍ଟର ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ମଲ୍ଟି ବାରେଲ ଗନ୍ ।ଯାହାକି ଟେକ୍ନୋଲୋଜି ଦୃଷ୍ଟିରୁ ଖୁବ୍ ଉନ୍ନତ। ଏହି ଗନ୍ ଏକ ମିନିଟ୍ରେ ପ୍ରାୟ ୬ ହଜାର ରାଉଣ୍ଡ ଫାୟାର କରିବାର କ୍ଷମତା ରଖିଥାଏ।

# ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ୍‌ରେ ପୁଣି ର୍‍ୟାଗିଂ




ବ୍ରହ୍ମପୁର(ପିପିଏସ୍): ଗତବର୍ଷ ଡିସେମ୍ବର ମାସରେ ଏମ୍‌କେସିଜି ମେଡିକାଲ୍ କଲେଜରେ ହୋଇଥିବା ର୍‍ୟାଗିଂ ଘଟଣା ମନରୁ ନ ଲିଭୁଣୁ ପୁଣିଥରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ୍ କଲେଜରେ ର୍‍ୟାଗିଂ ହୋଇଥିବା ନେଇ ଜଣାପଡିଛି । ଜଣେ ଏମ୍‌ବିବିଏସ୍ ଚତୁର୍ଥ ବର୍ଷର ଛାତ୍ରକୁ ହାଉସ୍ ସର୍ଜନ ର୍‍ୟାଗିଂ କରିଥିବା ନେଇ ଅଭିଯୋଗ ଆସିବାପରେ ଏମ୍‌କେସିଜି କର୍ତ୍ତୃପକ୍ଷ ତଥା ଆଣ୍ଟି ର୍‍ୟାଗିଂ କମିଟି ବୈଠକ ଡାକି ସବିଶେଷ ଆଲୋଚନା ହୋଇଛି । ଆଲୋଚନା ପରେ ର୍‍ୟାଗିଂ କରିଥିବା ୨ ହାଉସ୍ ସର୍ଜନକୁ ୨୫ହଜାର ଟଙ୍କା ଲେଖାଏଁ ଜୋରିମାନା ଆଦାୟ ପାଇଁ ନିଷ୍ପତ୍ତି ହୋଇଥିବା ଆଣ୍ଟି ର୍‍ୟାଗିଂ କମିଟିର ବୈଠକ ପରେ ଡିନ୍ ପ୍ରଫେସର ସୁଚିତ୍ରା ଦାସ ସୂଚନା ଦେଇଛନ୍ତି ।

ସୂଚନାଥାଉକି, ଗତ ମେ ମାସ ୧୨ତାରିଖରେ ଜଣେ ଏମ୍‌ବିବିଏସ୍ ଚତୁର୍ଥ ବର୍ଷର ଛାତ୍ରକୁ ର୍‍ୟାଗିଂ ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ମେ ୧୩ ତାରିଖରେ ଏମ୍‌କେସିଜି ମେଡିକାଲ୍ କଲେଜର ଡିନ୍ ପ୍ରଫେସର ଦାସଙ୍କୁ ୨ଜଣ ହାଉସ୍ ସର୍ଜନ ର୍‍ୟାଗିଂ କରିଥିବା ନେଇ ଲିଖିତ ଅଭିଯୋଗ କରିଥିଲେ ର୍‍ୟାଗିଂର ଶିକାର ହୋଇଥିବା ଚତୁର୍ଥ ବର୍ଷର ଛାତ୍ର । ଗତ କିଛିଦିନ ପୂର୍ବରୁ ଆଣ୍ଟି ର୍‍ୟାଗିଂ କମିଟିରେ ଅଭିଯୋଗ ହେବାପରେ ସୋମବାର ସନ୍ଧ୍ୟାରେ ଡିନ୍ ତଥା ଆଣ୍ଟି ର୍‍ୟାଗିଂ ସେଲ୍‌ର ମୁଖ୍ୟ ପ୍ରଫେସର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏମ୍‌କେସିଜି ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା, ପ୍ରଫେସର ଦୁର୍ଗାମାଧବ ଶତପଥୀ, ପ୍ରଫେସର ସୁଦୀପା ଦାସ, ପ୍ରଫେସର ଜେ.ସାଗର ପୃଷ୍ଟି, ଡ.ମନୋଜ କୁମାର ପାତ୍ର, ଡି.ଗୋପାଳକୃଷ୍ଣ ରେଡ୍ଡି, ଲିପିକାର ନିର୍ଦ୍ଦେଶିକା ରଞ୍ଜିତା ଦାସ ପ୍ରମୁଖଙ୍କ ସମେତ ବିଭିନ୍ନ ଛାତ୍ର ସଙ୍ଗଠନର ମୁଖ୍ୟମାନେ ଉପସ୍ଥିତ ଥିଲେ ।

# ବିଭିନ୍ନ ଦାବି ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲେ କଳାକାର

କେନ୍ଦ୍ରାପଡ଼ା,(ପିପିଏସ୍): କେନ୍ଦ୍ରାପଡା ସରକାରୀ ଭତ୍ତାଧାରୀ କଳାକାର ସଂଘର କଳାକାରମାନେ ୧୬ଗୋଟି ଦାବି ନେଇ ଜିଲ୍ଲାପାଳଙ୍କୁ ଦାବି କରିଥିଲେ । କଳାକାରମାନେ ଆର୍ଥିକ ସ୍ଥିତି ସବଳ ହେବା ସହିତ ସରକାରଙ୍କ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମ ସଫଳ କରୁଛନ୍ତି । ଏହି ଦାବିଗୁଡିକ ମଧ୍ୟରେ ସରକାରୀ ଭତ୍ତାଧାରୀ କଳାକାର ମୃତ୍ୟୁପରେ ତାଙ୍କ ସ୍ତ୍ରୀ ବା ସ୍ୱାମୀଙ୍କୁ ତିନିମାସ ମଧ୍ୟରେ କଳାକାର ଭତ୍ତା ଯୋଗାଇଦେବା, ମୃତ କଳାକାରଙ୍କ ସ୍ମୃତିସଭା ପାଇଁ ଜିଲ୍ଲା ସଂସ୍କୃତି ପରିଷଦରୁ ୨୦ହଜାର ଟଙ୍କା ୧୦ ଦିନ ଭିତରେ ପ୍ରଦାନ କରିବା, ପ୍ରତି ମାସର ଶେଷ ସପ୍ତାହ ମଧ୍ୟରେ କଳାକାର ଭତ୍ତା ପ୍ରଦାନ କରିବା, ଜିଲ୍ଲାସ୍ତରୀୟ କଳାକାରମାନଙ୍କ ଦୁଇଦିନିଆ ବାର୍ଷିକ ମହୋତ୍ସବ କରି ତାହାକୁ ତୁଳସୀ କ୍ଷେତ୍ର ମହୋତ୍ସବ ନାମରେ ନାମିତ କରାଯାଇ ୬ଲକ୍ଷ ଟଙ୍କା ପ୍ରଦାନ କରିବା, ୫୦ ବର୍ଷରୁ ୭୯ ବର୍ଷ ବୟସର ପ୍ରତି କଳାକାରମାନଙ୍କୁ ୮ହଜାର ଟଙ୍କା ଓ ୮୦ ବର୍ଷରୁ ଉର୍ଦ୍ଧ୍ୱ କଳାକାରମାନଙ୍କୁ ୧୦ ହଜାର ଟଙ୍କା ଦେବା, ପ୍ରତି ବ୍ଲକରେ କଳାକାରମାନଙ୍କ ବୈଠକ କରିବା ପାଇଁ ସଂସ୍କୃତି ଭବନ ନିର୍ମାଣ, ଆଉ ନୂଆ ୫୦ହଜାର କଳାକାରମାନଙ୍କୁ ଭତ୍ତା ପ୍ରଦାନ କରିବା, ଆକାଶବାଣୀ ଓ ଦୂରଦର୍ଶନ ସ୍ୱିକୃତୀପ୍ରାପ୍ତ କଳାକାର ଓ ବିଶାରଦ ପାସ୍ କରିଥିବା କଳାକାରମାନଙ୍କୁ ବିଚାରପତି ଭାବରେ ଗ୍ରହଣ କରିବା, ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ କଳାକାରମାନଙ୍କ ବୟସସୀମା ନିର୍ଦ୍ଧାରଣ କରିବା, ପ୍ରଶାସନ ତରଫରୁ ବିଭିନ୍ନ ମେଳା ମହୋତ୍ସବରେ ଜିଲ୍ଲା ବାହାର କଳାକାରମାନଙ୍କୁ ସ୍ଥାନ ଦେବା, ସରକାରଙ୍କ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମକୁ ପଞ୍ଜିକୃତ କଳାକାରମାନଙ୍କୁ ପ୍ରଚାର ପ୍ରସାର କରିବା ନିମନ୍ତେ ଅନୁମତି ଦେବା, ଜିଲ୍ଲାର ସମସ୍ତ ସରକାରୀ ଭତ୍ତାଧାରୀ କଳାକାରମାନଙ୍କୁ ପ୍ରମାଣପତ୍ର ସାର୍ଟିଫିକେଟ୍ ପ୍ରଦାନ କରିବା, ଜିଲ୍ଲା ସଂସ୍କୃତି ବିଭାଗକୁ ଏକ ସ୍ଥାୟୀ ସଂସ୍କୃତି ଅଧିକାରୀ ପ୍ରଦାନ କରିବା, ଦାରିଦ୍ର୍ୟ ସୀମାରେଖା ତଳେ ଦୁଃସ୍ଥ କଳାକାରମାନଙ୍କୁ ଗୃହ ପ୍ରଦାନ କରିବା, ବରିଷ୍ଠ କଳାକାରମାନଙ୍କୁ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧିତ କରାଯିବା, ସାଧାରଣତନ୍ତ୍ର ଦିବସରେ ଜିଲ୍ଲା କଳାକାର ସଂଘର କଳାକାରମାନଙ୍କୁ ସୁଯୋଗ ପ୍ରଦାନ କରିବା ପ୍ରଭୃତି ଦାବି ଉପସ୍ଥାପନ କରିଥିଲେ । ଏହି ଦାବି ପ୍ରଦାନ ସମୟରେ ସଭାପତି ଗଗନ ବିହାରୀ ସିଂହ, ନବକିଶୋର ବାରିକ, ନିରଞ୍ଜନ ପାତ୍ର, ନିରଞ୍ଜନ ସ୍ୱାଇଁ, ବସନ୍ତ ବେହୁରା, ଅଭୟ ଶତପଥୀ, ରମେଶ ଚନ୍ଦ୍ର ବେହେରା, ନୀଳାମ୍ବର ପଢିହାରୀ, ମହେଶ୍ୱର ମିଶ୍ର, ଦିନବନ୍ଧୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଯୋଜନା ପ୍ରହସନ
# ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ କାଫେ ପରିତ୍ୟକ୍ତ
## ସରକାରୀ ଅର୍ଥ ଶ୍ରାଦ୍ଧ, ପ୍ରଶାସନର ଉଦାସୀନତା



ଅସ୍ତରଙ୍ଗ (ପିପିଏସ୍): ପ୍ରଶାସନର ଚରମ ଅବହେଳା । ମହିଳାଙ୍କୁ ସ୍ୱାବଲମ୍ବି କରିବା ନାଁରେ ଶ୍ରାଦ୍ଧ ହେଲା ସରକାରୀ ଟଙ୍କା । ଉଦ୍‌ଘାଟନ ସମୟରେ ରାଜନୈତିକ ଗୋଷ୍ଠୀ ମଧ୍ୟରେ ବାକ ବିତଣ୍ଡା ଯୋଗୁଁ ଆଜି ପର୍ଯ୍ୟନ୍ତ ପରିତ୍ୟକ୍ତ ଅବସ୍ଥାରେ ପଡିଛି ମିଶନ ଶକ୍ତି କାଫେ । ହେଲେ ଯୋଜନା କାର୍ଯ୍ୟକାରୀ ହେଉଛି କି ନାହିଁ, ତାହା ଦେଖିବାକୁ କେହି ନାହିଁ ।

ପୁରୀ ଜିଲ୍ଲା କାକଟପୁର ବ୍ଲକ ନିକଟରେ ଲକ୍ଷାଧିକ ଟଙ୍କାର ବ୍ୟୟରେ ମିଶନ ଶକ୍ତି କାଫେ ନିର୍ମାଣ କରାଯାଇଥିଲା । ଏହି କାଫେ ଭାଗ୍ୟ ଏବେ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି । ରାଜ୍ୟ ସରକାର ଲକ୍ଷ୍ୟକୁ ପୂରଣ କରିବାକୁ ଯାଇ ମହିଳାଙ୍କୁ ସ୍ୱାବଲମ୍ବୀ କରାଇବା ସହିତନିଜେ କିପରି ଅର୍ଥ ରୋଜଗାର କରିପାରିବେ ସେଥି ନେଇ ତତ୍ପର ହୋଇପଡ଼ିଥିଲେ । ଯାହାକୁ ନେଇ କାକଟପୁର ବ୍ଲକ ନିକଟରେ ନିର୍ମାଣ ହୋଇଥିଲା ମିଶନ ଶକ୍ତି କାଫେ । କିନ୍ତୁ ଉଦ୍‌ଘାଟନ ସମୟରେ ରାଜନୈତିକ ଗୋଷ୍ଠୀ କନ୍ଦଳ ଯୋଗୁଁ ଉଦ୍‌ଘାଟନ ମଧ୍ୟ ହୋଇନଥିଲା । ମିଶନ ଶକ୍ତି କାଫେ ଖୋଲା ଯାଇଥିଲେ ବ୍ଲକ କୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଜନ ସାଧାରଣ ଓ ବ୍ଲକ୍ କର୍ମଚାରୀମାନେ ସୁରୁଖୁରୁରେ ସୁସ୍ୱାଦୁ ଖାଦ୍ୟ ପାଇପାରିବେ । ହେଲେ ଆଜି ପର୍ଯ୍ୟନ୍ତ ମିଶନ ଶକ୍ତି କାଫେ ଖୋଲା ହୋଇପାରିଲା ନାହିଁ । କାଫେରେ ଲାଗିଥିବା ବିଭିନ୍ନ ଯନ୍ତ୍ରାଂଶ ଠାରୁ ବିଭିନ୍ନ ସରଞ୍ଜାମ ଅଚଳ ହୋଇ ପଡ଼ିଥିବାର ଆଶଙ୍କା କରାଯାଉଛି । ଏ ସମ୍ବନ୍ଧରେ ଜାଣିବାକୁ କାକଟପୁର ବିଡ଼ିଓ ବିଷ୍ଣୁ ଗୋବିନ୍ଦ ଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇପାରିନଥିଲା । ସ୍ଥାନୀୟ ଅଞ୍ଚଳ ବାସୀ ଦାବୀ କରିଛନ୍ତି ତୁରନ୍ତ ମିଶନ ଶକ୍ତି କାଫେ ଖୋଲିବା ପାଇଁ ।

# ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ



ଗୋପ (ପିପିଏସ୍): ପୋଖରୀରେ ବୁଡି ୧୮ ମାସର ଶିଶୁ କନ୍ୟା ଟିର ମୃତ୍ୟୁ ହୋଇଛି । ସୂଚନା କୋଣାର୍କ ଥାନା କୁରୁଜଙ୍ଗ ପଞ୍ଚାୟତ ଭାଣପୁର ଗ୍ରାମ ଦୀପକ କାଣ୍ଡି ଙ୍କ ୧୮ ମାସର ଏକ ମାତ୍ର ଶିଶୁକନ୍ୟା । ଘରେ ମା' ରୋଷେଇ କରୁଥିବା ବେଳେ ଶିଶୁ କନ୍ୟା ଚାଲି ଚାଲି ବାରିପଟ ପୋଖରୀକୁ ଚାଲିଯାଇଥିଲା । ଦୀର୍ଘ ସମୟ ପରେ ଶିଶୁ କନ୍ୟାକୁ ପରିବାର ଲୋକେ ବହୁ ଖୋଜା ଖୋଜି ପରେ ବାରିପଟ ପୋଖରୀରେ ଭାସୁଥିବା ଦେଖି ଉଦ୍ଧାର କରିଥିଲେ ପରେ ଆମ୍ବୁଲାନ୍ସ ଯୋଗେ ପରିବାର ଲୋକେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ସେଠି ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶିଶୁ କନ୍ୟାଟି ଅକାଳ ବିଓଗ ପରେ ପରିବାର ଭାଙ୍ଗିପଡ଼ିଥିବା ବେଳେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

# ସଦର ମହକୁମାରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର

ନୟାଗଡ଼ (ପିପିଏସ୍): ନୟାଗଡ଼ ଜିଲ୍ଲା ସଦର ମହକୁମାରେ ଆଜି ଜିଲ୍ଲାପାଳଙ୍କ ଜନଶୁଣାଣି ଶବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଶାନ୍ତ କୁମାର ଦାଶ ପ୍ରମୁଖ ଯୋଗ ଦେଇ ଅଭିଯୋଗ ଶୁଣାଣି କରିଥିଲେ । ଆଜିର ଶିବିରରେ ମୋଟ ୧୦୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ତାହା ମଧ୍ୟରୁ ୯୬ଟି ବ୍ୟକ୍ତିଗତ, ୪ଟି ଗ୍ରାମ ସମସ୍ୟା ରହିଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ୭ଟି ଅଭିଯୋଗ ସମାଧାନ କରାଯାଇଥିଲା । ମୋଟ ୨୩ଟି ଅଭିଯୋଗକୁ ତତ୍କାଳ ସମାଧାନ କରାଯାଇଥିବା ସୂଚନା ମିଳିଛି ।

# ଫ୍ଲିପ୍‌କାର୍ଟ କର୍ମଚାରୀଙ୍କ ଧାରଣା ପ୍ରତ୍ୟାହୃତ

ଚୌଦ୍ୱାର,(ପିପିଏସ୍):ଚୌଦ୍ୱାର ନିକଟ କଜଳକଣାସ୍ଥିତ ଫ୍ଲିପ୍‌କାର୍ଟ କମ୍ପାନୀରେ ବିଭିନ୍ନ ସମସ୍ୟାକୁ ନେଇ ଏହାର କର୍ମଚାରୀମାନେ ଆଜକୁ ୩ଦିନ ହେବ ଦେଇଥିବା ଧାରଣା ସୋମବାର ଦିନ ପ୍ରତ୍ୟାହୃତ ହୋଇଛି । କମ୍ପାନୀର ମନୋମୁଖୀ କାର୍ଯ୍ୟ, ବିନା ନୋଟିସରେ କର୍ମଚାରୀ ଛଟେଇ ସମେତ ୧୧ଦଫା ଦାବି ନେଇ କର୍ମଚାରୀ ମାନେ ଶୁକ୍ରବାର ଠାରୁ କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ । କମ୍ପାନୀ କର୍ତ୍ତୃପକ୍ଷ ସୋମବାର ଧାରଣାକାରୀ ମାନଙ୍କୁ ଭେଟି ବର୍ତ୍ତମାନ ପାଇଁ କିଛି ଦାବି ପୂରଣ କରିବା ସହିତ ଆଗାମୀ ଦିନରେ ଅନ୍ୟଦାବି ଗୁଡିକ ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି କରାଯିବ ବୋଲି ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡିଛି ।

# ତିନି ଡକାୟତଙ୍କୁ କାବୁକଲା ଯାଜପୁର ପୁଲିସ

ଯାଜପୁର (ପିପିଏସ): ଯାଜପୁର ପୁଲିସକୁ ମିଳିଛି ବଡ଼ ସଫଳତା । ଡକାୟତି ଉଦ୍ୟମ ପଣ୍ଡ କଲା ପୋଲିସ । ବଡ ଧରଣର ଡକାୟତି ପାଇଁ ଯୋଜନା ଚାଲିଥିବା ବେଳେ ୩ ଲୁଟେରାଙ୍କୁ କାବୁ କଲା ଯାଜପୁର ଟାଉନ୍ ଥାନା ପୁଲିସ । ଗତକାଲି ବିଳମ୍ବିତ ରାତିରେ ଯାଜପୁର ସହରର ମହାବୀର ଛକ ନିକଟରେ ଥିବା ପୂର୍ଣ୍ଣିମା ଦେବୀ ସ୍କୁଲ ପଡିଆରେ ଆଗକୁ ଡକାୟତି କରିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଲୁଟେରାଙ୍କୁ କାବୁ କଲା ପୋଲିସ । ୭ ଜଣ ଲୁଟେରା ଏକ ବଡ ଧରଣର ଡକାୟତି ପାଇଁ ଯୋଜନା କରୁଥିଲେ । ଠିକ୍ ଏହି ସମୟରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଥିବା ବେଳେ ୪ଜଣ ପୁଲିସ ଆଖିରେ ଧୂଳି ଦେଇ ସେଠାରୁ ଫେରାର ହୋଇ ଯାଇଥିଲେ । ଗିରଫ ଅଭିଯୁକ୍ତ ହେଲେ ଦଶରଥପୁର ବ୍ଲକ ବିରଜାପୁର ଅଞ୍ଚଳର ଶିବାନି ଦାସ, ଆଲୋକ ଦାସ ଓ ପ୍ରଶାନ୍ତ ଦାସ । ସେମାନଙ୍କ ଠାରୁ ତେଲେଙ୍ଗା କାତି, ଲୁହାରଡ଼, ଲଙ୍କାଗୁଣ୍ଡ ପାଉଡର ସମେତ ବିଭିନ୍ନ ମାରଣାସ୍ତ୍ର ଓ ଅପାରାଧିକ ସାମଗ୍ରୀ ଜବତ ହୋଇଛି । ଟାଉନ୍ ଥାନା ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ଯାଜପୁର ଏସଡିପିଓ ପ୍ରଶାନ୍ତ କୁମାର ମାଝୀ । ଏହି ସାମ୍ବାଦିକ ସମ୍ମିଳନୀରେ ଯାଜପୁର ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ ।

# ସହର ମଧ୍ୟରେ ସମସ୍ତ ସିସିଟିଭି କ୍ୟାମେରା ଅଚଳ




ତାଳଚେର, (ପିପିଏସ୍): ତାଳଚେର ପୌରାଞ୍ଚଳ, ସରକାରୀ କାର୍ଯ୍ୟାଳୟ , ତାଳଚେର ଥାନା, ଉପ ଜିଲ୍ଲାପାଳଙ୍କ ଅଫିସ ରାସ୍ତା ଘାଟ ଇଲେଟ୍ରି ଖୁଣ୍ଟରେ ଚାରି ଦିଗକୁ ଲାଗିଥିବା ଲାଗିଥିବା ସମସ୍ତ ସି ସି ଟିଭି କ୍ୟାମେରା ଏବେ ଅଚଳ । ସହର ମଧ୍ୟରେ ଅପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣାଧୀନ ପାଇଁ ଓ ଚୋରା ଅବକାରୀ ଦବ୍ୟ ଉପରେ ନଜର ରଖିବା ସହିତ ଜନଗହଳି ପୂର୍ଣ୍ଣ ସ୍ଥାନରେ ଛୋଟମୋଟ ଘଟଣା, ଚୋରି, ରାହାଜାନୀ ,ମହିଳାଙ୍କ ପ୍ରତି ଅସୋଭୋନିୟ ଆଚରଣ ପ୍ରଦର୍ଶନ କରୁଥିବା ରୋଡ ରୋମିୟଙ୍କ ଉପରେ ନଜର ରଖିବାକୁ ଓ ଦୃତ୍ ଗତିରେ ମୋଟର ସାଇକେଲ ଚଳାଇ ଆତଙ୍କ ଖେଳାଉ ଥିବା ଅସାମାଜିକ ଯୁବକଙ୍କ ଗତିବିଧି ,ଫେରି ବାଲା , ବଙ୍ଗଳା ଦେଶୀମାନଙ୍କ ଗତିବିଧି ଉପରେ ନଜର ରଖିବାକୁ ଏହି ସି ସି ଟିଭି କ୍ୟାମେରା ବ୍ୟବସ୍ଥା ଜିଲ୍ଲା ପ୍ରଶାସନ କରିଥିଲା କିନ୍ତୁ ଏହାର ରକ୍ଷଣା ବେକ୍ଷଣ କରିବା ନିମିତ ସ୍ଥାନୀୟ ପ୍ରଶାସନ ଭୁଲିଯାଇ ଥିଲା ,ଜିଲ୍ଲା ଖଣିଜ ପାଣ୍ଠିର ଅପବ୍ୟବହାର ଏହା ଏକ ଜ୍ୱଳନ୍ତ ଉଦାହରଣ । ଶୁଣିବାକୁ ମିଳେ ଯେଉଁ କମ୍ପାନୀ ବା ଠିକାଦାର ଏହି ସି ସି ଟିଭି କ୍ୟାମେରା ଲଗାଇବା ଟେଣ୍ଡର ପାଇଥିଲା ସେ କୁଆଡେ ବିଲ ନପାଇ ଘୂରୁଛି, ସେ କମ୍ପାନୀ କିଏ କେତେ ଲକ୍ଷ ବା କୋଟିର ଟେଣ୍ଡର କେତେ ପର୍ସେନଟେଜ ଲେସ୍‌ରେ କାମ ନେଇଥିଲା କିମ୍ବା କେତେ ଦେଇ ନେଇ ହେଉ କି ରାଜନୈତିକ ଚାପରେ ହେଉ ସେ କାମ ପାଇଥିଲା ତାର କିଛି ଖୋଜ ଖବର ନାହିଁ । ସି ସି ଟିଭି ଲାଗିଲା ବେଳେ ଯେଉଁ ଅଫିସର୍ ମାନେ କାର୍ଯ୍ୟରତ ଥିଲେ ସେମାନେ ଅନ୍ୟତ୍ର ବଦଳି ହୋଇ ଗଲେଣି ଏବେ ସି ସି ଟିଭି ଯାଞ୍ଚ, ଅଚଳ ଅବସ୍ଥାରେ ସୁଧାର ଆଣିବା ପାଇଁ ପ୍ରୟାସ ହେଉନଥିବା ସାଧାରଣରେ ଆଲୋଚନା ହେଉଛି । ତାଳଚେର ସହର ମଧ୍ୟରେ ପାଉଡର ଚରସ୍ ଖିଆ ନିଶାଡିଙ୍କ ସଂଖ୍ୟା ବଢ଼ି ଚାଲିଛି । ପାଣି ପାଇପ ମିଟର ଚୋରି ସହିତ ଏବେ ସି ସି ଟିଭି କ୍ୟାମେରା ଖୋଲି ନେବାକୁ ଯୋଜନା କରିସାରିଥିବା ଅନୁମାନ ଓ ଆଶଙ୍କା ହେଉଛି । ସି ସି ଟିଭି ଚୋରି ହେଲେ ଚୋର ଧରିବା ପୋଲିସ ପାଇଁ ଏକ ଚ୍ୟାଲେଞ୍ଜ ସଦୃଶ ପରିସ୍ଥିତି ସୃଷ୍ଟି କରିବ । ପୌରାଞ୍ଚଳ ବଡ୍ ବାଜାର ,ବାଇପାସ୍ ଛକ ଓ ଜନଗହଳି ପୂର୍ଣ୍ଣ ହାତତୋଟା ମାର୍କେଟ, ଶର୍ମା ଛକ , ହାଣ୍ଡିଧୁଆ ଛକ ,ରେଳ ଷ୍ଟେସନ ବଜାର ପ୍ରଭୁତି ଅଞ୍ଚଳ ମଧ୍ୟରେ ଥିବା ସି ସି କ୍ୟାମେରା ଅଚଳକୁ ନେଇ ପୌରାଧକ୍ଷ ପବିତ୍ର କୁମାର୍ ଭୂତିଆ ଓ ଦୁଇ ନମ୍ବର୍ ୱାର୍ଡ କାଉନସିଲର ଯଶୋବନ୍ତ ମିଶ୍ର, ଏକ ନମ୍ବର୍ ୱାର୍ଡ କାଉନସିଲର ଆସିଫ ଖାଁ, ସମାଜ ସେବୀ ବିଦ ଦାସ ପ୍ରଭୁତି ବିଚଳିତ ହୋଇ ରଥଯାତ୍ରା ପୂର୍ବରୁ ସମସ୍ତ ସି ସି କ୍ୟାମେରା ସଜାଡି ଦେବା ପାଇଁ ଦାବି କରିଛନ୍ତି ।

# ନିର୍ବାଚନ ଦିବସରେ ବିଜେପିର ସଫେଇ କାର୍ଯ୍ୟକ୍ରମ



ଚାରିଛକ,(ପିପିଏସ): ବିଜେପି ଦଳ ପକ୍ଷରୁ ନିର୍ବାଚନ ଦିବସ ପାଳନ ଅବସରରେ ନିମାପଡ଼ା ନିର୍ବାଚନମଣ୍ଡଳୀରେ ଥିବା ୨୮୩ଟି ମତଦାନ କେନ୍ଦ୍ରରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି । ଏହି ଅବସରରେ ବୁଥ ଗୁଡ଼ିକରେ କର୍ମୀ ବୈଠକ ଅନୁଷ୍ଠିତ ହେବା ସହ ମତଦାନ କେନ୍ଦ୍ରଗୁଡ଼ିକ ସଫାସୁତରା ପରିଛନ୍ନ କରାଯାଇଛି । ବିଜେପି ଯେଉଁସବୁ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲା ସରକାରର ଏକ ବର୍ଷପୂର୍ତ୍ତି ପାଳନ ଅବସରରେ ନିମାପଡ଼ାର ଅନେକ ସମାସ୍ୟାର ସମାଧାନ କରାଯାଇଛି ଏବଂ କେତେକ ନୂତନ ସମାସ୍ୟା ମୁଣ୍ଡ ଟେକିଛି । ସେଗୁଡ଼ିକ ସମାଧାନ କରିବାପାଇଁ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିକଶିତ ନିମାପଡ଼ାକୁ ସାର୍ଥକ କରିବା ଉଦ୍ଦେଶ୍ୟରେ ହୋଇଥିବା ପ୍ରତ୍ୟେକ କର୍ମୀ ଓ ସଦସ୍ୟମାନେ ବୁଥରଗୁଡ଼ିକର ସର୍ବାଙ୍ଗିନ ଉନ୍ନତି ପାଇଁ ଆଲୋଚନା କରାଯାଇ ନୂତନ ରୋଡମ୍ୟାପ ପ୍ରସ୍ତୁତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ନିମାପଡ଼ା ନିର୍ବାଚନମଣ୍ଡଳୀର ୯ ହଜାର କର୍ମୀ ଓ ସଦସ୍ୟମାନେ ଅଂଶ ଗ୍ରହଣ କରିଥିଲେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି ।

# ହରି ସାର ଚାଲିଗଲେ

କେନ୍ଦ୍ରାପଡା (ପିପିଏସ୍): ଆଜି ପୂର୍ବାହ୍ନରେ ବଡ ଠାକୁର ବଳଦେବଜୀଉଙ୍କ ସେବକ ତଥା କେନ୍ଦ୍ରାପଡା ଅଂଚଳକ ପରିଚିତ ପ୍ରାକ୍ତନ ଆଦର୍ଶ ଶିକ୍ଷକ ଓ କେନ୍ଦ୍ରାପଡା ପୌର ପରିଷଦର ପୂର୍ବତନ ସଭ୍ୟ ହରିହର ପଣ୍ଡା ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ବାର୍ଦ୍ଧକ୍ୟ ଜନିତ ରୋଗ କାରଣରୁ ୮୮ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି । ଜୀବନର ଶେଷ ସମୟ ପର୍ଯ୍ୟନ୍ତ ହରି ସାର ଚଳଚଂଚଳ ରହିଥିଲେ । ତାଙ୍କର ଅନ୍ତିମ ସଂସ୍କାର ନିଜସ୍ୱ ଗ୍ରାମ ଟାଉନ ବଳରାମପୁରର ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଛି । ତାଙ୍କର ଦେହାନ୍ତରେ କେନ୍ଦ୍ରାପଡା ଅଂଚଳରେ ଶୋକର ଛାୟା ଖେଳିଯାଇଛି ।


# ଚନ୍ଦନେଶ୍ୱର ମହାଦେବଙ୍କ ବିବାହ ଉତ୍ସବ

ଚୌଦ୍ୱାର,(ପିପିଏସ୍):ପବିତ୍ର ଶୀତଳ ଷଷ୍ଠୀ ଅବସରରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଇନ୍ଦ୍ରାଣୀପାଟଣା ପଞ୍ଚାୟତର ଚଷାପଡ଼ାସ୍ଥିତ ଶ୍ରୀଶ୍ରୀ ଚନ୍ଦନେଶ୍ୱର ମହାପ୍ରଭୁ ଓ ମାତା ପାର୍ବତୀଙ୍କ ଶୁଭ ବିବାହ ଉତ୍ସବ ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଚନ୍ଦନେଶ୍ୱର ମନ୍ଦିରରେ ଆୟୋଜିତ ଏହି କାର୍ଯକ୍ରମରେ ପ୍ରଭୁଙ୍କ ଚଳନ୍ତି ପ୍ରତିମାକୁ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା । ଆୟୋଜିତ ବିବାହ ଉତ୍ସବରେ ମୁଣ୍ଡମାଳ ନିବାସୀ ପ୍ରତାପ ରାଉତ ଓ ସୁକାନ୍ତି ରାଉତ ବର ପିତାମାତା ଏବଂ ରାମଚନ୍ଦ୍ର ସାହୁ ଓ ସଂଯୁକ୍ତା ସାହୁ କନ୍ୟା ପିତାମାତା ଭାବେ ବିବାହ କର୍ମ ସମ୍ପନ୍ନ କରିଥିଲେ । ଏହି ଅବସରରେ ସଂଧ୍ୟାରେ ଭଜନ କାର୍ଯ୍ୟକ୍ରମ ସହିତ ବର ଓ କନ୍ୟାପକ୍ଷଙ୍କ ପାଇଁ ଭୋଜି ଭାତର ଆୟୋଜନ କରାଯାଇଥିଲା । ମନ୍ଦିର ପରିଚାଳନା କମିଟି ସଭାପତି ତ୍ରିବିକ୍ରମ ଚରଣ ବେହେରା, ସମ୍ପାଦକ ତ୍ରିଲୋଚନ ରାଉତ, ବ୍ରଜେନ୍ଦ୍ର ନାୟକ, ଲକ୍ଷ୍ମୀଧର ଦାସ, ଅଭିରାମ ରାଉତ, କୃଷ୍ଣଚନ୍ଦ୍ର ସ୍ୱାଇଁ, ନୀଳମଣି ଗୋଚ୍ଛାୟତ, ରସାନନ୍ଦ ପ୍ରଧାନ, କାଳନ୍ଦୀ ଗୋଚ୍ଛାୟତ ପ୍ରମୁଖଙ୍କ ସମେତ ଚଷାପଡ଼ା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବ୍ୟବସାୟୀଙ୍କ ବିୟୋଗରେ ପାରାଦୀପ ବଣିକ ସଙ୍ଘର ଶୋକସଭା

ପାରାଦୀପ (ପିପିଏସ୍): ପାରାଦୀପ ବଡ଼ପଡ଼ିଆ ମାର୍କେଟ ର ଜଣାଶୁଣା ପୁରାତନ ବ୍ୟବସାୟୀ ବନମାଳୀ ସାହୁଙ୍କ ଗତ ଗୁରୁବାର ଦିନ ୮୦ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି କ୍ଷ ତାଙ୍କ ବିୟୋଗରେ ପାରାଦୀପ ପୋର୍ଟ ବଣିକ ସଙ୍ଘ ପରିସରରେ ସଭାପତି କ୍ଷୀରୋଦ କୁମାର ସ୍ୱାଇଁଙ୍କ ସଭାପତିତ୍ୱ ରେ ସୋମବାର ସକାଳେ ଏକ ଶୋକସଭା ଆୟୋଜିତ ହୋଇଯାଇଛି । ଏଥିରେ ସଂଘର କାର୍ଯ୍ୟକାରୀ ସଭାପତି ଗୋଲେଖ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଅମୀୟ କୁମାର ପାଣି ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗୀୟ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ବହୁ ବ୍ୟବସାୟୀ ଉପସ୍ଥିତ ରହି ସ୍ୱର୍ଗତ ସାହୁଙ୍କ ଫୋଟଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଶୁମନ ଜ୍ଞାପନ କରିଥିଲେ । ତାଙ୍କ ସମାନାର୍ଥେ ସକାଳେ ବଡ଼ପଡ଼ିଆ ମାର୍କେଟ ଏକ ଘଣ୍ଟା ପାଇଁ ବନ୍ଦ ରହିଥିଲା ।

# ଜାତୀୟ ପତାକା ଅବମାନନା ଓ ଅରାଜକତା ସୃଷ୍ଟି ଅଭିଯୋଗରେ ସର୍କେଲଙ୍କୁ ଗିରଫ ଦାବିକଲା ଦୁଇ ସଂଗଠନ



ପାରାଦୀପ (ପିପିଏସ୍): ନିକଟରେ ସୋସିଆଲ ମିଡିଆରେ ଏକ ବାର୍ତ୍ତା ପ୍ରଦାନ ବେଳେ ଜନୈକ ଆତ୍ମଘୋଷିତ ନେତା ଅରିନ୍ଦମ ସର୍କେଲ ଓରଫ ବାପି ସର୍କେଲ ଜାତୀୟ ପତାକା କୁ ଅବମାନନା କରିବା ଅଭିଯୋଗରେ ପାରାଦୀପ ସିଟିଜେନ ଫୋରମ ଏବଂ ନାରାୟଣ ବୀରବର ସାମନ୍ତ ଚାରିଟେବୁଲ ଟ୍ରଷ୍ଟ ସଂଗଠନ ପକ୍ଷରୁ ସୋମବାର ଦିନ ପାରାଦୀପ ଆଦର୍ଶ ଥାନାରେ ପୃଥକ ଭାବେ ଏତଲା ଦାୟର କରାଯାଇଛି । ସିଟିଜେନ ଫୋରମର ସଭାପତି ଶଶାଙ୍କ ଶେଖର ଆଚାର୍ଯ୍ୟ ଏବଂ ବୀରବର ସାମନ୍ତ ଚାରିଟେବୁଲ ଟ୍ରଷ୍ଟର ଟ୍ରଷ୍ଟି ସୁଶାନ୍ତ କୁମାର ସ୍ୱାଇଁ ସେମାନଙ୍କ ସମର୍ଥକଙ୍କ ସହିତ ଆଦର୍ଶ ଥାନାର ଅଧିକାରୀ କାବୁଲି ବାରିକଙ୍କୁ ଭେଟି ଏତଲା ଦେବା ସହ ବାପି ସର୍କେଲକୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ । ଏତଦବ୍ୟତୀତ ନିଜର ପରିଚୟ ନଥିବା ତଥା ଅତୀତରେ ଦୁଇ ଦୁଇଟା ହତ୍ୟା ଘଟଣାରେ ଗିରଫ ହୋଇ ଜେଲ ଯାଇଥିବା ସର୍କେଲ ପାରାଦୀପରେ ତାର ଅସାମାଜିକ କାର୍ଯ୍ୟକଳାପ ଏବଂ ଶାନ୍ତ ସହର ପାରାଦୀପରେ ଅଶାନ୍ତିର ବାତାବରଣ ସୃଷ୍ଟି କରିବା ସହ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ ବୋଲି ଶ୍ରୀ ଆଚାର୍ଯ୍ୟ ଓ ଶ୍ରୀ ସ୍ୱାଇଁ ଅଭିଯୋଗ କରିଛନ୍ତି । ତେବେ ଅତୀତରେ ପାରାଦୀପରେ ଯୁବନେତା ମୁନା ପତି ହତ୍ୟା ଘଟଣା ଓ ଅନ୍ୟ ସଂଗଠିତ ଅପରାଧିକ ଘଟଣାରେ ବାପି ସର୍କେଲଙ୍କ ସଂଲିଷ୍ଟ ଅଭିଯୋଗକୁ ଭିତ୍ତିକରି ସିବିଆଇ ତଦନ୍ତ ନିମନ୍ତେ ସିଟିଜେନ ଫୋରମ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯିବ ବୋଲି ଫୋରମର ସଭାପତି ଶଶାଙ୍କ ଆଚାର୍ଯ୍ୟ ସୂଚନା ଦେଇଛନ୍ତି । ବିଭିନ୍ନ ସମୟରେ ନିଜକୁ କେତେବେଳେ ଶ୍ରମିକ ନେତା, ରାଜନେତା ଓ ଆଉ କେତେବେଳେ କର୍ପୋରେଟ ନେତା ଭାବେ କହି ସମ୍ପୃକ୍ତ ବ୍ୟକ୍ତି ସ୍ଥାନୀୟ ଯୁବ ନେତୃତ୍ୱଙ୍କ ନାମରେ ମିଥ୍ୟା ଅଭିଯୋଗରେ ସେମାନଙ୍କୁ ଜେଲ ପଠାଇବା, କମ୍ପାନୀମାନଙ୍କ ଠାରୁ ସମସ୍ତ କାର୍ଯ୍ୟ ହାତେଇ କମିଶନ ନେଇ ବାହାର ଲୋକଙ୍କୁ କାମ ଓ ନିଯୁକ୍ତି ଦେବା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ବେକାରୀ ଓ ବେରୋଜଗାରୀଙ୍କ ସଂଖ୍ୟା ବୃଦ୍ଧି ପାଇ ଏକ ସମସ୍ୟା ସୃଷ୍ଟି ହୋଇଛି । ତେବେ ସରକାର ପରିବର୍ତ୍ତନ ପରେ ଏବେ ପାରାଦୀପରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣକୁ ଆସିବା ସହ ଏପରି ଅସାମାଜିକ ବ୍ୟକ୍ତି ଓ ସେମାନଙ୍କ କାର୍ଯ୍ୟକଳାପ ଉପରେ ରୋକ ଲାଗିଛି । ତେଣୁ ଏଥିରେ ବ୍ୟତିବ୍ୟସ୍ତ ହୋଇ ବାପି ସର୍କେଲ ସ୍ଥାନୀୟ ନେତୃତ୍ୱ ଓ ପ୍ରଶାସନ ବିରୁଦ୍ଧରେ ବିଭିନ୍ନ ମିଥ୍ୟା ଖବର ପ୍ରସାର କରି ସାଧାରଣରେ ଉତ୍ତେଜନା ସୃଷ୍ଟି କରୁଛି । ତେଣୁ ଏଭଳି କାର୍ଯ୍ୟକଳାପ ବନ୍ଦ ନହେଲେ ଏବଂ ଏଭଳି ଅପରାଧୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ପାରାଦୀପରେ ଏକ ଜନଆନ୍ଦୋଳନ କରାଯିବ ବୋଲି ଶ୍ରୀ ଆଚାର୍ଯ୍ୟ ଓ ଶ୍ରୀ ସ୍ୱାଇଁ ଚେତାବନୀ ଦେଇଛନ୍ତି ।


**ଭାରତୀୟ ଭାଷା ସଂସ୍ଥାନ**
**(ଶିକ୍ଷା ମନ୍ତ୍ରାଳୟ, ଉଚ୍ଚଶିକ୍ଷା ବିଭାଗ, ଭାରତ ସରକାର)**
**ମାନସଗଙ୍ଗୋତ୍ରୀ, ମହୀଶୂର-୫୭୦୦୦୬**
**ଭାଷା ପ୍ରଶିକ୍ଷଣରେ ଡିପ୍ଲୋମା (ଜୁଲାଇ ୨୦୨୫- ଏପ୍ରିଲ ୨୦୨୬)**
**(The last date for receipt of duly filled-in application at Central Institute of Indian Languages, Manasagangotri, Mysuru is 30th June 2025)**

ଭୁବନେଶ୍ୱର, ମହୀଶୂର, ପୁଣେ, ପଟିଆଲା, ସୋଲନ୍, ଲକ୍ଷ୍ନୌ, ଓ ଗୁଆହାଟିଠାରେ ଅବସ୍ଥିତ ସାତୋଟିଆଞ୍ଚଳିକ ଭାଷା କେନ୍ଦ୍ରରେ ପାଇଁଅସମୀୟା, ବାଂଲା, ବୋଡ଼ୋ, ଡୋଗ୍ରୀ, ଗୁଜୁରାଟି, କନ୍ନଡ଼, କାଶ୍ମୀରୀ, କୋଙ୍କଣୀ, ମୈଥିଳୀ, ମାଲାୟାଲମ୍, ମଣିପୁରୀ, ମରାଠୀ, ନେପାଳୀ, ଓଡ଼ିଆ, ପଞ୍ଜାବୀ, ସାନ୍ତାଳୀ, ସିନ୍ଧି, ତାମିଲ, ତେଲୁଗୁଏବଂ ଉର୍ଦ୍ଦୁଭାଷାରେ ଭାରତୀୟ ଭାଷା ସଂସ୍ଥାନଦ୍ୱାରା ଦିଆଯାଉଥିବା ଆଧୁନିକ ଭାରତୀୟ ଭାଷା ପ୍ରଶିକ୍ଷଣ ଡିପ୍ଲୋମା କାର୍ଯ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ଆବେଦନ ଆହ୍ୱାନ କରାଯାଉଛି ।

ଏହିଭାଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଇଁସେବାରତ ଶିକ୍ଷକ, ସମ୍ଭାବ୍ୟ ଶିକ୍ଷକ, ଗବେଷକ, ଏବଂ ସାଧାରଣ ଜନତା ଉପରୋକ୍ତ ତାରିଖ କିମ୍ବା ପୂର୍ବରୁନିର୍ଦ୍ଦେଶକ, ଭାରତୀୟ ଭାଷା ସଂସ୍ଥାନ, ମହୀଶୂର - ୫୭୦୦୦୬ଙ୍କ ନିକଟରେ ଆବେଦନ କରିପାରିବେ । ଅଧିକ ବିବରଣୀ ପାଇଁ www.ciil.org/langtraining.php ପରିଦର୍ଶନ କରନ୍ତୁ ।

ଇଚ୍ଛୁକ ଆବେଦନକାରୀ ଉଭୟ ଅନ୍ ଲାଇନ କିମ୍ବା ଅଫ୍ ଲାଇନ୍‌ରେ https://ciil.org/admission ପୃଷ୍ଠାକୁ ଯାଇ ଆବେଦନ କରିପାରିବେ । ଅନ୍ଲାଇନ୍‌ରେ ଆବେଦନ କରୁଥିବା ଆବେଦନକାରୀଙ୍କୁ ପ୍ରିଣ୍ଟ କପି ମଧ୍ୟ ପଠାଇବାକୁ ପଡ଼ିବ ଏବଂ ଯଦି ଆବେଦନକାରୀ ଅଫ୍ ଲାଇନ୍ ମାଧ୍ୟମରେ ଆବେଦନ କରିବାକୁ ଚାହାଁନ୍ତି ତେବେ ୱେବ ସାଇଟରୁ ଆବେଦନ ପତ୍ର ଡାଉନ୍‌ଲୋଡ କରିପାରିବେ ଓ ନିର୍ଦ୍ଦେଶକ, ଭାରତୀୟ ଭାଷା ସଂସ୍ଥାନ, ମାନସଗଙ୍ଗୋତ୍ରୀ, ମହୀଶୂର - 570006 ଠିକଣାରେ ଧାର୍ଯ୍ୟ ତାରିଖ ପୂର୍ବରୁଦାଖଲ କରିପାରିବେ । ଆବେଦନ ଶୁଳ୍କ QR କୋଡ୍‌କିମ୍ବା ଯେ କୌଣସି ରାଷ୍ଟ୍ରୀୟ କୃତ ବ୍ୟାଙ୍କ ବ୍ୟାଙ୍କ ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ ଜମା କରିପାରିବେ ।

**ସ୍ୱା/- ନିର୍ଦ୍ଦେଶକ, ଭାରତୀୟ ଭାଷା ସଂସ୍ଥାନ**
**ମାନସଗଙ୍ଗୋତ୍ରୀ, ମହୀଶୂର**
**cbc21248/12/0001/2526**

# ଆଇପିଏଲ୍ ମହାସମର ବେଙ୍ଗାଲୁରୁ ବନାମ ପଞ୍ଜାବ ଫାଇନାଲ୍ ଆଜି

ନୂଆଦିଲ୍ଲୀ: ଆସନ୍ତାକାଲି ଅର୍ଥାତ ଜୁନ୍ ୩ରେ ଖେଳାଯିବ ଆଇପିଏଲ ମେଗା ଫାଇନାଲ। ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ଫାଇନାଲ ଫାଇଟ୍ ଅନୁଷ୍ଠିତ ହେବ । ତେବେ ଚଳିତ ଥର ଆଇପିଏଲରେ ନୂଆ ଚାମ୍ପିଅନ୍ ଦେଖିବାକୁ ମିଳିବ। କାହିଁକି ନା ଉଭୟ ପଞ୍ଜାବ ଓ ବେଙ୍ଗାଲୁରୁ ଏପର୍ଯ୍ୟନ୍ତ ଆଇପିଏଲରେ କୌଣସି ଟ୍ରଫି ଜିତି ନାହାନ୍ତି।

ତେବେ ଏହି ଫାଇନାଲ ମ୍ୟାଚ୍ ପୂର୍ବରୁ ନ୍ୟୁ ଚଣ୍ଡିଗଡ଼ରେ ଖେଳାଯାଇଥିବା ପ୍ରଥମ କ୍ୱାଲିଫାୟାର ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା ବେଙ୍ଗାଲୁରୁ । ତେବେ ଦ୍ୱିତୀୟ କ୍ୱାଲିଫାୟାର ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ ମୁମ୍ବାଇ ଇଣ୍ଡିଆନ୍ସକୁ ପାଞ୍ଚ ଓ୍ୱିକେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଏହା ସହିତ, ଆଇପିଏଲ୍ ଇତିହାସରେ ଦ୍ୱିତୀୟ ଥର ପାଇଁ ପଞ୍ଜାବ ଫାଇନାଲରେ ପ୍ରବେଶ କରିଛି। ଏହା ପୂର୍ବରୁ ପଞ୍ଜାବ ୨୦୧୪ରେ ଆଇପିଏଲ୍ ଫାଇନାଲ୍ ଖେଳିଥିଲା । କିନ୍ତୁ ଏହି ମ୍ୟାଚ୍‌ରେ ପରାଜୟର ସ୍ୱାଦ ଚାଖିଥିଲା।

ସେହିପରି ବେଙ୍ଗାଲୁରୁ ମଧ୍ୟ ୯ ବର୍ଷ ପରେ ଆଇପିଏଲ ଫାଇନାଲ ଖେଳିବାକୁ ଯାଉଛି। ପୂର୍ବରୁ ଆରସିବି ୨୦୦୯, ୨୦୧୧ ଏବଂ ୨୦୧୬ରେ ଫାଇନାଲ ଖେଳିଥିଲା। ଯଦି ଆଇପିଏଲ ଇତିହାସ କଥା ଦେଖିବା ତାହାଲେ, ୧୪ ଥର ମଧ୍ୟରୁ ୧୧ ଥର, ଯେଉଁ ଦଳ ପ୍ରଥମ କ୍ୱାଲିଫାୟାର ଜିତିଛି, ସେହି ଦଳ ଆଇପିଏଲ ଟ୍ରଫି ନିଜ ନାଁରେ କରିଛି। ୨୦୦୮ରୁ ୨୦୧୦ ମସିହା ପର୍ଯ୍ୟନ୍ତ ଆଇପିଏଲର ନକ୍‌ଆଉଟ୍ ମ୍ୟାଚ୍



ସେମି ଫାଇନାଲ ଫର୍ମାଟରେ ଖେଳାଯାଉଥିଲା। ସେହି ସମୟରେ ଦୁଇଟି ସେମିଫାଇନାଲ ଏବଂ ଗୋଟିଏ ଫାଇନାଲ ମ୍ୟାଚ୍ ଖେଳାଯାଉଥିଲା । କିନ୍ତୁ ୨୦୧୧ ମସିହାରେ ଏହି ନିୟମରେ ପରିବର୍ତ୍ତନ ହୋଇଥିଲା ଏବଂ ପ୍ଲେ ଅଫ୍‌ଆରମ୍ଭ ହୋଇଥିଲା। ନୂଆ ସିଷ୍ଟମ୍ ଅନୁଯାୟୀ, ପଏଣ୍ଟ ଟେବୁଲରେ ଶୀର୍ଷ-୨ରେ ଥିବା ଦଳଗୁଡ଼ିକୁ ଫାଇନାଲରେ ପହଞ୍ଚିବା ପାଇଁ ଦୁଇଟି ସୁଯୋଗ ମିଳିଥାଏ। ନୂତନ ପ୍ଲେ-ଅଫ୍ ସିଷ୍ଟମ ପ୍ରଚଳନ ହେବା ପରଠାରୁ, ୨୦୨୪ ପର୍ଯ୍ୟନ୍ତ, କ୍ୱାଲିଫାୟର-୧ ଜିତିଥିବା ଦଳ ସେହି ସିଜନରେ ୧୧ ଥର ଟ୍ରଫି କବଜା କରିଛି । ତେବେ ଚଳିତ ଥର ଏହି ରେକର୍ଡ ରିପିଟ୍ ହେଉଛି ନା ନାହିଁ ତାହା ଜୁନ୍ ୩ ପରେ ହିଁ ଜଣାପଡ଼ିବ।

**ଫାଇନାଲ୍ ପୂର୍ବରୁ ଫାଇନାଲ୍ ଭ୍ରମ:** ଚଳିତ ଆଇପିଏଲ୍‌ର ଫାଇନାଲ୍ ମ୍ୟାଚ୍ ମଙ୍ଗଳବାର ଖେଳାଯିବ। କିନ୍ତୁ ମୋଟେରାର ନରେନ୍ଦ୍ର ମୋଦୀ ଷ୍ଟାଡ଼ିୟମ୍ ରବିବାର ଫାଇନାଲ୍ ଖେଳାଯିବା ଭଳି ଭ୍ରମ ସୃଷ୍ଟି ହୋଇଥିଲା। ଏହାର ଗୋଟିଏ କାରଣ ଥିଲା ମୁମ୍ବାଇ ଇଣ୍ଡିଆନ୍ସ ଓ ପଞ୍ଜାବ କିଙ୍ଗ୍ସ କ୍ୱାଲିଫାୟରର-୨ ପାଇଁ ଦର୍ଶକଙ୍କ ଉତ୍ସାହ ଓ ଉପସ୍ଥିତିକୁ ନେଇ। ସୁପର୍ ସଣ୍ଡେରେ ଏକ ସୁପର୍ ଫାଇନାଲ୍ ଖେଳାଯାଉଥିବାର ଅନୁଭବ ଆସିଥିଲା। ମୁମ୍ବାଇ ଇଣ୍ଡିଆନ୍ସକୁ ପ୍ରଶଂସକଙ୍କ ଅଧିକ ସମର୍ଥନ ମିଳୁଥିଲା। ସେମାନଙ୍କ ହାତରେ ମୁମ୍ବାଇ ଇଣ୍ଡିଆନ୍ସର ପତାକା ବି ଫର ଫର ଉଡୁଥିଲା। ପ୍ରୀତି ଜିଣ୍ଟାଙ୍କ ଦଳକୁ ବି କିଛି କମ୍ ସମର୍ଥନ ମିଳୁନଥିଲା। ଅଧିକାଂଶ ଷ୍ଟାଣ୍ଡରେ ବି ପଞ୍ଜାବର ଲାଲ ଝଣ୍ଡାର ଉପସ୍ଥିତି ଥିଲା। ଫାଇନାଲ୍ ଦ୍ୱନ୍ଦ୍ୱର ଅନ୍ୟ କାରଣଟି ଥିଲା ଭିନ୍ନ। ମୋଟେରା ଷ୍ଟାଡିୟମ୍ ଚତୁଃପାର୍ଶ୍ୱରେ ଏକାଧିକ ବଡ଼ ସ୍କ୍ରିନ୍‌ରେ ଲେଖାଥିଲା 'ଆଇପିଏଲ୍ ଫାଇନାଲ୍'। କିନ୍ତୁ ପାର୍ଶ୍ୱରେ ଥିଲା ହାର୍ଦିକ ପାଣ୍ଡ୍ୟା ଓ ଶ୍ରେୟସ ଆୟରଙ୍କ ତୈଳଚିତ୍ର। ଯାହାକି ଭୁଲ୍‌ରେ ରବିବାର କ୍ୱାଲିଫାୟାର-୨କୁ ଫାଇନାଲ୍‌ର ଭୁଲ୍ ଧାରଣା ବିବେଚନା କରୁଥିଲା।

# ମୁମ୍ବାଇକୁ ୫ ଓ୍ୱିକେଟ୍‌ରେ ହରାଇଲାରେ ପଞ୍ଜାବ

ଅହମଦାବାଦ୍: ଆଇପିଏଲ୍‌କୁ ଏଥର ନୂଆ ଚାମ୍ପିଅନ୍ ନିଶ୍ଚିତ ହୋଇଛି। ଗ୍ରୁପ୍ ପର୍ଯ୍ୟାୟରେ ପ୍ରଥମ ଦୁଇ ସ୍ଥାନରେ ରହିଥିବା ଦଳ ପଞ୍ଜାବ କିଙ୍ଗ୍ସ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଫାଇନାଲ୍ ଖେଳିବେ। ରବିବାର ବର୍ଷା ବିଳମ୍ବିତ ମଧ୍ୟରାତି ମୁକାବିଲାରେ ପଞ୍ଜାବ କିଙ୍ଗ୍ସ ୫ ଓ୍ୱିକେଟ୍‌ରେ ୫ ଥର ବିଜେତା ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିବା ପରେ ମଙ୍ଗଳବାର ଗୋଟିଏ ପୁରୁଣା ଦଳର ସ୍ୱପ୍ନ ପୂରଣ ହେବାର ଗ୍ୟାରେଣ୍ଟି ମିଳିଛି। ମୁମ୍ବାଇ ଦେଇଥିବା ୨୦୪ ରନ୍ ବିଜୟ ଲକ୍ଷ୍ୟକୁ ପଞ୍ଜାବ କିଙ୍ଗ୍ସ ଏହାର ଅଧିନାୟକ ଶ୍ରେୟସ ଆୟରଙ୍କ ବିସ୍ଫୋରକ ପାଳି (୪୧ ବଲ୍‌ରୁ ୮୭* ରନ୍) ବଳରେ ଗୋଟିଏ ଓଭର ପୂର୍ବରୁ ହାସଲ କରି ନେଇଥିଲା। ପଶ୍ଚାତଧାବନ ବେଳେ ବୁମ୍‌ରାଙ୍କ ଗୋଟିଏ ଓଭରରୁ ଜୋସ୍ ଇଙ୍ଗଲିସ୍ ୨୦ ରନ୍ ଏବଂ ଟପ୍‌ଲେଙ୍କ ଗୋଟିଏ ଓଭରରୁ ଆୟର ୧୯ ରନ୍ ଆଦାୟ କରିବା ଶେଷରେ ନିର୍ଣ୍ଣାୟକ ହୋଇଛି। ଅଢ଼େଇ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିବା ଏହି ମ୍ୟାଚ୍ ରାତି ୧.୩୮ରେ ସରିଥିଲେ ବି ମୋଟେରାର ଲକ୍ଷାଧିକ ଦର୍ଶକଙ୍କ ପଇସା ଅସୁଲ ହୋଇଛି।



ପୂର୍ବରୁ ମୋଟେରା ଷ୍ଟାଡିୟମ୍‌ରେ ରାତିରେ ତେଜ ଦେଖାଇଥିଲେ ସୂର୍ଯ୍ୟ। ଚଳିତ ଋତୁରେ ସୂର୍ଯ୍ୟକୁମାର ଯାଦବ ତାଙ୍କ ସମସ୍ତ ୧୫ ମ୍ୟାଚ୍‌ରେ ୨୫ରୁ ଊର୍ଦ୍ଧ୍ୱ ରନ୍‌ର ପାଳି ଖେଳିବା ସହ ରେକର୍ଡ କରିଛନ୍ତି। ଅଣ ଓପନର୍ ଭାବେ ମଧ୍ୟ ୭୦୦ ରନ୍ ସଂଗହ କରିବାରେ ପ୍ରଥମ ଖେଳାଳି ହୋଇଛନ୍ତି। ସେ ମୋଟ ୭୧୭ ରନ୍ କରିଛନ୍ତି। ଏ କ୍ଷେତ୍ରରେ ଆଇପିଏଲ୍ ଇତିହାସରେ ୧୨ତମ ଏବଂ ମୁମ୍ବାଇର ପ୍ରଥମ ଖେଳାଳି ହୋଇଛନ୍ତି। ଏଲିମିନେଟରରେ ଦୁଇ ଥର ଜୀବନଦାନ ପାଇଁ ୮୧ ରନ୍ କରିଥିବା ରୋହିତ ଶର୍ମା ଏଥର କିନ୍ତୁ କ୍ୟାଚ୍ ଡ୍ରପ୍‌ରୁ ଫାଇଦା ଉଠାଇପାରି ନଥିଲେ। ମାତ୍ର ୮ ରନ୍ କରିବା ପରେ ମାର୍କସ ଷ୍ଟୋଇନିସ୍‌ଙ୍କ ଶିକାର ହୋଇ ଫେରିଥିଲେ। ସୂର୍ଯ୍ୟଙ୍କୁ ଚହଲ ଆଉଟ୍ କରି ପୂର୍ବ ଓଭର ଛକାର ପ୍ରତିଶୋଧ ନେଇଯାଇଥିଲେ। ଜନି ବେୟାରଷ୍ଟୋ (୨୪ ବଲ୍‌ରୁ ୩୮ ରନ୍) ମଧ୍ୟ ଆଉ ଏକ ଭଲ ପାଳି ଖେଳିଥିଲେ। ସୂର୍ଯ୍ୟ ଓ ତିଳକ ସମାନ ୪୪ ରନ୍ କରିବା ସହ ୭୨ ରନ୍ ଭାଗୀଦାରି ଗଢ଼ିବା ପରେ ମୁମ୍ବାଇ ୨୦୦ ରନ୍ ଟପିଥିଲା।

**ସଂକ୍ଷିପ୍ତ ସ୍କୋର:** ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୨୦୩/୬ (ସୂର୍ଯ୍ୟକୁମାର ଯାଦବ-୪୪, ତିଳକ ବର୍ମା-୪୪, ଜନି ବେୟାରଷ୍ଟୋ-୩୮, ନମନ ଧୀର-୩୭, ଓମରଜାଇ-୨/୪୩, ଷ୍ଟୋଇନିସ-୧/୧୪, ବିଜୟ କୁମାର ବୈଶାକ-୧/୩୦, କାଇଲ ଜାମିସନ୍-୧/୩୦, ଯୁଜୁବେନ୍ଦ୍ର ଚହଲ-୧/୩୯)। ପଞ୍ଜାବ କିଙ୍ଗ୍ସ ୧୯ ଓଭରରେ ୨୦୭/୫ (ଶ୍ରେୟସ୍ ଆୟର ୮୭*, ନେହାଲ୍ ଓ୍ୱଢେରା-୪୮, ଜୋସ୍ ଇଙ୍ଗଲିସ୍-୩୮, ପ୍ରିୟାଂଶ ଆର୍ଯ୍ୟା-୨୦, ଅଶ୍ୱିନୀ କୁମାର-୨/୫୫, ହାର୍ଦିକ ପାଣ୍ଡ୍ୟା-୧/୧୯, ଟ୍ରେଣ୍ଟ୍ ବୋଲ୍ଟ-୧/୩୮)।

# ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କଲେ କ୍ଲାସେନ୍

ନୂଆଦିଲ୍ଲୀ: ବହୁତ କଷ୍ଟକର ଥିଲାଦକ୍ଷିଣ ଆଫ୍ରିକାର ଅଭିଜ୍ଞ ଖେଳାଳି ହେନରିଚ୍ କ୍ଲାସେନ୍ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଦେଶକୁ ପ୍ରତିନିଧିତ୍ୱ କରିବା ତାଙ୍କ ପାଇଁ ସବୁଠାରୁ ବଡ଼ ସମ୍ମାନ ଏବଂ ଅବସର ନେବାର ନିଷ୍ପତ୍ତି ତାଙ୍କ ପାଇଁ। କ୍ଲାସେନ୍ ଦକ୍ଷିଣ ଆଫ୍ରିକା ପାଇଁ ତାଙ୍କ ସମଗ୍ର ଅନ୍ତର୍ଜାତୀୟ କ୍ୟାରିୟରରେ ୩୨୪୫ ରନ୍ କରିଥିଲେ। ହେନରିଚ୍ କ୍ଲାସେନ୍ ଇନ୍‌ଷ୍ଟାଗ୍ରାମରେ ତାଙ୍କ ପରିବାର ସହିତ ଏକ ଫଟୋ ସେୟାର କରିଛନ୍ତି, ଯାହା ମାଧ୍ୟମରେ ସେ କ୍ରିକେଟ ଛାଡିବା ଘୋଷଣା କରିଛନ୍ତି। ସେ କହିଛନ୍ତି, 'ଦେଶକୁ ପ୍ରତିନିଧିତ୍ୱ




କରିବା ମୋ ପାଇଁ ଗର୍ବର ବିଷୟ, ମୁଁ ପିଲାଦିନରୁ ଏହି ସ୍ୱପ୍ନ ଦେଖୁଥିଲି।' କ୍ଲାସେନ୍ ଏହା ମଧ୍ୟ କହିଛନ୍ତି ଯେ ଏହି ଚମତ୍କାର କ୍ରିକେଟ କ୍ୟାରିୟରରେ, ସେ ଏପରି ଲୋକଙ୍କୁ ମଧ୍ୟ ଭେଟିଥିଲେ, ଯାହାଙ୍କ ସହିତ ତାଙ୍କ ଜୀବନ ବଦଳି ଯାଇଥିଲା।

ହେନରିଚ୍ କ୍ଲାସେନ୍ ଅବସରର କାରଣ ଜଣାଇ କହିଛନ୍ତି, 'ମୁଁ ଏବେ ଆଶା କରୁଛି ଯେ ମୁଁ ପରିବାର ସହିତ ଅଧିକ ସମୟ ବିତାଇ ପାରିବି କାରଣ ମୁଁ ଅବସର ପରେ ଏହା କରିପାରିବି।' କ୍ଲାସେନ୍ ସେହି ସମସ୍ତ ଲୋକଙ୍କୁ ଧନ୍ୟବାଦ ଜଣାଇଛନ୍ତି ଯେଉଁମାନେ ତାଙ୍କୁ କ୍ରିକେଟରେ ଏହି ସ୍ଥାନରେ ପହଞ୍ଚିବାରେ ସାହାଯ୍ୟ କରିଛନ୍ତି। ଗତ ବର୍ଷ ଜାନୁଆରୀରେ ହେନରିଚ୍ କ୍ଲାସେନ୍ ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ। ସେ ତାଙ୍କ ରେଡ୍-ବଲ୍ କ୍ୟାରିୟରରେ କେବଳ ୪ଟି ମ୍ୟାଚ୍ ଖେଳିଥିଲେ ଯେଉଁଥିରେ ସେ କେବଳ ୧୦୪ ରନ୍ କରିପାରିଥିଲେ। ଏବେ ସେ ଦିନିକିଆ ଏବଂ ଟି୨୦ ଫର୍ମାଟକୁ ମଧ୍ୟ ଅଲବିଦା କହିସାରିଛନ୍ତି। ତାଙ୍କର ୬୦ଟି ଦିନିକିଆ କ୍ୟାରିୟରରେ, ସେ ୪ଟି ଶତକ ଏବଂ ୧୧ଟି ଅର୍ଦ୍ଧଶତକ ସହିତ ୨୧୪୧ ରନ୍ କରିଥିଲେ। ଟି୨୦ରେ ତାଙ୍କର ବିସ୍ଫୋରକ ବ୍ୟାଟିଂ ପାଇଁ ସେ ପରିଚୟ ପାଇଥିଲେ, ଯେଉଁଠାରେ ସେ ଦକ୍ଷିଣ ଆଫ୍ରିକା ପାଇଁ ୫୮ଟି ମ୍ୟାଚ୍‌ରେ ୧୦୦୦ ରନ୍ କରିଥିଲେ।

ହେନରିଚ୍ କ୍ଲାସେନ୍ ଆଇପିଏଲ ୨୦୨୫ରେ ସନରାଇଜର୍ସ ହାଇଦ୍ରାବାଦ ପାଇଁ ଏପର୍ଯ୍ୟନ୍ତ ତାଙ୍କର ଶେଷ ମ୍ୟାଚ୍ ଖେଳିଛନ୍ତି। ତାଙ୍କର ଶେଷ ମ୍ୟାଚ୍‌ରେ, ସେ କେକେଆର ବିପକ୍ଷରେ ଅପରାଜିତ ୧୦୫ ରନ୍‌ର ଶତକ ହାସଲ କରିଥିଲେ। ସେହି ସମୟରେ, ଦକ୍ଷିଣ ଆଫ୍ରିକା ପାଇଁ ଶେଷ ମ୍ୟାଚ୍ ମାର୍ଚ୍ଚ ୨୦୨୫ରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଖେଳିଥିଲେ।

# ବିଦାୟ ନେବେ ରୋଜର ବିନ୍ନି
# ରାଜୀବ ଶୁକ୍ଲା ନୂଆ ବିସିସିଆଇ ସଭାପତି

ମୁମ୍ବାଇ : ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)ରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେବ। ବିସିସିଆଇର ସଭାପତି ରୋଜର ବିନ୍ନି ତାଙ୍କ ପଦବୀରୁ ବିଦାୟ ନେବେ, ଏବଂ ରାଜୀବ ଶୁକ୍ଲାଙ୍କୁ ମଧ୍ୟବର୍ତ୍ତୀକାଳୀନ ସଭାପତି ଭାବେ ନିଯୁକ୍ତ ହୋଇପାରନ୍ତି। ସୂଚନା ଅନୁସାରେ, ରୋଜର ବିନ୍ନିଙ୍କ କାର୍ଯ୍ୟକାଳ ଶେଷ ହେବା ପରେ



ରାଜୀବ ଶୁକ୍ଲା ଅସ୍ଥାୟୀ ଭାବେ ବିସିସିଆଇର ନେତୃତ୍ୱ ନେବେ। ଶୁକ୍ଲା ଜଣେ ଅଭିଜ୍ଞ କ୍ରିକେଟ୍ ପ୍ରଶାସକ ଭାବେ ପରିଚିତ ଏବଂ ତାଙ୍କର ଅନୁଭବ ବିସିସିଆଇକୁ ଏକ ସ୍ଥିର ନେତୃତ୍ୱ ପ୍ରଦାନ କରିବ ବୋଲି ଆଶା କରାଯାଉଛି। ବିନ୍ନିଙ୍କ କାର୍ଯ୍ୟକାଳରେ, ବିସିସିଆଇ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଏବଂ ସଂସ୍କାର କରିଥିଲା, ଯାହା ଭାରତୀୟ କ୍ରିକେଟକୁ ଆଗକୁ ନେଇଥିଲା। ତେବେ, ତାଙ୍କ ବିଦାୟ ପରେ ଶୁକ୍ଲାଙ୍କ ନେତୃତ୍ୱରେ ବିସିସିଆଇର ଆଗାମୀ ଯୋଜନା ଏବଂ ନୀତି ଉପରେ ସମସ୍ତଙ୍କ ନଜର ରହିଛି। ବିସିସିଆଇର ଏହି ପରିବର୍ତ୍ତନ ଭାରତୀୟ କ୍ରିକେଟର ଭବିଷ୍ୟତ ପାଇଁ ଏକ ନୂଆ ଅଧ୍ୟାୟର ସୂଚନା ଦେଉଛି। ଆଗାମୀ ଦିନରେ ଶୁକ୍ଲାଙ୍କ ନେତୃତ୍ୱ କିପରି କ୍ରିକେଟ୍ ପ୍ରଶାସନକୁ ପ୍ରଭାବିତ କରେ, ତାହା ଦେଖିବା ଆକର୍ଷଣୀୟ ହେବ।


ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୧ ଜୁନ୍ -୭ ଜୁନ୍ ୨୦୨୫

ପାକିସ୍ତାନୀ ଜାସୁସ୍ ଜ୍ୟୋତି..




ସୁନ୍ଦର ସରଳ ଚେହେରା। ଚିକ୍କଣିଆ କଥା କହି ବନାଉଥିଲେ ବୋକା। ତଥ୍ୟ ଆଦାୟ କରି ଦେଉଥିଲେ ଶତ୍ରୁକୁ। ସାମାନ୍ୟ ବ୍ଲଗର୍‌ରୁ ବନିଯାଇଥିଲେ ଭିଆଇପି। ପାକିସ୍ତାନରେ ମିଳୁଥିଲା ଖାସ୍ ଟ୍ରିଟ୍‌ମେଣ୍ଟ। ଦିଲ୍ଲୀରୁ ଆର ମୁ କରି ଅ ୟାଲା। ଲାହୋରରୁ କରାଚୀ ପର୍ଯ୍ୟନ୍ତ ସେ ଗୋଟାଇ ଚାଲିଥିଲେ ବନ୍ଧୁ! ଆଉ କରୁଥିଲେ ତଥ୍ୟ ଲିକ୍। ଗିରଫ ପରେ ଖୋଲୁଛି ଗୁ ପ୍ତଚର ଜ୍ୟୋତି ମଲହୋତ୍ରାଙ୍କ ଗୋଟିଏ ପରେ ଗୋଟିଏ ପାକିସ୍ତାନ ଲିଙ୍କ୍ ପେଡ଼ି। ଅପରେସନ୍ ସିନ୍ଦୂର ପୂର୍ବରୁ ଶତ୍ରୁକୁ ଦେଇଥିଲେ ବ୍ଲାକ୍‌ଆଉଟ୍ ସୂଚନା।

**ଜାତୀୟ:** ଭାରତର ସମର୍ଥକ
**ଅନ୍ତର୍ଜାତୀୟ:** ଭିତିରି କଥା
**ବିଶେଷ ପ୍ରସଙ୍ଗ:** ସୈତାନ୍ କା ଦୁସରା ନାମ୍
**ନାରୀ:** ଫିଟିକିରିର ଫାଇଦା
**କ୍ଷୁଦ୍ରଗଳ୍ପ:** ଭାଗ୍ୟ ପରାଗ
**ଚଳଚ୍ଚିତ୍ର:** ପ୍ରଥମ ଫିଲ୍ମରୁ ଜାତୀୟ ପୁରସ୍କାର, ବାହାଘର ପୂର୍ବରୁ ବନ୍ଧୁତା
**ଖେଳ:** : ଛୋଟା ପ୍ୟାକେଟ୍ ବଡ଼ା ଧମାକା, ଚର୍ଚ୍ଚାରେ ବିରାଟଙ୍କ ମାର୍କସିଟ୍
**ମୀନାବଜାର:** କର୍ମ ନେଇ ଫଳ , ଚର୍ଚ୍ଚାରେ: ସାନ ସିନା ଦାନ ତା ମହାନ୍ , ବ୍ୟଙ୍ଗ: ସୁନା ଶଗଡ଼ିରେ ରୁପା କନିଆଁ, ପର୍ଯ୍ୟଟନ: ଶକ୍ତି ଉପାସନାର ସ୍ଥଳ ପ୍ରୟାଗ, ଚଳଚ୍ଚିତ୍ର: ପ୍ରଥମ ଫିଲ୍ମରୁ ଜାତୀୟ ପୁରସ୍କାର, ବାସ୍ତୁ: ଦାନ କରନ୍ତୁ ନାହିଁ ଏହିସବୁ ଜିନିଷ, ସତନ୍ତ୍ର ପ୍ରସଙ୍ଗ: ଡଲାର୍ ହ୍ରାସର ପରିଣାମ, ଆଞ୍ଚଳିକ: କୁମ୍ଭୀର ସଂରକ୍ଷଣରେ ଓଡିଶା ନଂ ୧ , ଧର୍ମ: କଳିଯୁଗର କଳ୍କୀ, କବିତା: ତାସ୍'ର ରାଜାମାନେ, ଜାଣନ୍ତି କି ? ଏହିଭଳି ଆହୁରୁ ଅନେକ।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# ଗ୍ରୀଷ୍ମକାଳୀନ ହ୍ୟାଣ୍ଡବଲ ଶିବିର ଉଦ୍‌ଯାପିତ

ବ୍ରହ୍ମପୁର(ପିପିଏସ୍): ସ୍ଥାନୀୟ ଖଲ୍ଲିକୋଟ କଲେଜ ଷ୍ଟାଡିୟମରେ ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ୍ ସଂଘ ପକ୍ଷରୁ ଗତ ମେ ମାସ ୪ ତାରିଖ ଠାରୁ ଜୁନ ୧ତାରିଖ ପର୍ଯ୍ୟନ୍ତ ଚାଲିଥିବା ଗ୍ରୀଷ୍ମ କାଳୀନ ହ୍ୟାଣ୍ଡବଲ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଜିଲ୍ଲା ବିଜେପି ସଭାପତି ସରୋଜ କୁମାର ସାବତ, ସମାଜସେବୀ ଅଜୟ ମହାରଣା, ଡାକ୍ତର ଦେବଯାନୀ ଦେଓ, ବନମାଳୀ



ସେଠୀ, ବରିଷ୍ଠ ସାମ୍ବାଦିକ ପ୍ରକାଶ ପଟ୍ଟନାୟକ, ଜିଲ୍ଲା ହ୍ୟାଣ୍ଡବଲ ସଂଘର କାର୍ଯ୍ୟକାରି ସଭାପତି ଅଶୋକ କୁମାର ଶୁକ୍ଳ, ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ, ସାଙ୍ଗଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ, କୋଷାଧ୍ୟକ୍ଷ ଡାକ୍ତର ମନୋଜ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ଏହି ଶିବିରରେ ଉପସ୍ଥିତ ଥିବା ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବ୍ରହ୍ମପୁର ବିଧାୟକ ଖେଳାଳିଙ୍କୁ ନିଷ୍ଠାର ସହ ନିୟମିତ ଅଭ୍ୟାସ ରଖିବାକୁ କହିଥିଲେ । ବ୍ରହ୍ମପୁର ଷ୍ଟାଡିୟମରେ ଏକ ସ୍ଥାନୀୟ ହ୍ୟାଣ୍ଡବଲ ପଡିଆ ପାଇଁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟ ଅତିଥି ମାନେ ଜିଲ୍ଲା ହ୍ୟାଣ୍ଡବଲ ସଂଘର ଏହିପରି ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଶିବିରରେ ୨୫୦ଜଣ ଖେଳାଳିଙ୍କୁ ଅତିଥି ମାନେ ମାନପତ୍ର ପ୍ରଦାନ କରିଥଲେ। ଏହି କ୍ୟାମ୍ପର ଖେଳାଳି ମାନଙ୍କ ଦ୍ୱାରା ବହୁ ସାଂସ୍କୃତି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଶିବିରକୁ ଏନଆଇଏସ୍ କୋଚ ପ୍ରଶାନ୍ତ କୁମାର ରଥଙ୍କ ସହ ବହୁ ବରିଷ୍ଠ ଖେଳାଳି ଉପସ୍ଥିତ ରହି ପ୍ରତିଦିନ ଖେଳାଳି ମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଜିଲ୍ଲା ହ୍ୟାଣ୍ଡବଲ ସଂଘର ଏହି ଉଦ୍ୟମକୁ ବହୁ ଅଭିଭାବକଙ୍କ ସହ ବିଭିନ୍ନ ମହଲରେ ପ୍ରଶଂସା କରିଛନ୍ତି। ଏହି ଶିବିରରୁ ବିଭିନ୍ନ ବର୍ଗର ବହୁ ଖେଳାଳୀ ଚୟନ କରାଯାଇଛି । ଖେଳାଳିଙ୍କୁ ଜିଲ୍ଲା ସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେବାପାଇଁ ସୁଯୋଗ ଦିଆଯିବ ବୋଲି ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ ଜଣାଇଛନ୍ତି।

# ଚୀନକୁ ଶୀର୍ଷ ସ୍ଥାନ, ୨୪ ପଦକ ସହ ଭାରତ ଦ୍ୱିତୀୟ

ଗୁମି (ଦକ୍ଷିଣକୋରିଆ): ଦକ୍ଷିଣ କୋରିଆର ଗୁମିରେ ଚାଲିଥିବା ୨୬ତମ ଏସୀୟ ଦୌଡ଼କୁଦ ଚମ୍ପିଆନସିପ ଉଦଯାପିତ ହୋଇ ଯାଇଛି। ଏଥିରେ ଭାରତ ୮ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୬ଟି କାଂସ୍ୟ ସହ ୨୪ଟି ପଦକ ଜିତି ଦ୍ୱିତୀୟ ସ୍ଥାନ ହାସଲ କରିଛି। ଚୀନ ୧୯ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୪ କାଂସ୍ୟ ସହ ୩୨ ପଦକ ସହ ଶୀର୍ଷ ସ୍ଥାନ ହାସଲ କରିଥିବା ବେଳେ ଜାପାନ ୫ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୧୨ଟି କାଂସ୍ୟ ସହ ୨୮ ପଦକ ସହ ତୃତୀୟ ସ୍ଥାନ ହାସଲ କରିଛି।



ଶନିବାର ଅନ୍ତିମ ଦିବସରେ ପୁରୁଷ ଜାଭେଲିନ ଥ୍ରୋ ରେ ଭାରତ ପାଇଁ ସଚିନ ଯାଦବ ରୌପ୍ୟ ପଦକ ଜିତିଛନ୍ତି। ସଚିନ ୮୫.୧୬ ମିଟର ଦୂରତ୍ୱକୁ ଥ୍ରୋ କରି ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ପଦକ ଜିତିଛନ୍ତି। ଏଥିରେ ପାକିସ୍ତାନର ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ଅର୍ଶଦ ନଦିମ ୮୬.୪୦ ମିଟର ଦୂରତ୍ୱକୁ ଥ୍ରୋ କରି ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ଓ ଜାପାନର ୟୁଟା ସାକିୟାମା ୮୩.୭୫ମିଟର ଦୂରତ୍ୱକୁ ଥ୍ରୋ କରି ତୃତୀୟ ସ୍ଥାନ ସହ କାଂସ୍ୟ ପଦକ ଜିତିଛନ୍ତି। ପୁରୁଷ ୨୦୦ ମିଟର ଦୌଡ଼ରେ ଭାରତର ଅନିମେଶ କୁଜୁର ୨୦.୩୨ ସେକେଣ୍ଡରେ ଅତିକ୍ରମ କରି ତୃତୀୟ ସ୍ଥାନ ସହ କାଂସ୍ୟ ପଦକ ଜିତିଛନ୍ତି। ଏଥିରେ ଜାପାନର ଟୋଓ୍ୱା ଉଜାଓ୍ୱା ୨୦.୧୨ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ କାଜାଖସ୍ତାନର ଅବଦୁଲାଜି ଅବୁ ଅତାଫି ୨୦.୩୧ ସେକେଣ୍ଡ ସହ ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ପଦକ ଜିତିଛନ୍ତି। ଏସୀୟ ଦୌଡ଼କୁଦ ଚମ୍ପିଆନସିପରେ ଅନିମେଶଙ୍କ ଏହା ପ୍ରଥମ ପଦକ। ଏଥି ସହିତ ଅନିମେଶ ନିଜ ନାମରେ ଥିବା ୨୦୦ ମିଟର ଦୌଡ଼ କୀର୍ତ୍ତିମାନକୁ ଭାଙ୍ଗିଛନ୍ତି। ଅନିମେଶ ୨୦୨୫ ଫେଡେରେସନ କପ୍ ଜାତୀୟ ଦୌଡ଼କୁଦ ଚମ୍ପିଆନସିପରେ ୨୦୦ ମିଟର ଦୌଡ଼କୁ ୨୦.୪୦ ସେକେଣ୍ଡରେ ଅତିକ୍ରମ କରି ଜାତୀୟ କୀର୍ତ୍ତିମାନ ସୃଷ୍ଟି କରିଥିଲେ। ଉକ୍ତ କୀର୍ତ୍ତିମାନକୁ ଅନିମେଶ ଭାଙ୍ଗିବାରେ ସଫଳ ହୋଇଛନ୍ତି। ଅନ୍ୟପକ୍ଷରେ ଅନିମେଶ ଦ୍ୱିତୀୟ ଭାରତୀୟ ଭାବେ ଏସୀୟ ଦୌଡ଼କୁଦ ଚମ୍ପିଆନସିପର ୨୦୦ ମିଟର ଦୌଡ଼ରେ ପଦକ ଜିତିଛନ୍ତି। ପୂର୍ବରୁ ୨୦୧୫ରେ ଧର୍ମବୀର ସିଂହ କାଂସ୍ୟ ପଦକ ଜିତିଥିଲେ।

ମହିଳା ୨୦୦ ମିଟର ଦୌଡ଼ରେ ଭାରତର ଜ୍ୟୋତି ଯାରାଜି ୨୩.୪୭ ସେକେଣ୍ଡ ସହ ପଞ୍ଚମ ସ୍ଥାନରେ ରହିଥିଲେ। ମହିଳା ୪୦୦ ମିଟର ବାଧାଦୌଡ଼ରେ ଭିଡ୍ୟା ରାମରାଜ ୫୬.୪୬ ସେକେଣ୍ଡରେ ଅତିକ୍ରମ କରି ତୃତୀୟ ସ୍ଥାନ ସହ କାଂସ୍ୟ ପଦକ ଜିତିଥିଲେ। ଏଥିରେ ଚୀନର ମୋ ଜିଆଦି ୫୫.୩୧ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ବାଂଲାଦେଶର ଓଲଓ୍ୱାକିମି ମୁଜଦାତ ଆଦାକାୟୋ ୫୫.୩୨ ସେକେଣ୍ଡ ସହ ରୌପ୍ୟ ପଦକ ଜିତିଛନ୍ତି।

ମହିଳା ୫୦୦୦ ମିଟର ଦୌଡ଼ରେ ପାରୁଲ ଚୌଧୁରୀ ୧୫:୧୫.୩୩ ସେକେଣ୍ଡରେ ଅତିକ୍ରମ କରି ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ପଦକ ଜିତିଛନ୍ତି। ଏଥିରେ କାଜଖସ୍ତାନର ନୋହା ଜେରୁଟୋ ଟାନୁଲ ୧୪:୫୮.୭୧ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ଜାପାନର ୟାମା ୟାମୋଟୋ ୧୫:୧୬.୮୬ ସେକେଣ୍ଡ ସହ ତୃତୀୟ ସ୍ଥାନ ସହ କାଂସ୍ୟ ପଦକ ଜିତିଛନ୍ତି। ଚଳିତ ପ୍ରତିଯୋଗିତାରେ ପାରୁଲଙ୍କ ଏହା ଦ୍ୱିତୀୟ ପଦକ। ପାରୁଲ ମହିଳା ୩୦୦୦ ମିଟର ଷ୍ଟିପଲ ଚେଜରେ ଜାତୀୟ କୀର୍ତ୍ତିମାନ ସହ ରୌପ୍ୟ ପଦକ ଜିତିଥିଲେ। ମହିଳା ୮୦୦ ମିଟର ଦୌଡ଼ରେ ପୂଜା ୨:୦୧.୮୯ ସେକେଣ୍ଡ ସହ ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଥିଲେ। ଏଥିରେ ଚୀନର ଉ ଓ୍ୱାଙ୍ଗିୟୋ ୨:୦୦.୦୮ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ଜାପାନର ରିନ କୁବୋ ୨:୦୦.୪୨ ସେକେଣ୍ଡ ସହ ରୌପ୍ୟ ପଦକ ଜିତିଛନ୍ତି।


ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583